ବର୍ଷ-୫୬ : ସଂଖ୍ୟା-୯ ସେପ୍‌ଟେମ୍ବର, ୨୦୨୫ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟ୍‌ମେଣ୍ଟ୍, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ସେପ୍‌ଟେମ୍ବର, ୨୦୨୫


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ଚୈତ୍ୟସତ୍ତା ସମ୍ପର୍କରେ ଜ୍ଞାନ | ... | ଶ୍ରୀମା | ... | ୬ |
| ସୌନ୍ଦର୍ଯ୍ୟବୋଧର ଶିକ୍ଷା | ... | ଶେଖ ଅବଦୁଲ କାଶମ | ... | ୭ |
| ପାପଠୁଁ ବଳି ପାପ ! | ... | ମନୋଜ ଦାସ | ... | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୪୬) | ... | ... | ... | ୧୫ |
| ପୁରୁଷୋତ୍ତମ ତତ୍ତ୍ୱ ଓ ରୂପାନ୍ତର ଯୋଗ | ... | ରାମକୃଷ୍ଣ ଦାସ | ... | ୧୯ |
| ଆତ୍ମ-ଶୃଙ୍ଖଳା (କବିତା) | ... | ସୁନାମଣି ରାଉତ | ... | ୨୪ |
| ମା' ଆପଣ ଏମିତି କହିଛନ୍ତି ... (୩) | ... | ହୁତା ହିନ୍ଦୋଚା | ... | ୨୫ |
| ସ୍ୱାଧୀନତା, ପ୍ରଗତି ଓ ପୂର୍ଣ୍ଣତା | ... | ପ୍ରପତ୍ତି | ... | ୨୮ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୦୧) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୩୦ |
| ବୈପରୀତ୍ୟର ସ୍ୱେଚ୍ଛାଚାରୀ ମାନବ (କବିତା) | ... | ଶ୍ରୀଅରବିନ୍ଦ | ... | ୩୪ |
| କାରା-ଜୀବନୀ (୬) | ... | ଉଲ୍ଲାସକର ଦତ୍ତ | ... | ୩୫ |
| ନୂତନ ଶିକ୍ଷାର ଆହ୍ୱାନ (୨୪) | ... | ଗୟାଧର ଦାଶ | ... | ୩୮ |
| ଦଶକର୍ମଧାରା (୯) | ... | ପ୍ରସାଦ ତ୍ରିପାଠୀ | ... | ୪୧ |
| କଚ୍ଛବଟ | ... | ମନୋଜ ଦାସ | ... | ୪୪ |
| ଭୟ | ... | ସଂଯୁକ୍ତା ଦାସ | ... | ୪୬ |
| ପ୍ରକୃତିର ସ୍ୱର | ... | ବନମାଳୀ ଆଚାର୍ଯ୍ୟ | ... | ୪୯ |
| ରାଣୀ ଦୁର୍ଗାବତୀ | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୫୨ |
| ପ୍ରତିଯୋଗିତା : | | | | |
| ଏକ ଆରଣ୍ୟକ ଉପଜାତିର ଜୀବନ ଦର୍ଶନ | ... | ମନୋଜ ଦାସ | ... | ୫୫ |


❖

# ପ୍ରାର୍ଥନା

ଏଣିକି କୌଣସି କର୍ମ ପାଇଁ ବାହାରୁ ଅଥବା କୌଣସି ନିର୍ଦ୍ଦିଷ୍ଟ ଜଗତରୁ ଆବେଗ ଆସି ପାରିବ ନାହିଁ । ହେ ପ୍ରଭୁ, ତୁମେହିଁ ସବୁକିଛି ଗତିଶୀଳ କରାଇ ଥାଅ ସତ୍ତାର ଗହନରୁ, ତୁମରି ସଂକଳ୍ପହିଁ ନିର୍ଦ୍ଦେଶ ଦିଏ, ତୁମରି ଶକ୍ତିହିଁ କାର୍ଯ୍ୟ କରେ; ଆହୁରି ବି ଏଣିକି ଆଉ କ୍ଷୁଦ୍ର ବ୍ୟକ୍ତିଗତ ଚେତନାର ସୀମିତ କ୍ଷେତ୍ରରୁ ନୁହେଁ, କିନ୍ତୁ ଚେତନାର ମହାଜାଗତିକ କ୍ଷେତ୍ରରୁ ଯାହା ସତ୍ତାର ପ୍ରତି ଅବସ୍ଥାରେ ସମଗ୍ର ସହ ସମ୍ମିଳିତ । ଏବଂ ସମଗ୍ର ମହାଜାଗତିକ ଗତିପ୍ରକୃତିନିହିତ ଜଟିଳତା ଓ ଏପରିକି ବିଶୃଙ୍ଖଳା ସଙ୍ଗେ ସଙ୍ଗେ ତୁମ ସାର୍ବଭୌମ ଧ୍ରୁବତାର ନିରବ ଓ ପୂର୍ଣ୍ଣାଙ୍ଗ ଶାନ୍ତି ସମ୍ପର୍କରେ ଏ ସତ୍ତାର ସଚେତନ ବୋଧାନୁଭବ ରହିଛି ।

ସେପ୍ଟେମ୍ବର ୧୭, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

Our object is the supramental realisation and we have to do whatever is necessary for that or towards that under the conditions of each stage. At present the necessity is to prepare the physical consciousness; for that a complete equality and peace and a complete dedication free from personal demand or desire in the physical and the lower vital parts is the thing to be established. Other things can come in their proper time. What is the real need now is not insistence on physical nearness, which is one of those other things, but the psychic opening in the physical consciousness and the constant presence and guidance there.

(CWSA, Vol. 32, p. 492) – Sri Aurobindo

ଆମମାନଙ୍କର ଲକ୍ଷ୍ୟ ହେଲା ଅତିମାନସ ସିଦ୍ଧି ଏବଂ ଅବସ୍ଥାନୁଯାୟୀ ଏଥିନିମିତ୍ତ ବା ଏହି ଉଦ୍ଦେଶ୍ୟରେ ଯେତେବେଳେ ଯାହା ପ୍ରୟୋଜନ ହେବ ଆମମାନଙ୍କୁ ତାହାହିଁ କରିବାକୁ ହେବ । ବର୍ତ୍ତମାନ ପ୍ରୟୋଜନ ହେଲା ଶାରୀର ଚେତନାକୁ ପ୍ରସ୍ତୁତ କରିବା; ସେଥିପାଇଁ ସ୍ଥୂଳ ଓ ନିମ୍ନପ୍ରାଣରେ ଯାହା ପ୍ରତିଷ୍ଠା କରିବାକୁ ହେବ ତା'ହେଲା ସମତା, ଶାନ୍ତି ଓ ବ୍ୟକ୍ତିଗତ କାମନା-ବାସନାରୁ ମୁକ୍ତ ପୂର୍ଣ୍ଣ ଆତ୍ମ-ସମର୍ପଣ । ଅନ୍ୟାନ୍ୟ ବସ୍ତୁ ତାହାର ନିଜ ସମୟାନୁଯାୟୀ ଆସିବ । ବର୍ତ୍ତମାନ ଯାହା ପ୍ରକୃତ ଆବଶ୍ୟକ ତାହା ହେଲା ସେହି ସ୍ଥୂଳ ସାନ୍ନିଧ୍ୟ ଉପରେ ଜୋର୍ ଦେବା ନୁହେଁ, ଯାହା ସେହି ଅନ୍ୟାନ୍ୟ ବସ୍ତୁ ମଧ୍ୟରୁ ଗୋଟିଏ, ବରଂ ଆବଶ୍ୟକ ହେଲା ଭୌତିକ ଚେତନାରେ ଚୈତ୍ୟ-ଉନ୍ମୀଳନ ଏବଂ ସେଠାରେ ତା'ର ନିରନ୍ତର ଉପସ୍ଥିତି ଓ ପରିଚାଳନା ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

**ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ**

**(The Kingdoms and Godheads of the Greater Mind)**

**(୨୧)**

## ଶ୍ରୀଅରବିନ୍ଦ

Audacious in their sense of God-born strength
These dared to grasp with their thought Truth's absolute;
By an abstract purity of godless sight,
By a percept nude, intolerant of forms,
They brought to Mind what Mind could never reach
And hoped to conquer Truth's supernal base.

ଆପଣାର ଭଗବତ୍-ପ୍ରସୂତ ପରାକ୍ରମର ଧାରଣାରେ ସ୍ପର୍ଦ୍ଧିତ ହୋଇ ଏଗୁଡ଼ିକ ସେମାନଙ୍କ ଚିନ୍ତା ଦ୍ୱାରା ସତ୍ୟର ନିର୍ବିଶେଷ ସତ୍ତାକୁ କରାୟତ୍ତ କରିବାକୁ ଦୁଃସାହସ ଦେଖାଉଥିଲେ; ନିରୀଶ୍ୱର ଦୃଷ୍ଟିର ଏକ ଅମୂର୍ତ୍ତ ଶୁଦ୍ଧତା ଦ୍ୱାରା, ରୂପାବଳୀ ପ୍ରତି ଅସହିଷ୍ଣୁ ଏକ ନଗ୍ନ ଅନୁଭବ ଦ୍ୱାରା ସେମାନେ ମନ ପାଇଁ ତାହାହିଁ ଆଣି ଦେଉଥିଲେ, ଯାହା ପାଖରେ ମନ କଦାପି ପହଞ୍ଚି ପାରେ ନାହିଁ ଏବଂ ସତ୍ୟର ସ୍ୱର୍ଗୀୟ ଆଧାର ଉପରେ ଜୟଲାଭ କରିବାକୁ ଆଶାପୋଷଣ କରୁଥିଲେ ।

A stripped imperative of conceptual phrase
Architectonic and inevitable
Translated the unthinkable into thought:
A silver-winged fire of naked subtle sense,
An ear of mind withdrawn from the outward's rhymes
Discovered the seed-sounds of the eternal Word,
The rhythm and music heard that built the worlds,
And seized in things the bodiless Will to be.

ଧାରଣା-ନିବଦ୍ଧ ବାକ୍ୟାଂଶର ସ୍ଥାପତ୍ୟକଳାତ୍ମକ ତଥା ଅବଶ୍ୟମ୍ଭାବୀ ଏକ ଅନାବୃତ ଅନୁଜ୍ଞା ଅଚିନ୍ତନୀୟକୁ ଚିନ୍ତାକାରରେ ରୂପାୟିତ କରୁଥିଲା : ନିରାବରଣ ସୂକ୍ଷ୍ମ ଇନ୍ଦ୍ରିୟବୋଧର ଏକ ରଜତପକ୍ଷ ଅଗ୍ନି, ବାହ୍ୟ ଛନ୍ଦାବଳୀରୁ ପ୍ରତ୍ୟାହୃତ ମାନସର ଏକ ଶ୍ରୁତି ଶାଶ୍ୱତ ପରାବାକ୍‌ର ବୀଜଧ୍ୱନିକୁ ଆବିଷ୍କାର କରୁଥିଲା, ଜଗତସକଳକୁ ଗଢ଼ିଥିବା ଛନ୍ଦ ଓ ସଙ୍ଗୀତକୁ ଶୁଣୁଥିଲା ଏବଂ ବସ୍ତୁରାଜି ମଧ୍ୟରେ ନିହିତ ବର୍ତ୍ତିବାର ବିଦେହୀ ଏଷଣାକୁ ଅଧିକାର କରି ନେଉଥିଲା ।

The Illimitable they measured with number's rods
And traced the last formula of limited things,
In transparent systems bodied termless truths,
The Timeless made accountable to Time
And valued the incommensurable Supreme.

ସେମାନେ ସଂଖ୍ୟାର ମାପଦଣ୍ଡ ଯୋଗେ ଅପ୍ରମେୟଙ୍କୁ ପରିମାପ କରୁଥିଲେ ଏବଂ ସୀମାବଦ୍ଧ ବସ୍ତୁସକଳର ଶେଷସୂତ୍ରଟିକୁ ଚିହ୍ନିତ କରୁଥିଲେ, ଅନ୍ତହୀନ ସତ୍ୟସବୁକୁ ସ୍ୱଚ୍ଛ ବ୍ୟବସ୍ଥାବଳୀ ମଧ୍ୟରେ ପ୍ରମୂର୍ତ୍ତ କରୁଥିଲେ, କାଳାତୀତଙ୍କୁ କାଳପ୍ରତି ଦାୟିତ୍ୱବଦ୍ଧ କରି ରଖିଥିଲେ ଏବଂ ଅପରିସୀମ ପରମଙ୍କୁ ମୂଲ୍ୟାୟିତ କରୁଥିଲେ ।

To park and hedge the ungrasped infinitudes
They erected absolute walls of thought and speech
And made a vacuum to hold the One.

ଅନବଧାରଣୀୟ ଆନନ୍ତ୍ୟ ସକଳକୁ ସୁନିର୍ଦ୍ଦିଷ୍ଟ ସ୍ଥାନପ୍ରଦାନ ତଥା ବାଡ଼ ବେଷ୍ଟିତ କରିବାକୁ ସେମାନେ ଚିନ୍ତା ଏବଂ ବଚନର ଅନତିକ୍ରମଣୀୟ ପ୍ରାଚୀରମାନ ଗଢ଼ି ଠିଆ କରାଇଥିଲେ ଏବଂ ଏକମେବାଦ୍ୱିତୀୟଙ୍କୁ ଧରିରଖିବା ନିମନ୍ତେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଥିଲେ ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ ❑

# ଚୈତ୍ୟସତ୍ତା ସମ୍ପର୍କରେ ଜ୍ଞାନ

## ଶ୍ରୀମା

### ଚୈତ୍ୟର ଜ୍ଞାନ

ଆମର ବାହ୍ୟ ଚେତନାର ଦୃଷ୍ଟି ଆମର ଚୈତ୍ୟ-ଦୃଷ୍ଟିକୁ ଅସ୍ୱୀକାର କରିପାରେ । କିନ୍ତୁ ଚୈତ୍ୟରହିଁ ରହିଛି ପ୍ରକୃତ ଜ୍ଞାନ, ଏ ଜ୍ଞାନ ହେଉଛି ଏକ ସହଜାତ ସଂବୋଧଗତ ଜ୍ଞାନ, ଅନ୍ତର୍ଜ୍ଞାନ । ଏହା କହେ – ''ମୁଁ ଜାଣେ; ମୁଁ କିଛି କାରଣ ଦର୍ଶାଇ ପାରିବି ନାହିଁ, କିନ୍ତୁ ମୁଁ ଜାଣେ ।'' କାରଣ, ଏହାର ଜ୍ଞାନ ଅଭିଜ୍ଞତା କିଂବା ପ୍ରମାଣ-ଲବ୍ଧ ସତ୍ୟ ଉପରେ ଆଧାରିତ ମାନସିକ ଜ୍ଞାନ ନୁହେଁ । ଏହାର ବିଶ୍ୱାସ ପାଇଁ ପ୍ରମାଣର ଆବଶ୍ୟକତା ପଡ଼େ ନାହିଁ : ବିଶ୍ୱାସ ହେଉଛି ଆତ୍ମାର ଏକ ଗତିବୃତ୍ତି ଯାହାର ଜ୍ଞାନ ସ୍ୱତଃସ୍ଫୂର୍ତ୍ତ ଏବଂ ପ୍ରତ୍ୟକ୍ଷ, ସିଧାସଳଖ । ଏପରିକି ଯଦି ସାରା ବିଶ୍ୱ ଏହାର ସତ୍ୟକୁ ଅସ୍ୱୀକାର କରେ ଏବଂ ସହସ୍ର ପ୍ରମାଣ ଏହାର ବିପକ୍ଷରେ ଉପସ୍ଥାପିତ କରାଏ ଏହାକୁ ମିଥ୍ୟା ବୋଲି ପ୍ରମାଣିତ କରିବାକୁ, ତଥାପି ଏହା ଏକ ଆନ୍ତର ଜ୍ଞାନରୁ, ଏକ ପ୍ରତ୍ୟକ୍ଷ ଅବବୋଧରୁ ସବୁକିଛି ଜାଣିଥାଏ, ଯାହାକି ସବୁ ପ୍ରତିକୂଳ ପ୍ରମାଣ ବିରୋଧରେ ସିଧାସଳଖ ଦଣ୍ଡାୟମାନ ହୋଇପାରେ । ଏହି ଅବବୋଧ ଏକାତ୍ମତା ଦ୍ୱାରା ଲାଭ ହୋଇଥାଏ । ଚୈତ୍ୟର ଜ୍ଞାନ ହେଲା ଏପରି ବିଷୟ ଯାହାକି ବାସ୍ତବ ଏବଂ ସ୍ପର୍ଶନୀୟ, ଏକ ନିଦାବସ୍ତୁ । ତୁମେ ମଧ୍ୟ ଏହାକୁ ତୁମର ମାନସିକ, ପ୍ରାଣିକ ଏବଂ ଦୈହିକ ସ୍ତରର ଚେତନା ଭିତରକୁ ଆଣି ପାରିବ; ଏବଂ ତା'ପରେ ଯାଇ ତୁମର ହେବ ଏକ ପୂର୍ଣ୍ଣାଙ୍ଗ ବିଶ୍ୱାସ – ଏପରି ଏକ ବିଶ୍ୱାସ ଯାହାକି ପ୍ରକୃତରେ ପାହାଡ଼ ପର୍ବତକୁ ଟଳାଇ ଦେଇପାରେ ।

### ତୁମ ଚୈତ୍ୟସତ୍ତା ଜାଣନ୍ତି

ତୁମ ଭିତରେ ଜଣଙ୍କରହିଁ ଜାଣିବାର ସାମର୍ଥ୍ୟ ରହିଛି – ସେ ହେଉଛନ୍ତି ତୁମର ଚୈତ୍ୟସତ୍ତା । **ସେ** କେବେ ଭୁଲ୍ କରନ୍ତି ନାହିଁ । ସେ ତୁମକୁ ତତ୍‌କ୍ଷଣାତ୍ କହିଦେବେ, ସାଙ୍ଗେ ସାଙ୍ଗେ କହିଦେବେ, ତୁମେ ଯଦି ସେଥିରେ ପାଟି ନଫିଟାଇ, କୌଣସି ଚିନ୍ତାକଳ୍ପନା ନକରି, ଯୁକ୍ତିତର୍କ ନକରି ତାଙ୍କ କଥାକୁ ମାନିଯାଅ, ତା'ହେଲେ ସେ ତୁମକୁ ଠିକ୍ କାମଟିଏ କରିବା ପାଇଁ ସାହାଯ୍ୟ କରି ପାରିବେ । ଯଦି ତାଙ୍କ ବ୍ୟତୀତ ଆଉ କାହା କଥା ଶୁଣ ... ତା'ହେଲେ ତୁମେ ବାଟବଣା ହେବ । ଆଉ, ପ୍ରତିଟି କଥା ପାଇଁ : ତୁମେ କ'ଣ ପଢ଼ିବାକୁ ଚାହୁଁଛ, ତୁମେ କ'ଣ ନ ପଢ଼ିବାକୁ ଚାହୁଁଛ, କେଉଁ କାମ କରିବାକୁ ଚାହୁଁଛ, କେଉଁ ବାଟରେ ଗତି କରିବାକୁ ଚାହୁଁଛ – ସବୁ ସେଇ ଚୈତ୍ୟ-ସତ୍ତାଠାରୁ ନିର୍ଦ୍ଦେଶ ପାଇଁ ଅପେକ୍ଷା କରିବ । କିନ୍ତୁ ଅନ୍ୟ ଦିଗରେ ବହୁପ୍ରକାର ସମ୍ଭାବନା ମଧ୍ୟ ରହିଛି ଓ ମଝିରେ ଆସିପାରେ । ତୁମେ ଆଗରୁ ଯାହା ସବୁ ପଢ଼ିଛ, ଯାହାସବୁ ଜୀବନରେ ଭେଟିଛ, ବିଭିନ୍ନ ଆଡ଼ୁ ଯେଉଁସବୁ ଉପଦେଶ ପରାମର୍ଶ ଆଦି ତୁମକୁ ମିଳିଛି – ସେସବୁ ମଧ୍ୟ ତୁମ ମନ ଭିତରେ ରହିଛି, ଏବଂ ତୁମ ଚାରିପଟେ ସେମାନଙ୍କର ନର୍ତ୍ତନ ଆରମ୍ଭ ହୋଇଯାଇଛି । ତେଣୁ ତୁମେ କାହାକୁ ମାନିବ, କାହାକୁ ଛାଡ଼ିବ ? ...

ଏହି କଥା ଶ୍ରୀଅରବିନ୍ଦ କହିବାକୁ ଚାହାନ୍ତି ଯେତେବେଳେ ସେ କୁହନ୍ତି ଯେ ମଣିଷ ସର୍ବଦା ଅଜ୍ଞାନ ଭିତରେ ବଞ୍ଚୁଥାଏ; ଏବଂ ଯେପର୍ଯ୍ୟନ୍ତ ଆଲୋକିତ ମନ ଅଜ୍ଞାନାଚ୍ଛାଦିତ ମନର ସ୍ଥାନରେ ଯାଇ ନ ବସିଛି, ସେପର୍ଯ୍ୟନ୍ତ ତୁମେ କେବେ ବି ଠିକ୍ ବାଟରେ ଚାଲିପାରିବ ନାହିଁ; ଏବଂ କୌଣସି ପ୍ରକାର ପୂର୍ଣ୍ଣାଙ୍ଗ ରୂପାନ୍ତର ଘଟିବା ପୂର୍ବରୁ ତୁମ ଭିତରେ ଏହି ପ୍ରସ୍ତୁତିହିଁ ଅପରିହାର୍ଯ୍ୟ ହୋଇ ପଡ଼ିଥାଏ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ସୌନ୍ଦର୍ଯ୍ୟବୋଧର ଶିକ୍ଷା

## ଶେଖ ଅବଦୁଲ କାଶମ

'ଦିବ୍ୟ ଜୀବନ' ଗ୍ରନ୍ଥରେ ଶ୍ରୀଅରବିନ୍ଦ ଲେଖିଛନ୍ତି – ''ପ୍ରେମ, ଆନନ୍ଦ ଓ ସୌନ୍ଦର୍ଯ୍ୟ – ଏଗୁଡ଼ିକ ହେଉଛନ୍ତି ପରମ ସତ୍ତାର ସେହି ଦିବ୍ୟ ପରମାନନ୍ଦର ଗୋଟିଏ ଗୋଟିଏ ମୂଳ ବିଭୂତି; ଏବଂ ଏଗୁଡ଼ିକ ପ୍ରତ୍ୟେକେ ଯେ ସେହି ପରମାନନ୍ଦର ଉପାଦାନ ଓ ସ୍ୱଭାବରେହିଁ ଗଢ଼ା ହୋଇଛନ୍ତି ସେ କଥାଟି ଦେଖି ପାରିବାକୁ ଆମକୁ କୌଣସି ବିଳମ୍ବ ଲାଗିବ ନାହିଁ।''

[ଦିବ୍ୟ ଜୀବନ (୨ୟ ଖଣ୍ଡ-ପୂର୍ବାର୍ଦ୍ଧ) : ପୃଷ୍ଠା. ୩୪ - ୩୫]

ଭଗବାନଙ୍କୁ ସତ୍ୟ-ଶିବ-ସୁନ୍ଦର ବୋଲି ବର୍ଣ୍ଣନା କରାଯାଏ । ସେ କେବଳ ସତ୍ୟମୟ ଓ ମଙ୍ଗଳମୟ ନୁହନ୍ତି, ସେ ପୁଣି ସର୍ବସୌନ୍ଦର୍ଯ୍ୟମୟ । ତାଙ୍କର ସୃଷ୍ଟି ମଧ୍ୟ ସୌନ୍ଦର୍ଯ୍ୟମୟ, ସୁଧାମୟ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦୃଷ୍ଟିରେ – ''ବିଶ୍ୱ ଦେଖ ମଧୁମୟରେ ଜୀବନ, ବିଶ୍ୱ ଦେଖ ମଧୁମୟ ।''

ଆମ ଚତୁର୍ଦ୍ଦିଗର ପରିବେଶକୁ ଲକ୍ଷ୍ୟ କଲେ ଅସଂଖ୍ୟ ସୁନ୍ଦର ବସ୍ତୁ ପ୍ରତିଭାତ ହୁଅନ୍ତି । ଉଦ୍ୟାନର ଫୁଲଫଳ, ରଙ୍ଗିନ ପ୍ରଜାପତି, ନଦୀ, ଝରଣା, ପର୍ବତ, ଅରଣ୍ୟ, ସମୁଦ୍ର, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ, ଆକାଶ, ଚନ୍ଦ୍ର, ତାରା, ଶିଶୁର ହସ, ରମଣୀର ଲାଜ – ଏସବୁ ଆମକୁ ସୁନ୍ଦର ଲାଗେ । ସୁନ୍ଦର ବସ୍ତୁ ଦେଖି ଆମେ ପୁଲକିତ ହେଉ, ଚମତ୍କୃତ ହେଉ, ସ୍ରଷ୍ଟାଙ୍କର ଅଦ୍ଭୁତ କାରିଗରି ଆମକୁ ବିମୋହିତ କରେ, କୃତଜ୍ଞତାରେ ଆମର ହୃଦୟ ପୂର୍ଣ୍ଣ ହୋଇଉଠେ । ସୁନ୍ଦର ବସ୍ତୁକୁ ଯେତେ ଦେଖିଲେ ବି ମନରେ କ୍ଳାନ୍ତି ଜାତ ହୁଏ ନାହିଁ । କବିବର ରାଧାନାଥ ରାୟଙ୍କ ଭାଷାରେ –

''ସୁନ୍ଦରେ ତୃପ୍ତିର ଅବସାଦ ନାହିଁ,
ଯେତେ ଦେଖିଲେହେଁ ନୂଆ ଦିଶୁଥାଇ ।''

ପ୍ରକୃତିର ସୌନ୍ଦର୍ଯ୍ୟ ଅବଲୋକନ କରି କବିମାନେ କବିତା ଲେଖନ୍ତି, କବିତାରେ ସୌନ୍ଦର୍ଯ୍ୟ ଓ ଜୀବନ ଭରି ଦିଅନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟ କବିମାନଙ୍କୁ ପରମେଶ୍ୱରଙ୍କ ଅସ୍ତିତ୍ୱ ଓ ମହାନତା ସ୍ମରଣ କରେଇଦିଏ । କବି ଲେଖନ୍ତି –

''ଆକାଶ ଦିଶେ କି ସୁନ୍ଦର
ତାହାକୁ ରଚିଲେ ଈଶ୍ୱର ।''

ରଙ୍ଗିନ ଇନ୍ଦ୍ରଧନୁଟିଏ ଦେଖିଲେ ଇଂରେଜ କବି ୱାଡ଼ସ୍ ୱାର୍ଥଙ୍କ ହୃଦୟ ଆନନ୍ଦରେ ନାଚି ଉଠେ –

"My heart leaps up when I behold
A rainbow in the sky."

ଭକ୍ତକବି ମଧୁସୂଦନ ରାଓ କମନୀୟ ପଦ୍ମ ଫୁଲଟିଏ ଦେଖି ଆତ୍ମବିଭୋର ହୋଇ ଗାଇଉଠନ୍ତି –

''କୋଟି ଲାବଣ୍ୟନିଧି, ରେ ପଦ୍ମ ତୁହି
କି ଅମୃତେ ତୋ' ତନୁ ଗଢ଼ିଲା ବିହି ।
ତୋ ରୂପ ଦରଶନେ ମୋର ହୃଦୟ
ପୁଣ୍ୟ ଆନନ୍ଦେ ହୁଏ ଅମୃତମୟ ।''

ବିଶ୍ୱରେ ସୁଷମାର ପ୍ରକାଶ ଦେଖି ଉତ୍କଳମଣି ଗୋପବନ୍ଧୁ ଦାସ ଭଗବାନଙ୍କର ଜୟଗାନ କରିଛନ୍ତି –

''ଅନନ୍ତ ମହିମା ଅତୁଳ ସୁଷମା
ଦିଶେ ବିଶ୍ୱେ ସ୍ତରେ ସ୍ତରେ,
ତବ ମହାପ୍ରେମେ ଖେଳେ ଚରାଚରେ
ଜୟ ଜଗଦୀଶ ହରେ ।''

ଶ୍ରୀରାମକୃଷ୍ଣ ପରମହଂସ ଏକଦା ଘନକୃଷ୍ଣ ପଟଳର ପୃଷ୍ଠଭୂମିରେ ଉଡ଼ି ଯାଉଥିବା ବକ ପଂକ୍ତିକୁ ଦେଖି ଭାବବିହ୍ୱଳ ହୋଇ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ସୌନ୍ଦର୍ଯ୍ୟର ରହିଛି ଅଦ୍ଭୁତ ବିମୋହନ ଶକ୍ତି ଓ ବିମୋଚନକାରୀ ପ୍ରଭାବ । ସୌନ୍ଦର୍ଯ୍ୟ ମନୁଷ୍ୟର ଦୁଃଖକୁ ହରଣ କରିପାରେ; ହୃଦୟରେ ଭରି ଦେଇପାରେ ଶାନ୍ତି ଓ ପବିତ୍ରତା, ମନକୁ କରିପାରେ ସୃଜନଶୀଳ । ଭକ୍ତ, ସନ୍ଥ ଓ ଦାର୍ଶନିକମାନେ ପ୍ରକୃତିର ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ଜୀବନ ଓ ସଂସାର ମଧ୍ୟରେ ଅନ୍ତର୍ଗୂଢ଼ ସତ୍ୟ ଓ ମୂଳ ତତ୍ତ୍ୱକୁ ଆବିଷ୍କାର କରିବା ପାଇଁ ଅନୁପ୍ରେରିତ ହୁଅନ୍ତି ।

ଦିବ୍ୟ ପରମାନନ୍ଦ ଯେତେବେଳେ ରୂପ ପରିଗ୍ରହ କରନ୍ତି ସେତେବେଳେ ତାହା ସୌନ୍ଦର୍ଯ୍ୟ ରୂପେ ଅଭିବ୍ୟକ୍ତ ହୁଏ । ସେହି ରୂପ କେବଳ ଯେ ସ୍ଥୂଳ ଭୌତିକ ଆକାରଟିଏ ହେବ, ଏପରି ନୁହେଁ । ସୌନ୍ଦର୍ଯ୍ୟ କେବଳ ବସ୍ତୁ ବା ବ୍ୟକ୍ତିର ରୂପାକୃତିରେ ନଥାଏ – ସୌନ୍ଦର୍ଯ୍ୟ ରହିପାରେ ଭାବନା ଭିତରେ, ଅନୁଭବରେ, ଚରିତ୍ରରେ ଓ ସ୍ୱାର୍ଥରହିତ ମହନୀୟ କାର୍ଯ୍ୟରେ ।

ଶ୍ରୀମାଙ୍କ ଭାଷାରେ –

"Let beauty be your constant ideal.
The beauty of the soul
The beauty of sentiments
The beauty of thoughts
The beauty of the action
The beauty in the work

so that nothing comes out of your hands which is not an expression of pure and harmonious beauty."

(On Education, p. 232)

ଅର୍ଥାତ୍ ''ସୌନ୍ଦର୍ଯ୍ୟହିଁ ସତତ ତୁମର ଆଦର୍ଶ ହୋଇଉଠୁ ।

ଆତ୍ମାର ସୌନ୍ଦର୍ଯ୍ୟ
ଭାବଗୁଡ଼ିକର ସୌନ୍ଦର୍ଯ୍ୟ
ଭାବନାଗୁଡ଼ିକର ସୌନ୍ଦର୍ଯ୍ୟ
କ୍ରିୟାଶୀଳତାର ସୌନ୍ଦର୍ଯ୍ୟ
କର୍ମ ମଧ୍ୟରେ ରହିଥିବା ସୌନ୍ଦର୍ଯ୍ୟ

ଯେପରିକି, ତୁମର ହାତଗୁଡ଼ିକର ମାଧ୍ୟମରେ ଏପରି କିଛି କଦାପି ନିଷ୍ପନ୍ନ ହୋଇ ନଆସୁ, ଯାହାକି ସେହି ଶୁଦ୍ଧ ଏବଂ ସୌଷମ୍ୟଯୁକ୍ତ ସୌନ୍ଦର୍ଯ୍ୟର ଏକ ଅଭିବ୍ୟକ୍ତି ବୋଲି ମୋଟେ କୁହାଯାଇ ପାରିବ ନାହିଁ ।''

ସୌନ୍ଦର୍ଯ୍ୟକୁ ଅନୁଭବ ଓ ଉପଭୋଗ କରିବାର ସାମର୍ଥ୍ୟ ବ୍ୟକ୍ତିର ଭାବଦୃଷ୍ଟି ଓ ଗ୍ରହଣଶୀଳତା ଉପରେ ନିର୍ଭର କରେ । ସୌନ୍ଦର୍ଯ୍ୟବୋଧ ଯଦି ଗଭୀର ହୋଇଥିବ ତେବେ ଯେଉଁଠି ବି ଆମେ ସୌନ୍ଦର୍ଯ୍ୟକୁ ଦର୍ଶନ କରିବା ସେଠାରେ ଆମେ ପରମସତ୍ତାଙ୍କର ଉପସ୍ଥିତିକୁ ଉପଲବ୍ଧି କରିପାରିବା । ଶ୍ରୀଅରବିନ୍ଦ 'ସାବିତ୍ରୀ' ମହାକାବ୍ୟରେ ପ୍ରକାଶ କରିଛନ୍ତି –

"Beauty is his footprint showing us
where he has passed."

(Savitri, p. 112)

ଅର୍ଥାତ୍,

''ଯେଉଁ ଆଡ଼ ଦେଇ ସେ ଚାଲି ଯାଇଛନ୍ତି,
ଫୁଟି ଉଠିଛି ସୌନ୍ଦର୍ଯ୍ୟ ସେଠାରେ ତାଙ୍କ ପାଦଚିହ୍ନ ରୂପେ ।''

ସୌନ୍ଦର୍ଯ୍ୟଗ୍ରାହୀ ମନ ସୌନ୍ଦର୍ଯ୍ୟ ପଛରେ ଅନୁଧାବନ କରି ପରିଶେଷରେ ସତ୍ୟ ପାଖରେ ଯାଇ ଉପନୀତ ହୁଏ । ସେ ସୌନ୍ଦର୍ଯ୍ୟକୁ ସତ୍ୟଠାରୁ ଭିନ୍ନ ବୋଲି ବୋଧ କରେ ନାହିଁ । ଇଂରେଜ କବି ଜନ୍ କିଟ୍ସ ଗୋଟିଏ ଗ୍ରୀସ୍‌ଦେଶୀୟ ପାତ୍ର ବା ଭସ୍ମାଧାର (urn) ଭିତରେ ସୌନ୍ଦର୍ଯ୍ୟ ଖୋଜୁ ଖୋଜୁ ସୌନ୍ଦର୍ଯ୍ୟକୁହିଁ ସତ୍ୟ ବୋଲି ଉପଲବ୍ଧି କଲେ । ତାଙ୍କର ପ୍ରସିଦ୍ଧ କବିତା "Ode on a Grecian urn" କବିତାରେ ସେ ଲେଖିଛନ୍ତି –

"Beauty is Truth, Truth Beauty – that is all
Ye know on earth and all ye need to know."

ଅର୍ଥାତ୍, ''ସୌନ୍ଦର୍ଯ୍ୟ ହେଉଛି ସତ୍ୟ ଏବଂ ସତ୍ୟହିଁ ସୌନ୍ଦର୍ଯ୍ୟ – ଏହାହିଁ ପୃଥିବୀରେ ଏକମାତ୍ର ଜ୍ଞାନ ଏବଂ ଏହାକୁହିଁ ଜାଣିବାର ଆବଶ୍ୟକତା ରହିଛି ।''

ଅବଶ୍ୟ ସତ୍ୟ କହିଲେ ସେ ଯାହା ବୁଝିଥିଲେ ତାହା ହୁଏତ ପରମ ସତ୍ୟ ହୋଇ ନଥାଇ ପାରେ, ମାତ୍ର ସୌନ୍ଦର୍ଯ୍ୟ ଯେ ଜୀବନର ମହତ୍ତମ ବିଭାବ ଏହା ସେ ମର୍ମେ ମର୍ମେ ହୃଦୟଙ୍ଗମ କରିଥିଲେ ।

କଳା, ସ୍ଥାପତ୍ୟ, ସାହିତ୍ୟ, ନୃତ୍ୟ, ସଙ୍ଗୀତ ଆଦି ମାଧ୍ୟମରେ ଆମେ ସୌନ୍ଦର୍ଯ୍ୟର ପରିପ୍ରକାଶ କରୁ । ମା'ଙ୍କ ମତରେ ଜଡ଼ ଜଗତରେ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତିହିଁ ଯଥାର୍ଥ କଳା । ("True art means the expression of beauty in the material world.") ବସ୍ତୁ ସକଳର ପଶ୍ଚାତରେ ଯେଉଁ ଦିବ୍ୟ ସୌନ୍ଦର୍ଯ୍ୟ ଓ ଦିବ୍ୟ ସୌଷମ୍ୟ ରହିଛି, ସର୍ବୋଚ୍ଚ କଳା ତାହାକୁହିଁ ଅଭିବ୍ୟକ୍ତ କରିଥାଏ । ଜଣେ କଳାକାର ଯଦି ଭଗବାନଙ୍କ ସହିତ ସଂଯୁକ୍ତ ହୋଇ ରହିପାରିବ ବା ତାଙ୍କ ପ୍ରତି ନିଜକୁ ଉନ୍ମୀଳିତ କରିପାରିବ ତେବେ ସେ ଜଡ଼ ମଧ୍ୟରେ ଦିବ୍ୟ ସୌନ୍ଦର୍ଯ୍ୟକୁ ଫୁଟାଇବା ପାଇଁ ଆବଶ୍ୟକୀୟ ପ୍ରେରଣା ପ୍ରାପ୍ତ ହୋଇ ପାରିବ । ସୌନ୍ଦର୍ଯ୍ୟର ପରିପ୍ରକାଶକୁ ଲକ୍ଷ୍ୟ ରୂପେ ଗ୍ରହଣ କରିଥିବା କଳା ମନୁଷ୍ୟର ରୁଚିକୁ ମାର୍ଜିତ ଓ ପ୍ରଶିକ୍ଷିତ କରିବାରେ ସହାୟକ ହୋଇଥାଏ । କଳାର ସାଧନା କରୁଥିବା ବ୍ୟକ୍ତି ନିଜ ଭିତରେ ତଥା ପରିବେଶ ମଧ୍ୟରେ ସୌଷମ୍ୟ ପ୍ରତିଷ୍ଠା କରିବା ପାଇଁ ପ୍ରବୃତ୍ତ ହୋଇପାରେ । ରୁଷୀୟ ଲେଖକ ଭାସିଲି ସୁଖୋମ୍‌ଲିନ୍‌ସ୍କି କହନ୍ତି ଯେ ସଙ୍ଗୀତ ଶିଶୁଟି ଆଗରେ ପୃଥିବୀର ସୌନ୍ଦର୍ଯ୍ୟକୁ ଉଦ୍‌ଘାଟିତ କରିଥାଏ । ସଙ୍ଗୀତ ଦ୍ୱାରା ମନୁଷ୍ୟମାନଙ୍କ ଆତ୍ମାରେ ରହିଥିବା ସୌନ୍ଦର୍ଯ୍ୟ ଫୁଟି ଉଠିପାରେ । ସେହିପରି ସାହିତ୍ୟ ରଚନା ଓ ସାହିତ୍ୟ ପଠନ ମାଧ୍ୟମରେ ବି

ଶିଶୁ ଭିତରେ ସୌନ୍ଦର୍ଯ୍ୟ ସୃଷ୍ଟି ଓ ସୌନ୍ଦର୍ଯ୍ୟବୋଧ ପ୍ରତି ଜାଗରୂକତା ସୃଷ୍ଟି କରାଯାଇ ପାରିବ ।

''ଚତୁର୍ବିଧ ତପସ୍ୟା ଓ ଚତୁର୍ବିଧ ମୁକ୍ତି'' ଶୀର୍ଷକ ରଚନାଟିରେ ଶ୍ରୀମା ସତ୍ୟର ଚାରୋଟି ବିଭାବ ରହିଥିବା କଥା କହିଛନ୍ତି । ସେଗୁଡ଼ିକ ହେଲା – ପ୍ରେମ, ଜ୍ଞାନ, ଶକ୍ତି ଓ ସୌନ୍ଦର୍ଯ୍ୟ । ମନୁଷ୍ୟ ଭିତରେ ରହିଥିବା ଚାରୋଟି ବିଭିନ୍ନ ସତ୍ତା ପ୍ରତ୍ୟେକେ ଏଇ ଗୋଟିଏ ଗୋଟିଏ ବିଭାବକୁ ଅଭିବ୍ୟକ୍ତ କରିବା ପାଇଁ ଅଭିପ୍ରେତ । ଅର୍ଥାତ୍, ଚୈତ୍ୟପୁରୁଷ ଯଥାର୍ଥ ଓ ବିଶୁଦ୍ଧ ପ୍ରେମର ବାହକ ହେବ । ମନ ହେବ ଅଭ୍ରାନ୍ତ ଜ୍ଞାନର ବାହକ । ପ୍ରାଣ ପ୍ରକାଶ କରିବ ଏକ ଅଜେୟ ଶକ୍ତି ଓ ତେଜଃ । ଶରୀର ପ୍ରକାଶ କରିବ ଏକ ପୂର୍ଣ୍ଣ ସୌନ୍ଦର୍ଯ୍ୟ ଓ ପୂର୍ଣ୍ଣ ସୁସଙ୍ଗତି ।

ପୂର୍ଣ୍ଣାଙ୍ଗ ଶିକ୍ଷାର ବ୍ୟବସ୍ଥା ଭିତରେ ସୌନ୍ଦର୍ଯ୍ୟବୋଧର ଶିକ୍ଷା ଏକ ମହତ୍ତ୍ୱପୂର୍ଣ୍ଣ ଦିଗ । ପ୍ରଥମତଃ ପିଲାମାନେ ନିଜ ଶରୀରକୁ ସୁସ୍ଥ, ନୀରୋଗ, ସୁଦୃଢ଼ ଓ ନମନୀୟ କରି ଗଢ଼ିବା ନିମିତ୍ତ ଶିକ୍ଷାଲାଭ କରନ୍ତି । ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକର ଧାରାବାହିକ ଓ ସୁସଂହତ ବିକାଶ ସାଧନ କରିବା ତଥା ଶରୀରରେ ରହିଥିବା ବିକୃତି ଓ ରୋଗଗୁଡ଼ିକୁ ଦୂର କରିବା ପାଇଁ ଏକ ବିଶେଷ ପ୍ରକାରର ଶାରୀରିକ ଶିକ୍ଷା ପ୍ରଦାନ କରାଯାଏ । ଶିଶୁମାନଙ୍କ ଭିତରେ ଉତ୍ତମ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପ୍ରତି ସମ୍ମାନବୋଧ ଜାଗ୍ରତ୍ କରାଯାଏ । ପରିଷ୍କାର ପରିଚ୍ଛନ୍ନତା, ପରିବେଶର ଶୃଙ୍ଖଳା ଓ ସୌନ୍ଦର୍ଯ୍ୟ ପ୍ରତି ଗୁରୁତ୍ୱ ଦିଆଯାଏ । ନିଦ୍ରା, ଆହାର, ମଳମୂତ୍ର ତ୍ୟାଗ, ଅଙ୍ଗପ୍ରତ୍ୟଙ୍ଗର ଚାଳନା ଓ ଯତ୍ନ ସମ୍ପର୍କରେ ପିଲାମାନେ ଯେମିତି ଉତ୍ତମ ଅଭ୍ୟାସ ଆୟତ୍ତ କରିବେ ସେଥିପ୍ରତି ସେମାନଙ୍କୁ ସଚେତନ କରାଇ ଦିଆଯାଏ । ଶାରୀରିକ ବ୍ୟାୟାମ ସମୟରେ ସେମାନେ ପୂର୍ଣ୍ଣ ଏକାଗ୍ର ଓ ସଚେତନ ରହିବା ଆବଶ୍ୟକ ଯେପରିକି ଉର୍ଦ୍ଧ୍ୱସ୍ଥ ଶକ୍ତି ଓ ଚେତନା ତାଙ୍କ ଶରୀର ଭିତରକୁ ଅବତରଣ କରି ପ୍ରତିଷ୍ଠିତ ହୋଇ ପାରିବ ।

ଶାରୀରିକ କର୍ମ ଓ ଶ୍ରମ ପ୍ରତି ପିଲାମାନଙ୍କ ଭିତରେ ଶ୍ରଦ୍ଧା ଓ ଉତ୍ସାହ ସୃଷ୍ଟି କରାଯିବା ଉଚିତ । କର୍ମାନୁଭୂତି ମାଧ୍ୟମରେ ପିଲାମାନେ ସୌନ୍ଦର୍ଯ୍ୟର ଶିକ୍ଷା ପାଇପାରିବେ । କୌଣସି କାର୍ଯ୍ୟକୁ କିପରି ନିଖୁଣ, ସୁନ୍ଦର ଓ ପରିପୂର୍ଣ୍ଣ ଭାବରେ କରାଯାଇ ପାରିବ ସେକଥା ଶିକ୍ଷକ ଆପଣାର ପ୍ରେରଣା ଓ ଦିଗ୍‌ଦର୍ଶନ ଦ୍ୱାରା ପିଲାମାନଙ୍କୁ ଶିକ୍ଷା ଦେଇପାରିବେ । ପିଲାମାନଙ୍କୁ କେତେବେଳେ ବ୍ୟକ୍ତିଗତ ଭାବେ ଓ ଆଉ କେତେବେଳେ ସମ୍ମିଳିତ ଭାବରେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯିବା ଉଚିତ । ବ୍ୟକ୍ତିଗତ ଭାବରେ କର୍ମ କଲାବେଳେ ସେମାନେ ସ୍ୱକୀୟ ରୁଚି, ଦକ୍ଷତା ଓ ପ୍ରତିଭା ଅନୁସାରେ ସୌନ୍ଦର୍ଯ୍ୟ ସୃଷ୍ଟି କରିପାରିବେ । ମିଳିତ ଭାବରେ କାର୍ଯ୍ୟ କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ସଙ୍ଗତି, ସଂପ୍ରୀତି ଓ ପାରସ୍ପରିକତା ସୃଷ୍ଟି ହେବ – ଯାହା ସୌନ୍ଦର୍ଯ୍ୟର ଅଂଶବିଶେଷ ।

ଶ୍ରୀମା କହନ୍ତି – ''ସୌନ୍ଦର୍ଯ୍ୟକୁ ଦେଖି ପାରିବାକୁ ଓ ସ୍ୱୀକୃତି ଜଣାଇ ପାରିବାକୁ ହେଲେ ଆମର ଚେତନାଟି ବିଶ୍ୱଗତ ହୋଇ ରହିଥିବା ଆବଶ୍ୟକ ।'' (ମାତୃରଚନାବଳି, ୫ମ ଖଣ୍ଡ, ପୃଷ୍ଠା. ୪୯୮) । କଳାତ୍ମକ ରୁଚି ସ୍ଥାନୀୟ ଓ ସଂକୀର୍ଣ୍ଣ ହେଲେ ତାହା ସୌନ୍ଦର୍ଯ୍ୟର ପରିପ୍ରକାଶରେ ଓ ସୌନ୍ଦର୍ଯ୍ୟର ରସ ଗ୍ରହଣରେ ବାଧା ସୃଷ୍ଟି କରେ । ପିଲାମାନେ ନିଜ ଅଞ୍ଚଳର କଳା, ସଙ୍ଗୀତ, ଚିତ୍ର, ସ୍ଥାପତ୍ୟକୁ ଭଲ ପାଇବା ସଙ୍ଗେ ସଙ୍ଗେ ଯେପରି ଅନ୍ୟ ଅଞ୍ଚଳ ବା ଅନ୍ୟ ଦେଶର ସେସବୁ ଜିନିଷକୁ ଭଲ ପାଇବେ ଓ ସମ୍ମାନ ଦେବାକୁ ଶିଖିବେ ସେଥିପାଇଁ ଉପଯୁକ୍ତ ଶିକ୍ଷା ଦେବାକୁ ହେବ ।

ଘରେ, ବିଦ୍ୟାଳୟରେ ବା କାର୍ଯ୍ୟକ୍ଷେତ୍ରରେ ବ୍ୟବହୃତ ଜିନିଷଗୁଡ଼ିକର ଉପଯୁକ୍ତ ଯତ୍ନ ନେବା, ସେଗୁଡ଼ିକର ରକ୍ଷଣାବେକ୍ଷଣ କରିବା, ସେଗୁଡ଼ିକୁ ସୁନ୍ଦର ଓ ରୁଚିପୂର୍ଣ୍ଣ ଭାବରେ ସଜାଡ଼ି ରଖିବା ସୌନ୍ଦର୍ଯ୍ୟବୋଧ ଶିକ୍ଷାର ଅନ୍ତର୍ଗତ । ପ୍ରତ୍ୟେକ ବସ୍ତୁ ଭିତରେ ଦିବ୍ୟ ଚେତନା ଅନ୍ତର୍ଗୂଢ଼ ହୋଇ ରହିଛି । ତେଣୁ କୌଣସି ବସ୍ତୁ ପ୍ରତି ହେୟ ଜ୍ଞାନ କରିବା, ତା'ର ଅପଚୟ ବା ଅପବ୍ୟବହାର କରିବା ଆଦୌ ବାଞ୍ଛନୀୟ ନୁହେଁ । ଶ୍ରୀମା ପ୍ରତ୍ୟେକ ବସ୍ତୁ ସହିତ ଏକାତ୍ମ ହୋଇ ପାରୁଥିଲେ ଏବଂ ତତ୍ ଅନ୍ତର୍ଗତ ସଂବେଦନାଗୁଡ଼ିକୁ ଅନୁଭବ କରି ପାରୁଥିଲେ । ସେ ଯାହାସବୁ ବ୍ୟବହାର କରୁଥିଲେ ବା ଉପହାର ସ୍ୱରୂପ ପାଉଥିଲେ ସେଗୁଡ଼ିକୁ ଖୁବ୍ ଯତ୍ନର ସହିତ ସାଇତି ରଖୁଥିଲେ ଏବଂ ତାହା ଦୀର୍ଘକାଳ ଅକ୍ଷତ ଅବସ୍ଥାରେ ରହୁଥିଲା । ଶ୍ରୀଅରବିନ୍ଦ ଆଶ୍ରମର ଏକ ଘଟଣା ଏଠାରେ ଉଲ୍ଲେଖ କରାଯାଇପାରେ ।

ଏକଦା ଜନୈକ ସାଧକ ତାଙ୍କର ସ୍ନାନାଗାରରେ ରାତିବେଳା ଗୋଟିଏ ବାଲ୍ଟିରେ ପାଣି ରଖିଥିଲେ । ରାତିସାରା ଥଣ୍ଡା ଅନୁଭବ କରି ସେଇ ବାଲ୍ଟି ମାଆଙ୍କଠାରେ ନିଜର କଷ୍ଟ ଜଣାଇଥିଲା । ମାଆ ଉକ୍ତ ସାଧକଙ୍କୁ ଡାକି ସେପରି ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଆମ ପିଲାମାନେ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ଅଭିନୟ

ଆଦି ଶିକ୍ଷା ଲାଭ କଲାବେଳେ ସେଥିରେ ଅଧିକରୁ ଅଧିକ ନିଖୁଣତା ଓ ପରିପୂର୍ଣ୍ଣତା ଆଣିବାକୁ ପ୍ରୟାସ କରିବା ଉଚିତ । ସେମାନେ ବୁଝିବା ଉଚିତ ଯେ ପୂର୍ଣ୍ଣତାର କୌଣସି ସୀମା ନାହିଁ ଏବଂ ଏହି ବିଷୟଗୁଡ଼ିକୁ ଅଧିକରୁ ଅଧିକ ନିଖୁଣ ଓ ସୁନ୍ଦର ଭାବେ କରାଯାଇ ପାରିବ । ଏଠାରେ ଗୋଟିଏ ଘଟଣାର ଅବତାରଣା କରାଯାଇ ପାରେ । ଥରେ ଜଣେ ଶିଳ୍ପୀ ସହରର କୌଣସି ପରଲୋକଗତ ପ୍ରସିଦ୍ଧ ବ୍ୟକ୍ତିଙ୍କର ମୂର୍ତ୍ତି ନିର୍ମାଣ କରୁଥିଲେ । ସେହି ମୂର୍ତ୍ତିକୁ ସହରର ଏକ ମୁଖ୍ୟ ଛକ ଜାଗାରେ ପ୍ରତିଷ୍ଠିତ କରିବାର ଯୋଜନା ଥାଏ । ଅନେକ ମାସର ପରିଶ୍ରମ ପରେ ମୂର୍ତ୍ତି ନିର୍ମାଣ ଶେଷ ହେଲା । କିନ୍ତୁ ଶିଳ୍ପୀ ଜଣକ ଭଲ ଭାବରେ ନିରୀକ୍ଷଣ କରି ଜାଣିଲେ ଯେ ସେଇ ମୂର୍ତ୍ତିର ନାକରେ ସାମାନ୍ୟ ତ୍ରୁଟି ରହି ଯାଇଛି । ତାହା ଅବିକଳ ହୋଇ ନାହିଁ । ତେଣୁ ସେ ସ୍ଥିର କଲେ ତାକୁ ନିଖୁଣ କରି ଗଢ଼ି ତୋଳିବା ପାଇଁ ଆଉ କିଛି ଦିନ ସମୟ ନେବେ । ମାତ୍ର ମୂର୍ତ୍ତି ସ୍ଥାପନର ନିର୍ଦ୍ଧାରିତ ତାରିଖ ପାଖେଇ ଆସିଥିବାରୁ ପାଖରେ ଛିଡ଼ା ହୋଇଥିବା ତାଙ୍କର ବନ୍ଧୁ ପରାମର୍ଶ ଦେଲେ ମୂର୍ତ୍ତି ଦେହରେ ଆଉ ହାତ ନଦେବା ପାଇଁ । ସେ କହିଲେ ଯେ ଯେହେତୁ ମୂର୍ତ୍ତିଟି ତିରିଶ ଫୁଟ ଉଚ୍ଚ ଏକ ସ୍ତମ୍ଭ ଉପରେ ପ୍ରତିଷ୍ଠିତ ହେବ ତେଣୁ ଲୋକମାନଙ୍କ ଦୃଷ୍ଟିରେ ଏତେ ଉଚ୍ଚରେ ଥିବା ମୂର୍ତ୍ତିର ନାକ ଅଂଶର ସାମାନ୍ୟ ତ୍ରୁଟି ଦୃଷ୍ଟିଗୋଚର ହେବ ନାହିଁ । ମାତ୍ର ଶିଳ୍ପୀ ଏ ପରାମର୍ଶରେ ସନ୍ତୁଷ୍ଟ ହେଲେ ନାହିଁ । ସେ କହିଲେ, ''ଲୋକେ ସିନା ମୂର୍ତ୍ତିର ଦୋଷ ଦେଖି ପାରିବେ ନାହିଁ । କିନ୍ତୁ ସେଇ ଛକ ଦେଇ ଯିବା ଆସିବା କଲାବେଳେ ସେଇ ତ୍ରୁଟିଟି ମୋର ସ୍ମୃତିକୁ ଆସି ମୋତେ ବାରଂବାର ଦଂଶନ କରିବ । ସେତେବେଳେ ମୁଁ ନିଜକୁ କ୍ଷମା ଦେଇ ପାରିବି ତ ?''

ରୁଷୀୟ ଶିକ୍ଷାବିତ୍ ସୁଖୋମ୍ଲିନ୍‌ସ୍କି ତାଙ୍କ ବିଦ୍ୟାଳୟରେ ପିଲାମାନଙ୍କୁ ସୌନ୍ଦର୍ଯ୍ୟବୋଧ ଶିକ୍ଷା ଦେବା ପାଇଁ ଅନେକ ପଦକ୍ଷେପ ନେଉଥିଲେ । ସେ ବସନ୍ତ କାଳରେ ସୌନ୍ଦର୍ଯ୍ୟର ଏକ ଏକାନ୍ତ କୋଣ ତିଆରି କରୁଥିଲେ । ସେଠାରେ ପିଲାମାନଙ୍କ ସହ ମିଶି ଏପରି ଗୋଟିଏ ଶାନ୍ତ ସ୍ଥାନ ନିର୍ବାଚନ କରୁଥିଲେ ଯେଉଁଠି ପାରିପାର୍ଶ୍ୱିକ ପୃଥିବୀର ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ମନୁଷ୍ୟ ହାତର କିଛି ସୃଷ୍ଟି ମଧ୍ୟ ମିଶି କରି ରହିଥିବ । ସେଠାରେ ଅଧିକରୁ ଅଧିକ ଗଛ ରହିଥିବ । ପିଲାମାନେ ସେଠାରେ ବିଶ୍ରାମ କରିବେ, କାମ କରିବେ, ବସନ୍ତ ଋତୁକୁ ସ୍ୱାଗତ କରିବେ ଓ ଗ୍ରୀଷ୍ମକୁ ମଧ୍ୟ ବିଦାୟ ଦେଇ ପାରିବେ । ପିଲାମାନେ ଗଛଲତା, ଫୁଲଫଳ, ସବୁଜ ଘାସ, କନ୍ଦା, ମହୁମାଛି ତଥା ବିଭିନ୍ନ ପଶୁପକ୍ଷୀଙ୍କୁ ନିକଟରୁ ଦେଖି ପାରୁଥିଲେ, ସେଗୁଡ଼ିକ ସହ ଅନ୍ତରଙ୍ଗ ହେବାର ସୁଯୋଗ ପାଉଥିଲେ । ପ୍ରକୃତିକୁ ନିକଟରୁ ଦେଖି ତାହାର ସୌନ୍ଦର୍ଯ୍ୟରେ ମୁଗ୍ଧ ହେବା ସଙ୍ଗେ ସଙ୍ଗେ ପିଲାମାନେ ନିଜେ ବିଭିନ୍ନ ଉପାୟରେ ସୌନ୍ଦର୍ଯ୍ୟ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରୁଥିଲେ । ଶ୍ରୀମା କହନ୍ତି, ''ପ୍ରକୃତି ମଧ୍ୟରୁ ବିଷୟ ନେଇ ତାହାର ଚିତ୍ର କରିବା ହେଉଛି ସର୍ବୋତ୍ତମ ।'' (ମାତୃରଚନାବଳି, ୧୨ଶ ଖଣ୍ଡ, ପୃ. ୩୪୩) । ପ୍ରକୃତି ମଧ୍ୟରେ ପ୍ରାଣର ଅଫୁରନ୍ତ କ୍ରିୟାଶୀଳତା ଓ ଉନ୍ମୀଳନ ରହିଛି । ତେଣୁ ପ୍ରକୃତି ସହ ଅନ୍ତରଙ୍ଗ ହୋଇ ରହିଲେ ତାହାର (ପ୍ରକୃତିର) ପ୍ରାଣୋଚ୍ଛଳତା କୋମଳମତି ପିଲାମାନଙ୍କ ମଧ୍ୟକୁ ସଂକ୍ରମିତ ହୋଇ ଆସିବ ଯାହା ସୌନ୍ଦର୍ଯ୍ୟ ସୃଷ୍ଟି କରିବା ଲାଗି ସେମାନଙ୍କୁ ପ୍ରଚୋଦିତ କରିବ । ଶ୍ରୀମାଙ୍କ ମତରେ ସୌନ୍ଦର୍ଯ୍ୟ ହେଉଛି ପ୍ରକୃତିର ଏକ ଆନନ୍ଦମୟ ନିବେଦନ । ସୁତରାଂ ପିଲାମାନେ ମଧ୍ୟ ଯଦି ପ୍ରକୃତିରୁ ଏହି ଶିକ୍ଷା ଲାଭ କରି ନିଜ ଭିତରେ ଉନ୍ମୁଖତା ଓ ଆତ୍ମ-ନିବେଦନର ଭାବ ପୋଷଣ କରିପାରିବେ ତେବେ ସେମାନେ କଳାକ୍ଷେତ୍ରରେ ସୌନ୍ଦର୍ଯ୍ୟ ସୃଷ୍ଟି କରିବାରେ ସଫଳତା ଲାଭ କରିପାରିବେ ।

ସୁଖୋମ୍ଲିନ୍‌ସ୍କି କହନ୍ତି ଯେ ସୌନ୍ଦର୍ଯ୍ୟର ସୃଷ୍ଟି ନିମନ୍ତେ କାର୍ଯ୍ୟ କରିବା ଦ୍ୱାରା ତରୁଣ ହୃଦୟ ଉଦାତ୍ତତା ଲାଭ କରେ ଏବଂ ଜୀବନ ଉଦାସୀନ ହେବାରୁ ରକ୍ଷା ପାଏ । ପିଲାମାନଙ୍କ ଭିତରେ ସୌନ୍ଦର୍ଯ୍ୟବୋଧ ସୃଷ୍ଟି ହେଲେ ସେମାନେ ଅଧିକ ଭଲ, ଅଧିକ ସୁନ୍ଦର ହୋଇ ପାରନ୍ତି । ସୁଖୋମ୍ଲିନ୍‌ସ୍କି ବିଶ୍ୱାସ କରୁଥିଲେ ଯେ ମନୁଷ୍ୟ ସୌନ୍ଦର୍ଯ୍ୟକୁ ଅନୁଭବ କଲେ ଯାଇ ତା'ର ଆତ୍ମା ଭିତରେ କବିଟିଏ ଜାଗି ଉଠେ । ଏହି ଅନୁଭବଟିର କର୍ଷଣ ବ୍ୟତୀତ ପିଲା ସୌନ୍ଦର୍ଯ୍ୟ ଓ ଭାଷା ପ୍ରତି ଉଦାସୀନ ହୋଇ ରହିଥାଏ । ବିଦ୍ୟାଳୟରେ ପିଲାମାନେ ଯେମିତି କବିତା, ଗୀତ, ନୃତ୍ୟ, ଅଭିନୟ, ଚିତ୍ରକଳା ଆଦି ପ୍ରତି ଆଗ୍ରହୀ ହେବେ, ତାହା ମାଧ୍ୟମରେ ସୌନ୍ଦର୍ଯ୍ୟ ସୃଷ୍ଟି କରିବା ପାଇଁ ବ୍ରତୀ ହେବେ, ସେ ଦିଗରେ ସେମାନଙ୍କୁ ପ୍ରୋତ୍ସାହନ ଦେବା ଉଚିତ । ସେମାନଙ୍କୁ ସ୍ୱାଧୀନ ଓ ସ୍ୱଚ୍ଛନ୍ଦ ଭାବେ ଆପଣାର ଭାବ ପ୍ରକାଶ କରିବାକୁ ସୁଯୋଗ ଦେବା ଉଚିତ । ପୃଥିବୀର ସୌନ୍ଦର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇ ପିଲାମାନେ ନିଜ ଭିତରେ ସୃଜନଶୀଳତାକୁ ଜନ୍ମ ଦେଇ ପାରିବେ । ଭାବ ଓ ଭାଷାର ସୌନ୍ଦର୍ଯ୍ୟକୁ କବିତାରେ ଫୁଟାଇ ପାରିବେ । ଗଦ୍ୟ ରଚନାରେ ମଧ୍ୟ ଭାବ ଓ ଭାଷାର ସୌନ୍ଦର୍ଯ୍ୟକୁ ସେମାନେ ପ୍ରକାଶ କରିପାରିବେ ।

ନୃତ୍ୟ, ସଙ୍ଗୀତ ଓ ଅଭିନୟରେ ନିଖୁଣତା ଓ ନିର୍ଦ୍ଦିଷ୍ଟ ପୂର୍ଣ୍ଣତା ଲାଭ କରିବା ପାଇଁ ପିଲାମାନେ ନିଜର ପର୍ଯ୍ୟବେକ୍ଷଣ ଶକ୍ତିକୁ ତୀକ୍ଷ୍ଣ କରିବା ଆବଶ୍ୟକ । ପରିବେଶରେ ରହିଥିବା ବସ୍ତୁ ବା ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିଲା ବେଳେ ଏକ ଅନ୍ତରଙ୍ଗତା, ଏକାତ୍ମତା ଓ ରସଗ୍ରହୀଷ୍ଣୁତା ରହିଥିଲେ କଳାର ବିଭିନ୍ନ କ୍ଷେତ୍ରରେ ସୌନ୍ଦର୍ଯ୍ୟ ଫୁଟାଇ ପାରିବା ସହଜ ହୁଏ ।

ପିଲାମାନେ ଶୈଶବ ସମୟରେହିଁ ସୌନ୍ଦର୍ଯ୍ୟ ପାଇଁ ଯେମିତି ଏକ ଆବଶ୍ୟକତା ଅନୁଭବ କରିବେ ସେଥିପାଇଁ ମାତାପିତା ଓ ଶିକ୍ଷକମାନେ ଦୃଷ୍ଟିଦେବା ବିଧେୟ । ପିଲାମାନଙ୍କ ଦୃଷ୍ଟି ଆଗରେ ଯଦି ଆମେ ସୁନ୍ଦର ଓ କଳାତ୍ମକ ବସ୍ତୁ ଥୋଇବା, ବସ୍ତୁ ଓ ବ୍ୟକ୍ତିମାନଙ୍କ ସହ ଆମର ବ୍ୟବହାର ଯଦି ଉତ୍ତମ ଓ ଶ୍ରଦ୍ଧାଶୀଳ ହୋଇଥିବ, ଆମର ବିଚାର, ଆମର ସଂବେଗଗତ ଅଭିବ୍ୟକ୍ତି ତଥା ଆମର କାର୍ଯ୍ୟ ଯଦି ସୁନ୍ଦର ଓ ରୁଚିପୂର୍ଣ୍ଣ ହୋଇଥିବ, ତେବେ ତାହାର ପ୍ରଭାବ ନିଶ୍ଚିତ ଭାବେ ଶିଶୁମାନଙ୍କ ଉପରେ ପଡ଼ିବ । ସୌନ୍ଦର୍ଯ୍ୟର ପ୍ରୟୋଜନବୋଧ ସେମାନଙ୍କ ନୈତିକ ଅଭିବୃଦ୍ଧି ଘଟାଇବ ଏବଂ ସେମାନଙ୍କୁ ଯାବତୀୟ ମନ୍ଦ ଓ କୁତ୍ସିତତାରୁ ନିବୃତ୍ତ କରି ରଖିବ ।

ଜଣେ ବ୍ୟକ୍ତିର ଚରିତ୍ର ଯଦି ନିଷ୍କଳଙ୍କ ଓ ମହିମମୟ ହୋଇଥିବ, ଯଦି ତା' ଭିତରେ ସବୁକିଛି ସୌଷମ୍ୟଯୁକ୍ତ ହୋଇଥିବ, ଯଦି ସିଏ ଏକ ନିଃସ୍ୱାର୍ଥପର ଓ ପ୍ରେମପୂର୍ଣ୍ଣ ଜୀବନ ବଞ୍ଚୁଥିବ ତେବେ ତା'ର ଶରୀର ଉପରେ ମଧ୍ୟ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ଦେଖିବାକୁ ମିଳିପାରେ । ଏହା ଏକ ଭିନ୍ନ ପ୍ରକାରର ସୌନ୍ଦର୍ଯ୍ୟ । ସେଭଳି ବ୍ୟକ୍ତିଙ୍କ ଶରୀରରୁ ଜ୍ୟୋତିଃ, କୋମଳତା, ପବିତ୍ରତା ଓ ଶାନ୍ତିର ସ୍ପନ୍ଦନ ବିକିରିତ ହୋଇପାରେ । ଆମେ ଏଭଳି ଅନେକ ମହାପୁରୁଷ, ସନ୍ଥ ଓ ଅବତାରଙ୍କ ବିଷୟରେ ପଢ଼ିଛୁ ବା ଜାଣିଛୁ ଯେଉଁମାନଙ୍କ ମୁଖମଣ୍ଡଳରେ ଏକ ଦିବ୍ୟ ଆଭା ପ୍ରକଟିତ ହେଉଥାଏ, ଯେଉଁମାନଙ୍କ ସାନ୍ନିଧ୍ୟରେହିଁ ଶାନ୍ତି, ସୌନ୍ଦର୍ଯ୍ୟ ଓ ସୌଷମ୍ୟକୁ ସ୍ୱତଃ ଅନୁଭବ କରିହୁଏ । ସୁତରାଂ ଭାବନାର ସୌନ୍ଦର୍ଯ୍ୟ, ଚରିତ୍ରର ସୌନ୍ଦର୍ଯ୍ୟ, ଆତ୍ମାର ସୌନ୍ଦର୍ଯ୍ୟ, କର୍ମର ସୌନ୍ଦର୍ଯ୍ୟ – ଏହି କଥାଗୁଡ଼ିକ କେବଳ ବ୍ୟଞ୍ଜନାତ୍ମକ ବା କାବ୍ୟିକ ବର୍ଣ୍ଣନା ନୁହନ୍ତି । ଏସବୁକୁ ଆମେ ଦୈନନ୍ଦିନ ବାସ୍ତବ ଜୀବନରେ ଅନୁଭବ କରିପାରିବା । ଶ୍ରୀମା କହନ୍ତି – ''ତୁମେ ଏହି କଥାଟି ନିଶ୍ଚୟ ଦେଖିବାକୁ ପାଇଥିବ (ଅବଶ୍ୟ ଅତ୍ୟନ୍ତ ଅସ୍ପଷ୍ଟ ଭାବରେ) ଯେ ଯେଉଁମାନେ ଏକ ଅନ୍ତର୍ଗତ ଶାନ୍ତିର ଅନୁଭୂତି ସହିତ ବାସ କରନ୍ତି, ଏକ ଅନ୍ତର୍ଗତ ସୌନ୍ଦର୍ଯ୍ୟ, ଏକ ଆଲୋକ ଏବଂ ପରିପୂର୍ଣ୍ଣ ସଦିଚ୍ଛା ସହିତ ଜୀବନଯାପନ କରନ୍ତି, ସେମାନଙ୍କ ଶରୀର ଉପରେ ଏପରି ଏକ ଅଭିବ୍ୟକ୍ତି ଦେଖିବାକୁ ମିଳେ, ଯାହାକି ଯେଉଁ ବ୍ୟକ୍ତିମାନେ ନାନା ମନ୍ଦ ଭାବନା ଭିତରେ ରହିଥା'ନ୍ତି ଓ ଆପଣାର ନିମ୍ନ ପ୍ରକୃତିଟିର ଅନ୍ୟ ସମତଳଟିରେ ବାସ କରୁଥା'ନ୍ତି, ସେମାନଙ୍କ ଭିତରେ ଠିକ୍ ସେହିପରି ଅବିକଳ ଭାବରେ ଆଦୌ ଦେଖିବାକୁ ମିଳେ ନାହିଁ । ଯେତେବେଳେ ଜଣେ ମନୁଷ୍ୟ ତା'ର ସର୍ବୋତ୍ତମ ମହିମା ଓ ଗରିମାରେ ଆପଣାର ଜୀବନ ବଞ୍ଚୁଥାଏ, ଆପଣାର ପଶୁସ୍ତରୀୟ ନିମ୍ନ ସମତଳଟିଠାରୁ ଊର୍ଦ୍ଧ୍ୱରେ ରହିଥାଏ, ସେତେବେଳେ ସେ ଏପରି ଏକ ସମ୍ପଦ ଓ ଐଶ୍ୱର୍ଯ୍ୟର ପ୍ରତିଫଳନ କରିଥାଏ ଯାହାକି ସେ ପଶୁସୁଲଭତାର ଏକ ସ୍ଥିତିରେ ରହିଥିବା ସମୟରେ ଆଦୌ ପ୍ରତିଫଳିତ ହୋଇପାରେ ନାହିଁ ।''

(ମାତୃରଚନାବଳି, ୪ର୍ଥ ଖଣ୍ଡ, ପୃଷ୍ଠା. ୮୨)

ସୁତରାଂ ଆମେ ସର୍ବଦା ସୁନ୍ଦର ଓ ମହନୀୟ ଭାବନା ପୋଷଣ କରିବା ଉଚିତ । ଋଗ୍‌ବେଦରେ ଉଦାତ୍ତ ଭାବନାଗୁଡ଼ିକ ପାଇଁ ପ୍ରାର୍ଥନା କରାଯାଇଛି – ''ଆନୋ ଭଦ୍ରାଃ କ୍ରତବୋ ଯନ୍ତୁ ବିଶ୍ୱତଃ'' । ଅର୍ଥାତ୍, ''ଆମ ଚତୁର୍ଦ୍ଦିଗରୁ ଆମ ଆଡ଼କୁ ମହତ୍ ଭାବନା ଓ ସକାରାତ୍ମକ କଲ୍ୟାଣକାରୀ ପ୍ରଭାବସବୁ ଚାଲି ଆସନ୍ତୁ ।'' ହୃଦୟର ସଦିଚ୍ଛା ସୌନ୍ଦର୍ଯ୍ୟକୁ ଆବାହନ କରିଆଣେ ବୋଲି ଋଷିମାନେ ସର୍ବଜନଙ୍କର କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି –

''ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ...''

କୁହାଯାଏ, ମନୁଷ୍ୟ ନିଜ ଚେହେରାକୁ ବଦଳାଇ ପାରିବ ନାହିଁ, କେବଳ ନିଜ ହୃଦୟର ଭାବକୁ ଚେହେରାରେ ପ୍ରତିଫଳିତ କରି ନିଜକୁ ସୁନ୍ଦର କରିପାରିବ ।

(କ୍ରମଶଃ)

❑❑❑

ଯଥାର୍ଥ ମନୋଭାବ ନେଇ କର୍ମ କରିବାହିଁ ହେଉଛି ଧ୍ୟାନ ।

– ଶ୍ରୀମା

# ପାପଠୁଁ ବଳି ପାପ !

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ
### କାରିକା - ୫୦

"To hate the sinner is the worst sin, for it is hating God; yet he who commits it glories in his superior virtue."

(Thoughts and Aphorisms)

''ପାପୀକୁ ଘୃଣା କରିବା ସବୁଠୁଁ ବଡ଼ ପାପ; କାରଣ ତା'ର ଅର୍ଥ ଭଗବାନଙ୍କୁ ଘୃଣା କରିବା; ଅଥଚ ଯିଏ ଏ ପାପଟି କରେ, ସେ ନିଜକୁ ଉଚ୍ଚସ୍ତରର ନୀତିବାନ୍ ମନେ କରି ଗୌରାବାନ୍ୱିତ ବୋଧ କରେ ।''

*

ଅଜ୍ଞାନରୂପକ ତମସା ଭିତରଦେଇ ବାଟ ଚାଲିବାର ଚେଷ୍ଟା କରିଚାଲିଛି ମଣିଷ । କିଏ ବା ସେହି ଅନ୍ଧକାର ଭିତରେ ଦୁଇ ଚାରିଥର ଝୁଣ୍ଟି ପଡୁଛି, ଆଉ କିଏ ବା ଦଶ ବାର ଥର । କିଏ ବା ଦୁଇ ଚାରି ଥର ଅବାଟରେ ଯାଇ ବଣବୁଦା ଉପରେ ପଡ଼ିଯାଇ କ୍ଷତବିକ୍ଷତ ହୁଏ, ଅଥଚ ପ୍ରାଚୀର ଦେହରେ ଧକ୍କା ଖାଇ ଆହତ ହୋଇ ପୁଣି ବାଟକୁ ଫେରିଆସେ, ଆଉ କାହାରି କାହାରି କ୍ଷେତ୍ରରେ ବା ଏଭଳି ଅଭିଜ୍ଞତା ଶହେ ଥର ହୁଏ । ଅସଲ ସମସ୍ୟା ହେଲା ଅଜ୍ଞାନ । ସେ ଦୃଷ୍ଟିରୁ ଜଣେ ଅଜ୍ଞାନୀ ଆଉ ଜଣେ ଅଜ୍ଞାନୀର ଦୋଷ ଦର୍ଶାଇବା ଏକ ପ୍ରହସନ ଛଡ଼ା ଆଉ ବା କ'ଣ ହୋଇପାରେ ?

କିନ୍ତୁ ଶ୍ରୀଅରବିନ୍ଦ ଏଠାରେ ଆହୁରି ଏକ ମହତ୍ତର ସତ୍ୟ ସମ୍ପର୍କରେ ଆମକୁ ଚେତାଇ ଦେଉଛନ୍ତି । ଯେଉଁମାନେ ସତ୍ୟର ଅନୁସନ୍ଧାନୀ ଅଥବା ଯୋଗମାର୍ଗର ପଥିକ, ସେମାନେ ଭୁଲିଗଲେ ଚଳିବ ନାହିଁ ଯେ ପାପୀ ଭିତରେ ମଧ ଭଗବାନ୍ ବିଦ୍ୟମାନ । ପାପୀ ଯେଉଁ ପାପ କରୁଛି, ପରିଣାମରେ ସେ ଯେଉଁ କ୍ଲେଶ ଅନୁଭବ କରୁଛି – ତାହା ସମାଜ ପ୍ରଦତ୍ତ ଦଣ୍ଡଜନିତ କ୍ଲେଶ ହେଉ ବା ନିଜର ଗ୍ଲାନିବୋଧଜନିତ କ୍ଲେଶ ହେଉ – ତାହାରି ଭିତର ଦେଇ ତା'ର ବିକାଶ ସମ୍ଭବ ହେବ । ତାକୁ ଘୃଣା କରିବାର ଅଧିକାର ଆମର ନାହିଁ । ତାକୁ ଘୃଣା କରିବାର ଅର୍ଥ ଭଗବାନଙ୍କୁ ଘୃଣା କରିବା ଭଳି ଔଦ୍ଧତ୍ୟ ବା ମୂର୍ଖତାର ଦାସ ହେବା । ଭଗବାନଙ୍କୁ ଉପଲବ୍ଧି କରିବାର ଆକାଙ୍କ୍ଷା ପୋଷଣ କରୁଥିବା ବ୍ୟକ୍ତିବର୍ଗଙ୍କ ପ୍ରତିହିଁ ଶ୍ରୀଅରବିନ୍ଦଙ୍କର ଏହି ସମସ୍ତ କାରିକା ଉଦ୍ଦିଷ୍ଟ । ଯିଏ ଭଗବାନଙ୍କୁ ଉପଲବ୍ଧି କରିବାକୁ ଉଦ୍‌ଗ୍ରୀବ, ସିଏ ପୁଣି ଭଗବାନଙ୍କୁ ଘୃଣା କରିବ କିପରି ?

ତେବେ ପାପୀକୁ ଘୃଣା କରିବା ଭଳି ଭୁଲ୍ ଆମେ କରୁଁ କିପରି ? କାରିକାଟିର ଦ୍ୱିତୀୟାର୍ଦ୍ଧରେ ଶ୍ରୀଅରବିନ୍ଦ ତାହାର ହେତୁ ଦର୍ଶାଇ ଦେଇଛନ୍ତି । ସେ କହୁଛନ୍ତି, ଯିଏ ପାପୀକୁ ଘୃଣାକରେ ସିଏ ନିଜକୁ ଉଚ୍ଚସ୍ତରର ମଣିଷ ଭାବରେ ଦେଖେ; ନିଜକୁ ନୀତିବାନ୍ ମନେ କରେ । ଅର୍ଥାତ୍ ତା'ର ସେ ଘୃଣାଭାବ ଭିତରେ ପ୍ରଚ୍ଛନ୍ନ ରହିଥାଏ ନିଜର ଅହଂ ।

ତଥାକଥିତ ପାପୀମାନେ ସମାଜର ତଥା ସମୂହର ପାପକୁହିଁ ନିଜ ଆଚରଣ ମାଧ୍ୟମରେ ଅଭିବ୍ୟକ୍ତ କରିଥା'ନ୍ତି । ସମାଜ ସେମାନଙ୍କୁ ଉପହାସ କରି, ସେମାନଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଆତ୍ମଶ୍ଳାଘା ଅନୁଭବ କରେ । କିନ୍ତୁ ଜଣେ ପାପୀ ଦ୍ୱାରା ସଂଘଟିତ ପାପ ପ୍ରତି ବ୍ୟାପକ ସମାଜର ଅଦୃଶ୍ୟ ଅବଦାନ ରହିଥାଏ । ଗୋଟିଏ ସାଧାରଣ ଦୃଷ୍ଟାନ୍ତ ନିଅନ୍ତୁ । ଜଣେ ସରକାରୀ ଅଧିକାରୀ ଆୟ-ବହିର୍ଭୂତ ବିପୁଳ ସଂପତ୍ତି ଠୁଳ କରିବାର ଦେଖା ଯିବାରୁ ଦୁର୍ନୀତି ଅପରାଧରେ ଅଭିଯୁକ୍ତ ହେଲେ । କିନ୍ତୁ ସେ ବିପୁଳ ସମ୍ପତ୍ତି ଆସିଲା କାହୁଁ ? ଶହ ଶହ ବ୍ୟକ୍ତି ଭଦ୍ରଲୋକଙ୍କୁ ଉତ୍କୋଚ ଦେଇଛନ୍ତି । ସେହି ଶହ ଶହ ବ୍ୟକ୍ତି କିନ୍ତୁ ଦୋଷୀ ସାବ୍ୟସ୍ତ ହେବେ ନାହିଁ; ସେମାନେ ବି ଭଦ୍ରଲୋକଟି କଳବଲ ହେବାର ସଂବାଦ ପଢ଼ି ପ୍ରୀତ ହେବେ । ଅଥଚ ଟିକିଏ ଦୃଷ୍ଟିକୋଣ ବଦଳାଇ ଦେଖିଲେ ଆମେ ବୁଝିପାରିବା ଯେ ଉତ୍କୋଚ ଗ୍ରହଣକାରୀ ଏବଂ ଉତ୍କୋଚଦାତା ଭିତରେ ଉତ୍କୋଚଦାତାହିଁ ଅଧିକ ମାତ୍ରାରେ ଦୋଷୀ । ସେ ପ୍ରଲୁବ୍ଧ କରିଛି; ଧରା ପଡ଼ିଥିବା ବ୍ୟକ୍ତିଟି ପ୍ରଲୁବ୍ଧ ହୋଇଛି । ଦ୍ୱିତୀୟ ବ୍ୟକ୍ତିଟି ପ୍ରଥମ ବ୍ୟକ୍ତିର ଶିକାର । ଥୋପ ଗିଳି ସେ କଳବଲ ହେଲା ।

କାରିକାଟି ଉପରେ ଜଣେ ଶ୍ରୀମା'ଙ୍କୁ ପ୍ରଶ୍ନ କରିଛି : ସମାଜରେ ଯେଉଁସବୁ ଅପରାଧ ଘଟୁଛି, ଟିକିଏ ଆତ୍ମ-ବିଶ୍ଳେଷଣ କଲେ ଜଣାଯିବ ଆମେ ସମସ୍ତେ ସେଭଳି ଅପରାଧ ଘଟାଇବାକୁ ସକ୍ଷମ । ସମସ୍ତଙ୍କ ଭିତରେ ଊଣା ଅଧିକ ସେଭଳି ଅପରାଧ-ପ୍ରବଣତା ରହିଛି । ତଥାପି ଆମେ ଅପରାଧ ପ୍ରତି ବିରୂପ, ବିଦ୍ରୋହ ଭାବ ପୋଷଣ କରିଥାଉଁ । ଆମର ପ୍ରକୃତ ମନୋଭାବ କ'ଣ ହେବା ଉଚିତ ?

ଶ୍ରୀମା ବୁଝାଇଛନ୍ତି, ଏକଥା ଠିକ୍ ଯେ ସାମୂହିକ ମାନସିକ ଚେତନା ଭିତରେ ଥିବା ମଣିଷଟିଏ ଯାହାକିଛି ଘଟାଇପାରେ । ଭୀଷଣ, ଭୟଙ୍କର ପ୍ରଭାବର ଆନୁଗତ୍ୟ ସ୍ୱୀକାର କରି ସେ ଯେକୌଣସି ମନ୍ଦ କର୍ମ କରିପାରେ । ସେଭଳି ପ୍ରଭାବ କେମିତି ବାହାରୁ ଆସି ଆମକୁ ଆୟତ୍ତ କରିବାକୁ ସଚେଷ୍ଟ ହୁଅନ୍ତି, ସେକଥା ଜଣେ ସଜାଗ ଭାବରେ ଲକ୍ଷ୍ୟ କରି ପାରିବ । କିନ୍ତୁ ଜଣେ ଯଦି ନିଜ ଭିତରେ ଶୁଦ୍ଧତାର ଏବଂ ପ୍ରଗତିର 'ଅଗ୍ନି' ପ୍ରଜ୍ୱଳିତ କରି ରଖିପାରିବ, ତେବେ ସେ ଖାଲି ଯେ ସେଭଳି ପ୍ରଭାବରୁ ବର୍ତ୍ତି ରହିପାରିବ ସେତିକି ନୁହେଁ, ସେସବୁର ପ୍ରଭାବର ଉତ୍ସକୁ ରୂପାନ୍ତରିତ କରିପାରିବ ମଧ୍ୟ । ପାପ ବା ଅପରାଧ ପ୍ରତି ମଣିଷର ବିଦ୍ରୋହଭାବ ରହିବା ଆବଶ୍ୟକ — ତା'ହେଲେ ସେ ସେଭଳି ପ୍ରଭାବରୁ ଦୂରେଇ ରହିବ । ସମ୍ପୂର୍ଣ୍ଣ ରୂପାନ୍ତର ପର୍ଯ୍ୟନ୍ତ ଏଭଳି ବିଦ୍ରୋହଭାବ ରହିବା ସ୍ୱାଭାବିକ । ଏହା ଭୁଲ୍ କିନ୍ତୁ ଅନିବାର୍ଯ୍ୟ ।

ଏଭଳି ଏକ ଚେତନା କିନ୍ତୁ ରହିଛି ଯେଉଁ ସ୍ତରରୁ ଦେଖିଲେ ପାପ, ଅପରାଧ, ଏସବୁର ବାସ୍ତବ ଅସ୍ତିତ୍ୱ ନାହିଁ । ଅଜ୍ଞାନ ଭିତରୁ ଜ୍ଞାନଲୋକ ଦିଗରେ ଗତି ଚାଲିଛି । ଯାହା ଅନିବାର୍ଯ୍ୟ ତାହା ଘଟିଚାଲିଛି ।

ଉପସଂହାରରେ ଗୋଟାଏ ପୁରୁଣା କାହାଣୀ ସ୍ମରଣଯୋଗ୍ୟ । ସିଧାସଳଖ ନ ହେଲେ ବି ଏହା ପରୋକ୍ଷରେ ପ୍ରାସଙ୍ଗିକ । —

ବର୍ଷା ରାତି । ମଧ୍ୟେ ମଧ୍ୟେ ପୁରପଲ୍ଲୀ ଚମକାଇ ଦେଉଛି ବଜ୍ର ଓ ବିଜୁଳି ।

ସନ୍ଥ ଏବଂ ତାଙ୍କ ଚେଲାଙ୍କୁ କିନ୍ତୁ ନଦୀ ପାରି ହେବାକୁ ପଡ଼ିବ । ନଦୀ କୂଳରେ ରାଙ୍ଗୋଲି ନାମରେ ଗୋଟିଏ ସମୃଦ୍ଧ ଗାଁ । ଅଧିକାଂଶ ଲୋକଙ୍କର ନୌକା ଥାଏ । ଘର ଘର ଯାଇ ସନ୍ଥ ଏବଂ ଚେଲା ଗୃହସ୍ୱାମୀମାନଙ୍କୁ ଅନୁରୋଧ କଲେ, ''ଟିକିଏ ନଈ ପାରି କରାଇ ଦିଅନ୍ତୁ ।'' କିନ୍ତୁ ସେ ଦୁର୍ଯୋଗମୟ ରାତିରେ କେହି ସେମାନଙ୍କ ଅନୁରୋଧ ରକ୍ଷା କରିବାକୁ ଆଗଭର ହେଲେ ନାହିଁ ।

ଅବଶେଷରେ ଗାଁର ଶେଷ ପ୍ରାନ୍ତରେ ଗୋଟିଏ କୁଡ଼ିଆରୁ ବାହାରି ଆସି ଯୁବକଟିଏ କହିଲା, ''ଆଜ୍ଞା, ମୁଁ ଏ ଗାଁକୁ ଅଳ୍ପଦିନ ହେଲା ଆସି ଘର କରି ରହିଛି । ମୋର ଡଙ୍ଗା ନାହିଁ । ତେବେ ନଈର କେଉଁ ଅଞ୍ଚଳରେ ପାଣି ଅଗଭୀର, ସେକଥା ମୁଁ ଜାଣେ । ଆପଣଙ୍କର ଆପତ୍ତି ନ ଥିଲେ ଜଣ ଜଣ କରି ମୁଁ ଦୁହିଁଙ୍କୁ କାନ୍ଧରେ ବସାଇ ସେ ପାଖରେ ଛାଡ଼ିଦେବି ।''

ସନ୍ଥ ରାଜି ହେଲେ । ମନୋହର ନାମକ ସେ ଯୁବକ ପ୍ରଥମେ ଚେଲାକୁ ଓ ତା'ପରେ ସନ୍ଥଙ୍କୁ କାନ୍ଧରେ ବସାଇ ସେପାରିରେ ଛାଡ଼ିଲା । ସନ୍ଥ ତା' କାନ୍ଧରୁ ଓହ୍ଲାଇ ପଡ଼ିବା ସଙ୍ଗେ ସଙ୍ଗେ ସେ ଯେମିତି ନିଜକୁ ନିଜେ କହିଲା, ''ଆଶ୍ଚର୍ଯ୍ୟ !''

''ଆଶ୍ଚର୍ଯ୍ୟ କ'ଣ ?'' କୌତୂହଳୀ ହୋଇ ପଚାରିଲା ଚେଲା ।

''ଆଜିକୁ ଅନେକଦିନ ହେଲା ମୁଁ ଅନୁଭବ କରୁଥାଏଁ ଯେମିତି ମୋ ମୁଣ୍ଡ ଉପରେ ଥୁଆ ହୋଇଛି ଗୋଟାଏ ଅଦୃଶ୍ୟ ବୋଝ । କିନ୍ତୁ ଯେତେବେଳେ ସନ୍ଥ ମହାତ୍ମାଙ୍କୁ କାନ୍ଧରେ ବସାଇଲି, ସେ ବୋଝ ହଠାତ୍ ଯେମିତି ଅପସରି ଗଲା, କିନ୍ତୁ ସନ୍ଥ ଓହ୍ଲାଇ ଯିବା ମାତ୍ରେ ପୁଣି ତାହା ଫେରିଆସିଲା,'' ମନୋହର କହିଲା ।

ସନ୍ଥ ଶୁଣିଲେ, କିନ୍ତୁ କିଛି କହିଲେ ନାହିଁ । ଦୁହେଁ ଯାଇ ସେମାନଙ୍କ ଗନ୍ତବ୍ୟସ୍ଥଳ ଜମିଦାରଙ୍କ ଘରେ ପହଞ୍ଚିଲେ । ପରଦିନ ସକାଳେ ଜମିଦାର ସବୁ ଶୁଣି ମନୋହର ଉପରେ ଏତେ ଖୁସୀ ହେଲେ ଯେ ସେ ଚେଲାକୁ ଶହେଟି ସ୍ୱର୍ଣ୍ଣମୁଦ୍ରା ଦେଇ କହିଲେ, ''ରାଙ୍ଗୋଲି ଗାଁରେ ମୋ ଗୁମାସ୍ତା ଅଛି । ତାକୁ ସାଥିରେ ନେଇ ମନୋହରକୁ ଭେଟି ଏ ପୁରସ୍କାର ଦେଇଆସ ।''

ଯିବା ପୂର୍ବରୁ ଚେଲା ସନ୍ଥଙ୍କୁ ପଚାରିଲା, ''ଆଜ୍ଞା, ମନୋହରର ସେ ଆଶ୍ଚର୍ଯ୍ୟଜନକ ଅଭିଜ୍ଞତାର ଅର୍ଥ କ'ଣ ?''

''ଲୋକଟି ଅନେକ ପାପ କରିଛି । ବର୍ତ୍ତମାନ ସେ ଅନୁତପ୍ତ ହେଲେ ବି ସେ ପାପର ବୋଝ ସର୍ବଦା ତାକୁ ମାଡ଼ି ବସିଛି । ତେବେ ସେ ମୋତେ କାନ୍ଧରେ ବସାଇ ଥିବାବେଳେ ସେ ପାପଭାର ତା' ମୁଣ୍ଡରୁ ଓହ୍ଲାଇ ଯାଇଥିଲା ।'' — ସନ୍ଥ ବୁଝାଇଦେଲେ ।

ଏ ଘଟଣାର ଦଶବର୍ଷ ପରେ ପୁଣି ସନ୍ଥ ଓ ଚେଲା ରାଙ୍ଗୋଲି ଗାଁରେ ପଦାର୍ପଣ କଲେ । ଆଜି ଅବଶ୍ୟ ସେମାନଙ୍କୁ

ନେଇଯିବା ପାଇଁ ଜମିଦାରଙ୍କ ନୌକା ଅପେକ୍ଷା କରିଥିଲା । ତେବେ, ଦୁହେଁ ମନୋହର କିପରି ଅଛି ଜାଣିବାକୁ ଇଚ୍ଛା କରି ଜଣେ ଗ୍ରାମବାସୀକୁ ତା' ବିଷୟରେ ପଚାରନ୍ତେ ସେ କହିଲା, ''କେଉଁ ମନୋହର କଥା କହୁଛନ୍ତି – ବେପାରୀ ମନୋହର, ପାଲାବାଲା ମନୋହର ନା ପାପୀ ମନୋହର ?''

ଏହା ପରେ ଆହୁରି ଦୁଇ ଚାରି ଜଣ କହିଲେ, ''ଓଃ, ପାପୀ ମନୋହର ଘରକୁ ବାଟ ଖୋଜୁଛନ୍ତି ? ସେଇ – ସେ ରାସ୍ତାରେ ଯାଆନ୍ତୁ ।''

ଅବଶେଷରେ ମନୋହର ସହ ଦୁହିଁଙ୍କର ଭେଟ ହେଲା । ସେ ସନ୍ଥଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିସାରି କରଯୋଡ଼ କରି ଠିଆ ହୁଅନ୍ତେ ସନ୍ଥ ମୃଦୁ ହସି ପଚାରିଲେ, ''ସେ ଓଜନରୁ ମୁକ୍ତି ପାଇଚଟି ?''

''ଆଜ୍ଞା ହଁ । ନିଶ୍ଚୟ ଆପଣଙ୍କ ଆଶୀର୍ବାଦ ଯୋଗୁଁ ଧୀରେ ଧୀରେ ଉଶ୍ୱାସ ହୋଇ କ୍ରମେ ତାହା ପୂରା ଉଭେଇ ଗଲା ।'' – କହିଲା ମନୋହର ।

ସ୍ୱଗତୋକ୍ତି କଲା ଭଳି ସନ୍ଥ କହିଲେ, ''ମୋର ଏଇ ଚେଲାଟି ଯୋଗୁଁ ।'' ମନୋହର ସିନା ଏ ଟିପ୍ପଣୀ ଶୁଣିପାରିଲା ନାହିଁ, ଚେଲା କିନ୍ତୁ ଶୁଣିଦେଲା । ଦୁହେଁ ନୌକା ଚଢ଼ିବା ଉତ୍ତାରୁ ଚେଲା ପଚାରିଲା, ''ଗୁରୁଦେବ ! ମୋ ଯୋଗୁଁ ତା' ମୁଣ୍ଡ ଉପରର ଓଜନ ଉଭେଇଗଲା ବୋଲି କହିବାର ତାତ୍ପର୍ଯ୍ୟ ?''

''ତା'ର ସେ ପାପଭାର ରାଙ୍ଗୋଲି ଗାଁର ସବୁଲୋକ ଭାଗ କରିନେଲେ । ତୋ' ଭାଗରେ ବି ଟିକିଏ ପଡ଼ିଛି ।'' – ଗୁରୁ କହିଲେ ।

''ଆଜ୍ଞା ?''

''ସେଦିନ ମୋଠୁଁ ତା' ଓଜନର ଅର୍ଥ ଜାଣିବା ପରେ ତୁ ନିଶ୍ଚୟ ଏ ଗାଁକୁ ଆସି ଗୁମାସ୍ତାଙ୍କୁ ସେକଥା କହିଛୁ ! ସେ ଅନ୍ୟମାନଙ୍କୁ କହିଛି । କ୍ରମେ ସମସ୍ତେ ତାକୁ ପାପୀ ମନୋହର ବୋଲି କହିବାକୁ ଆରମ୍ଭ କରିଛନ୍ତି । ବାପା ! ଅତିଭୌତିକ ଜଗତର ନିୟମ କାନୁନ ବିଚିତ୍ର । ପାପୀକୁ ଯେତେ ଲୋକ ଘୃଣାବ୍ୟଞ୍ଜକ ଆଖିରେ ଦେଖନ୍ତି, ଯେତେ ଲୋକ ତାକୁ ପାପୀ କହିବା ଭିତରେ ନିଜେ ପାପୀ ନ ହୋଇଥିବା ଯୋଗୁଁ ଅଚେତନ ଭାବରେ ଟିକିଏ ଗର୍ବ ଅନୁଭବ କରି ନିଅନ୍ତି, ସେତେ ଲୋକଙ୍କ ପାଖକୁ ସେ ପାପୀର ପାପଭାରରୁ ଟିକିଏ ଟିକିଏ ଖସି ଚାଲିଯାଏ ।''

''ଆଶ୍ଚର୍ଯ୍ୟ !'' ମନ୍ତବ୍ୟ ଦେଲା ଚେଲା ।

['ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକରୁ ସଂଗୃହୀତ, ପୃଷ୍ଠା : ୧୦୬ - ୧୦୯] ❑

---

ଭଗବାନଙ୍କ ନିକଟରେ କର୍ମକୁ ଉତ୍ସର୍ଗ କରିବା ଉଚିତ ଏବଂ ଏହାକୁ ସାଧନାର ଅଙ୍ଗ ଭାବରେ ଗ୍ରହଣ କରିବା ଉଚିତ । ସେପରି ମନୋଭାବ ନେଇ କର୍ମ କରିଲେ କି ପ୍ରକାର କର୍ମ କରୁଛ ତାହା ଆଉ ଗୁରୁତ୍ୱପୂର୍ଣ୍ଣ ହୋଇ ରହେ ନାହିଁ, ବରଂ କିଭଳି ଭାବରେ କରୁଛ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଉଠେ, ତୁମେ ଯେକୌଣସି କର୍ମ କରିପାର; କିନ୍ତୁ ଅନ୍ତରସ୍ଥ ଦିବ୍ୟ ଉପସ୍ଥିତି ସହିତ ସର୍ବଦା ସଂପର୍କ ରଖି କରିବ ।

କବିତା ଲେଖିବା, ଚିତ୍ର ଆଙ୍କିବା ଓ ସଙ୍ଗୀତ-ସାଧନା କରିବାଠାରୁ କାଠମିସ୍ତ୍ରୀ କାମ କରିବା ବା ରୁଟି ସେକିବା ବା ଘରେ ଝାଡ଼ୁଦେବା ପର୍ଯ୍ୟନ୍ତ ଭଗବାନଙ୍କ ପାଇଁ କରାଯାଉଥିବା ସମସ୍ତ କର୍ମ ବାହ୍ୟଭାବରେ, ଟିକିନିଖି ଭାବରେ ସଂପୂର୍ଣ୍ଣ ପ୍ରମାଦଶୂନ୍ୟ ହେବା ଆବଶ୍ୟକ ଏବଂ ତାହା ପ୍ରତି ଯଥାର୍ଥ ମନୋଭାବ ମଧ୍ୟ ରହିବା ଆବଶ୍ୟକ । ସେତେବେଳେ ଯାଇ ଏପରି କର୍ମ ଭଗବାନଙ୍କୁ ଉତ୍ସର୍ଗ କରିବା ଲାଗି ଉପଯୁକ୍ତ ହୋଇଥାଏ ।

– ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୪୬)

### ଅନ୍ତରାଳରୁ 'ବିଶ୍ୱଯୁଦ୍ଧ'ର ପରିଚାଳନା (ଚ) :

ଉଦାରଙ୍କର ସ୍ମୃତିକଥାରୁ ଉଦ୍ଧୃତି : ''ଏହା ସେହି ସମୟ-କାଳର କଥା ଯେତେବେଳେ (୧୯୪୦ ମସିହା ୧୫ ଅଗଷ୍ଟରୁ ୧୫ ସେପ୍‌ଟେମ୍ବର ମଧ୍ୟରେ) ହିଟ୍‌ଲର ଇଂଲଣ୍ଡକୁ ଆକ୍ରମଣ କରି ତାକୁ ବିଧ୍ୱସ୍ତ ଅବସ୍ଥାରେ ପକାଇ ଦେଇ ମଧ୍ୟ ପରାଜୟ ସ୍ୱୀକାର କରିଥିଲା; ଯାହାକୁ ଯୁଦ୍ଧର ଏକ ସନ୍ଧିକ୍ଷଣ ବୋଲି କୁହାଯାଉଥିଲା (as the turning point in the Battle of Britain)। ଏହାର ଠିକ୍ ପରେ ପରେ ହିଟ୍‌ଲର ତା'ର ବିଶାଳ ସେନାବାହିନୀ ସହିତ ପୁନର୍ବାର ଇଂଲଣ୍ଡ ଆକ୍ରମଣ କରିବାକୁ ସିଦ୍ଧାନ୍ତ ନେଇ ପ୍ରସ୍ତୁତ ହେଉଥିଲା। ... ୧୯୪୧ ଏପ୍ରିଲ-ମେ ମାସର କଥା, ମୁଁ ଦିନେ ଯଥାରୀତି ଶ୍ରୀମା'ଙ୍କୁ ସାକ୍ଷାତ୍ କରିବାକୁ ଯାଇଛି। ସେ ମୋତେ ଦେଖି କହିଲେ ଯେ ଗତ ରାତିରେ ସେଇ ଦାନବଟି (ହିଟ୍‌ଲରକୁ ବଶୀଭୂତ କରିଥିବା 'ମିଥ୍ୟାଚାରର ପ୍ରଭୁ') ମୋ ପାଖକୁ ଆସିଥିଲା ଏବଂ ଆସ୍ଫାଳନ କରି କହିଲା – 'ମୁଁ ଏଥର ଇଂଲଣ୍ଡକୁ ମୋ ପାଦତଳେ ପେଷଣ କରି ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେବି।' ମୁଁ ତାକୁ କହିଲି, 'ତୁ ଏଥର ଦେଖିବୁ, ଆମ ଉପରେ ପ୍ରୟୋଗ କରିଥିବା ତୋର ଫିକରକୁ ମୁଁ ସମାନ ଧାରାରେ ତୋ ଉପରେ ଖଟାଇବି; ମୁଁ ତୋ ନିଜସ୍ୱ ମାଧ୍ୟମମାନଙ୍କୁ ବିନିଯୋଗ କରି ସେମାନଙ୍କୁ ପରସ୍ପରଙ୍କ ବିରୋଧରେ ସଂଘର୍ଷ ଘଟାଇ ସମୂଳେ ଧ୍ୱଂସ କରିଦେବି।' ତା'ପରେ ଦିନେ ଶ୍ରୀମା ମୋତେ ବୁଝାଇ କହିଥିଲେ ଯେ ସେ କିପରି ନିଜକୁ 'ରାଷ୍ଟ୍ରସବୁର ପ୍ରଭୁ' ବୋଲାଉଥିବା ରାକ୍ଷସର ଅବିକଳ ରୂପ ଓ କଣ୍ଠସ୍ୱରରେ ହିଟ୍‌ଲରକୁ ଯାଇ ସାକ୍ଷାତ୍ କଲେ ଏବଂ ଏହି ମର୍ମରେ ତାକୁ କହିଥିଲେ – ଏଇ ମୁହୂର୍ତ୍ତରେ ରୁଷିଆ ପକ୍ଷରୁ ତୋ' ଉପରେ ଅଧିକ ବିପଦ ଆସନ୍ନ ଯାହାକି ତୋତେ ତୋ' ପଛରେ ଛୁରା ଭୁସିବା ସଦୃଶ ! ତୁ ଏବେ ମଧ୍ୟ ଇଂଲଣ୍ଡକୁ ଆକ୍ରମଣ କରିବାରେ ଦୃଢ଼ ଭାବରେ ପରିକଳ୍ପନା ଚଳାଇଛୁ ! ପ୍ରଥମେ ରୁଷିଆ ସମ୍ବନ୍ଧେ ସତର୍କତା ଅବଲମ୍ବନ କର; ଇଂଲଣ୍ଡକୁ ପରାଜୟ କରି ହାତମୁଠାରେ ଆଣିବା ତ ତୋ' ପକ୍ଷରେ ଅତି ସହଜ ବ୍ୟାପାର ! ଏଇ ମୁହୂର୍ତ୍ତରେ ରୁଷିଆ ହେଉଛି ପ୍ରଧାନ ସମସ୍ୟା। ତେଣୁ ଅନ୍ୟ କିଛି କଥା ମୁଣ୍ଡରେ ନ ପୂରାଇ ତୁରନ୍ତ ରୁଷିଆକୁ ଆକ୍ରମଣ କରି ତାକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେ।' – ଏହାପରେ ହିଟ୍‌ଲର ତା'ର ସମସ୍ତ ଶକ୍ତି ଖଟାଇ ଅଚାନକ ରୁଷିଆକୁ ଆକ୍ରମଣ କରିଥିଲା ଏବଂ ପରିଶେଷରେ ନିଜକୁହିଁ ଧ୍ୱଂସ କରି ଦେଇଥିଲା। – ଏହି ଘଟଣା କଥା ଅଧିକାଂଶଙ୍କୁ ଜଣା ଅଛି। ମୁଁ ଏଠାରେ ଏହି ଘଟଣାକୁ ବର୍ଣ୍ଣନା କରିବା ସମ୍ବନ୍ଧେ ଅଧିକ ଗୁରୁତ୍ୱ ଦେଉଛି ଏଇଥି ସକାଶେ ଯେ ଶ୍ରୀମା ଯଥାର୍ଥରେ ଏହି ଘଟଣା ଘଟାଇବା ପୂର୍ବରୁହିଁ ସେ ମୋତେ ତାଙ୍କର ଅଭିପ୍ରାୟ ସମ୍ବନ୍ଧେ ସୂଚନା ଦେଇଥିଲେ।''

ଶ୍ରୀମା ୫ ନଭେମ୍ବର, ୧୯୬୧ ମସିହାରେ ଜନୈକ ସାଧକଙ୍କୁ କଥାଛଳରେ ଏହି ମର୍ମରେ କହିଥିଲେ : ''... ମୁଁ ତୁମକୁ ଏକ ଅବିଶ୍ୱାସ୍ୟ ଗଳ୍ପ କହିବି ! ... ଯେଉଁ ସତ୍ତାଟି ସାଧାରଣତଃ ହିଟ୍‌ଲର ସାମନାରେ 'ରାଷ୍ଟ୍ରସବୁର ପ୍ରଭୁ' ରୂପରେ ଉଭା ହୋଇ ତାକୁ ତା'ର ପ୍ରତ୍ୟେକଟି କର୍ମସୂଚୀ ସମ୍ବନ୍ଧରେ ବତାଇ ଦେଉଥିଲା, ମୁଁ ଥରେ ଅବିକଳ ତାହାରି ରୂପ ନେଲି। ଏବଂ ମୁଁ ଜାଣିଥିଲି ଦୁହେଁ ପୁଣି କେବେ ପରସ୍ପରକୁ ଭେଟିବେ। (କାରଣ ମୋଟ ଉପରେ କହିବାକୁ ଗଲେ ଅସୁର-ସତ୍ତାଟି ତ ମୋର ସନ୍ତାନ !* ଏହି ରହସ୍ୟଟି ହେଉଛି ଏ କ୍ଷେତ୍ରରେ ସବୁଠାରୁ ଆମୋଦପ୍ରଦ କଥା।) ତେଣୁ ସେହି ନିର୍ଦ୍ଦିଷ୍ଟ ଦିନ ହିଟ୍‌ଲରର ପ୍ରଭୁର ଅବିକଳ ରୂପ ନେଇ ମୁଁ ତା' ସାମନାରେ ନିର୍ଦ୍ଦିଷ୍ଟ ମୁହୂର୍ତ୍ତର ଅବ୍ୟବହିତ ପୂର୍ବରୁହିଁ ଉଭା ହେଲି। ଏବଂ ତାକୁ ପରାମର୍ଶ ଦେଲି ପ୍ରଥମେ ରୁଷିଆକୁ ଆକ୍ରମଣ କର (ସେ

* "Mother's Agenda" : 28 July, 1961 conversation and also Huta's "Meditations on Savitri" and MCW, Vol. 3, 'On Creations' ଦ୍ରଷ୍ଟବ୍ୟ।

ଦିନ ଥିଲା ୨୦ ଜୁନ୍, ୧୯୪୧) । ଆଉ ଏହାର ଠିକ୍ ଦୁଇ ଦିନ ପରେ ହିଁ ସେ ରୁଷିଆକୁ ଆକ୍ରମଣ କରିଥିଲା । ମୋର ଏହି ସାକ୍ଷାତ୍କାର ପରେ ହିଟ୍‌ଲରର କକ୍ଷରୁ ବାହାରି ଆସିବା ସମୟରେ ରାସ୍ତାରେ ତା'ର ଅସଲ ଅସୁରଟି ମୋତେ ଭେଟିଲା । କାରଣ ସେ ତା'ର ପୂର୍ବସ୍ଥିରୀକୃତ ମୁହୂର୍ତ୍ତରେ ହିଟ୍‌ଲରକୁ ଭେଟିବାକୁ ଆସୁଥିଲା । ମୋତେ ରାସ୍ତାରେ ଦେଖି କ୍ରୋଧାନ୍ଧ ହୋଇ ଗର୍ଜିଉଠି ପଚାରିଲା, 'ତୁମେ କାହିଁକି ଏମିତି କଲ !' — ମୁଁ କହିଲି, 'ଏଥିରେ ତୋର ମୁଣ୍ଡ ଖେଳାଇବା ଦରକାର ନାହିଁ । ମୋର ଯାହା କରିବାର ଥିଲା, ତା' ମୁଁ କରିଛି ।' — ସେ ଗରଗର ହୋଇ କହିଲା, 'ହଉ, ତୁମେ ଦେଖିବ ! ମୁଁ ଜାଣେ, **ନିଶ୍ଚିତ ରୂପେ ଜାଣେ** ଯେ ଦିନେ ନା ଦିନେ ତୁମେ ମୋତେ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେବ; କିନ୍ତୁ ମୁଁ ଧ୍ୱଂସ ହୋଇଯିବା ପୂର୍ବରୁ (ପ୍ରତିହିଂସା ପରାୟଣ କଣ୍ଠରେ) ମୋର ପାରୁପର୍ଯ୍ୟନ୍ତ ନାରଖାର ଘଟାଇବି, ଏ ସମ୍ବନ୍ଧରେ ତୁମେ ନିଶ୍ଚିତ ରହିଥିବ ।'

''ମୁଁ ମୋର ରାତ୍ରିକାଳୀନ ନିଗୂଢ଼ କ୍ରିୟାକଳାପରୁ ଫେରିବା ପରେ ଶ୍ରୀଅରବିନ୍ଦଙ୍କୁ ସମସ୍ତ ବୃତ୍ତାନ୍ତ କହୁଥିଲି ।

''ମଣିଷର କି ଅବସ୍ଥା ! ... ଅନ୍ତରାଳରେ କ'ଣସବୁ ଯେ ଘଟିଚାଲିଛି ସେ ସମ୍ବନ୍ଧରେ ମଣିଷ ସମ୍ପୂର୍ଣ୍ଣ ଅଜ୍ଞ, ବିନ୍ଦୁ ମାତ୍ର ବି ଜାଣେ ନାହିଁ । କିନ୍ତୁ ଏହିସବୁ ଘଟଣା କି ଅଦ୍ଭୁତ ! କେବେ କେବେ କତିପୟ ବ୍ୟକ୍ତି ଏ ସମ୍ବନ୍ଧେ ଅଳ୍ପ ଅଳ୍ପ ସଚେତନ ହୋଇ ଉଠିଥା'ନ୍ତି ! ...''

ଏଡ଼ିନ୍‌ବର୍ଗର ଆସାର୍ ହଲ୍‌ରେ ଚର୍ଚ୍ଚିଲ ୧୨ ଅକ୍‌ଟୋବର, ୧୯୪୨ରେ ପ୍ରଦତ୍ତ ତାଙ୍କର ଭାଷଣରେ ବ୍ୟକ୍ତ କରିଥିଲେ ଯେ ରୁଷିଆକୁ ଆକ୍ରମଣ କରିବାର ସିଦ୍ଧାନ୍ତ କେବଳ ହିଟ୍‌ଲରର ଥିଲା । ... ଏବଂ ସ୍ୱୟଂ ହିଟ୍‌ଲର ଏ ଯୁଦ୍ଧର ପରିଚାଳନା କରିବେ । ଜର୍ମାନ୍ ଆର୍ମିର ଜେନେରାଲବୃନ୍ଦ ତାଙ୍କର ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବାରେ ସହାୟକ ମାତ୍ର ହୋଇ ରହିବେ । ... ସେମାନେ କେବଳ ଏହି ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ପର୍ଯ୍ୟନ୍ତ ହିଟ୍‌ଲରର ପାର୍ଶ୍ୱଗ ସ୍ୱରୂପ ଗୁପ୍ତ ମନ୍ତ୍ରଣାଦାତା ଥିଲେ । ସେମାନେ ମଧ୍ୟ ତା'ର ଉପରୋକ୍ତ ସିଦ୍ଧାନ୍ତରେ କିୟତ୍ ପରିମାଣରେ ପରିବର୍ତ୍ତନ ଆଣିବାରେ ପାଟି ବି ଫିଟାଇ ପାରିଲେ ନାହିଁ ।

୧୯୪୧ ମସିହା, ଜୁନ୍ ୨୨ ତାରିଖ; ଭୋର ସାଢ଼େ ତିନିଟା — ଏକାଦିକ୍ରମେ ୧୫୦୦ ମାଇଲ ବ୍ୟାପୀ ଯୁଦ୍ଧକ୍ଷେତ୍ରରୁ ହିଟ୍‌ଲରର ଆକ୍ରମଣାତ୍ମକ ସେନାବାହିନୀ ଅତର୍କିତ ଭାବରେ ରୁଷିଆ ଉପରେ ପ୍ରବଳ ଆକ୍ରମଣ କଲେ — 'ଅପରେସନ୍ ବାର୍‌ବାରୋସା'ର ଅୟମାରମ୍ଭ ହେଲା । ନୃଶଂସ ଆକ୍ରମଣାତ୍ମକ ଜର୍ମାନ୍‌ବାହିନୀ କେବଳ ଦୂରରୁହିଁ ମସ୍କୋ ଅବଲୋକନ କରିଥିଲେ । ଷ୍ଟାଲିନ୍‌ଗ୍ରାଡ୍ ହୋଇଉଠିଲା ଜର୍ମାନ୍ ସୈନ୍ୟମାନଙ୍କର ସ୍ତୂପୀକୃତ କବର ('Stalingrad Massengrab'); — 'ଜେନେରାଲ ଉଇଣ୍ଟାର୍'ଙ୍କ ବିରୋଧରେ ଔଦ୍ଧତ୍ୟପରାୟଣ କେହି ନିର୍ବୋଧ ବ୍ୟକ୍ତି ମଧ୍ୟ ଏମିତି ଆକ୍ରମଣ ଘଟାଇ ନଥା'ନ୍ତା ! ଫଳତଃ ପୁଣି ଥରେ ଦୁଇ ପଟର ଯୁଦ୍ଧକ୍ଷେତ୍ରରୁ ଆକ୍ରମଣ କରି ଜର୍ମାନୀର ପରାଜୟ ଘଟିଥିଲା ।

୨୮ ଫେବ୍ରୁଆରୀ, ୧୯୪୨ ବେଳକୁ ସର୍ବମୋଟ ଏକ ମିଲିଅନ୍ ପଚାଶ ହଜାର ଛ'ଶହ (୧୦,୫୦,୬୦୦) ଜର୍ମାନ୍ ସୈନ୍ୟମାନଙ୍କର ବିନାଶ ଘଟିଥିଲା । ଏଥିରେ ପ୍ରତିଶତ ୩୬ କିମ୍ବା ୩୧ ସଂଖ୍ୟକ ଆକ୍ରମଣାତ୍ମକ ସୈନ୍ୟମାନେ ଅନ୍ତର୍ଭୁକ୍ତ ଥିଲେ, — ଇଟାଲିଆନ୍ ଫୋର୍ସର ପ୍ରଚୁର ବିନାଶ କଥା ଉଲ୍ଲେଖ ନ କରିବା ସତ୍ତ୍ୱେ ।

ଉପରୋକ୍ତ 'ଅପରେସନ୍' ଆରମ୍ଭ ହେବା ଦିନହିଁ ଚର୍ଚ୍ଚିଲ୍‌ଙ୍କ ସମ୍ପ୍ରସାରିତ ବେତାର ଅଭିଭାଷଣରେ ସେ ଏହି ମର୍ମରେ ଉଲ୍ଲେଖ କରିଥିଲେ : ''ଜର୍ମାନୀର ଆଜିର ଆକ୍ରମଣଟି ହେଉଛି 'ଯୁଦ୍ଧର ଚତୁର୍ଥ ସନ୍ଧିକ୍ଷଣ' ('The Fourth Climacteric') ।* ବୋଲି ସୂଚାଇ ଥିଲେ । ... ଆଜି ସକାଳେ ଜର୍ମାନ୍ ଏକ ଅନ୍ତିମ ଚେତାବନୀ ବିନା ଅତର୍କିତ

* ଏହି ଦିନର ଭାଷଣରେ ଚର୍ଚ୍ଚିଲ କହିଥିଲେ : ''ପ୍ରଥମ ସନ୍ଧିକ୍ଷଣଟି ଥିଲା 'ଫ୍ରାନ୍ସର ପତନ'; ଦ୍ୱିତୀୟଟି 'ବ୍ରିଟେନ୍‌ର ଯୁଦ୍ଧ'; ତୃତୀୟ ସନ୍ଧିକ୍ଷଣଟି ଥିଲା ଏତାବତ୍ ନିରପେକ୍ଷ ଥିବା U.S.A., ଇଂଲଣ୍ଡକୁ ଯୁଦ୍ଧରେ ଅର୍ଥ ଏବଂ ଯୁଦ୍ଧ ସରଞ୍ଜାମ ଯୋଗାଇବା ନିମିତ୍ତ ପ୍ରତିଶ୍ରୁତି ଦେବା (ଏବଂ ପରେ ପରେ 'ମିତ୍ର ଶକ୍ତି'ର ଅନ୍ତର୍ଭୁକ୍ତ ହୋଇଉଠିବା) ଏବଂ ପରିଶେଷରେ ଚତୁର୍ଥଟି (୨୨ ଜୁନ୍, ୧୯୪୧) ସକାଳେ ରୁଷିଆ ବିରୋଧରେ ଆରମ୍ଭ ହୋଇଥିବା ହିଟ୍‌ଲରର ଅଚାନକ ଆକ୍ରମଣ । ... ପୁନଶ୍ଚ ଏହି ଭାଷଣରେ ସେ ଏହି ମର୍ମରେ ଘୋଷଣା କରିଥିଲେ ଯେ ମୁଁ ଇତିପୂର୍ବରୁ ରୁଷିଆର କମ୍ୟୁନିଜିମ୍‌କୁ ପ୍ରଭୂତ ମାତ୍ରାରେ ନିନ୍ଦାସୂଚକ ସମାଲୋଚନା କରିଆସିଥିବା ସତ୍ତ୍ୱେ ଆଜି, ଏଇ ମୁହୂର୍ତ୍ତରୁ ମୁଁ ଦୃଢ଼ତାର ସହିତ ଘୋଷଣା କରୁଛି ଯେ ଆମେ ନିଶ୍ଚିତ ରୂପେ ରୁଷିଆ ସପକ୍ଷରେ ଯୁଦ୍ଧରେ ପ୍ରବୃତ୍ତ ହେବୁ । ...''

ଭାବରେ ରୁଷିଆର ବିଭିନ୍ନ ସହରରେ ଆକାଶରୁ ପ୍ରବଳ ଭାବରେ ବୋମାର ବର୍ଷା ଘଟାଇଲା । ଜର୍ମାନ୍ ସୈନ୍ୟବାହିନୀ (ଇତିପୂର୍ବରୁ ଦୁଇ ରାଷ୍ଟ୍ର ମଧ୍ୟରେ ହୋଇଥିବା) ଚୁକ୍ତି ଲଂଘନ କରି ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପ୍ରବଳ ଭାବରେ ଆକ୍ରମଣ କରିଛି । ଏଇ ମୁହୂର୍ତ୍ତରେ ଗତରାତ୍ରିର ପୂର୍ବ ମୁହୂର୍ତ୍ତ ପର୍ଯ୍ୟନ୍ତ ରୁଷିଆସ୍ଥିତ ଜର୍ମାନ୍ ରାଷ୍ଟ୍ରଦୂତ ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ପ୍ରଭୂତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଓ ଆତ୍ମ-ବିଶ୍ୱାସରେ ବେଶ୍ ତୃପ୍ତିଭରେ ବିଶ୍ରାମ ନେଉଥିଲେ । ଯୁଦ୍ଧ ଆରମ୍ଭ ହେବାର ଘଣ୍ଟାକ ପରେ ରୁଷିଆର ବୈଦେଶିକ ମନ୍ତ୍ରୀ ତାଙ୍କୁ ମୁହୂର୍ତ୍ତକ ସକାଶେ ସାକ୍ଷାତ୍ କରି ଖବର ଦେଲେ ଯେ ଜର୍ମାନୀ ଓ ରୁଷିଆ ମଧ୍ୟରେ ଯୁଦ୍ଧ ଲାଗିଯାଇଛି । ...''

'ଅପରେସନ୍ ବାର୍‌ବାରୋସା'ର ଅନ୍ତିମ ପରିଣାମ ସମ୍ବନ୍ଧେ ସଚେତନ ହୋଇ ହିଟ୍‌ଲର ଏହାର ଅବ୍ୟବହିତ ପୂର୍ବରୁ (ଇଟାଲୀର ଫାସିଷ୍ଟ୍ ପାର୍ଟିର ଅଧିନାୟକ) ମୁସୋଲିନୀଙ୍କୁ ଏକ ସୁଦୀର୍ଘ ପତ୍ର ଶ୍ରୁତିଲିଖନ(dictate)ରେ ଲିପିବଦ୍ଧ କରି ପଠାଇଥିଲେ । ଏହାର ଅନ୍ତିମ ପରିଚ୍ଛେଦଟିର ପରିସମାପ୍ତି ଏହିପରି ଥିଲା : '... ଅଧିନାୟକ ମହୋଦୟ, ଆଉ ଗୋଟିଏ କଥା କହୁଛି, ମୁଁ ମୋର ଏହି ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବାର ପ୍ରାରମ୍ଭରୁହିଁ ତୀବ୍ର ଏକାଗ୍ରତାପୂର୍ବକ ବିଶ୍ୱସ୍ତ ଭାବରେ ପ୍ରବଳ ଉଦ୍ୟମ କରିଆସିଛି; ଆଧ୍ୟାତ୍ମିକତା ଦୃଷ୍ଟିରୁ ମୁଁ ପୁଣି ମୁକ୍ତ ଅନୁଭବ କରୁଛି ।'

ଉପରୋକ୍ତ ଆକ୍ରମଣରେ ଷ୍ଟାଲିନ୍‌ଗ୍ରାଡ୍‌କୁ ଜର୍ମାନ୍ ସମ୍ପୂର୍ଣ୍ଣ ରୂପେ ଅଧିକାର କରି ନେଇଥିଲା । କିନ୍ତୁ ଷ୍ଟାଲିନ୍‌ଗ୍ରାଡ୍‌ର ଭୋଲ୍‌ଗା ତୀରରେ ଥିବା ତିନୋଟି କ୍ଷୁଦ୍ର ଅଞ୍ଚଳକୁ ସ୍ପର୍ଶ କରି ପାରି ନଥିଲା । ଜର୍ମାନୀର ଚବିଶ ଜଣ ଜେନେରାଲଙ୍କର ତୀବ୍ର ପ୍ରଚେଷ୍ଟା ଫଳରେ ମଧ୍ୟ ଉକ୍ତ ତିନୋଟି ଅଞ୍ଚଳ ଜର୍ମାନୀ ଅଧିକୃତ ଷ୍ଟାଲିନ୍‌ଗ୍ରାଡ୍‌ରେ ତିନୋଟି 'ଏନ୍‌କ୍ଲେଭ୍' ହୋଇ ରହିଥିଲା । ଆମେ ଏଠାରେ ସ୍ମରଣରେ ଆଣିପାରୁ ଯେ ଫ୍ରାନ୍‌ସକୁ ଜର୍ମାନୀ ସମ୍ପୂର୍ଣ୍ଣ ରୂପେ ନିଜ ଆୟତ୍ତକୁ ଆଣି ପାରିଥିବା ସତ୍ତ୍ୱେ ଶ୍ରୀମା କିପରି ପାରିସ୍ ସହରକୁ କବଚାବୃତ କରି ରଖିଥିଲେ । ଏ କ୍ଷେତ୍ରରେ ମଧ୍ୟ ଆମେ ନିଃସନ୍ଦେହରେ ଅନୁମାନ କରିପାରୁ ଯେ 'ଷ୍ଟାଲିନ୍‌ଗ୍ରାଡ୍ ଯୁଦ୍ଧ'ରେ ତଥା ୟୁ.ଏସ୍.ଏ.କୁ 'ମିତ୍ରଶକ୍ତି' ପକ୍ଷରେ ଯୋଗ ଦେବାକୁ ସିଦ୍ଧାନ୍ତ ନେବାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କର ପ୍ରତ୍ୟକ୍ଷ ହସ୍ତକ୍ଷେପ ରହିଥିଲା ।*

ଜାପାନ ୭ ଡିସେମ୍ବର, ୧୯୪୧ରେ ଗ୍ରେଟ୍ ବ୍ରିଟେନ୍, ୟୁ.ଏସ୍.ଏ.ର ପର୍ଲ ହାର୍‌ବାର, ହାୱାଇ ଏବଂ ମାନିଲା ବିରୋଧରେ ଯୁଦ୍ଧ ଘୋଷଣା କରି ଆକାଶମାର୍ଗରୁ ଆକ୍ରମଣ ଆରମ୍ଭ କରିଦେଲା । ୧୧ ଡିସେମ୍ବରରେ ହିଟ୍‌ଲର ୟୁ.ଏସ୍.ଏ. ବିରୋଧରେ ଯୁଦ୍ଧ ଘୋଷଣା କଲା । ... ୬ ଜୁନ୍, ୧୯୪୪ରେ 'ମିତ୍ରଶକ୍ତି' ଫ୍ରାନ୍ସରେ ନିରାପଦରେ ସ୍ଥାୟୀ ଭାବରେ ପ୍ରତିଷ୍ଠିତ ହୋଇ ପ୍ରବଳ ଭାବରେ ପ୍ରତି-ଆକ୍ରମଣ ଚଳାଇଲେ ।

୧୯୪୪ର ଶେଷ ଆଡ଼କୁ ହିଟ୍‌ଲରର ନାଜି ଶକ୍ତି ପୁଣି ବେଲ୍‌ଜିୟମ୍ ଏବଂ ଲକ୍‌ସନ୍‌ବର୍ଗ ଉପରେ ପ୍ରତି ଆକ୍ରମଣ କଲା କିନ୍ତୁ ମ୍ୟୁଜ୍‌ର ନିକଟବର୍ତ୍ତୀ ସ୍ଥାନରେ ଅଟକିଲା । ଏଇ ମୁହୂର୍ତ୍ତଟି ଥିଲା ହିଟ୍‌ଲରର ମୃତ୍ୟୁ ଘଟିବା ପୂର୍ବରୁ ତା'ର ଅନ୍ତିମ ପରାକାଷ୍ଠା ପ୍ରଦର୍ଶନ; ଦୀପଟି ଲିଭିବା ପୂର୍ବରୁ ଦପ୍ କରି ଉଜ୍ଜ୍ୱଳତା ପ୍ରଦାନ କରିବା ସଦୃଶ ।

ଶ୍ରୀମା'ଙ୍କର ୧୯୪୫ ମସିହାର ନବବର୍ଷ ବାଣୀ ଥିଲା :

''ମନୁଷ୍ୟଜାତି ତା'ର ଆନ୍ତର୍ଜାତିକ ସମ୍ପର୍କ ସ୍ଥାପନରେ ବି ନିଶ୍ଚିତ ରୂପେ ସତ୍ୟନିଷ୍ଠ ହୋଇ ନଉଠିବା ପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ କଦାପି ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ନାହିଁ ।

* ଏହି ବିଶ୍ୱଯୁଦ୍ଧରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଅନ୍ତରାଳରୁ ଅନବରତ ହସ୍ତକ୍ଷେପ ସମ୍ବନ୍ଧେ ଆମେ ଜନ୍ କେଲି (John Kelly)ଙ୍କର ବର୍ଣ୍ଣିତ ସତ୍ୟ ଘଟଣାରୁ ଅବଗତ ହେଉ । ଜନ୍ କେଲି ଥିଲେ ଅଠର ବର୍ଷ ବୟସ୍କ ଆମେରିକାନ୍ ସୈନ୍ୟ । ତାଙ୍କର ଆର୍ମି ୟୁନିଟ୍ ଏବଂ ରେଜିମେଣ୍ଟ୍ ନଂ. ଥିଲା : 70th Infantry Divison, 276th Infantry Regiment : 'Easy Company' । ସେ ତାଙ୍କର ଯୁଦ୍ଧ ଘଟଣା ବର୍ଣ୍ଣନାରେ ଉଲ୍ଲେଖ କରିଛନ୍ତି ଯେ କିପରି ଅନବରତ ଦୁଇଟି ଅଦୃଶ୍ୟ ଶକ୍ତିଙ୍କର ହସ୍ତକ୍ଷେପ ତା'ର ବିଷମ ମୁହୂର୍ତ୍ତସବୁରେ ତାକୁ ପଥ-ନିର୍ଦ୍ଦେଶ କରାଉଥିଲେ । ସେ ସେତେବେଳେ ତାଙ୍କୁ ସମ୍ବୋଧନ କରୁଥିଲେ – 'The Great Sir and the Heaven Lady'। ପରେ ୧୯୬୬ର ଫେବ୍ରୁଆରୀରେ ଶ୍ରୀମା'ଙ୍କୁ ପ୍ରଥମେ ଭେଟି ଏବଂ ଶ୍ରୀଅରବିନ୍ଦଙ୍କର ୧୯୫୦ ମସିହାର ଫଟୋ ଦେଖି ତତ୍‌କ୍ଷଣାତ୍ ଜାଣିଥିଲେ ଯେ ଏହି ଦୁଇ ଜଣହିଁ ଥିଲେ ତାଙ୍କର ପୂର୍ବୋକ୍ତ 'The Great Sir' ଏବଂ 'The Heaven Lady' । ସେ ଭାରତବର୍ଷରେ ରହି ୧୯୮୫ରେ ମୃତ୍ୟୁବରଣ କରିଥିଲେ ।

''ହେ ପ୍ରଭୁ, ଏହି ଧରଣର ସମ୍ପୂର୍ଣ୍ଣ ସତ୍ୟନିଷ୍ଠ ହୋଇଉଠିବା ନିମିତ୍ତ ଆମେମାନେ ଆସ୍ପୃହା କରୁଛୁ ।''

ଏହି ନବବର୍ଷର ଆରମ୍ଭରୁ ପୂର୍ବ ପଟରୁ ମିତ୍ର ଶକ୍ତିରାଜି ଏବଂ ପଶ୍ଚିମ ପଟରୁ ରୁଷିଆର ସୈନ୍ୟବାହିନୀ ଯୁଗପତ୍ ମିଳିତ ଆକ୍ରମଣ କରି ଜର୍ମାନୀର କେନ୍ଦ୍ରସ୍ଥଳରେ ଉପନୀତ ହେବାକୁ ଆରମ୍ଭ କରି ଦେଇଥିଲେ । ମାର୍ଚ୍ଚ ବେଳକୁ ରାଇନ୍‌ରେ ପହଞ୍ଚି ଏବଂ ଖୁବ୍ ଶୀଘ୍ର ତାକୁ ଅତିକ୍ରମ କରିଯାଇଥିଲେ । ଏପ୍ରିଲ ବେଳକୁ ରୁଷ୍ ସୈନ୍ୟବାହିନୀ ସମଗ୍ର ବର୍ଲିନ୍‌କୁ ଘେରି ଯାଇଥିଲା । ମେ ପହିଲାରେ ହିଟ୍‌ଲରର ମୃତ୍ୟୁ ଖବର ଘୋଷଣା କରାଗଲା ।* ଫଳତଃ ଜର୍ମାନ୍ ସୈନ୍ୟମାନଙ୍କୁ ଆତ୍ମସମର୍ପଣ କରିବାକୁ ବେଶୀ ସମୟ ଲାଗି ନଥିଲା । ଅବଶେଷରେ ୮ ମେ, ୧୯୪୫ ମସିହାରେ ଇଉରୋପରେ ଯୁଦ୍ଧବିରତି ଘଟିଲା । ଜାପାନ ବିରୋଧରେ ଯୁଦ୍ଧ ଅଧିକା ତିନି ମାସ ଧରି ଚାଲିଥିଲା । ତା'ପରେ ୫ ଅଗଷ୍ଟରେ ଜାପାନର ହିରୋସୀମା ଉପରେ ଏବଂ ୯ ଅଗଷ୍ଟରେ ନାଗାସାକି ଉପରେ ପରମାଣୁ ବୋମା ନିକ୍ଷେପରେ ତା'ର ପ୍ରଳୟଙ୍କରୀ ବିଧ୍ୱଂସ ଘଟିଲା ।

ଏହି ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଥିଲା ଯେତେବେଳେ ୧୫ ଅଗଷ୍ଟ, ୧୯୪୫ରେ ଜାପାନର ସାର୍ବଭୌମ ଶାସକ ହିରୋହିତୋ ଅନନ୍ୟୋପାୟ ହୋଇ ଇତିହାସରେ ପ୍ରଥମଥର ସକାଶେ ପ୍ରତ୍ୟକ୍ଷ ଭାବରେ ବେତାର ସମ୍ଭାଷଣରେ ତା'ର ଦେଶବାସୀଙ୍କୁ ଘୋଷଣା କଲେ : 'ଯୁଦ୍ଧରେ ଆମ ଦେଶ ସର୍ତ୍ତବିହୀନ ଆତ୍ମସମର୍ପଣ କରିଛି ।' ଏହି ୧୫ ଅଗଷ୍ଟ ଥିଲା ଶ୍ରୀଅରବିନ୍ଦଙ୍କର ଶୁଭ ଜନ୍ମଦିନ ।

୧୫ ଅଗଷ୍ଟ, ୧୯୪୫ରେ ଶ୍ରୀମା'ଙ୍କର ବାଣୀ ଥିଲା :

''ଚୂଡ଼ାନ୍ତ ବିଜୟ ହାସଲ ହେଲା, ହେ ପ୍ରଭୁ, ତୁମରି ଅନ୍ତିମ ବିଜୟ । ଏଥି ନିମିତ୍ତ ଆମେ ତୁମକୁ ଅଶେଷ ଧନ୍ୟବାଦ ଅର୍ପଣ କରୁଛୁ ।

''କିନ୍ତୁ ଏହି ମୁହୂର୍ତ୍ତରେ ଆମର ଆକୁଳ ପ୍ରାର୍ଥନା ତୁମ ଆଡ଼କୁ ଊର୍ଦ୍ଧ୍ୱମୁଖ ହୋଇଉଠିଛି । ପ୍ରଭୁ, ତୁମରି ଶକ୍ତି ସହ, ତୁମରି ଶକ୍ତି ଦ୍ୱାରା ବିଜେତାଗଣ ବିଜୟ ହାସଲ କରିଛନ୍ତି । ଆମର ଏହି ପ୍ରାର୍ଥନା ମଞ୍ଜୁର କର ଯେପରି ସେମାନେ ବିଜୟ ମୁହୂର୍ତ୍ତରେ ଏହି କଥାଟିକୁ ଭୁଲି ନ ଯାଆନ୍ତି; ମଞ୍ଜୁର କର ଯେପରି ସେମାନେ ସେମାନଙ୍କର ବିଷମ ବିପତ୍ତି ଓ ନିଦାରୁଣ ମନସ୍ତାପ ମୁହୂର୍ତ୍ତରେ ତୁମକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସେଇଟିକୁ ଅକ୍ଷୁଣ୍ଣ ଭାବରେ ସାଇତି ରଖନ୍ତୁ । ସେମାନେ ତୁମକୁ ସ୍ମରଣ କରି ଯୁଦ୍ଧରେ ପ୍ରବୃତ୍ତ ହୋଇଥିଲେ, ଶାନ୍ତି ସ୍ଥାପନା ମୁହୂର୍ତ୍ତରେ ମଧ୍ୟ ସେମାନେ ଯେପରି ତୁମରି ଦିବ୍ୟକରୁଣାକୁ ପାସୋରି ନ ଯାଆନ୍ତି ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

* ହିଟ୍‌ଲର ଚାହୁଁ ନଥିଲା ଇଟାଲୀରେ ଘଟିଥିବା ସସ୍ତ୍ରୀକ ମୁସୋଲିନୀର ମୃତ ଶରୀରର କଦର୍ଯ୍ୟ ଅବସ୍ଥା ଭୋଗିବାକୁ । ଇଟାଲୀର ଦେଶବାସୀ ସେ ଦୁହିଁଙ୍କ ମୃତ ଶରୀରକୁ ଗୋଇଠିରେ ଦଉଡ଼ି ବାନ୍ଧି ଏକ ସର୍ବସାଧାରଣ ମଇଦାନରେ ଝୁଲାଇ ଦେଇଥିଲେ । ତେଣୁ ହିଟ୍‌ଲର ୩୦ ଏପ୍ରିଲ ୧୯୪୫ରେ ନିଜ ସ୍ତ୍ରୀ ଏବଂ ନିଜକୁ ଗୁଳି କରି ମାରି ଦେଇଥିଲା । (କଥିତ ଅଛି ସେ ଦୁହେଁ ଅର୍ଦ୍ଧ-ଦଗ୍ଧ ଅବସ୍ଥାରେ ପଡ଼ି ରହିଥିଲେ) । ଏହି କାଳରାତିଟି ପୈଶାଚିକବାଦ (Satanism)ର ସମଗ୍ର ପଞ୍ଜିକାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିବସ ରୂପେ ଲିପିବଦ୍ଧ ହୋଇ ରହିଛି । ଶ୍ରୀଅରବିନ୍ଦଙ୍କର ଅକ୍‌ଟୋବର ୧୯୪୦ର ଉକ୍ତି ଏଠାରେ ସ୍ମରଣରେ ଆସେ : "Now only Hitler's death can save the situation. ... I want him to be eliminated. ... I don't care about the date. If he dies it is enough." ।

## ତଥ୍ୟ ନିର୍ଦ୍ଦେଶିକା

(1) Maggi Lidchi-Grassi : 'The Light that Shone into the Dark Abyss.'; (2) 'Mother India' : 'Udar Remembers'; (June 77, Oct 78); (3) 'More Vignetts of Sri Auorbindo & The Mother' : (edited by Shyamkumari); (4) "The Mother's Agenda" : 5 Nov. 1961; (5) Georges Van Vrekhem : (a) 'Beyond Man'; Ch. Sixteen; (b) 'The Mother'; Ch. Eleven. ;(6) K. R. Srinivasa Iyengar : 'On The Mother'; p. 441

# ପୁରୁଷୋତ୍ତମ ତତ୍ତ୍ୱ ଓ ରୂପାନ୍ତର ଯୋଗ

## ରାମକୃଷ୍ଣ ଦାସ

### ଉତ୍କଳର ଧର୍ମ ପୁରୁଷୋତ୍ତମ ତତ୍ତ୍ୱ

ଉତ୍କଳର ବା ଓଡ଼ିଶାର ସ୍ୱଧର୍ମ ହେଉଛି ପୁରୁଷୋତ୍ତମ ଜଗନ୍ନାଥ ତତ୍ତ୍ୱ । ଉତ୍କଳବାସୀଙ୍କ ଅଜ୍ଞାତରେ ସେମାନଙ୍କ ଗଭୀର ଅନ୍ତଃସ୍ଥଳରେ ଏହାର ପ୍ରଭାବ ନିହିତ ରହିଛି । ଏହି ବିଶାଳ ଅଧ୍ୟାତ୍ମ ଧର୍ମରେ ରହିଛି ସର୍ବଧର୍ମର ସମନ୍ୱୟ । ଏହି ପୁରୁଷୋତ୍ତମ ତତ୍ତ୍ୱପ୍ରାପ୍ତିହିଁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଏବଂ ଭଗବାନଙ୍କର ସଂକଳ୍ପ । ପୃଥିବୀରେ ଏହି ପୁରୁଷୋତ୍ତମ ତତ୍ତ୍ୱ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଭଗବାନଙ୍କର ସୃଷ୍ଟିର ଲୀଳା । ପୁରୁଷୋତ୍ତମ ତତ୍ତ୍ୱର ପ୍ରତୀକ ଶ୍ରୀଜଗନ୍ନାଥ । ପୁରୁଷୋତ୍ତମ ଧାମର ପ୍ରତୀକ ପୁରୀ । ଏହି ପୁରୁଷୋତ୍ତମ ତତ୍ତ୍ୱ ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ; ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବାରେ; ବ୍ୟକ୍ତି ହୁଏ ରୋଗ-ଜରା-ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ । ପ୍ରାପ୍ତ ହୁଏ ପୁରୁଷୋତ୍ତମ ତତ୍ତ୍ୱ ସହିତ ପୂର୍ଣ୍ଣ ଏକତ୍ୱ । ଅତିମାନସ ଶକ୍ତି ଦ୍ୱାରା ହୁଏ ପରିଚାଳିତ ।

ସତ୍-ଚିତ୍-ଆନନ୍ଦ ସ୍ୱରୂପ ପୁରୁଷୋତ୍ତମ ତତ୍ତ୍ୱ ସତ୍ୟ ଏବଂ ପରମବ୍ରହ୍ମ । ତାଙ୍କରି ସ୍ୱରୂପ ହେଉଛି ସଚ୍ଚିଦାନନ୍ଦ ଧାମ ତଥା ବୈକୁଣ୍ଠ, ଗୋଲୋକ, ସାକେତ ଇତ୍ୟାଦି ଦିବ୍ୟଲୋକ । ଏହିସବୁ ଦିବ୍ୟଧାମ ପରାର୍ଦ୍ଧ । ଏହାର ବିକୃତ ରୂପ ହେଲା ଅପରାର୍ଦ୍ଧ – ଉଚ୍ଚତର ପ୍ରାଣଲୋକ ବା ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ । ପରାର୍ଦ୍ଧରେ ଯେଉଁ ଦିବ୍ୟତତ୍ତ୍ୱ ପ୍ରକଟ, ସେହି ଦିବ୍ୟତତ୍ତ୍ୱ ଅପରାର୍ଦ୍ଧରେ ଗୁପ୍ତ ବା ପ୍ରଚ୍ଛନ୍ନରୂପେ ବିଦ୍ୟମାନ । ସଚ୍ଚିଦାନନ୍ଦ ଦିବ୍ୟତତ୍ତ୍ୱ ମଧ୍ୟ ମନୁଷ୍ୟ, ପଶୁ, ପକ୍ଷୀ, ଜଡ଼ ମଧ୍ୟରେ ନିହିତ । ଅର୍ଥାତ୍, ସଚ୍ଚିଦାନନ୍ଦ ତତ୍ତ୍ୱ ବା ଦିବ୍ୟଧାମ ଏହି ଜଡ଼ ପୃଥିବୀ ଏବଂ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । ''ଯାହା ପିଣ୍ଡେ, ତାହାହିଁ ବ୍ରହ୍ମାଣ୍ଡେ ।''

### ପୁରୁଷୋତ୍ତମ ତତ୍ତ୍ୱର ସ୍ୱରୂପ

ସତ୍-ଚିତ୍-ଆନନ୍ଦ ପରମବ୍ରହ୍ମଙ୍କର ରୂପ ମନରେ କଳ୍ପନା କରି ହୁଏ ନାହିଁ, ସ୍ଥୂଳ ରୂପେ ଦେଖାଯାଏ ନାହିଁ । ସେ ହେଉଛନ୍ତି ସତ୍-ଚିତ୍-ଆନନ୍ଦ ସ୍ୱରୂପ । ତାଙ୍କରି ପ୍ରତୀକ ଶ୍ରୀଜଗନ୍ନାଥ ହୋଇଥିବାରୁ ତାଙ୍କର କୌଣସି ରୂପ ନାହିଁ, ଅର୍ଥାତ୍ ହସ୍ତ, ପଦ ନାହିଁ । ସେ ଅବତାର ନୁହନ୍ତି; ଅବତାରଙ୍କ ସୃଷ୍ଟି ତାଙ୍କରିଠାରୁ । ତାଙ୍କରିଠାରୁ ନାରାୟଣ, ଶ୍ରୀରାମ, ଶ୍ରୀକୃଷ୍ଣ, ବାମନ, ନୃସିଂହ ଆଦି ସଗୁଣରୂପେ ଅବତାର ନିଅନ୍ତି । ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ ହୋଇଥିବାରୁ ସେ ଶ୍ରୀରାମ, ଶ୍ରୀକୃଷ୍ଣ ଆଦି ଅବତାରରୂପ ଧାରଣ କରନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣ କେବେ ବି ଅନ୍ୟାନ୍ୟ ଅବତାର କିଂବା ଜଗନ୍ନାଥଙ୍କ ରୂପ ଧାରଣ କରନ୍ତି ନାହିଁ । ନାରାୟଣ, ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ଇଷ୍ଟରୂପେ ଗ୍ରହଣ କରିଥିବା ସମସ୍ତ ସଂପ୍ରଦାୟର ସନ୍ଥ ତଥା ଭଗବାନଙ୍କୁ ନିରାକାର ରୂପେ ଗ୍ରହଣ କରିଥିବା ଅଦ୍ୱୈତ ସନ୍ଥମାନେ ଶ୍ରୀଜଗନ୍ନାଥଙ୍କୁ ଅଭେଦଭାବେ ଗ୍ରହଣ କରନ୍ତି । ବୈଷ୍ଣବ ସମ୍ପ୍ରଦାୟରେ ବିଶେଷତଃ ନାରାୟଣଙ୍କୁ ଇଷ୍ଟ ମାନିଥିବା ରାମାନୁଜୀ ବୈଷ୍ଣବମାନେ ଅନ୍ୟ କୌଣସି ଇଷ୍ଟ ବା ଭଗବତ୍ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ବୈଷ୍ଣବ ସନ୍ଥଙ୍କ ଦ୍ୱାରା ନିବେଦିତ ପ୍ରସାଦ ଗ୍ରହଣ କରନ୍ତି ନାହିଁ । କିନ୍ତୁ ପୁରୀର ମହାପ୍ରସାଦ ଅବର୍ଣ୍ଣ ବ୍ୟକ୍ତିଙ୍କ ହାତରୁ ବି ଗ୍ରହଣ କରନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣଙ୍କ ଉପାସକମାନେ ଯଦ୍ୟପି ବୈଷ୍ଣବ ସମ୍ପ୍ରଦାୟର ଚାପରେ ନିଜ ନିଜ ଇଷ୍ଟ ବ୍ୟତୀତ ଭଗବାନଙ୍କର ଅନ୍ୟ ବିଗ୍ରହଙ୍କ ପ୍ରସାଦ ରାମାନୁଜୀ ବୈଷ୍ଣବଙ୍କ ସଦୃଶ ପ୍ରକାଶ୍ୟରେ ବର୍ଜନ କରନ୍ତି ନାହିଁ, ତଥାପି ଅନ୍ତରରେ ଭେଦଭାବ ପୋଷଣ କରିଥା'ନ୍ତି । କିନ୍ତୁ ପୁରୀ-କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦରେ ଭେଦଭାବର ଚିହ୍ନ ବର୍ଣ୍ଣ ନଥାଏ । କାରଣ ସଚ୍ଚିଦାନନ୍ଦ ସମସ୍ତ ଅବତାରର ମୂଳ ସତ୍ୟ । ସେଠାରେ ଜାତି, ବର୍ଣ୍ଣ, ଧର୍ମର କଳ୍ପନା ନଥାଏ । ଭାରତରେ ବର୍ଣ୍ଣଧର୍ମର କଠୋରତା ଥିବା ସମୟରେ, ଅର୍ଥାତ୍ ଦକ୍ଷିଣରେ ବ୍ରାହ୍ମଣମାନେ ଅବର୍ଣ୍ଣଙ୍କ ଛାୟା ସ୍ପର୍ଶ ନ କରୁଥିବା ସମୟରେ ମଧ୍ୟ ପୁରୀ-କ୍ଷେତ୍ରରେ ଅବର୍ଣ୍ଣ ହାତରୁ ଶ୍ରୋତ୍ରୀୟ ବ୍ରାହ୍ମଣ ପ୍ରସାଦ ଗ୍ରହଣ କରନ୍ତି । ଶ୍ରୀରାମ, ଶ୍ରୀକୃଷ୍ଣ, ନାରାୟଣାଦି ଭଗବାନଙ୍କ କୌଣସି ବିଗ୍ରହଙ୍କ କ୍ଷେତ୍ରରେ ଏପରି ବର୍ଣ୍ଣ-ଅଭେଦତା ନାହିଁ । ଅନ୍ୟ ପକ୍ଷରେ ଭାରତବର୍ଷରେ ଭଗବାନଙ୍କ ବଦ୍ରିନାରାୟଣ, ରାମେଶ୍ୱର, ଦ୍ୱାରକା ଆଦି ଧାମମାନଙ୍କରେ ଅନ୍ୟାନ୍ୟ ସମ୍ପ୍ରଦାୟର ଆଚାର୍ଯ୍ୟମାନେ ମଠ ସ୍ଥାପନା କରି ନାହାନ୍ତି, କରିଛନ୍ତି

ପୁରୀରେ । ଅଦ୍ୱୈତ ସମ୍ପ୍ରଦାୟର ଆଚାର୍ଯ୍ୟ ଶଙ୍କର, ବୈଷ୍ଣବ ଆଚାର୍ଯ୍ୟ ରାମାନୁଜ ଏଠାରେ ମଠ ସ୍ଥାପନା କରିଛନ୍ତି । ନିମ୍ବାର୍କ ଏବଂ ମାଧବାଚାର୍ଯ୍ୟ ତଥା ଶ୍ରୀସମ୍ପ୍ରଦାୟର ଅନ୍ୟତମ ଆଚାର୍ଯ୍ୟ ରାମାନନ୍ଦଙ୍କ ସମ୍ପ୍ରଦାୟର ମଠ ମଧ୍ୟ ଏଠାରେ ବିଦ୍ୟମାନ । ମାଧବାଚାର୍ଯ୍ୟଙ୍କ ସମ୍ପ୍ରଦାୟର ପ୍ରଧାନ ସଂସ୍ଥାପକ ଶ୍ରୀଚୈତନ୍ୟ ମହାପ୍ରଭୁ ଜୀବନର ଅର୍ଦ୍ଧେକ, ସାଧନାର ସମସ୍ତ ସମୟ, ଶେଷ ଜୀବନ ପର୍ଯ୍ୟନ୍ତ ୨୪ ବର୍ଷ ପୁରୀରେ ବ୍ୟତୀତ କରିଛନ୍ତି । ଏହାଛଡ଼ା ତନ୍ତ୍ର ଏବଂ ବୌଦ୍ଧ ତଥା ଅନ୍ୟାନ୍ୟ ପନ୍ଥାବଲମ୍ବୀ ସାଧୁସନ୍ଥ ପୁରୀକୁହିଁ ବିଶେଷରୂପେ ସମ୍ମାନ କରନ୍ତି । ପୁରୀ ସଚ୍ଚିଦାନନ୍ଦ ଧାମର ପ୍ରତୀକ ଯୋଗୁଁ ସେଠାରେ ସର୍ବ ଅଧ୍ୟାତ୍ମ-ଧର୍ମର ସମାବେଶ ଏବଂ ସମନ୍ୱୟ ହୋଇଛି ।

ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦତତ୍ତ୍ୱର ପ୍ରତୀକ ହେବାର ଅନ୍ୟ କାରଣ ହେଲା – ତାଙ୍କୁ ସମସ୍ତ ଅବତାର ତଥା ଶକ୍ତିଙ୍କ ମନ୍ତ୍ର ଦ୍ୱାରା ଭୋଗ ନିବେଦନ କରାଯାଏ । ମନ୍ଦିରରେ ମହାପ୍ରସାଦ ନିବେଦିତ ହେବା ସମୟରେ ମନ୍ଦିରର ବେଢ଼ା ଅନ୍ତର୍ଗତ ଭିନ୍ନ ଭିନ୍ନ ମନ୍ଦିରସ୍ଥ ଦେବତା – ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଲକ୍ଷ୍ମୀ, ଦୁର୍ଗା ଏବଂ ଅନ୍ୟାନ୍ୟ ଦେବଦେବୀମାନଙ୍କୁ ପ୍ରସାଦ-ସେବନ ସକାଶେ ଜଣେ ସେବକ ଯାଇ ପ୍ରତ୍ୟେକ ମନ୍ଦିର ସମ୍ମୁଖରେ ଝାଞ୍ଜ ବଜାଇ ନିମନ୍ତ୍ରଣ କରନ୍ତି । ବହୁତ ଦେବତାଙ୍କ ମନ୍ତ୍ରରେ ଶ୍ରୀଜଗନ୍ନାଥଙ୍କୁ ଭୋଗ-ନିବେଦନ କରିବା, ଭୋଗ-ନିବେଦନ ସମୟରେ ଅନ୍ୟାନ୍ୟ ଦେବଦେବୀଙ୍କୁ ନିମନ୍ତ୍ରଣ କରିବାର ଅର୍ଥ ହୋଇପାରେ ଜଗନ୍ନାଥ ସଚ୍ଚିଦାନନ୍ଦତତ୍ତ୍ୱ, ସମସ୍ତ ରୂପରେ ପ୍ରକଟ ହୋଇ ଅଛନ୍ତି, ସମସ୍ତଙ୍କ ମୂଳ କାରଣ ସେହି । କୌଣସି ମନ୍ତ୍ରରେ ଆରାଧନା କଲେ ତତ୍ତ୍ୱତଃ ତାଙ୍କୁହିଁ ପ୍ରାପ୍ତ ହୁଏ । ଏହାଛଡ଼ା ଅନ୍ୟାନ୍ୟ ଅବତାରଙ୍କୁ ଯେଉଁସବୁ ବିଶିଷ୍ଟ ଦିନମାନଙ୍କରେ ବିଶେଷ ପୂଜା କରାଯାଏ ଏବଂ ମନ୍ଦିରରେ ବିଶେଷ ଉତ୍ସବ କରାହୁଏ, ତାହାସବୁ ବିଧି-ବିଧାନପୂର୍ବକ ପାଳିତ ହୁଏ ପୁରୀ-କ୍ଷେତ୍ରରେ । ଏହିପରି ବହୁତ କର୍ମ, ପୂଜା-ପଦ୍ଧତିରୁ ସ୍ପଷ୍ଟ ବୁଝାଯାଏ ଯେ ଶ୍ରୀଜଗନ୍ନାଥ ହେଲେ ସତ୍-ଚିତ୍-ଆନନ୍ଦଙ୍କର ପ୍ରତୀକ । ଏହାକୁ ସମର୍ଥନ କରିଛି ଶାସ୍ତ୍ର ପୁରାଣ, ଋଷି, ମୁନି, ମହାପୁରୁଷଙ୍କ ବାଣୀ । କିନ୍ତୁ ଏହାର ସମୟ ଆସି ନଥିବାରୁ ଆମ୍ଭମାନଙ୍କ ଚେତନାରେ ଏହି ଗୁପ୍ତ ରହସ୍ୟ ସ୍ପଷ୍ଟ ହୋଇ ନାହିଁ । ସ୍ପଷ୍ଟ ହୋଇଛି କେବଳ ଅନ୍ତରସ୍ଥ ସତ୍ୟର ବାହ୍ୟରୂପ – ସତ୍ୟ ଯୁଗର ଧାମ ବଦ୍ରିକାଶ୍ରମ, ତ୍ରେତାର ଧାମ ରାମେଶ୍ୱର, ଦ୍ୱାପରର ଧାମ ଦ୍ୱାରକା, କଳିର ଧାମ ପୁରୀ-କ୍ଷେତ୍ର ରୂପେ ।

ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦ ତତ୍ତ୍ୱ ହେବାର ଅନ୍ୟ କାରଣ ହେଲା – କଳି ପରେ ଆସେ ସତ୍ୟଯୁଗ । ଉଭୟ ଯୁଗରେ ଥାଏ ଘନିଷ୍ଠ ସମ୍ବନ୍ଧ । କଳି ପରେ ସତ୍ୟ ଯୁଗରେ ଯେଉଁ ଧର୍ମ ପ୍ରକାଶ ହୁଏ ବା କ୍ରିୟାଶୀଳ ହୁଏ – କଳିରେ ବ୍ୟକ୍ତିର ଅଜ୍ଞାତରେ, ତା'ର ମନ-ପ୍ରାଣର ଆବରଣ ପଶ୍ଚାତରେ, ତା'ର ଅନ୍ତଶ୍ଚେତନାରେ ଥାଏ ତାହାରି ପ୍ରଭାବ । ବ୍ୟକ୍ତି ଅଜ୍ଞାତରେ ଅଗ୍ରସର ହୁଏ ସେହି ସତ୍ୟ ଆଡ଼କୁ । ଏହି କାରଣରୁ ସ୍ପଷ୍ଟରୂପେ ଜଣାଯାଏ ଯେ ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କର ପ୍ରତୀକ, ପୁରୀକ୍ଷେତ୍ର ସଚ୍ଚିଦାନନ୍ଦ ଧାମର ପ୍ରତୀକ ।

## ପୁରୁଷୋତ୍ତମ ଧର୍ମରେ ବ୍ୟାପକତା

ଓଡ଼ିଶାବାସୀଙ୍କର ଧର୍ମ ହେଉଛି ବ୍ୟାପକ, ପୁରୁଷୋତ୍ତମ ଧର୍ମ । ରାଜା ଅନୁସାରେ ପ୍ରଜାର ଧର୍ମ ହୁଏ । ଯଥାର୍ଥରେ ଓଡ଼ିଶାରେ ରାଜା ହେଉଛନ୍ତି ଜଗନ୍ନାଥ । ପୁରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ପ୍ରକଟ ହେବା ସମୟରୁ ପୁରୀ ରାଜା ସମସ୍ତ ରାଜ୍ୟ ଶ୍ରୀଜଗନ୍ନାଥଙ୍କ ଚରଣରେ ନିବେଦନ କରିଥିଲେ । ସେ ରାଜ୍ୟ-ଶାସନ କରୁଥିଲେ ଶ୍ରୀଜଗନ୍ନାଥଙ୍କ ସେବକ ରୂପେ । ପୁରୀର ପୂର୍ବ ରାଜାମାନେ ଶ୍ରୀଜଗନ୍ନାଥଙ୍କ ସେବାକୁହିଁ ଜୀବନର ପ୍ରଧାନ କର୍ତ୍ତବ୍ୟ ରୂପେ ଗ୍ରହଣ କରିଥିଲେ । ରଥଯାତ୍ରା ସମୟରେ ରାଜା ସ୍ୱୟଂ ଛେରାପହଁରା କରନ୍ତି, ଅର୍ଥାତ୍ ଝାଡ଼ୁ ଲଗାନ୍ତି । ଶ୍ରୀଜଗନ୍ନାଥଙ୍କ ଭୋଗର ସୀମା ନାହିଁ । ପ୍ରତିଦିନ ନୀତି ନିୟମରୂପେ ଯେତେ ଭୋଗ ଲାଗେ ତାହା ଦଶହଜାର ବ୍ୟକ୍ତି ଭୋଜନ କରିପାରନ୍ତି । ସେଥିରେ ଥାଏ ବିବିଧ ପ୍ରକାର ଭୋଗ । ଶ୍ରୀଜଗନ୍ନାଥଙ୍କ ସେବକ ଅସଂଖ୍ୟ, ପ୍ରତ୍ୟେକ ସେବକଙ୍କ ନିର୍ଦ୍ଦିଷ୍ଟ ସେବା । ରଖାଯାଇଥିବା କୌଣସି ଦ୍ରବ୍ୟ ଉଠାଇ ପୂଜାରୀଙ୍କ ହାତକୁ ଦେବା ସେବକର କାମ ଅନ୍ୟ କେହି କରିପାରିବେ ନାହିଁ, ରଖାଯାଇଥିବା ଚନ୍ଦନ କଟରା ସେହି ନିର୍ଦ୍ଦିଷ୍ଟ ସେବକ ଉଠାଇ ପୂଜାରୀଙ୍କ ହାତକୁ ଦେବେ । ଏପରିକି ଗୋଟିଏ ସ୍ଥାନରେ ଥିବା ସେବାବସ୍ତୁ ନିର୍ଦ୍ଦିଷ୍ଟ ସେବକ ଛଡ଼ା ଅନ୍ୟ କେହି ଉଠାଇ ଅନ୍ୟ ସ୍ଥାନରେ ରଖିପାରିବେ ନାହିଁ । ଏହା ଏକେବାରେ ନିର୍ଦ୍ଦିଷ୍ଟ, କଠୋର ନିୟମ ସମସ୍ତ ସେବକମାନଙ୍କ ପ୍ରତି । କିନ୍ତୁ ରାଜାଙ୍କ ପ୍ରତି ଏ ନିୟମ ନୁହେଁ । ରାଜା ଏକା ସମସ୍ତ ସେବକର ସେବା କରିପାରନ୍ତି । ଆଜି ପର୍ଯ୍ୟନ୍ତ ରାଜାଙ୍କର ସେହିସବୁ ନିୟମ ପ୍ରଚଳିତ ଅଛି । ରାଜାଙ୍କୁ କୁହାଯାଏ ଠାକୁର-ରାଜା, ଅର୍ଥାତ୍ ଉତ୍କଳର ଯଥାର୍ଥ ରାଜା ଠାକୁର

(ଜଗନ୍ନାଥ) । ପୁରୀ ରାଜା ତାଙ୍କର ପ୍ରତିନିଧିରୂପେ ଶାସନ କରନ୍ତି । ପୂର୍ବେ ସେ ଥିଲେ ଉତ୍କଳର ଚକ୍ରବର୍ତ୍ତୀ ରାଜା । ଉତ୍କଳର ସମସ୍ତ ରାଜ୍ୟ ଥିଲା ତାଙ୍କ ଅଧୀନରେ । ସୁତରାଂ ରାଜା ଜଗନ୍ନାଥଙ୍କ ଭକ୍ତ ଥିବାରୁ ତାଙ୍କର ଥିଲା ଜଗନ୍ନାଥ ଧର୍ମ । ସେ ସମୟରେ ପ୍ରଜାମାନେ ଅନୁସରଣ କରୁଥିଲେ ରାଜାଙ୍କୁ । 'ରାଜାଙ୍କ ଧର୍ମ ଅନୁସାରେ ପ୍ରଜାଙ୍କ ଧର୍ମ ହେଉଥିଲା ।' ଏହି ନ୍ୟାୟରେ ଉତ୍କଳବାସୀଙ୍କର ଥିଲା ଜଗନ୍ନାଥ ଧର୍ମ । ଏହା ସେମାନଙ୍କ ଚେତନାରେ ବ୍ୟାପକ ଭାବେ ପରମ୍ପରାରୁ ପ୍ରତିଷ୍ଠିତ ହୋଇଛି । ସେମାନଙ୍କ ବାହ୍ୟ ଚେତନାରେ ଯଦ୍ୟପି ଏହି ରହସ୍ୟ ପ୍ରକାଶ ବା ସ୍ପଷ୍ଟ ହୋଇ ନାହିଁ, ତଥାପି ଆରମ୍ଭରୁ ସେମାନେ ଏହି ବ୍ୟାପକ ଧର୍ମର ପ୍ରକାଶ-ମାର୍ଗରେ ଅଜ୍ଞାତରୂପେ ଅଗ୍ରସର ହେଉଛନ୍ତି ।

ଭାରତରେ ଯେବେ ଯେବେ ଅବତାର ବା ଆଚାର୍ଯ୍ୟମାନେ ଆସି ଅଧ୍ୟାତ୍ମ ଧର୍ମର ପ୍ରସାର କରିଛନ୍ତି, ତାହା ସବୁ ଓଡ଼ିଶାବାସୀ ଅକ୍ଳେଶରେ ଗ୍ରହଣ କରିଛନ୍ତି । କିନ୍ତୁ ଅନ୍ୟାନ୍ୟ ପ୍ରଦେଶ ସଦୃଶ ସେହି ଅଧ୍ୟାତ୍ମ ଧର୍ମର ସୀମାରେ ବନ୍ଦୀ ହୋଇ ପଡ଼ି ରହି ନାହାନ୍ତି । ଏପର୍ଯ୍ୟନ୍ତ ଯେଉଁ ଅଧ୍ୟାତ୍ମ ଧର୍ମ ପ୍ରସାର ହୋଇଛି ତାହା ସତ୍ୟ ଉପଲବ୍ଧିର ଶେଷସୀମା ନୁହେଁ, ସତ୍-ଚିତ୍-ଆନନ୍ଦର ପୂର୍ଣ୍ଣ ସତ୍ୟକୁ ଉପଲବ୍ଧି କରିବା ସକାଶେ କର୍ମ-ବିବର୍ତ୍ତନର ମଧ୍ୟବର୍ତ୍ତୀ ଅବସ୍ଥା ଅଥବା ପ୍ରସ୍ତୁତି ମାତ୍ର । ସମୟ ଆସି ନ ଥିବାରୁ ଏହି ରହସ୍ୟ ପ୍ରକଟ ହୋଇପାରି ନାହିଁ । ସେହି ସାମୟିକ ଅଧ୍ୟାତ୍ମ ଧର୍ମକୁ ଜୀବନର ଶେଷ ବା ଚରମ ଲକ୍ଷ୍ୟ ବୋଲି ମାନି ନିଆହୋଇଛି । ଓଡ଼ିଶାବାସୀଙ୍କ ବାହ୍ୟ-ଚେତନାରେ ଏହା ଯଦ୍ୟପି ଅସ୍ପଷ୍ଟ ଅଛି, ତଥାପି ତାଙ୍କ ଆନ୍ତର ପ୍ରଦେଶରେ ପୁରୁଷୋତ୍ତମ ବ୍ୟାପକ ଧର୍ମ ପ୍ରତିଷ୍ଠିତ ଥିବାରୁ ସେମାନେ ପୂର୍ବ ପ୍ରଚଳିତ ଧର୍ମରେ ଆବଦ୍ଧ ହୋଇ ତାକୁ ଜାବୁଡ଼ି ଧରି ରହି ନାହାନ୍ତି ।

କଳି ପରେ ଆସେ ସତ୍ୟ ଯୁଗ । ପୂର୍ବେ କୁହାଯାଇଛି, ପୃଥିବୀରେ ଧାମ ସବୁ ପରାର୍ଦ୍ଧ ଦିବ୍ୟଲୋକର ପ୍ରତୀକ । ଯେଉଁ ଦିବ୍ୟଲୋକ ପ୍ରତୀକ ରୂପେ ଏହି ପୃଥିବୀରେ ପ୍ରକାଶ ହୁଏ, ତାହା ଯେତେ ବିକୃତ ହେଲେ ମଧ୍ୟ ସେଥିରେ ମୂଳଗତ ତତ୍ତ୍ୱ ନିହିତ ଥାଏ । ଧାମ ଦୁଇ ଭାଗରେ ବିଭକ୍ତ – ଯଥା : ଧାମ ଓ କ୍ଷେତ୍ର । ଅବତାରମାନେ ଯେଉଁ ସ୍ଥାନରେ ଜନ୍ମଗ୍ରହଣ କରନ୍ତି ତାକୁ କୁହାଯାଏ କ୍ଷେତ୍ର । ଯେଉଁ ସ୍ଥାନରେ ଅଧିକ ଦିନ ନିବାସ କରନ୍ତି ତା'ର ନାମ ଧାମ । ବଦ୍ରିକାଶ୍ରମରେ ନାରାୟଣ ଜନ୍ମଗ୍ରହଣ କରି ନଥିଲେ, ସେଠାରେ ତପସ୍ୟା କରିଥିଲେ ଏବଂ ଆଜି ପର୍ଯ୍ୟନ୍ତ ବିରାଜମାନ ଅଛନ୍ତି । ସେ ଅନ୍ୟତ୍ର ଜନ୍ମଗ୍ରହଣ ନ କରିଥିବାରୁ ବଦ୍ରିକାଶ୍ରମ ହେଲା ଧାମ ଏବଂ କ୍ଷେତ୍ର ଉଭୟ । ସେହିପରି ଜଗନ୍ନାଥ ଓ ପୁରୀ । ଶ୍ରୀଜଗନ୍ନାଥ ପୁରୀରେ ପ୍ରକଟ ହୋଇ ସେହିଠାରେ ପ୍ରତିଷ୍ଠିତ ହେବାରୁ ତାହାହିଁ ହେଲା ପୁରୁଷୋତ୍ତମ ଧାମ ଏବଂ ପୁରୁଷୋତ୍ତମ କ୍ଷେତ୍ର । କିନ୍ତୁ ଶ୍ରୀରାମ, ଶ୍ରୀକୃଷ୍ଣ ଗୋଟିଏ ସ୍ଥାନରେ ପ୍ରକଟ ହୋଇ ନାହାନ୍ତି । ଅବତାର ନେଇଛନ୍ତି । ଶ୍ରୀରାମ ଅବତାର ନେଲେ ଅଯୋଧ୍ୟାରେ, ଶେଷ ପର୍ଯ୍ୟନ୍ତ ନିବାସ କଲେ ଅଯୋଧ୍ୟାରେ । ଅଯୋଧ୍ୟା ଯଥାର୍ଥରେ ଧାମ ଏବଂ କ୍ଷେତ୍ର । କିନ୍ତୁ ସେ ଥିଲେ ଗାର୍ହସ୍ଥ୍ୟ ଧର୍ମର ପ୍ରବର୍ତ୍ତକ । ପାଳନ କରିଥିଲେ ଗାର୍ହସ୍ଥ୍ୟ ଧର୍ମକୁ ନିଖୁଣ ରୂପେ । ଗାର୍ହସ୍ଥ୍ୟ ଧର୍ମ ଅନୁସାରେ ଭଗବତ୍ ଉପାସନା ଆବଶ୍ୟକ । ଗାର୍ହସ୍ଥ୍ୟ ବ୍ୟକ୍ତି ଭଗବାନଙ୍କ ସଗୁଣ-ରୂପ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁଙ୍କୁ ଅଥବା ଶିବଙ୍କୁ ଉପାସନା କରନ୍ତି । ଶ୍ରୀରାମ ସ୍ୱୟଂ ଥିଲେ ସଚ୍ଚିଦାନନ୍ଦ ବିଷ୍ଣୁଙ୍କ ସ୍ୱରୂପ । ସେ ନିଜକୁ ଇଷ୍ଟରୂପେ ପୂଜା ନକରି ଶିବଙ୍କୁ ପୂଜା କଲେ । ଅନ୍ୟ କାରଣ ହେଉଛି ବ୍ୟକ୍ତି ମୋହବଶତଃ ଶିବ, ବିଷ୍ଣୁ ଉପାସନାରେ ବିରୋଧ କରନ୍ତି; ତାହା ଦୂର କରିବା ସକାଶେ ସେ ରାମେଶ୍ୱରରେ ଶିବଲିଙ୍ଗ ସ୍ଥାପନା କରି ପୂଜା କରିଥିଲେ । ଯଦ୍ୟପି ସେ ନିବାସ କଲେ ଶେଷଲୀଳା ଅବଧି ଅଯୋଧ୍ୟାରେ, ତଥାପି ସେ ରାମେଶ୍ୱରକୁ ସ୍ଥାପନା କରିଥିବାରୁ ରାମେଶ୍ୱରକୁହିଁ ତ୍ରେତାର ଧାମ ବୋଲି ମାନ୍ୟ କଲେ । ଶ୍ରୀରାମଙ୍କ ସ୍ୱୀକୃତି ଯୋଗୁଁ ତ୍ରେତାର ଧାମ ହେଲା ରାମେଶ୍ୱର । ଅଯୋଧ୍ୟା ହେଲା କ୍ଷେତ୍ର । ଯଥାର୍ଥରେ ଅଯୋଧ୍ୟା ଧାମ ଏବଂ କ୍ଷେତ୍ର । ସାକେତରେ ଶ୍ରୀରାମ ପ୍ରତିଷ୍ଠିତ । ଅଯୋଧ୍ୟା ସାକେତର ପ୍ରତୀକ ହୋଇଥିବାରୁ ସେଠାରେ ହୁଏ କେବଳ ରାମ ଉପାସନା ।

ବୃନ୍ଦାବନ ଗୋଲୋକର ପ୍ରତୀକ । ବୃନ୍ଦାବନରେ ଶ୍ରୀକୃଷ୍ଣ ଅବତାର ହୋଇଥିଲେ । ବୃନ୍ଦାବନ ହେଉଛି କ୍ଷେତ୍ର । ସେ ନିବାସ କଲେ ଦ୍ୱାରକାରେ । ଦ୍ୱାରକା ହେଲା ଧାମ । ଧାମ ଏବଂ କ୍ଷେତ୍ର ଉଭୟହିଁ ଦିବ୍ୟ ମୂଳଭୂମି ଗୋଲୋକର ପ୍ରତୀକ ।

ଏହି ଉଭୟ ଧାମ ଏବଂ କ୍ଷେତ୍ରରେ ମୂଳ ଦିବ୍ୟ ଲୋକ ଗୋଲୋକର ଧର୍ମ ରହିଲା ଶ୍ରୀକୃଷ୍ଣଙ୍କ ଉପାସନା ।

କଳିରେ ସଚ୍ଚିଦାନନ୍ଦଲୋକର ପ୍ରତୀକ ପୁରୀ । ପୁରୀରେ ସଚ୍ଚିଦାନନ୍ଦ ତତ୍ତ୍ୱ ଜଗନ୍ନାଥଙ୍କ ରୂପରେ ପ୍ରକଟ ହୋଇଥିବାରୁ ପ୍ରତୀକ ରୂପେ ସଚ୍ଚିଦାନନ୍ଦ ଧାମ ଏବଂ କ୍ଷେତ୍ର ହେଲା ପୁରୀ । ସେଠାରେ ରହିଲା ସଚ୍ଚିଦାନନ୍ଦଙ୍କ ବ୍ୟାପକ ଧର୍ମ । ସଚ୍ଚିଦାନନ୍ଦ ଧର୍ମରେହିଁ ସମସ୍ତ ଅଧ୍ୟାତ୍ମଧର୍ମର ସମନ୍ୱୟ ।

ସତ୍-ଚିତ୍-ଆନନ୍ଦ ଧାମ ହେଉଛି ସର୍ବୋପରେ । ଏହି ଧାମର ଅନ୍ତର୍ଗତ ବୈକୁଣ୍ଠ, ସାକେତ, ଗୋଲୋକ ଏବଂ କୈଳାସ । ଭଗବାନ୍ ପରଂବ୍ରହ୍ମ ସଚ୍ଚିଦାନନ୍ଦ ସୃଷ୍ଟି କରିବାକୁ ସଂକଳ୍ପ କରିବା ମାତ୍ରେ ସେହିଁ ପ୍ରକଟ ହେଲେ ବୈକୁଣ୍ଠରେ ନାରାୟଣ ରୂପେ, ସାକେତରେ ଶ୍ରୀରାମ ରୂପେ, ଗୋଲୋକରେ ଶ୍ରୀକୃଷ୍ଣ ରୂପେ, କୈଳାସରେ ଶିବ ରୂପେ । ଏସବୁ ସଚ୍ଚିଦାନନ୍ଦଙ୍କ ସାକାର ବିଗ୍ରହ, ସଚ୍ଚିଦାନନ୍ଦଙ୍କ ସହିତ ଅଭେଦ, ଏକ । ବୈକୁଣ୍ଠ, ସାକେତ, ଗୋଲୋକ, କୈଳାସ ଧାମ ମଧ ଦିବ୍ୟ ଏବଂ ସଚ୍ଚିଦାନନ୍ଦ ଧାମ ସହିତ ତତ୍ତ୍ୱତଃ ଏକ । ପୃଥିବୀର କ୍ରମବିକାଶକୁ ଅଗ୍ରସର କରାଇବା ସକାଶେ ଆବଶ୍ୟକତା ଅନୁସାରେ ସାକେତବାସୀ ଶ୍ରୀରାମ କେବେ ରାମ ରୂପରେ ଅବତାର ନିଅନ୍ତି, ଗୋଲୋକବାସୀ ଶ୍ରୀକୃଷ୍ଣ କେବେ ବୃନ୍ଦାବନରେ ଅବତାର ନିଅନ୍ତି, କେବେ ବୈକୁଣ୍ଠବାସୀ ନାରାୟଣ, କେବେ ସ୍ୱୟଂ ସଚ୍ଚିଦାନନ୍ଦ ଶ୍ରୀରାମ, ଶ୍ରୀକୃଷ୍ଣ ରୂପେ ଅବତାର ନିଅନ୍ତି । ସତ୍ୟ, ତ୍ରେତା, ଦ୍ୱାପର, କଳି ବାରଂବାର ହୁଏ, ଭଗବାନ୍ ପ୍ରତି ଯୁଗରେ ବାରଂବାର ଅବତାର ନିଅନ୍ତି । ଏହାହିଁ ପୃଥିବୀରେ ସଚ୍ଚିଦାନନ୍ଦଙ୍କୁ ପୂର୍ଣ୍ଣରୂପେ ପ୍ରକଟ କରିବାର ପଦ୍ଧତି ବା କ୍ରମବିକାଶର ପନ୍ଥା । କାରଣ ସଚ୍ଚିଦାନନ୍ଦଙ୍କର ସୃଷ୍ଟି କରିବାର ଉଦ୍ଦେଶ୍ୟ ବା ସଂକଳ୍ପ ହେଉଛି ଏହି ପୃଥିବୀରେ ନିଜକୁ ଏବଂ ନିଜ ଧାମକୁ ପ୍ରକଟ କରିବା । ବିକାଶ ଆରମ୍ଭ ହେଲା ସ୍ଥୂଳ ଜଡ଼ରୁ । ପ୍ରକୃତି ଦ୍ୱାରା ବିକାଶକୁ ଧାରଣ କଲେ ଭଗବାନ୍ । କିନ୍ତୁ ବିକାଶକୁ ଦ୍ରୁତ କରାଇବା ସକାଶେ ତାଙ୍କୁ ଅବତାର ନେଇ ଏହି ପୃଥିବୀକୁ ଆସିବାକୁ ହେଲା । ଜଡ଼ରୁ ମନର ବିକାଶ ପର୍ଯ୍ୟନ୍ତ ଅଜ୍ଞାନ ସ୍ତର । ଏଥିରେ ପ୍ରାଧାନ୍ୟ ଅଜ୍ଞାନ ଅନ୍ଧକାର ଶକ୍ତିର । ଏହି ଅଜ୍ଞାନ ସ୍ତରରେ କ୍ରମବିକାଶକୁ ଅଗ୍ରସର କରାଇବା ସକାଶେ ଯେଉଁ ସତ୍ୟ ପୃଥିବୀକୁ ଆସେ ତା'ର କାର୍ଯ୍ୟ ଶେଷ ହେବାର କିଛିଦିନ ପରେ ଅନ୍ଧକାର ଶକ୍ତି ତାକୁ ଆବୃତ କରିଦିଏ, ସେ ଆଉ କ୍ରିୟାଶୀଳ ହୋଇପାରେ ନାହିଁ, ଏହାରି ନାମ ଧର୍ମର ହ୍ରାସ । ପୁନଶ୍ଚ ଭଗବାନ୍ ଅବତାର ନେଇ ବିକାଶ ଅନୁସାରେ ନୂତନ ସ୍ତରର ଧର୍ମ ପ୍ରକାଶ କରନ୍ତି । କିନ୍ତୁ ଏହି ଅଜ୍ଞାନ ସ୍ତରର ବିକାଶ ଚାଲୁଥିବାରୁ ବ୍ୟକ୍ତିର ଚେତନାରେ ସୃଷ୍ଟିର ରହସ୍ୟ ଏହି ଜଗତରେ ଦିବ୍ୟ ମାନବଜାତି ସ୍ଥାପନା, ସଚ୍ଚିଦାନନ୍ଦ ପୂର୍ଣ୍ଣବ୍ରହ୍ମଙ୍କ ପୂର୍ଣ୍ଣ ପ୍ରକାଶ ରହେ ଗୁପ୍ତ । ସେହି କାରଣରୁ ଏକ ଭଗବାନଙ୍କ ଭିନ୍ନ ଭିନ୍ନ ଅବତାର ମଧ୍ୟରେ ତଥା ଭଗବତ୍ ତତ୍ତ୍ୱକୁ ପ୍ରକାଶ କରୁଥିବା ଭିନ୍ନ ଭିନ୍ନ ଧର୍ମରେ ହୁଏ ଅସାମଞ୍ଜସ୍ୟ ବା ବିରୋଧ ।

ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱ ପ୍ରକଟ ହୁଏ କଳି ଶେଷରେ । ତା'ର ସମୟ ଆସିଛି । ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ମା' ସେହି ଶକ୍ତି ଦ୍ୱାରା ଅଭୀପ୍ସୁ ବ୍ୟକ୍ତିଙ୍କ ମନ, ପ୍ରାଣ, ଶରୀରକୁ ତା'ର ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରିବା କାର୍ଯ୍ୟ କରାଉଛନ୍ତି । ମନୁଷ୍ୟର ମନ, ପ୍ରାଣ, ଶରୀର ରୂପାନ୍ତର ହେଲେ ତା' ମଧ୍ୟରେ ପ୍ରକାଶ ହେବେ ସଚ୍ଚିଦାନନ୍ଦ ପରଂବ୍ରହ୍ମ । ସେ ହେବ ଅଜ୍ଞାନ ଅନ୍ଧକାର ଶକ୍ତି ତଥା ରୋଗ-ଜରା-ମୃତ୍ୟୁ କବଳରୁ ପୂର୍ଣ୍ଣ ମୁକ୍ତ । ଏକତ୍ୱ ସ୍ଥାପନ କରିବ ଭଗବାନଙ୍କ ସହିତ । ପରିଚାଳିତ ହେବ ଭଗବତୀ ଅତିମାନସ ଶକ୍ତି ଦ୍ୱାରା । ପୃଥିବୀ ହେବ ବୈକୁଣ୍ଠ । ଏହି ମର୍ତ୍ତ୍ୟ ଏବଂ ଦିବ୍ୟଲୋକରେ ଥିବା ବ୍ୟବଧାନରେ ହେବ ସେତୁ । ସମସ୍ତ ଦିବ୍ୟଲୋକ ଉତରି ଆସିବ ଏହି ମୃତ୍ୟୁପୁରୀକୁ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟ ଆଡ଼କୁ ପ୍ରତ୍ୟେକ ପ୍ରାଣୀ ଅଜ୍ଞାତ ରୂପେ ଭଗବାନଙ୍କ ସଂକଳ୍ପ ଅନୁସାରେ ପ୍ରକୃତି ଦ୍ୱାରା ପରିଚାଳିତ ହେଉଛନ୍ତି । କଳି ଶେଷ ଅବସ୍ଥାରେ । ସଂସାରର ବ୍ୟକ୍ତି ଅଜ୍ଞାନ ମୋହରେ ଏହାର ରହସ୍ୟ ନଜାଣି ଏହି ସତ୍ୟକୁ ପ୍ରକାଶ୍ୟରେ ଗ୍ରହଣ କରିବା ପରିବର୍ତ୍ତେ ବିରୋଧ ସୃଷ୍ଟି କରୁଛନ୍ତି । ବିରୋଧ କରନ୍ତି ଦୁଇ ଶ୍ରେଣୀର ବ୍ୟକ୍ତି । ଗୋଟିଏ ଶ୍ରେଣୀର ବ୍ୟକ୍ତି ଯେଉଁମାନେ ଭଗବାନଙ୍କ ଅସ୍ତିତ୍ୱକୁ ଏକେବାରେ ସ୍ୱୀକାର କରନ୍ତି ନାହିଁ, କେବଳ ଭୌତିକ ସ୍ଥୂଳ ବସ୍ତୁର ସତ୍ୟତା ସ୍ୱୀକାର କରନ୍ତି । ଅନ୍ୟ ଶ୍ରେଣୀର ବ୍ୟକ୍ତି ଭଗବତ୍ ଅସ୍ତିତ୍ୱକୁ ସ୍ୱୀକାର କରନ୍ତି, କିନ୍ତୁ ପୂର୍ବ ଅଧ୍ୟାତ୍ମବାଦ ଅଭ୍ୟାସ, ସଂସ୍କାରଗତ ସାମ୍ପ୍ରଦାୟିକ ସୀମାରେ ଏପରି କଠୋର ଭାବେ ବନ୍ଦି ହୋଇଥା'ନ୍ତି ଯେ ସେଥିରୁ ମୁକ୍ତ ହୋଇପାରନ୍ତି ନାହିଁ । ସେହି ସୀମା ମଧ୍ୟରେ ସତ୍ୟର ପ୍ରକାଶ ଅଭାବରୁ ହାତ ଉଣ୍ଡାଳି ବୁଲୁଥା'ନ୍ତି । ଏହି ସ୍ଥିତି ବର୍ତ୍ତମାନ ଭାରତବର୍ଷ ତଥା ସମଗ୍ର ସଂସାରରେ । ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆଣି ରୂପାନ୍ତର କାର୍ଯ୍ୟ କରୁଛନ୍ତି । ମନୁଷ୍ୟ ମଧ୍ୟରେ ଜ୍ଞାନ ଆନନ୍ଦ ସ୍ୱରୂପ ଅତିମାନସ ଚେତନା ଅଭିବ୍ୟକ୍ତି ଲାଭ କରିବ । ସେ ଜ୍ଞାନ, ଆନନ୍ଦ, ପରମ ଶାନ୍ତିରେ ବିଭୂଷିତ ହେବ । ସେ ହେବ ଦିବ୍ୟ ମାନବ । ସଂସାର ହେବ ଦିବ୍ୟ, ଭଗବାନଙ୍କ ଆବାସଭୂମି । ଏହାକୁହିଁ ପ୍ରତ୍ୟେକ ଅଧ୍ୟାତ୍ମ, ଧାର୍ମିକ ତଥା ଅନ୍ୟ ସମସ୍ତ ଶ୍ରେଣୀର ବ୍ୟକ୍ତି ଚାହୁଁଛନ୍ତି । ସେମାନଙ୍କର ଅନ୍ତରର ଅସ୍ପଷ୍ଟ ଚାହିଁବା ସେମାନଙ୍କ ମନ ପ୍ରାଣରେ ସ୍ପଷ୍ଟ ହୋଇ ନଥିବାରୁ ସେମାନେ

ଏହି ନୂତନ ଅତିମାନସ ସତ୍ୟକୁ ଗ୍ରହଣ କରିପାରୁ ନାହାନ୍ତି । କିନ୍ତୁ ଏଥିରୁ ସାମାନ୍ୟ ପରିମାଣରେ ମୁକ୍ତ ଅଛି ଓଡ଼ିଶା । ଅଜ୍ଞାତରେ ତା' ଚେତନାରେ ପରମ୍ପରାନୁସାରେ ସଚ୍ଚିଦାନନ୍ଦ ତତ୍ତ୍ୱ ପ୍ରତିଷ୍ଠିତ ଥିବାରୁ ସେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରତି କିଛି ଅଂଶରେ ଆକୃଷ୍ଟ ହୋଇଛି । ଯେଉଁ ସଚ୍ଚିଦାନନ୍ଦ ଅତିମାନସ-ବିଜ୍ଞାନ-ଅଧ୍ୟାତ୍ମ ଧର୍ମ ପୃଥିବୀରେ ପ୍ରକାଶ କରିବା ସକାଶେ ସ୍ୱୟଂ ପରମବ୍ରହ୍ମ ପରମାତ୍ମା ସୃଷ୍ଟି କରିଅଛନ୍ତି, ସେହି ଲକ୍ଷ୍ୟ ସିଦ୍ଧ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । କ୍ରମବିକାଶ ଦୁଃଖ-କଷ୍ଟପୂର୍ଣ୍ଣ ଦୀର୍ଘ ସମୟକୁ ଲଘୁ କରିବା ସକାଶେହିଁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଅଛନ୍ତି । ଏହି କାରଣରୁ ପୂର୍ବ ଅଧ୍ୟାତ୍ମ ଯୋଗ ସଦୃଶ ଶ୍ରୀଅରବିନ୍ଦଙ୍କ ଯୋଗ ସାମ୍ପ୍ରଦାୟିକ ନୁହେଁ । ଏହାକୁ ସମସ୍ତ ବ୍ୟକ୍ତି, ସମସ୍ତ ଅଧ୍ୟାତ୍ମ ସମ୍ପ୍ରଦାୟ, ସମସ୍ତ ଧର୍ମ ସମ୍ପ୍ରଦାୟ ଗ୍ରହଣ କରି ପାରନ୍ତି । ପୃଥିବୀରେ ଦିବ୍ୟମାନବ, ପୃଥିବୀରେ ଦିବ୍ୟ ଧାମ ପ୍ରତିଷ୍ଠା ପ୍ରତ୍ୟେକ ବ୍ୟକ୍ତିର କାମ୍ୟ ।

ପ୍ରଶ୍ନ : ଆପଣ କହିଲେ,''ପୁରୁଷୋତ୍ତମ ତତ୍ତ୍ୱର ପ୍ରତୀକ ଶ୍ରୀଜଗନ୍ନାଥ ଏବଂ ଉତ୍କଳବାସୀଙ୍କ ଅଜ୍ଞାତରେ ସେମାନଙ୍କ ଅନ୍ତଃସ୍ଥଳ ଚେତନାରେ ବ୍ୟାପକ ସର୍ବସମନ୍ୱୟକାରୀ ସଚ୍ଚିଦାନନ୍ଦ ଆଧ୍ୟାତ୍ମିକତତ୍ତ୍ୱ ନିହିତ ଅଛି'', ତେବେ ସେମାନେ ଜଗନ୍ନାଥଙ୍କୁ ଉପାସନା କଲେ ସେମାନଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ହୋଇ ପାରିବ, ସେମାନେ ସଚ୍ଚିଦାନନ୍ଦ ତତ୍ତ୍ୱକୁ ଉପଲବ୍ଧି କରି ପାରିବେ, ସେମାନଙ୍କର ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାର ଆବଶ୍ୟକତା କ'ଣ ?

ଉତ୍ତର : ଶ୍ରୀଜଗନ୍ନାଥ କେତେ ହଜାର ବର୍ଷରୁ ଉତ୍କଳରେ ପ୍ରକଟ ହୋଇ ଅଛନ୍ତି । କେତେକ ଉତ୍କଳବାସୀ ଶ୍ରୀଜଗନ୍ନାଥଙ୍କୁ ଉପାସନା କରି ଆସୁଛନ୍ତି; କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ଉପାସନା କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ହୋଇଛି ଏବଂ ସେମାନେ ସତ୍-ଚିତ୍-ଆନନ୍ଦଙ୍କୁ ଉପଲବ୍ଧି କରି ପାରିଛନ୍ତି ? ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ । ବର୍ତ୍ତମାନ ସଚ୍ଚିଦାନନ୍ଦ ପ୍ରକାଶ ହୋଇ ନାହାନ୍ତି । ସେ ପ୍ରକାଶ ହୁଅନ୍ତି ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତର ଯୋଗରେ । ସେହି ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ ଆବଶ୍ୟକ ।

ସଚ୍ଚିଦାନନ୍ଦ ଉପଲବ୍ଧ ହୁଅନ୍ତି କେବଳ ଅତିମାନସ-ବିଜ୍ଞାନ ଚେତନାରେ । ସେହି ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ରୂପାନ୍ତରିତ ହୁଏ । ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସଚ୍ଚିଦାନନ୍ଦ ପ୍ରକଟ ହୁଅନ୍ତି । ଅତିମାନସ ଶକ୍ତିର କ୍ରିୟା ବ୍ୟତୀତ ମନୁଷ୍ୟର ମନ-ପ୍ରାଣ-ଶରୀରର ରୂପାନ୍ତର ଏବଂ ସଚ୍ଚିଦାନନ୍ଦଙ୍କ ଉପଲବ୍ଧି ଏକେବାରେ ଅସମ୍ଭବ । ଶ୍ରୀଜଗନ୍ନାଥ ସଚ୍ଚିଦାନନ୍ଦଙ୍କ ପ୍ରତୀକ ହେବାର ଅର୍ଥ ସଚ୍ଚିଦାନନ୍ଦଙ୍କ ମୂଳ ସତ୍ୟ ଏବଂ ଗୁଣ-ଧର୍ମ ସେଥିରେ ଥାଏ ଅପ୍ରକାଶ୍ୟ । ବ୍ୟକ୍ତି ପ୍ରତୀକରେ ଯଦ୍ୟପି ମୂଳ ସତ୍ୟ ଉପଲବ୍ଧି କରିପାରେ ନାହିଁ, ତଥାପି ଅଜ୍ଞାତରେ ସେଥିରେ ପ୍ରଭାବିତ ହୁଏ । ଏହାହିଁ ହୋଇଛି ଉତ୍କଳବାସୀଙ୍କର । ସେମାନଙ୍କ ଚେତନାର କିଛି ଅଂଶରେ ଏହି ସତ୍ୟର ପ୍ରଭାବ ପଡ଼ିଛି । ସେହି ସକାଶେ ସେମାନଙ୍କ ଚେତନାରେ ସାମାନ୍ୟ କିଛି ବ୍ୟାପକତା ଆସିଛି । ସଚ୍ଚିଦାନନ୍ଦ ପ୍ରାପ୍ତିର ବିକାଶମାର୍ଗରେ ଯେତେବେଳେ ବୌଦ୍ଧ, ତନ୍ତ୍ର, ଅଦ୍ୱୈତ, ବୈଷ୍ଣବ ଆଦି ଅଧ୍ୟାତ୍ମ-ଧର୍ମର ପ୍ରଚାର ହୋଇଛି ସେତେବେଳେ ସେମାନେ ସହର୍ଷେ ଗ୍ରହଣ କରିଛନ୍ତି । କିନ୍ତୁ ସେଥିରେ ଅନ୍ୟାନ୍ୟ ପ୍ରାନ୍ତର ବ୍ୟକ୍ତିଙ୍କ ତୁଲ୍ୟ ଆବଦ୍ଧ ହୋଇ ରହି ନାହାନ୍ତି । ଏହାର ପ୍ରମାଣ ସ୍ୱରୂପ ଉତ୍କଳରେ ବିଶେଷ ରୂପେ ସମସ୍ତ ଅଧ୍ୟାତ୍ମ-ଧର୍ମ ଯଥାଯଥ ସମୟରେ ପ୍ରସାର ଲାଭ କରିପାରିଛି । ଏହାର ନିଦର୍ଶନ ସ୍ୱରୂପ ଖଣ୍ଡଗିରି, ଉଦୟଗିରି ତଥା ଅନ୍ୟାନ୍ୟ ସ୍ଥାନରେ ରହିଛି ଜୈନ ଏବଂ ବୌଦ୍ଧ ଗୁମ୍ଫାମାନ, ତନ୍ତ୍ରର ନିଦର୍ଶନ ସ୍ୱରୂପ ଉତ୍କଳର ମନ୍ଦିରମାନଙ୍କରେ ରହିଛି ଅଶ୍ଳୀଳ ଚିତ୍ର ଏବଂ ପ୍ରତିମା । ଅଦ୍ୱୈତବାଦୀ ଆଚାର୍ଯ୍ୟ ଶଙ୍କରଙ୍କର ସ୍ଥାପିତ ପ୍ରଧାନ ଚାରିମଠ ମଧ୍ୟରୁ ପ୍ରଧାନ ମଠ ଅଛି ପୁରୀରେ । ସେହି ପୁରୀରେହିଁ ସବୁ ସମ୍ପ୍ରଦାୟର ବୈଷ୍ଣବଙ୍କ ମଠ । ଉତ୍କଳବାସୀଙ୍କ ମଧ୍ୟରେ ପୁରୁଷୋତ୍ତମ ତତ୍ତ୍ୱର ବ୍ୟାପକତାର ପ୍ରଭାବ ଥିବାରୁ ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ସ୍ୱୀକାର କରି ପାରୁଛନ୍ତି । ଏହାହିଁ ସେମାନଙ୍କର ତଥା ପ୍ରତ୍ୟେକ ମନୁଷ୍ୟର ନିଜସ୍ୱ । ଏହି ସତ୍ୟର ଉପଲବ୍ଧି ସକାଶେ ଭଗବାନଙ୍କର ସୃଷ୍ଟି । ବର୍ତ୍ତମାନ ବ୍ୟକ୍ତି ଏହି ରହସ୍ୟ ବୁଝି ନ ପାରି ପୂର୍ବ ଅଧ୍ୟାତ୍ମ-ସମ୍ପ୍ରଦାୟର ଧର୍ମ ସଦୃଶ ଶ୍ରୀଅରବିନ୍ଦଙ୍କ ସର୍ବସମନ୍ୱୟକାରୀ ରୂପାନ୍ତର ଯୋଗକୁ ବି ମନେ କରୁଛନ୍ତି । ଏହାର ସମୟ ଆସିଛି । ସମସ୍ତ ସଂସାର ସମ୍ମୁଖରେ ଏହି ସତ୍ୟ ଉଦ୍‌ଘାଟିତ ହେବ ।

ପୁରୀ ହେଉଛି ପୁରୁଷୋତ୍ତମ କ୍ଷେତ୍ର । ସେହି ପୁରୁଷୋତ୍ତମ ଧାମକୁ ଆଜି ବି ପୁରଷ୍ତମ ନାମରେ ଲୋକେ କହନ୍ତି ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : ୫୦୧ - ୫୦୬)

❑❑❑

# ଆତ୍ମ-ଶୃଙ୍ଖଳା

**ସୁନାମଣି ରାଉତ**

"No life can be successful without self-discipline."

(MCW Vol. 14, p. 46) – The Mother

''ଆତ୍ମ-ଶୃଙ୍ଖଳା ବ୍ୟତୀତ କୌଣସି ଜୀବନ ସଫଳ ହେବ ନାହିଁ।''

– ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଆତ୍ମ-ଶୃଙ୍ଖଳା**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ପ୍ରକୃତିର ଲୀଳା ଲାଗିଛି ସର୍ବତ୍ର
ଶୃଙ୍ଖଳା ଯାହାର ଭିତ୍ତି,
ସଫଳତା ମୂଳେ ଶୃଙ୍ଖଳା ରହିଛି
ବିସ୍ତାରି ନିଜର ଛିତି ॥୧॥

କ୍ଷୁଦ୍ର ମଞ୍ଜିଟିଏ ମହାଦ୍ରୁମ ହୋଇ
ସୃଷ୍ଟି କରେ ଘୋରବନ,
କୁନି କଢ଼ିଟିଏ ମୁକୁଳିତ ହୋଇ
ସୁବାସେ ମୋହଇ ମନ ॥୨॥

ଶୃଙ୍ଖଳାରେ ହସେ ପ୍ରାଚୀ ଗଗନେ
ପ୍ରତି ପ୍ରଭାତରେ ରବି,
ରାକା ରଜନୀରେ ମନୋରମ ଦିଶେ
ଆକାଶ ଧରଣୀ ଛବି ॥୩॥

ଶୃଙ୍ଖଳାରେ ହୁଏ ଦିବସ, ରଜନୀ
ଗ୍ରୀଷ୍ମ, ବର୍ଷା, ମାଘ, ମେଘ,
ଶୃଙ୍ଖଳାରେ ବହେ ନିମ୍ନଗା, ମଳୟ
ନିର୍ଦ୍ଧାରି ନିଜର ବେଗ ॥୪॥



ଭୂଧର ଶିଖରୁ ନିର୍ଝର ଝରଇ
ଶୃଙ୍ଖଳାକୁ କରି ଧେୟ,
ସେଥିପାଇଁ ତା'ର ସୁଶୀତଳ ଜଳ
ପ୍ରାଣୀ ଜଗତର ପେୟ ॥୫॥

କ୍ଷୁଦ୍ର ପିପ୍ପୀଲିକା ଶୃଙ୍ଖଳାରେ ଚଳି
ଯୋଗାଡ଼େ ନିଜର ଖାଦ୍ୟ,
ସୁମଧୁର ଶୁଭେ ସଙ୍ଗୀତ ସାଥିରେ
ଶୃଙ୍ଖଳା-ବାହିତ ବାଦ୍ୟ ॥୬॥

ଶୃଙ୍ଖଳାରେ ଗଢ଼ା ଚରାଚର ବିଶ୍ୱ
ଆହା କେତେ ମଧୁମୟ
ନିଜ ଜୀବନକୁ ଶୃଙ୍ଖଳାରେ ଗଢ଼ି
ଲଭ ବିଭୁ-ବରାଭୟ ॥୭॥

ଆତ୍ମ-ଶୃଙ୍ଖଳାର ମହତ୍ତ୍ୱ ମହିମା
ଭାଷାରେ ନହୁଏ କହି,
ଶୃଙ୍ଖଳାରେ ବନ୍ଧା ସାଧକ-ଜୀବନ
ଦିବ୍ୟ ଅନୁଭୂତି ପାଇଁ ॥୮॥ ❑

# ମା' ଆପଣ ଏମିତି କହିଛନ୍ତି ...

## (୩)


## ହୁତା ହିନ୍ଦୋଚା


[ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ "Mother You said so ..." ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ''ମା' ଆପଣ ଏମିତି କହିଛନ୍ତି ...''। ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା' ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି। ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ "Mother You said so ..."

ପରମା ଦିବ୍ୟଜନନୀ ଶ୍ରୀମା'ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ 'ନବପ୍ରକାଶ' ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଉଛି। — ସମ୍ପାଦନା]

ଏକଦା ଗୋଟିଏ ବିରାଡ଼ି ଛୁଆ ଥିଲା। ସେ ଛୁଆଟି ତା' ମା'ର ମୁହଁରେ ରହିଥିଲା (ମା ବିରାଡ଼ି ତାକୁ କାମୁଡ଼ି ଧରିଥିଲା)। ହଠାତ୍ ସେ ତା'ର ମା' ମୁହଁରୁ ଡେଇଁ ପଡ଼ିଲା ଏବଂ ଗୋଟିଏ କଙ୍କଡ଼ାବିଛା ସହିତ ଖେଳିବାକୁ ଆରମ୍ଭ କଲା। ତା'ର ମା' ଏହି ଦୁଷ୍ଟ ଜୀବ ସହିତ ଖେଳିବା ବିପକ୍ଷରେ ଥିଲା, ମାତ୍ର ବିରାଡ଼ି ଛୁଆଟି ଶୁଣିଲା ନାହିଁ। ପ୍ରକୃତିଗତ ଗୁଣଯୋଗୁଁ କଙ୍କଡ଼ାବିଛାଟି ଶିଶୁ ବିରାଡ଼ିକୁ ତା'ର ନାହୁଡ଼ରେ ବିନ୍ଧ କଲା। ଛୁଆ ବିରାଡ଼ିଟି ଯନ୍ତ୍ରଣାରେ ଚିତ୍କାର କରି କାନ୍ଦିଲା। ସଙ୍ଗେ ସଙ୍ଗେ ସେ ମା' ବିରାଡ଼ି ପାଖକୁ ଦଉଡ଼ି ଆସିଲା ଏବଂ କଙ୍କଡ଼ାବିଛା ସମ୍ପର୍କରେ ସବୁକିଛି କହିଲା। ମା' ବିରାଡ଼ି ତାକୁ ପଚାରିଲା, 'ତେବେ କାହିଁକି ତୁ ମୋ ପାଟିରୁ ଡିଆଁ ମାରି ବାହାରିଗଲୁ ?'

ବିରୋଧୀ ଶକ୍ତିଗୁଡ଼ିକ ଏହି କଙ୍କଡ଼ାବିଛା ପରି। ବାସ୍ତବରେ ସେଗୁଡ଼ିକ ଭାରୀ ଅନିଷ୍ଟକାରୀ। ଯଦି ତୁମେ ସେମାନଙ୍କୁ ନଚାହିଁବ କିଂବା ନଶୁଣିବ ସେମାନେ ଧ୍ୱଂସ ହୋଇଯିବେ। ଯେତେବେଳେ ପ୍ରତିକୂଳ ଶକ୍ତିଗୁଡ଼ିକ ମିଥ୍ୟା ପରାମର୍ଶ ଦେବାକୁ ଆସିବେ ତେବେ ଲୋକମାନେ ସେଗୁଡ଼ିକୁ ସର୍ବଦା ପ୍ରତ୍ୟାଖ୍ୟାନ କରିବା ଉଚିତ। ନଚେତ୍ ସେହି ଶକ୍ତିଗୁଡ଼ିକ ସବୁକିଛି ନଷ୍ଟ କରି ଦେବେ।

ଅନେକ ସତ୍ତା ଅଛନ୍ତି, ଏବଂ ପ୍ରତ୍ୟେକ ସତ୍ତା ମଧ୍ୟରେ ଆହୁରି ବହୁ ସତ୍ତା ମଧ୍ୟ ରହିଛନ୍ତି। ପ୍ରତ୍ୟେକ ମୁହୂର୍ତ୍ତରେ ସେମାନେ ପହଞ୍ଚି ଯାଆନ୍ତି ଏବଂ ଅନେକ ପ୍ରକାରର ରୂପ ଧାରଣ କରନ୍ତି ଏବଂ ପ୍ରକୃତ ଯଥାର୍ଥ ସତ୍ତାକୁ ହଇରାଣ କରି ପକାନ୍ତି। ମାନବ ଜୀବନ ଉପରେ ପୈଶାଚିକ ଶକ୍ତିସବୁ ସେମାନଙ୍କ ପ୍ରଭାବକୁ ବିସ୍ତାର କରନ୍ତି।

ମୁଁ ଜାଣେ ଏହି ବିରୋଧୀ ଶକ୍ତିସବୁ କିପରି ମଣିଷମାନଙ୍କର ମସ୍ତିଷ୍କ ମଧ୍ୟକୁ ପ୍ରବେଶ କରନ୍ତି — ଏହା କ୍ରୋଧ, ଅପସନ୍ଦ, ଅସଂଖ୍ୟ କାମନା ଏବଂ ଅଦରକାରୀ ବସ୍ତୁ ମଧ୍ୟ ଦେଇ ଆସନ୍ତି। କ୍ରୋଧ ପ୍ରଥମେ ଗୋଡ଼କୁ ପ୍ରଭାବିତ କରେ ଏବଂ କ୍ରମେ ଉପରକୁ ଉଠି ନାଭିକେନ୍ଦ୍ର ଏବଂ ତା'ପରେ ହୃଦୟ ଏବଂ ଶେଷରେ ମସ୍ତିଷ୍କକୁ ଯାଏ। ତା'ପରେ ଲୋକମାନେ ଭୟଙ୍କର ଭାବେ ଆଘାତ ପାଆନ୍ତି। ଥରେ ମସ୍ତିଷ୍କକୁ କ୍ରୋଧ ପ୍ରବେଶ କଲେ ଜଣେ ନିଜକୁ ନିୟନ୍ତ୍ରଣ କରିବା କଠିନ ହୋଇଯାଏ। ତେଣୁ ଏହାର ପ୍ରବେଶକୁ ଆମେ ବାଧା ଦେବା ଉଚିତ। ତା'ପରେ ଏହାକୁ ବିଜୟ କରିବା ସହଜ ହେବ।

ଏହି ସାଧାରଣ ଜଗତରେ ଲୋକେ ଛୋଟ ଛୋଟ ଆନନ୍ଦ ପାଇଲେ ସନ୍ତୁଷ୍ଟ ହୋଇ ରହିଥା'ନ୍ତି — ମାତ୍ର, ବାସ୍ତବତଃ ସେମାନଙ୍କ ସତ୍ତାର କିଛି ଅଂଶ ଉଚ୍ଚତର ବସ୍ତୁ ପାଇଁ ଆକାଂକ୍ଷା ରଖିଥାଏ। ଏଠାରେ ଭଗବାନଙ୍କ ବ୍ୟତୀତ ଅନ୍ୟ କିଛି ନାହିଁ। ତେଣୁ ସ୍ୱାଭାବିକ ଭାବରେ, ନିମ୍ନ ପ୍ରାଣ ଓ ନିମ୍ନ ମନ ଏବଂ ସତ୍ତାର ଅନ୍ୟ ଅଂଶଗୁଡ଼ିକ ଚିତ୍କାର କରନ୍ତି ଓ ସେମାନେ ଅସଲ ସତ୍ତା ବିରୋଧରେ ବିଦ୍ରୋହ କରନ୍ତି ଏବଂ ଲୋକମାନଙ୍କର ହୃଦୟକୁ ଅଶାନ୍ତ କରିପକାନ୍ତି। ସମୟ ସମୟରେ ଅନ୍ୟ ଲୋକମାନଙ୍କର ଅନଧିକାର ହସ୍ତକ୍ଷେପ ମଧ୍ୟ ହୋଇଥାଏ। ମାତ୍ର ଜଣେ ଏପରି ମନେ କରିବା ଉଚିତ ନୁହେଁ ଯେ ସେମାନେ ଦୟାଳୁ ଅଟନ୍ତି କିଂବା ନୁହଁନ୍ତି। ଆହୁରି ମଧ୍ୟ ଜଣକର ସମସ୍ୟାରେ

ଅନ୍ୟମାନଙ୍କର ଅନୁପ୍ରବେଶ କରିବା ଅଧିକାର ନାହିଁ – ଏହା ସେମାନଙ୍କର ପେସା ନୁହେଁ । ବିପରୀତ ପକ୍ଷେ, ସେମାନେ ସେମାନଙ୍କ ନିଜର ଲକ୍ଷ୍ୟ ଏବଂ ଭଗବାନଙ୍କ ସମ୍ପର୍କରେ ସ୍ମରଣ କରିବା ଉଚିତ । ଭଗବାନଙ୍କ ଠାରୁ ଯାହା ଆସୁଛି, ତାହାକୁ ସେମାନେ ଗ୍ରହଣ କରିବା ଉଚିତ ଏବଂ ଭଗବାନଙ୍କର ଇଚ୍ଛାନୁସାରେ ସେମାନେ ନିଜକୁ ଭଗବାନଙ୍କ ଠାରେ ସମର୍ପଣ କରିବା ଉଚିତ ।

ନିରନ୍ତର ଅଭ୍ୟାସ ଦ୍ୱାରା ଏହା ଆସେ । ଶୀଘ୍ର ହେଉ ବା ବିଳମ୍ବରେ ହେଉ ପ୍ରତ୍ୟେକେ ନିଜକୁ ପରିବର୍ତ୍ତନ କରିବା ଆବଶ୍ୟକ । ମୁଁ ଲୋକମାନଙ୍କ ଭିତରେ ନିରନ୍ତର କାର୍ଯ୍ୟ କରୁଛି; ସେମାନେ ସଚେତନ ଥାଆନ୍ତୁ ବା ନଥାଆନ୍ତୁ, ଅନୁଭବ କରି ପାରନ୍ତୁ ବା ନପାରନ୍ତୁ, ଦିବ୍ୟକୃପା ସର୍ବଦା ରହିଛି ।

ଯଦି ଲୋକେ ବିରୋଧୀଶକ୍ତିଗୁଡ଼ିକ ପାଖରେ ସମର୍ପିତ ହୁଅନ୍ତି, ତେବେ ଏହାର ପ୍ରୟୋଜନ କ'ଣ ? ଯେତେବେଳେ ଖରାପ ଶକ୍ତିଗୁଡ଼ିକ ଆସନ୍ତି ଏବଂ ସେମାନଙ୍କର ଦୁଷ୍ଟାମି ଆରମ୍ଭ କରି ଦିଅନ୍ତି, ଲୋକେ ସେମାନଙ୍କୁ ଅଗ୍ରାହ୍ୟ କରିବା ଉଚିତ ଏବଂ ସେମାନଙ୍କ ସମ୍ମୁଖରେ ଏକ ସ୍ୱଷ୍ଟ **'ନାସ୍ତି'**ର ପରଦା ତିଆରି କରିବା ଉଚିତ । ସେମାନେ ବାରଂବାର କହିବା ଉଚିତ – ''ଭଗବାନଙ୍କର ବିଜୟ ସୁନିଶ୍ଚିତ ।''

ପ୍ରତ୍ୟେକ ବ୍ୟକ୍ତି ନିଶ୍ଚୟ ଦିବ୍ୟ ଆଲୋକ ଆଡ଼କୁ ମୁହାଁଇବେ ଏବଂ କେବଳ ସତ୍ୟ ନିକଟରେ ସମର୍ପଣ କରିବେ । ମୁଁ ଏହାର ଶେଷ ପରିଣତି ଜାଣେ ଏବଂ ବିଜୟ ସୁନିଶ୍ଚିତ ।

ଆବଶ୍ୟକତା ଅନୁସାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁଁ ମୋର ଶକ୍ତି ପ୍ରଦାନ କରିଛି । ବର୍ତ୍ତମାନ ସେମାନେ ତାହା ବ୍ୟବହାର କରିବା ଆବଶ୍ୟକ ଏବଂ ସେମାନଙ୍କ ପ୍ରକୃତିରୁ ନିମ୍ନ ବସ୍ତୁଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ ଏବଂ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ମୁଁ ସର୍ବଦା ସେମାନଙ୍କ ସହିତ ରହିଛି ।

ବିରୋଧୀ ଶକ୍ତିଗୁଡ଼ିକର କୌଶଳ ଏବଂ ପ୍ରସ୍ତାବକୁ ପରାହତ କରିବା ପାଇଁ ତୁମକୁ ନିଶ୍ଚୟ ଅଧିକ ଚତୁର ହେବାକୁ ହେବ । ସେମାନଙ୍କ ବିରୋଧରେ ତୁମେ ପ୍ରତ୍ୟେକ କଥା ଚତୁରତାର ସହ କରି ପାରିବ । ଆହୁରି ମଧ୍ୟ ଲକ୍ଷ୍ୟ ପ୍ରତି ତୁମର ଅଭୀପ୍ସାରେ ଦୃଢ଼ ରହିବା ଆବଶ୍ୟକ ।

ପ୍ରତ୍ୟେକଙ୍କର ସମସ୍ୟା ରହିଛି, ମାତ୍ର ଏହା ସତ୍ୟ ଯେ ସେମାନଙ୍କ କବଳରୁ ବାହାରି ଆସିବାରେ ଏକ ଆନନ୍ଦ ରହିଛି । ଯଦି ତୁମେ ଏହି ଆନନ୍ଦକୁ ପ୍ରାପ୍ତ ହୋଇଯାଅ, ବାସ୍ତବ କଥା ତୁମେ ଜାଣିପାରିବ, ଅନ୍ୟଥା ନୁହେଁ ।

*୫.୬.୫୬*

ଯେତେବେଳେ ଲୋକେ କୌଣସି ସଂକଳ୍ପ କରନ୍ତି ନାହିଁ ଏବଂ ଏକ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଅନ୍ତି ନାହିଁ, ଦୁଃସ୍ଥିତି ଓ ପ୍ରତିବନ୍ଧକଗୁଡ଼ିକ ବାରଂବାର ଆସନ୍ତି ଏବଂ ସର୍ବଦା ଏ ପ୍ରକାରର ଲୋକେ ଯନ୍ତ୍ରଣା ଭୋଗ କରନ୍ତି । କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ ଭଗବାନ୍ ପ୍ରତ୍ୟେକଙ୍କ ପାଇଁ ନିଷ୍ପତ୍ତି ନେଇ ସାରିଛନ୍ତି । ମୁଁ ସେମାନଙ୍କ ଭିତରେ ପ୍ରତ୍ୟେକ ବସ୍ତୁକୁ ସଂଗଠିତ କରେ, ମାତ୍ର ସେମାନେ ଦିବ୍ୟ କର୍ମ ବିରୋଧରେ ବିଦ୍ରୋହ କରନ୍ତି ଏବଂ ସହଯୋଗ କରିବାକୁ ପ୍ରସ୍ତୁତ ନଥା'ନ୍ତି । ତେଣୁ ସେମାନେ ଅଭିଯୋଗ କରିବା କିଂବା କିଛି କହିବା ଉଚିତ ନୁହେଁ ।

ଲୋକେ ସମସ୍ତ ବାହ୍ୟ ବସ୍ତୁ ଓ ପରିବେଶଜନିତ ଅବସାଦ ଅନୁଭବ କରନ୍ତି, ମାତ୍ର ପ୍ରକୃତ କଥା ହେଲା ଯେ ସମସ୍ତ ବାଧା ଅସୁବିଧା ସେମାନଙ୍କ ନିଜ ପ୍ରକୃତି ଭିତରେ ରହିଛି ଏବଂ ସେଥିପାଇଁ ସେମାନେ ଏପରି ଅନୁଭବ କରନ୍ତି । ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଚେଷ୍ଟା କରିବା ପରିବର୍ତ୍ତେ ଛୋଟ ଛୋଟ କଥାସବୁରେ ଉଦ୍‌ବିଗ୍ନ ହେବା ଏବଂ ନିରନ୍ତର ନିଜର ଆଗ୍ରହ ବିଷୟରେ ଚିନ୍ତା କରିବା ଫଳରେ ସେମାନେ ସମୟର ଅପଚୟ କରନ୍ତି ।

ଯଦି ସେମାନେ ଦ୍ୱିଧାଗ୍ରସ୍ତ ମନରେ ରହନ୍ତି, ତେବେ ସେମାନଙ୍କ ପାଇଁ ଦୁର୍ଦ୍ଦିନ ଓ ଦୁଃସ୍ଥିତିର ସମାପ୍ତି ଘଟେ ନାହିଁ, ନିଶ୍ଚିତଭାବେ ସମସ୍ୟାସବୁ ବାରଂବାର ଆସିବାକୁ ଲାଗନ୍ତି । କିନ୍ତୁ ଯଦି ସେମାନେ ସେମାନଙ୍କର ଚେତନାକୁ ସମ୍ପୂର୍ଣ୍ଣ ଭାବେ ଭଗବତ୍ ଅଭିମୁଖି କରାନ୍ତି, ତେବେ କଷ୍ଟ ଓ ଯନ୍ତ୍ରଣା ରହେ ନାହିଁ ।

ଶୀଘ୍ର ହେଉ କିଂବା ବିଳମ୍ବରେ ହେଉ ବିରୋଧୀ ଶକ୍ତିଗୁଡ଼ିକ ସେମାନଙ୍କର ପ୍ରଭାବ ଓ କର୍ତ୍ତୃତ୍ୱକୁ ନିଶ୍ଚିତ ତ୍ୟାଗ କରିବେ ଏବଂ ପରମ ସତ୍ୟକୁ ଗ୍ରହଣ କରିବେ । ଦୁଇଟି ପଥର ମଝିରେ ଜନ୍ମିଥିବା ଉଦ୍ଭିଦଟିକୁ ଉଦାହରଣ ସ୍ୱରୂପ ନିଅ । ପଥର ଉପରେ ଥିବା ଉଦ୍ଭିଦର ଅଗ୍ରଭାଗକୁ ଯଦି ତୁମେ କାଟିଦିଅ ତାହା ବାରଂବାର ବୃଦ୍ଧି ପାଇବ । ଯଦି ତୁମେ ପଥରକୁ ଗୋଟିଏ ପାଖକୁ ଠେଲି ଦେଇ ଉଦ୍ଭିଦର ଚେରକୁ ଉପାଡ଼ି ଦେବ, ତେବେ ତାହା ଶେଷ ହୋଇଯିବ । ଆମର ପ୍ରକୃତି ଏବଂ ତା'ର ମନ୍ଦ ଅଭ୍ୟାସ କ୍ଷେତ୍ରରେ ଏହି ଉଦାହରଣକୁ ପ୍ରୟୋଗ

କରାଯାଇପାରେ । ମନ୍ଦ ଅଭ୍ୟାସଗୁଡ଼ିକର ଉତ୍ପାଟନ କିଛି ସମୟ ପାଇଁ ଯନ୍ତ୍ରଣାଦାୟକ ହୋଇପାରେ, ମାତ୍ର ପରେ ଏହା ସବୁଦିନ ପାଇଁ ଚାଲିଯାଏ ।

ଯଦି ଲୋକେ ପ୍ରତ୍ୟେକ ବିଷୟ ଭଗବାନଙ୍କ ଉପରେ ଛାଡ଼ିଦିଅନ୍ତି, ପୂର୍ଣ୍ଣ ସମର୍ପଣ କରନ୍ତି ଏବଂ କେବଳ ଭଗବାନଙ୍କ ଉପରେ ଆସ୍ଥା ସ୍ଥାପନ କରନ୍ତି, ଭଗବାନ୍ ଶୀଘ୍ର ସେମାନଙ୍କୁ ସେମାନଙ୍କ ଲକ୍ଷ୍ୟ ଦିଗରେ ଆଗେଇ ନିଅନ୍ତି । ବାସ୍ତବତଃ ଯେଉଁମାନେ ଭଗବାନଙ୍କ ସଂକଳ୍ପ ଅନୁସାରେ ପ୍ରତ୍ୟେକ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥାଆନ୍ତି, ଭଗବାନ୍ ସେମାନଙ୍କ ପାଇଁ ଯୋଗ କରୁଛନ୍ତି । ୧୦.୬.୫୬

ଯେଉଁମାନେ ସେମାନଙ୍କର ଜୀବନର ପରିସମାପ୍ତି ଘଟାନ୍ତି, ସେମାନେ ଠିକ୍ କାର୍ଯ୍ୟ କରନ୍ତି ନାହିଁ । ଯାହା ଏହି ଶରୀରରେ ହୋଇ ପାରିଥା'ନ୍ତା, ତାହା ହୋଇ ପାରେ ନାହିଁ । ଏହି ସ୍ଥାନ – ଏହି ପୃଥିବୀହିଁ କେବଳ ଏକମାତ୍ର ସ୍ଥାନ ଯେଉଁଠାରେ ତୁମେ ସର୍ବଦା ଭଗବାନଙ୍କ ପ୍ରତି ସଚେତନ ହୋଇ ରହିପାରିବ ଏବଂ ଏହି ଶରୀରରେହିଁ ତୁମେ ଭଗବାନଙ୍କ ସହିତ ଏକତ୍ୱ ଲାଭ କରିବାକୁ ହେବ । ଅନ୍ୟଥା ମୃତ୍ୟୁ ପରେ ସତ୍ତାର ସମସ୍ତ ଅଂଶ ବିକ୍ଷିପ୍ତ ହୋଇଯାଏ ଏବଂ କୌଣସି ଉପାୟରେ ମଧ୍ୟ ସେଗୁଡ଼ିକ ଏକତ୍ର ହୋଇ ପାରନ୍ତି ନାହିଁ । ବହୁ ଜନ୍ମ ପାଇଁ ଏହାର ସମାଧାନ ହୋଇପାରେ ନାହିଁ ଏବଂ ଏହା ଆସିବା ପୂର୍ବରୁ ସହସ୍ର ବାଧା ଉତ୍‌ଥିତ ହୁଏ – ଏପରିକି ବର୍ତ୍ତମାନର ଜୀବନ ଠାରୁ ବହୁ ଅଧିକ । ଏହି ଶରୀରରେ ଥରେ ଯଦି ତୁମେ ଭଗବାନଙ୍କ ସହିତ ମିଳିତ ହୁଅ, ତା'ହେଲେ ତୁମେ ସବୁ ବନ୍ଧନରୁ ମୁକ୍ତ ହୋଇଯିବ ଏବଂ ଯେତେବେଳେ ତୁମେ ପାର୍ଥିବ ଜୀବନରୁ ନିଜକୁ ପ୍ରତ୍ୟାହାର କରି ନେବାକୁ ଚାହିଁବ, ତୁମେ ସ୍ୱାଧୀନ ଭାବରେ ଏହା କରିପାରିବ ।

୧୦.୬.୫୬

ଯୋଗ କରିବାକୁ ହେଲେ ସମସ୍ତ ପ୍ରତିକୂଳ ଉପାଦାନକୁ ପ୍ରତ୍ୟାଖ୍ୟାନ କର ଏବଂ ନିରନ୍ତର ଭଗବାନଙ୍କୁ ସ୍ମରଣ କର ।

ପୂର୍ଣ୍ଣ ସମର୍ପଣ ହେଉଛି ପସନ୍ଦ ଏବଂ ଅପସନ୍ଦସବୁକୁ ପରିତ୍ୟାଗ କରିବା; ଯଦିଓ ଏହା ଗୋଟିଏ ଦିନରେ ହୁଏ ନାହିଁ, ତୁମକୁ ଏହା ନିଶ୍ଚୟ ଅଭ୍ୟାସ କରିବାକୁ ହେବ ଏବଂ କ୍ରମେ ତୁମେ ଏହା କରିପାରିବ ।

ଏଥିପାଇଁ ଯୋଗ୍ୟ କିଂବା ଅଯୋଗ୍ୟର ପ୍ରଶ୍ନ ଉଠୁ ନାହିଁ, କାରଣ ପ୍ରତ୍ୟେକଙ୍କୁ ଶୀଘ୍ର ହେଉ କିଂବା ବିଳମ୍ବରେ ହେଉ ଭଗବାନଙ୍କୁ ପାଇବାକୁ ହେବ ।

ପ୍ରକୃତ ଭାଗ୍ୟବାନ୍ ସେହିମାନେ ଯେଉଁମାନେ ଏଠାରେ ଅଛନ୍ତି । ଲକ୍ଷ ଲକ୍ଷ ଲୋକ ଅଛନ୍ତି ଯେଉଁମାନେ ସାଧାରଣ ଜୀବନ ଯାପନ କରନ୍ତି ଏବଂ ଦିବ୍ୟ ଜୀବନ ସମ୍ପର୍କରେ କିଛି ନଜାଣି ଜନ୍ମ ହୁଅନ୍ତି ଓ ମୃତ୍ୟୁ ବରଣ କରନ୍ତି । ସେମାନଙ୍କର ମଧ୍ୟ ଏହି ସ୍ଥାନ ସମ୍ପର୍କରେ କିଛି ଧାରଣା ନଥାଏ । କେବଳ ଅଳ୍ପ କେତେ ଶହ ଲୋକ ଅଛନ୍ତି ଯେଉଁମାନେ ପରମ ସତ୍ୟକୁ ଜାଣନ୍ତି । ୧୦.୬.୫୬

ମାନବ ସତ୍ତାରେ ବିଭିନ୍ନ ପ୍ରକାର ପ୍ରକୃତି ରହିଛି, ଯାହାସବୁ ଚକ୍ରାକାରରେ ଗୋଟିଏ ପରେ ଗୋଟିଏ ଗତି କରୁଛନ୍ତି । ମଣିଷ ସେଗୁଡ଼ିକୁ ସର୍ବଦା ଦିବ୍ୟ ଆଲୋକ ସମ୍ମୁଖକୁ ଆଣିବା ଉଚିତ – ଯଦିଓ ସେମାନେ ଆଲୋକ ଦେଖିପାରନ୍ତି ନାହିଁ । କିନ୍ତୁ ଏହା ନିଶ୍ଚିତ ଯେ ଦିନେ ହଠାତ୍ ସେହି ଆଲୋକ ସ୍ୱୟଂ ପ୍ରକଟିତ ହେବ ଏବଂ ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରାଇବ ଏବଂ ସେମାନେ କହିବେ – ଆଃ ! ଏହା କ'ଣ ? ବାସ୍ତବରେ ଭଗବାନ୍ ଏଥିପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି । ଲୋକମାନେ ଏହା ଅନୁଭବ କରନ୍ତୁ ବା ନକରନ୍ତୁ, ଭଗବାନଙ୍କର ଏହି ଦିବ୍ୟ କର୍ମ ଅବିରତ ଚାଲିଛି । ...

ଏ ବିଷୟରେ (ଜାଣିବା ପାଇଁ) ବିଶ୍ୱବିଦ୍ୟାଳୟର କୌଣସି ଡିଗ୍ରୀ କିଂବା ବୌଦ୍ଧିକ ତୀକ୍ଷ୍ଣତାର ଆବଶ୍ୟକତା ନାହିଁ – ଯାହା ହେବାକୁ ଅଛି ଭଗବତ୍ କରୁଣା ଦ୍ୱାରା ତାହା ଆପେ ହେବ, ଲୋକେ ସେହି ଆଲୋକକୁ ଆଶ୍ଚର୍ଯ୍ୟ ହୋଇ ଦେଖିବେ ।

ସେମାନେ ନିଶ୍ଚୟ ଖାଇବେ, ଶୋଇବେ, ପଢ଼ିବେ ଏବଂ ସେମାନଙ୍କର କାର୍ଯ୍ୟ କରିବେ – ମାତ୍ର ନିଶ୍ଚିତ ଭାବରେ, ସେମାନେ ସେମାନଙ୍କର ଅଭୀପ୍ସା ଓ ବିଶ୍ୱାସକୁ ଅକ୍ଷତ ରଖି ସମସ୍ତ ମିଥ୍ୟା ପରାମର୍ଶକୁ ପ୍ରତ୍ୟାଖ୍ୟାନ କରିବା ସହ ନିରନ୍ତର ଭଗବାନଙ୍କୁ ପ୍ରାର୍ଥନା ଓ ସ୍ମରଣ କରିବା ଆବଶ୍ୟକ ।

୧୭.୬.୫୬

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

# ସ୍ୱାଧୀନତା, ପ୍ରଗତି ଓ ପୂର୍ଣ୍ଣତା

## ପ୍ରପତ୍ତି

କେଉଁ ଆଦିମ କାଳରୁ ମନୁଷ୍ୟ ଅଭୀପ୍ସା କରି ଆସିଛି ଜୀବନର ସକଳ ଅଭାବ, ଅସୁବିଧା, ଅସ୍ୱାସ୍ଥ୍ୟ, ବାଧାବିପତ୍ତି, ଅଶାନ୍ତି, ନୈରାଶ୍ୟ, ଅଜ୍ଞାନତା, ଅସାମର୍ଥ୍ୟ, ଦୁଃଖଦୁର୍ଦ୍ଦଶା, ଅଧୋଗତି, ମୃତ୍ୟୁ ଓ ଅପୂର୍ଣ୍ଣତାରୁ ମୁକ୍ତ ହୋଇ ଐଶ୍ୱର୍ଯ୍ୟ, ସ୍ୱାସ୍ଥ୍ୟ, ନିରାପତ୍ତା, ଶାନ୍ତି, ଆଶା, ଜ୍ଞାନ, ଶକ୍ତି, ଆନନ୍ଦ, ସ୍ୱାଧୀନତା, ପ୍ରଗତି, ଅମରତ୍ୱ ଓ ପୂର୍ଣ୍ଣତା ଲାଭ କରିବା ନିମିତ୍ତ । କିନ୍ତୁ ଏପର୍ଯ୍ୟନ୍ତ ସେ ଏହି ଲକ୍ଷ୍ୟ ହାସଲ କରିପାରୁ ନାହିଁ କାହିଁକି ? ତା'ର ପ୍ରକୃତି ଓ ପ୍ରଚେଷ୍ଟାରେ କ'ଣ ଅଭାବ ରହିଛି ଯଦ୍ୱାରା ସେ ଏହି ଲକ୍ଷ୍ୟ ହାସଲରୁ ବଞ୍ଚିତ ହୋଇ ଦୁଃଖଦୁର୍ଦ୍ଦଶା ପ୍ରପୀଡ଼ିତ ତଥା ପ୍ରକୃତିର ଦାସାନୁଦାସ ହୋଇ ଜୀବନଯାପନ କରୁଛି ?

ଗଭୀର ଦୃଷ୍ଟିପାତ କଲେ ଜଣାଯାଏ ଯେ ମନୁଷ୍ୟର ଉଚ୍ଚତର ପ୍ରାଣ ଓ ମନ ଏବଂ ଅନ୍ତରାତ୍ମା ସର୍ବାଙ୍ଗୀଣ ସ୍ୱାଧୀନତା ନିମିତ୍ତ ଅଭୀପ୍ସା କରିବାବେଳେ ନିମ୍ନତର ପ୍ରାଣ ଓ ମନ ପୁରାତନ ଗତିବୃତ୍ତି, ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ ଆଦି ସ୍ୱାଧୀନତା-ବିରୋଧୀ ଚେତନା ଓ କ୍ରିୟାକଳାପକୁ ଜାବୁଡ଼ି ଧରି ରହିବାକୁ ଚାହାଁନ୍ତି । ମନୁଷ୍ୟର ଉଚ୍ଚତର ସତ୍ତା ସ୍ୱାଧୀନତା ନିମିତ୍ତ ଅଭୀପ୍ସା କଲେ ମଧ୍ୟ ନିମ୍ନତର ସତ୍ତା ଅହଂ ପରିଚାଳିତ ସ୍ୱେଚ୍ଛାଚରିତା ଦ୍ୱାରା ପରିଚାଳିତ ହେବାକୁ ଚାହିଁଥାଏ । ତେଣୁ ଆମେ ଆଜି ମଧ୍ୟ ଦେଖିବାକୁ ପାଉ ଯେ ମନୁଷ୍ୟ ମଧ୍ୟରେ ସତ୍ୟ, ଆଲୋକ, ପ୍ରେମ, ଆନନ୍ଦ, ଅମରତ୍ୱ ଓ ପୂର୍ଣ୍ଣତା ନିମିତ୍ତ ଅଭୀପ୍ସା ଥିବା ସତ୍ତ୍ୱେ ଠିକ୍ ଏସବୁର ବିପରୀତ ବସ୍ତୁଗୁଡ଼ିକ – ମିଥ୍ୟା, ଅନ୍ଧକାର, ଘୃଣା, ଦୁଃଖଯନ୍ତ୍ରଣା, ମୃତ୍ୟୁ ଓ ଅପୂର୍ଣ୍ଣତାର ରାଜୁତି ଚାଲିଛି । ମନୁଷ୍ୟ ନିଜର ଦିବ୍ୟତ୍ୱକୁ ଭୁଲିଯାଇ ଅଦିବ୍ୟତ୍ୱ ମଧ୍ୟରେ ନିମଗ୍ନ ରହିଛି, ସ୍ୱାଧୀନତା ସ୍ଥାନରେ ଅହମିକା ଓ ସ୍ୱେଚ୍ଛାଚାରିତାକୁ ବରଣ କରିଛି । ସ୍ୱାଧୀନତାର ଯଥାର୍ଥ ମର୍ମକୁ ଆଜି ମଧ୍ୟ ମନୁଷ୍ୟ ନବୁଝି ବିପଥଗାମୀ ହୋଇ ଚାଲିଛି ।

ଯଥାର୍ଥରେ ସ୍ୱାଧୀନତାର ଅର୍ଥ କ'ଣ ? ସ୍ୱାଧୀନତାହିଁ ଦିବ୍ୟସୃଷ୍ଟିର ମୂଳସୂତ୍ର । ପରମେଶ୍ୱରଙ୍କ ବିଧାନରେ, ସତ୍ୟର ବିଧାନରେ, ଅନ୍ତରାତ୍ମାର ବିଧାନରେ ଅବାଧ ପ୍ରଗତିହିଁ ହେଉଛି ସ୍ୱାଧୀନତା । ସ୍ୱାଧୀନତାହିଁ ସତ୍ୟର ବିଜୟର ପଥ, ଅବାଧ ସୃଜନଶୀଳ ଛନ୍ଦ । ମନୁଷ୍ୟର ସକଳ ଅନ୍ତରାତ୍ମିକ ଅଭୀପ୍ସାର – ଭାଗବତ ଐଶ୍ୱର୍ଯ୍ୟ, ସୁସ୍ଥ ଜୀବନ, ନିରାପତ୍ତା, ଶାନ୍ତି, ଆନନ୍ଦ, ଅମରତ୍ୱ, ପ୍ରଗତି ଓ ପୂର୍ଣ୍ଣତା ନିମିତ୍ତ ଏକନିଷ୍ଠ ଆସ୍ପୃହାର ପରିପୂର୍ଣ୍ଣତା ନିମିତ୍ତ ଏକମାତ୍ର ଅବ୍ୟର୍ଥ ଉପାୟ ହେଲା ଭାଗବତ ବା ଅନ୍ତରାତ୍ମିକ ସତ୍ୟବିଧାନର ଅବାଧ ପ୍ରଗତିପଥକୁ (ଯାହା ସ୍ୱାଧୀନତାର ଯଥାର୍ଥ ପଥ) ଅନୁସରଣ କରିବା । କାରଣ ଯଥାର୍ଥରେ ସ୍ୱାଧୀନତା ହେଉଛି ଦିବ୍ୟସୃଷ୍ଟିକୁ କାର୍ଯ୍ୟକାରୀ କରିବାର ସତ୍ୟ-ବିଧାନର ଚିରନ୍ତନ ପଥ ।

ବିଶ୍ୱସୃଷ୍ଟିର ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଭଗବାନଙ୍କ ଅଂଶ ବା ପ୍ରତିନିଧି ଭାବରେ ଅନ୍ତରାତ୍ମା ବା ଚୈତ୍ୟସତ୍ତା ଅବତୀର୍ଣ୍ଣ ହୋଇଥାଏ ଏବଂ ଏହା ଜାଣେ ଯେ ଭଗବାନଙ୍କ ବିଧାନ, ପରମ ସତ୍ୟର ବିଧାନ କ'ଣ ଏବଂ ସେହି ବିଧାନକୁ ଏହା ଶରୀର, ପ୍ରାଣ ଓ ମନରୂପକ ଯନ୍ତ୍ରସକଳ ଦ୍ୱାରା କାର୍ଯ୍ୟକାରୀ କରିବାକୁ ଚାହେଁ । କିନ୍ତୁ ଏହି ଯନ୍ତ୍ରଗୁଡ଼ିକ ଅହଂଚାଳିତ ହୋଇ, ମିଥ୍ୟା ବା ଭାଗବତ ବିରୋଧୀ ଶକ୍ତିର ଅଧୀନ ହୋଇ, ଅନ୍ତରାତ୍ମିକ ବିଧାନକୁ ଅବମାନନା କରି ସ୍ୱେଚ୍ଛାଚାରୀ ଭାବରେ ଭ୍ରାନ୍ତପଥକୁ ଅନୁସରଣ କରୁଥିବାରୁ ତଥା ମୂଳ ଭାଗବତ ସତ୍ୟ, ଜ୍ଞାନ ଓ ଆନନ୍ଦରୁ ବିଚ୍ଛିନ୍ନ ହୋଇ ଯାଉଥିବାରୁ ଅସତ୍ୟ, ଅଜ୍ଞାନ, ଆସକ୍ତି ଓ ଦୁଃଖଯନ୍ତ୍ରଣାଗ୍ରସ୍ତ ହୋଇ ଜୀବନଯାପନ କରିବାକୁ ମନୁଷ୍ୟ ବାଧ୍ୟ ହୋଇଥାଏ । କେବଳ ବ୍ୟକ୍ତିଗତ ଜୀବନରେ ନୁହେଁ, ସାମାଜିକ, ଜାତୀୟ ତଥା ଆନ୍ତର୍ଜାତିକ ଜୀବନରେ ମଧ୍ୟ ଠିକ୍ ଏହି ଏକହିଁ କଥା । କାରଣ ବ୍ୟକ୍ତି ମଧ୍ୟରେ କେନ୍ଦ୍ରୀୟ ସତ୍ତା ବା ଅନ୍ତରାତ୍ମା ରୂପେ ଯେପରି ଭଗବାନ୍ ବିଦ୍ୟମାନ ରହିଥା'ନ୍ତି, ଠିକ୍ ସେହିପରି ସମାଜ, ଦେଶ, ବିଶ୍ୱ ବା ସମଗ୍ର ମାନବଜାତି ମଧ୍ୟରେ ସମାଜ-ଆତ୍ମା, ଦେଶ-ଆତ୍ମା, ବିଶ୍ୱ-ଆତ୍ମା ବା ମାନବଜାତିର ଆତ୍ମା ରୂପେ ସେ ଭାଗବତ ଅଭିବ୍ୟକ୍ତି ନିମିତ୍ତ ଏ ଜଗତରେ ଅବତୀର୍ଣ୍ଣ ହୋଇଥା'ନ୍ତି । କିନ୍ତୁ ଏହିସବୁ ସାମୂହିକ ସତ୍ତା ସେମାନଙ୍କ ଆତ୍ମା ବା କେନ୍ଦ୍ରୀୟ ଭାଗବତ ସତ୍ୟର ସେହି ସ୍ୱାଧୀନ ପଥକୁ ବା ସତ୍ୟ-ବିଧାନର ପଥକୁ ବୁଝି ନପାରି, ସ୍ୱେଚ୍ଛାଚାରୀ ଭାବରେ ଭାଗବତ ସତ୍ୟଚେତନାରୁ ଅପସରି ଯାଇ ଭ୍ରାନ୍ତଚେତନାଜନିତ ଭ୍ରାନ୍ତକର୍ମ ଫଳରେ ସାମାଜିକ, ଜାତୀୟ ତଥା ଆନ୍ତର୍ଜାତିକ ଜୀବନରେ ଦୁଃଖ-ଦୁର୍ଦ୍ଦଶାକୁ ବରଣ

କରିଥା'ନ୍ତି ଯାହା ବର୍ତ୍ତମାନ ପୃଥିବୀରେ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ଆମ୍ଭେମାନେ ଅନୁଭବ କରୁଛୁ । ଏଥିରୁ ମୁକ୍ତ ହେବା ନିମିତ୍ତ ଏକମାତ୍ର ପଥ ହେଲା ଆତ୍ମିକ ତଥା ବାହ୍ୟିକ (ମନ-ପ୍ରାଣ-ଶରୀର ସମ୍ବନ୍ଧୀୟ) ଚେତନା ଓ କ୍ରିୟାକଳାପରେ ସଙ୍ଗତି ଯାହା ଦ୍ୱାରା ଆମେ ଆନ୍ତର ତଥା ବାହ୍ୟ ସ୍ୱାଧୀନତା ବା ସର୍ବାଙ୍ଗୀଣ ସ୍ୱାଧୀନତା ଲାଭ କରି ଭାଗବତ ସତ୍ୟର ବିଧାନ ଅନୁସାରେ ପ୍ରଗତିଶୀଳ ପୂର୍ଣ୍ଣତା (Integral progressive perfection) ଲାଭ କରିପାରିବୁ ।

ତେଣୁ ସର୍ବାଙ୍ଗୀଣ ସ୍ୱାଧୀନତାର ପଥ ଅନୁସରଣ କରିବାର ତାତ୍ପର୍ଯ୍ୟ ହେଲା ଭାଗବତ ସତ୍ୟ-ବିଧାନ କ'ଣ ତାହାକୁ ଜାଣିବା, ଉପଲବ୍ଧି କରିବା ଏବଂ ଜୀବନ ଓ ଜଗତରେ ତାହାକୁ କାର୍ଯ୍ୟକାରୀ ବା ଅଭିବ୍ୟକ୍ତ କରିବା । କିନ୍ତୁ କେବଳ ବ୍ୟକ୍ତିଗତ କ୍ଷେତ୍ରରେ ନୁହେଁ, ସାମାଜିକ, ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ଏହା ଏକାନ୍ତ ଆବଶ୍ୟକ । କାରଣ ସମଗ୍ର ମାନବସମାଜରେ ସର୍ବାଙ୍ଗୀଣ ସ୍ୱାଧୀନତା ହାସଲ ନହେଲେ ବ୍ୟକ୍ତିଗତ ଜୀବନରେ ସର୍ବାଙ୍ଗୀଣ ସ୍ୱାଧୀନତା ଲାଭ କରିବା ଆଦୌ ସମ୍ଭବ ନୁହେଁ; ଅର୍ଥାତ୍ ବ୍ୟକ୍ତି ଏବଂ ସମାଜ ଏକ ସଙ୍ଗେ ସତ୍ୟ ବିଧାନର ପଥ ବା ସ୍ୱାଧୀନତାର ପଥ ଅନୁସରଣ କରିବା ନିମିତ୍ତ ଅଭୀପ୍ସା ତଥା ପ୍ରଚେଷ୍ଟା କରିବା ଆବଶ୍ୟକ ।

ବର୍ତ୍ତମାନ ଆମ୍ଭମାନଙ୍କୁ ବୁଝିବାକୁ ହେବ ଯେ ସତ୍ୟର ବିଧାନକୁ ଜୀବନରେ ତଥା ଜଗତରେ ଜାଣିବା, ଉପଲବ୍ଧି କରିବା ଏବଂ ଅଭିବ୍ୟକ୍ତି କରିବାର ଅର୍ଥ କ'ଣ ? ଶ୍ରୀଅରବିନ୍ଦ ଓ ଶ୍ରୀମା ସେମାନଙ୍କ ଗଭୀର ସାଧନାଜନିତ ଉପଲବ୍ଧି ଦ୍ୱାରା ଏହି ରହସ୍ୟକୁ ପ୍ରାପ୍ତ ହୋଇ ମାନବ ସମାଜକୁ ସର୍ବାଙ୍ଗୀଣ ସ୍ୱାଧୀନତାଭିତ୍ତିକ ପ୍ରଗତିଶୀଳ ପୂର୍ଣ୍ଣତାର ଜୀବନପଥ ବା ଭାଗବତ ସତ୍ୟର ପୂର୍ଣ୍ଣାଙ୍ଗ ଅଭିବ୍ୟକ୍ତିର ପଥ ଦର୍ଶାଇଛନ୍ତି । ସେମାନଙ୍କ ପୂର୍ଣ୍ଣାଙ୍ଗ ଆଦର୍ଶ ଅନୁସାରେ ବ୍ୟକ୍ତିଗତ ତଥା ସାମାଜିକ ଜୀବନରେ ପୂର୍ଣ୍ଣାଙ୍ଗ ଭାଗବତ ସତ୍ୟକୁ ଜାଣିବା ନିମିତ୍ତ ପୂର୍ଣ୍ଣାଙ୍ଗ ଶିକ୍ଷା ଆବଶ୍ୟକ; ତାହାକୁ ଉପଲବ୍ଧି କରିବା ନିମିତ୍ତ ପୂର୍ଣ୍ଣ ଭାଗବତ ଉପଲବ୍ଧି ବା ପୂର୍ଣ୍ଣଯୋଗ ଆବଶ୍ୟକ ଏବଂ ପୂର୍ଣ୍ଣଯୋଗ ଦ୍ୱାରା ଭାଗବତ ସୃଜନଶୀଳ ଚେତନା ବା ଅତିମାନସ ଚେତନାରେ ଅଧିରୂଢ଼ ହୋଇ ଭାଗବତ ସଙ୍କଳ୍ପକୁ ଅଭିବ୍ୟକ୍ତ କରିବା ନିମିତ୍ତ ପୂର୍ଣ୍ଣାଙ୍ଗ ସଂସ୍କୃତି ଆବଶ୍ୟକ । ଶ୍ରୀଅରବିନ୍ଦ ଓ ଶ୍ରୀମା ଆମ୍ଭମାନଙ୍କୁ ଏହି ତ୍ରିବିଧ ପଥ ମାଧ୍ୟମରେହିଁ ପୂର୍ଣ୍ଣାଙ୍ଗ ସ୍ୱାଧୀନତା ଓ ପ୍ରଗତିଶୀଳ ପୂର୍ଣ୍ଣତାର ମାର୍ଗ ଦର୍ଶାଇଛନ୍ତି ଏବଂ ଏହାକୁ ବ୍ୟକ୍ତିଗତ ତଥା ସାମାଜିକ ଜୀବନରେ ଅନୁସରଣ କରିବାର ଯେଉଁ ସତ୍ୟ ବିଧାନ ଦର୍ଶାଇଛନ୍ତି ତାହା ହେଲା ଏକତା (unity), ପାରସ୍ପରିକ ସହଯୋଗିତା(mutuality) ଏବଂ ସଙ୍ଗତି (harmony)ର ତ୍ରିବିଧ ବିଧାନ ।

ମାନବ ଜୀବନରେ ତଥା ସମାଜରେ ସର୍ବାଙ୍ଗୀଣ ସ୍ୱାଧୀନତା ତଥା ପ୍ରଗତିଶୀଳ ପୂର୍ଣ୍ଣତାର ଏହାହିଁ ଏକମାତ୍ର ଆଧ୍ୟାତ୍ମିକ ତଥା ଯୁକ୍ତିସଙ୍ଗତ ବିଧାନ ଓ ମାର୍ଗ । ଏହା ବ୍ୟତୀତ ଅନ୍ୟ କୌଣସି ମାର୍ଗ ନାହିଁ ଯାହା ମାନବର ଆଦିମ ତଥା ଉଚ୍ଚତମ ଅଦମ୍ୟ ଅଭୀପ୍ସାର ପରିପୂରଣ ନିମିତ୍ତ ସହାୟକ ହେବ । ସମଗ୍ର ମାନବଜାତି ବିଶେଷତଃ ଭାରତବାସୀଙ୍କ ସକାଶେ ଏହା ଏକାନ୍ତ ଅନୁଧ୍ୟେୟ ତଥା କରଣୀୟ; କାରଣ ଭାରତର ଆତ୍ମା ସକାଶେହିଁ ଏହି ପୂର୍ଣ୍ଣାଙ୍ଗ ଆଦର୍ଶକୁ ଅନୁସରଣ କରି ସମଗ୍ର ମାନବଜାତିକୁ ଏ ଦିଗରେ ପ୍ରଭାବିତ ତଥା ଜାଗ୍ରତ୍ କରିବାର ଦାୟିତ୍ୱ ବିଧିନିର୍ଦ୍ଦିଷ୍ଟ । ଏ ଦିଗରେ ଭାରତ କି ଭାବରେ, କେତେ ଶୀଘ୍ର ପଦକ୍ଷେପ ନେବ, ତାହା ଭାରତର ନାଗରିକମାନଙ୍କର ତଥା ସରକାରଙ୍କର ଗଭୀରଭାବେ ଏକାନ୍ତ ଅନୁଧ୍ୟେୟ; କାରଣ ଭାରତହିଁ ହେବ ମାନବଜାତିର ଆଧ୍ୟାତ୍ମିକ ଗୁରୁ ଓ ପଥପ୍ରଦର୍ଶକ ।

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ପ୍ରଥମ ଖଣ୍ଡ, ପୃ. ୩୫୧-୩୫୩)

❑❑❑

ପ୍ରକୃତ ସୁଖ ଆସିଥାଏ ଆତ୍ମାର ସନ୍ତୋଷ ମଧ୍ୟରୁ, ଶରୀର ବା ପ୍ରାଣରୁ ନୁହେଁ । ପ୍ରାଣ ତ କେବେ ମଧ୍ୟ ସନ୍ତୁଷ୍ଟ ହୁଏ ନାହିଁ । ଶରୀର ମଧ୍ୟ ଅତିଶୀଘ୍ର ଗତିହୀନ ହୋଇଯାଏ । କେବଳ ଚୈତ୍ୟସତ୍ତା ଆଣିଦିଏ ପ୍ରକୃତ ସୁଖ ଓ ଆନନ୍ଦ ।

— ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୦୧)

ମହେନ୍ଦ୍ରନାଥ ସ୍ୱାଇଁ

**ପବିତ୍ର ଦିବସ :**

ମାର୍ଚ୍ଚ ମାସ ୯ ତାରିଖ ୧୯୧୪ ମସିହାରେ ମା' ଲେଖନ୍ତି –

"THOSE who live for Thee and in Thee may change their physical surroundings, their habits, climate, "milieu", but everywhere they find the same atmosphere; they carry that atmosphere in themselves, in their thought constantly fixed on Thee. Everywhere they feel at home, for everywhere they are in Thy house. No longer do they marvel at the novelty, unexpectedness, picturesqueness of things and countries; for them, it is Thy Presence that is manifest in all and Thy unchangeable splendour, which never leaves them, is apparent in the least grain of sand. The whole earth chants Thy praises; in spite of the obscurity, misery, ignorance, through it all, it is still the glory of Thy love which we perceive and with which we can commune ceaselessly everywhere.

"O Lord, my sweet Master, all this I constantly experience on this boat which seems to me a marvellous abode of peace, a temple sailing in Thy honour over the waves of the subconscient passivity which we have to conquer and awaken to the consciousness of Thy divine Presence.

"Blessed was the day when I came to know Thee, O Ineffable Eternity.

"Blessed among all days be that day when the earth at last awakened shall know Thee and shall live only for Thee."

''ଯେଉଁମାନେ ତୁମ ପାଇଁ ଓ ତୁମ ଭିତରେ ବାସ କରନ୍ତି, ସେମାନେ ସେମାନଙ୍କର ସ୍ଥୂଳ ପାରିପାର୍ଶ୍ୱିକ ଅବସ୍ଥା, ଦୈନନ୍ଦିନ କର୍ମସୂଚୀ, ଅଭ୍ୟାସ, ଜଳବାୟୁ ଓ ଆବେଷ୍ଟନୀସବୁକୁ ପରିବର୍ତ୍ତନ କରିପାରନ୍ତି; କିନ୍ତୁ ସର୍ବତ୍ର ସେମାନେ ଏକ ପ୍ରକାରର ବାତାବରଣ ପ୍ରାପ୍ତ ହୋଇଥା'ନ୍ତି, କାରଣ ସେମାନେ ନିଜ ଭିତରେ ସେହି ବାତାବରଣକୁ ବହନ କରି ନେଉଥା'ନ୍ତି । ନିଜ ଚିନ୍ତା ଏବଂ ଭାବନା ଭିତରେ ନିରବଚ୍ଛିନ୍ନ ଭାବରେ ସର୍ବତ୍ରହିଁ ସେମାନେ ନିଜ ଘରେ ରହିଲା ପରି ଅନୁଭବ କରନ୍ତି, କାରଣ ପ୍ରତ୍ୟେକ ସ୍ଥାନରେ ସେମାନେ ତୁମ ଗୃହରେ ବାସ କରୁଥା'ନ୍ତି । ବସ୍ତୁମାନଙ୍କ ଭିତରେ ଏବଂ ଦେଶ ମହାଦେଶ ଭିତରେ ଯଦି କୌଣସି ଅତ୍ୟାଧୁନିକ, ଅପ୍ରତ୍ୟାଶିତ ଏବଂ ସୁନ୍ଦର ଚମତ୍କାର ଦୃଶ୍ୟ ଦର୍ଶନ କରନ୍ତି ସେଥିରେ ସେମାନେ ଆଉ ଚମତ୍କୃତ ହୁଅନ୍ତି ନାହିଁ; କାରଣ ଏହି ସମସ୍ତଙ୍କ ଭିତରେ ତୁମର ଦିବ୍ୟ ଉପସ୍ଥିତିର ପରିପ୍ରକାଶ ହୋଇଛି ବୋଲି ସେମାନେ ଦେଖି ପାରନ୍ତି ଏବଂ ତୁମର ଅପରିବର୍ତ୍ତନୀୟ ଜ୍ୟୋତିର୍ମୟ ସ୍ୱରୂପ ଯାହା ସେମାନଙ୍କୁ କେବେ ହେଲେ ତ୍ୟାଗ କରେ ନାହିଁ, କ୍ଷୁଦ୍ର ଧୂଳିକଣାଟିଏ ଭିତରେ ମଧ୍ୟ ତାହା ପରିଷ୍କାର ଭାବରେ ଦୃଷ୍ଟିଗୋଚର ହେଉଥାଏ । ସମଗ୍ର ବିଶ୍ୱ ତୁମର ପ୍ରଶଂସା ଗାନ କରୁଛି; ଅନ୍ଧକାର, ଦୈନ୍ୟତା, ଅଜ୍ଞାନତା ସତ୍ତ୍ୱେ ବି ଏ ସମସ୍ତ ଭିତରେ ତୁମ ଦିବ୍ୟ ପ୍ରେମର ଗୌରବ ଯାହାକୁ ଆମେ ପ୍ରତ୍ୟକ୍ଷ କରିପାରୁଛୁ ଏବଂ ତା' ସହିତ ପ୍ରତ୍ୟେକ ସ୍ଥାନରେ ନିରବଚ୍ଛିନ୍ନ ଭାବରେ ସଂଯୋଗ ସ୍ଥାପନ କରି ପାରୁଛୁ ।

''ହେ ପ୍ରଭୁ, ମୋର ମଧୁରତମ ପ୍ରଭୁ, ଏହି ସବୁକଥାକୁ ମୁଁ ଅନବରତ ଏହି ଜାହାଜ ଭିତରେ ଅନୁଭବ କରିପାରୁଛି ଯାହା ମୋତେ ଏକ ଚମତ୍କାର ପ୍ରଶାନ୍ତିର ଗୃହ ବୋଲି ମନେ ହେଉଛି, ଏବଂ ତୁମକୁ ସମ୍ମାନ ପ୍ରଦର୍ଶନ ନିମନ୍ତେ ଏକ ଭାସମାନ ମନ୍ଦିର ସଦୃଶ ସ୍ଥିର ଅବଚେତନାର ଢେଉ ଉପରେ ଆଗକୁ

ବଢୁଛି, ଯେଉଁ ଅବଚେତନାକୁ ଆମକୁ ଜୟ କରିବାକୁ ହେବ ଏବଂ ତୁମର ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତନ କରାଇବାକୁ ହେବ ।

''ହେ ଅବର୍ଣ୍ଣନୀୟ ଚିରନ୍ତନ ପ୍ରଭୁ, ସେହି ଦିବସଟି ମୋ ପାଇଁ ଏକ ପବିତ୍ରତମ ଦିବସ, ତୁମର ଆଶୀର୍ବାଦ ବହନ କରି ଆଣିଥିବା ଦିବସଟିଏ, ଯେଉଁଦିନ ମୁଁ ତୁମକୁ ଜାଣିବାକୁ ପାଇଲି ।

''ସମସ୍ତ ଦିବସମାନଙ୍କ ମଧ୍ୟରେ ସେହି ଦିବସଟି ଆଶୀର୍ବାଦର ଦିବସ, ଯେଉଁଦିନ ଏହି ପୃଥିବୀ ସର୍ବଶେଷରେ ଜାଗ୍ରତ୍ ହୋଇ ଉଠିବ ଏବଂ ତୁମକୁ ଜାଣି ପାରିବ ଏବଂ କେବଳ ମାତ୍ର ତୁମ ପାଇଁ ବଞ୍ଚି ରହିବ ।''

ଆଲୋଚ୍ୟ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ସେହିମାନଙ୍କ କଥା କହୁଛନ୍ତି ଯେଉଁମାନେ ପରମ ପ୍ରଭୁଙ୍କ ଭିତରେ ବାସ କରୁଛନ୍ତି । ଏହି ବ୍ୟକ୍ତିସକଳ ହେଉଛନ୍ତି ସାଧକ-ଭକ୍ତ, ସେମାନଙ୍କର ଜୀବନ ନିର୍ବାହ କରିବାର ଶୈଳୀ ଏପରି ଯେ କିଛିଦିନ ପରେ ଅବଲୀଳାକ୍ରମେ ତାଙ୍କର ଚାରିପାଖର ପରିବେଶ ଅନ୍ୟ ପ୍ରକାରର ହୋଇଯାଏ, ସରଳ ହୋଇଯାଏ । ଫଳତଃ ସାଧନା ନିମନ୍ତେ ପରିବେଶ ଓ ପରିସ୍ଥିତି ସହାୟକ ହୋଇଥାଏ । ତତ୍ପରେ ମା' ଲେଖୁଛନ୍ତି, ଅଭ୍ୟାସ (habits) ଏବଂ ଜଳବାୟୁ (climate) ବିଷୟରେ । ପ୍ରଭୁଙ୍କ ଭିତରେ ବାସକଲେ ସାଧକ-ଭକ୍ତଙ୍କ ଅନ୍ତରସ୍ଥ ବହୁ ଚିରାଚରିତ ଅଭ୍ୟାସ ଯାହାକୁ ସାଧକ ତା'ର ଚତୁଃପାର୍ଶ୍ୱର ପରିସ୍ଥିତି, ଲୋକ ସମ୍ପର୍କ, ସମାଜ, ଅନୁଷ୍ଠାନ ତଥା ପ୍ରାରବ୍ଧରୁ ପ୍ରାପ୍ତ ହୋଇଥାଏ ସେସବୁ ଆପେ ଆପେ ବଦଳି ଯାଇଥାଏ । ସେମାନଙ୍କ ସ୍ଥାନରେ ଅନେକ ନୂତନ ସାଧନା, ଅନୁକୂଳ ସମ୍ପର୍କ ଗଢ଼ିଉଠେ, ନୂତନ ବନ୍ଧୁମାନେ ମିଳିଯା'ନ୍ତି, ପରିବାରର ସଂଜ୍ଞା ମଧ୍ୟ ବଦଳିଯାଏ । ପ୍ରାରବ୍ଧ ପୋଛି ହୋଇଯାଏ । ନୂତନ ପୃଷ୍ଠଭୂମିରେ ନୂତନ ଚେତନାର ରଙ୍ଗ ବୋଳି ହୋଇଯାଏ । ଏହି ସମସ୍ତ ଘଟି ଥାଏ ପ୍ରଭୁଙ୍କ କୃପାରୁ । ତତ୍ପରେ ମା' କହୁଛନ୍ତି "milieu"ର କଥା । "Milieu" ଏକ ଫ୍ରେଞ୍ଚ ଶବ୍ଦ, ଯାହାର ଅର୍ଥ "a person's social enviornment" – ଆମ ଚତୁଃପାର୍ଶ୍ୱରେ ଥିବା ସଂସ୍କୃତି: ଆମ ପରିବାର, ଘର, ପଡ଼ୋଶୀ, ଆମେ ପଢ଼ିଥିବା ସ୍କୁଲ, କଲେଜ ଏବଂ ସମ୍ପର୍କିତ ଲୋକମାନେ ଯେଉଁମାନଙ୍କୁ ନେଇ ବାଟ ଚାଲୁଛେ, ସେମାନେ ଆମ ଉପରେ ସୂକ୍ଷ୍ମ ଭାବରେ ହେଉ ଅଥବା ସ୍ଥୂଳ ଭାବରେ ହେଉ ପ୍ରଭାବ ପକାଉଛନ୍ତି । କିନ୍ତୁ ଯେଉଁ ସାଧକ-ଭକ୍ତ ପ୍ରଭୁଙ୍କ ଭିତରେ ବାସ କରୁଛନ୍ତି ସେମାନେ ଯେଉଁଠିକୁ ଯାଆନ୍ତୁ ନା କାହିଁକି ସର୍ବତ୍ର ପରମ ପ୍ରଭୁଙ୍କର ଉପସ୍ଥିତିକୁ ଅନୁଭବ କରନ୍ତି ।

ଆମ୍ଭେମାନେ ଯଦି ଶ୍ରୀମାଶ୍ରୀଅରବିନ୍ଦଙ୍କୁ ସର୍ବଦା ସ୍ମରଣ କରିବା, ସବୁ ଭଲ ମନ୍ଦକୁ ତାଙ୍କୁ ନିବେଦନ କରିବା ଓ ପ୍ରଭୁଙ୍କର ରଚିତ ପୁସ୍ତକମାନ ପାଠ କରି ତାହା ଭିତରେ ପ୍ରବାହିତ ହେଉଥିବା ଅମୃତ-ସ୍ରୋତରେ ନିଜକୁ ଅବଗାହନ କରାଇବା, ତାହାହେଲେ ସବୁସ୍ଥାନ ଆମକୁ ଆଶ୍ରମ ଭଳି ଲାଗିବ । ମା'ଙ୍କ ସ୍ନେହବୋଳା ବାଣୀ ଆମ କର୍ଣ୍ଣପଥରେ ଗୁଞ୍ଜରିତ ହେବ ଏବଂ ମଧୁମୟ ସ୍ମିତହାସ୍ୟ ଦର୍ଶନରେ ଚକ୍ଷୁ ପବିତ୍ର ହୋଇଉଠିବ । ଆମର ଶ୍ରମ ଲାଘବ ହେବ, ମୁଣ୍ଡ ଉପରେ ଲଦା ହୋଇଥିବା ବୋଝ ହାଲୁକା ହୋଇଯିବ । ଅଡୁଆସୂତା ସହଜରେ ଖୋଲିଯିବ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଲୋକରେ ପଥ ପରିଷ୍କାର ଦେଖାଯିବ ଏବଂ ଅବୁଝା କଥା ବୁଝି ହୋଇଯିବ । ବାହାରକୁ ଚକ୍‌ଚକ୍ ଦେଖା ଯାଉଥିବା ଅତ୍ୟାଧୁନିକ ଦ୍ରବ୍ୟମାନେ ଆମକୁ ବାଟବଣା କରିପାରିବେ ନାହିଁ । ଭାବପ୍ରବଣତାର ସ୍ରୋତରେ ପ୍ରବାହିତ ହୋଇ କୌଣସି ଅଘଟଣର ସମ୍ମୁଖୀନ ହେବା ନାହିଁ । ଆମେ ଆଶା କରି ନଥିବା, ଚିନ୍ତା କରି ନଥିବା କୌଣସି ଜିନିଷ ପ୍ରାପ୍ତ ହେଲେ ତାହା ପ୍ରତି ଆସକ୍ତ ହେବା ନାହିଁ କି ଜୀବନ ଧନ୍ୟ ହୋଇଗଲା ବୋଲି ମନେ କରିବା ନାହିଁ । ସେସବୁକୁ ଏକତ୍ରିତ କରି ମା'ଙ୍କ ପାଦପଦ୍ମରେ ସମର୍ପଣ କରିଦେବା ।

"Picturesque"ର ଅର୍ଥ ହେଲା ଦୃଷ୍ଟିଆକର୍ଷଣକାରୀ ଛବି । କୌଣସି ସ୍ଥାନ, କୋଠାଘର, ଗୃହ ଭିତରର ସାଜସଜ୍ଜା ଯଦି ସୁନ୍ଦର, ମନୋମୁଗ୍ଧକର ହୋଇଥାଏ, ତା'ର ଆକର୍ଷଣରେ ମୋହିତ ହେଲେ ମା'ଙ୍କ ଭିତରେ ବାସ କରିବା ସାଧକ-ସାଧିକାମାନଙ୍କ ପକ୍ଷରେ ସମ୍ଭବପର ହୋଇ ନଥାଏ, କାରଣ ସମସ୍ତେ ମା'ଙ୍କର ଅପରିବର୍ତ୍ତନୀୟ ଦିବ୍ୟଜ୍ୟୋତିଃକୁ ସର୍ବତ୍ର ଉଦ୍ଭାସିତ ହେଉଥିବାର ଦେଖି ପାରୁଥା'ନ୍ତି ।

ପୁନଶ୍ଚ ଦିବ୍ୟଜନନୀ ଶ୍ରୀମା ସେ ଯାତ୍ରା କରୁଥିବା ଜାହାଜଟିକୁ ଏକ ଭାସମାନ ମନ୍ଦିର ବୋଲି କହୁଛନ୍ତି । ମନ୍ଦିରଟି ଏତେ ଚମତ୍କାର ଯେ ତାହା ପ୍ରଶାନ୍ତିର ନିଳୟ ହୋଇପାରିଛି । ଆମ ଭିତରେ ଅବଚେତନାର ଅଥଳ ସାଗର, ସେହି ସାଗରର ବକ୍ଷଉପରେ ଆମେ ଭାସୁଛେ । ଆମକୁ ଏହି ଅବଚେତନାକୁ ପରିଷ୍କାର କରିବାକୁ ହେବ । ଶୂନ୍ୟ କରି ଦେବାକୁ ହେବ,

ଫଳରେ ତାହା ଭିତରେ ପୂର୍ବରୁ ଘଟିଯାଇଥିବା ଘଟଣାର ନଥିପତ୍ର ସକଳକୁ ତର୍ଜମା କରି ତା'ର ଉପଯୁକ୍ତ ପରିବର୍ତ୍ତନ ନିମନ୍ତେ ମା'ଙ୍କ ପାଦପଦ୍ମରେ ସମର୍ପିତ କରିଦେବା । ଫଳତଃ ସେସବୁ ନୂତନ ରୂପ ଗ୍ରହଣ କରିବେ ଏବଂ ଆମ ଚେତନାର ଊର୍ଦ୍ଧ୍ୱାରୋହଣରେ ସାହାଯ୍ୟ କରିବେ । ପୃଥିବୀରେ ଅଜ୍ଞାନ ଅନ୍ଧକାର, ଦୁଃଖ-ଯନ୍ତ୍ରଣା ରହିଛି, ଆମେ ସମସ୍ତେ ସେସବୁ ଭିତରେ ପଡ଼ି ଛଟପଟ ହେଉଛେ; ଏହି ସମସ୍ତଙ୍କ ମଧ୍ୟରେ ଦିବ୍ୟଜନନୀ କାର୍ଯ୍ୟ କରୁଛନ୍ତି, ପ୍ରତି ମୁହୂର୍ତ୍ତରେ ନିଜକୁ ତିଳ ତିଳ କରି ଜାଳୁଛନ୍ତି, ଆମକୁ ଆଲୋକ ପ୍ରଦାନ କରୁଛନ୍ତି, ଯେଉଁ ଆଲୋକରେ ଆମେ ବଞ୍ଚି ରହିଛେ ଏବଂ ପରସ୍ପର ସହିତ ଭାବର ଆଦାନପ୍ରଦାନ କରି ପାରୁଛେ ।

ମା' ସେହି ଜାହାଜ ଭିତରେ ସଦାସର୍ବଦା ନିରବଚ୍ଛିନ୍ନ ଭାବରେ ପ୍ରଭୁଙ୍କ ଉପସ୍ଥିତିକୁ ଅନୁଭବ କରି ପାରୁଛନ୍ତି । ସାଧକଭକ୍ତମାନେ ଆମେ ଯେଉଁଦିନ ମା'ଙ୍କୁ ଦର୍ଶନ କରୁ, ମା'ଙ୍କ ଦିବ୍ୟ ପ୍ରକୋଷ୍ଠ ଭିତରକୁ ଯାଉ, ସେଠାରେ ଥିବା ଦିବ୍ୟ, ସୁଶୀତଳ, ଅମୃତମୟ ପରିବେଶର ବାତାବରଣକୁ ନିଃଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରି ଶରୀରକୁ ପୁଲକିତ କରୁ ଓ ଅପୂର୍ବ ସୁବାସର ସ୍ପର୍ଶ ଲାଭ କରି ଶିହରିତ ହେଉ; ଫଳରେ ଯାହା ଅନୁଭବ ହୁଏ ତା'କୁ ଏହି ପୃଥିବୀରେ କାହା ସହିତ ତୁଳନା କରାଯାଇ ପାରେ ନାହିଁ । ସେହି ଦିବସଟି ଆମ ପାଇଁ ଅନନ୍ୟ ସାଧାରଣ ଏବଂ ସେହି ମୁହୂର୍ତ୍ତଟି ଦିବ୍ୟ-ମୁହୂର୍ତ୍ତ । ଆମେ ସେହି ଦିନଟିକୁ କ'ଣ ଭୁଲି ପାରିବା ! ଆମେ ସମସ୍ତେ ଦିବ୍ୟଜନନୀଙ୍କ ନିମନ୍ତେ ଜୀବନ ଧାରଣ କରିଛେ, ଏଠାରେ ତିଷ୍ଠି ରହିଛେ । ଆସନ୍ତୁ ମା'ଙ୍କ ପ୍ରତିକୃତି ସମ୍ମୁଖରେ ନତମସ୍ତକ ହୋଇ ପ୍ରାର୍ଥନା କରିବା ଏବଂ କହିବା ''ହେ ଦିବ୍ୟଜନନି ! ଆମକୁ ତୁମର ଯନ୍ତ୍ରଟିଏ କରିଦିଅ ।''

ନିମ୍ନସ୍ଥ ଘଟଣାଟିକୁ ଆଲୋଚନା କଲେ ଦିବ୍ୟଜନନୀ କିପରି ତାଙ୍କର ସନ୍ତାନମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ସତତ ପ୍ରସ୍ତୁତ ହୋଇ ରହିଥା'ନ୍ତି ତାହା ହୃଦୟଙ୍ଗମ କରିପାରିବା –

'ଏମ୍' ନାମ୍ନି ଜନୈକା ଆଶ୍ରମ ଅନ୍ତେବାସିନୀଙ୍କର ୧୯୪୬ ମସିହାରେ ଶରୀର ବହୁତ ଖରାପ ହେଲା । ସେ ମା'ଙ୍କୁ ପ୍ରଣାମ କରିବାକୁ ଯିବା ସମୟରେ ମା' ତାଙ୍କ ଦିବ୍ୟ ସ୍ପର୍ଶ ପ୍ରଦାନ କଲେ ଏବଂ କହିଲେ, 'ତୁମ ଦେହରେ ତ ଜ୍ୱର ଅଛି ।' ସେ ନମ୍ର ଭାବରେ ଉତ୍ତର ଦେଲେ, 'ହଁ ମା, ଗତ ଦୁଇଦିନ ହେଲା ମୋତେ ଭଲ ଲାଗୁ ନାହିଁ ।' ମା' କହିଲେ, 'ଘରକୁ ଯାଅ, ମୁଁ ତୁମ ପାଖକୁ ଡାକ୍ତରଙ୍କୁ ପଠାଇବି ।' ଯଥାଶୀଘ୍ର ଆଶ୍ରମର ଡାକ୍ତର ନୃପେନ୍ଦ୍ର ତାଙ୍କ ଘରକୁ ଗଲେ ଏବଂ ପରୀକ୍ଷା ନିରୀକ୍ଷା କରି କହିଲେ ପ୍ରକୃତରେ 'ଏମ୍'ଙ୍କ ଦେହରେ ଜ୍ୱର ରହିଛି । ତାଙ୍କର ରକ୍ତ ପରୀକ୍ଷା କରାଗଲା ଏବଂ ଦେଖାଗଲା ଯେ ତାଙ୍କୁ 'ଟାଇଫଏଡ୍' ହୋଇଛି । ତାଙ୍କ ସ୍ୱାସ୍ଥ୍ୟର ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଲା । ମା' ଡାକ୍ତର ନୀରଦଙ୍କୁ ପ୍ରତ୍ୟହ ତାଙ୍କ ଘରକୁ ପଠାଉଥା'ନ୍ତି । ମା' କହିଲେ ଯେ 'ଏମ୍'ର ଦେହ ବହୁତ ଖରାପ, ସେ ବିପଦରେ ଅଛି । ଦିବ୍ୟଜନନୀ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦ ତାଙ୍କ ଉପରେ ପ୍ରେମ ଓ ଆଶୀର୍ବାଦର ଧାରା ଢାଳିଦେଲେ । ମାନ୍ଦ୍ରାଜରୁ ତାଙ୍କ ପାଇଁ ସ୍ୱତନ୍ତ୍ର ଫଳ ମଗାହେଲା ଓ ତାଙ୍କ ନିମନ୍ତେ ଫଳ ଏବଂ ହର୍‌ଲିକ୍‌ସ ନିୟମିତ ଭାବରେ ପ୍ରେରଣ କରାଗଲା । ମା' ତାଙ୍କୁ କହି ପଠାଇଲେ ଯେ, 'ଭୟ କରିବାର କୌଣସି କାରଣ ନାହିଁ, କାରଣ ସେ ମୋ ସୁରକ୍ଷା ବଳୟ ଭିତରେ ରହିଛି ।'

ଦୀର୍ଘ ବୟାଳିଶ ଦିନ ପରେ 'ଏମ୍'ଙ୍କର ଜ୍ୱର ଛାଡ଼ିଲା । କିନ୍ତୁ 'ଟାଇଫଏଡ୍' ତାଙ୍କୁ ଖୁବ୍ ଦୁର୍ବଳ କରି ଦେଇଥିଲା । ଅଗଷ୍ଟ ଦର୍ଶନ ଦିନ ପାଖେଇ ଆସିଲା, ମା' ତାଙ୍କ ପାଖକୁ 'ଦର୍ଶନ ଶାଢ଼ି' ପଠାଇଲେ । 'ଏମ୍' ଶାଢ଼ିଟିକୁ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରି କହିଲେ, 'ମୁଁ ଯଦି ଦର୍ଶନକୁ ଯାଇ ପାରିବି ନାହିଁ, ତେବେ ଶାଢ଼ିଟିକୁ କାହିଁକି ରଖିବି ?' ଏହି କଥା ସେ ବାରଂବାର କହୁଥା'ନ୍ତି । ନୀରଦ ତାଙ୍କୁ ଆଶ୍ୱାସନା ପ୍ରଦାନ କରି କହିଲେ ଶାଢ଼ିଟି ରଖ, 'ମୁଁ ମା'ଙ୍କୁ କହିବି ।'

ମା'ଙ୍କୁ 'ଏମ୍'ଙ୍କର ଇଚ୍ଛା ଜଣାଇ ଦିଆଗଲା । ପ୍ରଭୁ ଶ୍ରୀଅରବିନ୍ଦ କହିଲେ, 'ସେ ଦର୍ଶନକୁ ଆସି ପାରିବ କିନ୍ତୁ ଦର୍ଶନ ଦିବସର ଶେଷ ଭାଗରେ ।' ଏହି ଖବର ପାଇ 'ଏମ୍' ଖୁବ୍ ଆନନ୍ଦିତ ହେଲେ ଏବଂ ଦର୍ଶନ-ଶାଢ଼ିଟିକୁ ପିନ୍ଧିଲେ । ତାଙ୍କ ସ୍ୱାମୀ ତାଙ୍କୁ ପତଳା ଶାଲଟିଏ ଘୋଡ଼େଇ ଦେଇ ଆଶ୍ରମ ଭିତରକୁ ନେଇଗଲେ । 'ଏମ୍' ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ଠିଆ କରାଇ ଦେବା ପାଇଁ ତାଙ୍କ ସ୍ୱାମୀଙ୍କୁ ଅନୁରୋଧ କଲେ । ତାଙ୍କ ସ୍ୱାମୀ ତାଙ୍କର ଇଚ୍ଛା ପୂରଣ କଲେ, କିନ୍ତୁ 'ଏମ୍'ଙ୍କର ଗୋଡ଼ ଦୁଇଟି ଖୁବ୍ ଦୁର୍ବଳ ହୋଇ ଯାଇଥିବାରୁ ସେ ଛିଡ଼ା ହୋଇ ପାରିଲେ ନାହିଁ, ପଡ଼ିଗଲେ । ପ୍ରଭୁ ଶ୍ରୀଅରବିନ୍ଦ ସଙ୍କେତରେ କହିଲେ, ତାଙ୍କୁ ବସାଇ ଦେବା ପାଇଁ । ସେହିପରି କରାଗଲା । ଅଳ୍ପକିଛି ମିନିଟ ପାଇଁ ସେ ଆରାମରେ ବସିଲେ । ମା' ଏବଂ ପ୍ରଭୁ ହସ୍ତ ଉତ୍ତୋଳନପୂର୍ବକ ତାଙ୍କୁ ଆଶୀର୍ବାଦ କଲେ,

ଇସାରାରେ  ପଚାରିଲେ, 'ସେ ଆରାମରେ ବସିଛନ୍ତି କି ନାହିଁ ?' 'ଏମ୍' ମୁଣ୍ଡ ହଲାଇ ଠିକ୍ ଅଛନ୍ତି ବୋଲି କହିଲେ । ତତ୍ପରେ ମା' ତାଙ୍କୁ ଘରକୁ ନେଇଯିବା ପାଇଁ ସୂଚନା ପ୍ରଦାନ କଲେ ।

କିଛିଦିନ ପରେ 'ଏମ୍' ତାଙ୍କର ଶାରିରୀକ ଶକ୍ତି କେତେକାଂଶରେ ଫେରି ପାଇଲେ । ମେଡ଼ିଟେସେନ୍ ହଲ୍‌ରୁ ମା'ଙ୍କ ପ୍ରକୋଷ୍ଠ ପର୍ଯ୍ୟନ୍ତ ଉଠିଥିବା ପାହାଚ ଉପରେ ପାଦ ଦେଇ ସେ ଅର୍ଦ୍ଧେକ ପର୍ଯ୍ୟନ୍ତ ଉଠି ପାରୁଥିଲେ, କୃପାମୟୀ ଶ୍ରୀମା କିନ୍ତୁ ଅନ୍ୟ ଅର୍ଦ୍ଧେକ ପାହାଚ ଓହ୍ଲାଇ ଆସୁଥିଲେ ଏବଂ ତାଙ୍କ ହାତ ଧରି ଉପରକୁ ଉଠିବାରେ ସାହାଯ୍ୟ କରୁଥିଲେ । ମା' ତାଙ୍କୁ ତାଙ୍କ ସମ୍ମୁଖରେ ବସିବା ପାଇଁ କହୁଥିଲେ କିନ୍ତୁ ସେ ଯୋଡ଼ ହସ୍ତରେ ଠିଆ ହୋଇ ରହୁଥିଲେ । ଦିବ୍ୟଜନନୀ 'ଏମ୍'ଙ୍କୁ ପ୍ରତିଶ୍ରୁତି ଦେଇ କହିଥିଲେ, "You are under my protection. Nothing will happen to you." ''ତୁମେ ମୋର ସୁରକ୍ଷା ଭିତରେ ଅଛ, ତୁମର କିଛି ହେବ ନାହିଁ ।''

ଦୀର୍ଘ ଅଠର ବର୍ଷ କାଳ 'ଏମ୍' ଏବଂ ତାଙ୍କର ସନ୍ତାନମାନେ ଦିବ୍ୟଜନନୀଙ୍କ କୃପା, ସ୍ମିତହାସ୍ୟ ଓ ଦିବ୍ୟ ପ୍ରେମକୁ ନିଃଶ୍ୱାସ ପ୍ରଶ୍ୱାସରେ ଗ୍ରହଣପୂର୍ବକ ଆନନ୍ଦରେ ବସବାସ କରିବାକୁ ଲାଗିଲେ । ସେ କହନ୍ତି, ''ମୁଁ ଗୋଟିଏ ଏକଜିଦିଆ ଏବଂ ଅଜ୍ଞାନତାରେ ପରିପୂର୍ଣ୍ଣ ଝିଅ ଭାବରେ ପରିଚିତ ଥିଲି । ମା' ତାଙ୍କର ଅସୀମ ଦୟା, କୃପା ଓ ପ୍ରେମ ଦ୍ୱାରା କିପରି ମୋତେ ବଦଳାଇ ଦେଲେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ମୋ ଶରୀରର ପ୍ରତି ଲୋମକୂପ ମା' ଏବଂ ଆଶ୍ରମ ଅନ୍ତେବାସୀମାନଙ୍କ ପାଖରେ ଚିରକୃତଜ୍ଞ । ମୋ'ପରି ଏକ ଗଧକୁ ମା' ମାନବ ସତ୍ତାରେ ରୂପାନ୍ତରିତ କରିଦେଲେ ।'' ପରବର୍ତ୍ତୀ ସମୟରେ 'ଏମ୍'ଙ୍କର ମୁଖମଣ୍ଡଳ ସ୍ମିତହାସ୍ୟ ଏବଂ ଦୟା ତଥା ଶ୍ରଦ୍ଧା ଭାବରେ ଉଦ୍ଭାସିତ ହେଉଥିଲା; ତାଙ୍କୁ ଦେଖି କେହି ବିଶ୍ୱାସ ବି କରି ପାରୁ ନଥିଲେ ଯେ ସେ ଏକଦା ଏକଜିଦିଆ ଏବଂ ଅବୁଝା ଭଦ୍ରମହିଳା ଭାବରେ ପରିଚିତ ଥିଲେ ।

କିଛିଦିନ ବିତିଗଲା । 'ଏମ୍'ଙ୍କର ପିଲାମାନେ ଆଶ୍ରମ ବାହାରେ ଘର ତିଆରି କରି ରହିବାକୁ ଇଚ୍ଛାକଲେ । ତାଙ୍କୁ ମଧ ପିଲାଙ୍କ ସହିତ ବାହାରେ ରହିବାକୁ ପଡ଼ିଲା । ଆଠବର୍ଷ ପରେ ସେ ଆଶ୍ରମକୁ ଫେରିଲେ । ମା'ଙ୍କ ସମ୍ମୁଖରେ ଠିଆ ହୋଇଥିବା ସମୟରେ ତାଙ୍କ ଦେହ କମ୍ପିବାକୁ ଲାଗିଲା । ମା' କହିଲେ, ''ଏତେଦିନ ପରେ !'' 'ଏମ୍' ନମ୍ରତାର ସହ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, ''ମା', ତୁମେ ମୋତେ ଏତେ ଡେରିରେ କାହିଁକି ଡାକିଲ ?'' ନିଜ କରକମଳରେ ମା' 'ଏମ୍'ଙ୍କ ହାତକୁ ଧରିଲେ ଏବଂ ଚାପି ଦେଲେ । ତତ୍ପରେ ତାଙ୍କ ଶରୀରର କମ୍ପନ ବନ୍ଦ ହେଲା ଏବଂ ମା କହିଲେ, ''ମୁଁ ତୁମକୁ ଆଦୌ ଭୁଲି ନାହିଁ'' । ତତ୍ପରେ ତାଙ୍କ କାନରେ ଫୁସ୍‌ଫୁସ୍ କରି କିଛି କହିଲେ ।

(How they came to Sri Aurobindo and The Mother, Vol. 2, ପୃ. ୧୪୭ରୁ ୧୪୯)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**


(୧) Prayers and Meditations – The Mother

(୨) 'How they came to Sri Aurobindo and The Mother', Vol. 2 – by Shyam Kumari


ଆନ୍ତର ବିଶ୍ରାମକୁ ବୃଦ୍ଧି କର । ତା'ପରେ ଦେଖିବ ଅତ୍ୟଧିକ କାର୍ଯ୍ୟ କରିବା ସମୟରେ ମଧ ତାହା ତୁମ ମଧରେ ଅବ୍ୟାହତ ରହିଛି ଏବଂ ତାହା ଏତେ ସୁନ୍ଦର ଓ ସ୍ଥିରଭାବରେ ରହିଛି ଯେ କୌଣସି ଶକ୍ତି ତା'କୁ ଟଳାଇ ପାରିବ ନାହିଁ – ଏବଂ ସେତେବେଳେହିଁ ତୁମେ ଦିବ୍ୟ ପରିପ୍ରକାଶ ପାଇଁ ତ୍ରୁଟିହୀନ ଯନ୍ତ୍ର ହୋଇପାରିବ ।

– ଶ୍ରୀମା

# ବୈପରୀତ୍ୟର ସ୍ୱେଚ୍ଛାଚାରୀ ମାନବ

## ଶ୍ରୀଅରବିନ୍ଦ



ବିଶାଳ ମୁଁ ମହୋଦଧି୍ ବିଶାଳତାଠାରୁ,
କ୍ଷିପ୍ର ଏକ ବାତାବର୍ତ୍ତ ଦୈବୀ ଶକ୍ତିର :
ଅସହାୟ ପୁଷ୍ପ ଝୁଲେ ମୃଦୁ ସମୀରଣେ,
ମୃଣାଳ ଠାରୁ ଦୁର୍ବଳ ସହଜ ଭଙ୍ଗୁର ।

ପ୍ରାଜ୍ଞର ସକଳ ପ୍ରଜ୍ଞା ମୋ ମଧ୍ୟେ ଆଶ୍ରିତ
ପ୍ରଚଣ୍ଡ ମୋ ଅଜ୍ଞାନର ପ୍ରକୃତି ମଧ୍ୟରେ;
ସାଧୁତା ଶିଖାରେ କରି ଦୃଷ୍ଟି ମୋ ନିବଦ୍ଧ
ପାପ-ପଙ୍କେ ବୁଡ଼ି ମଗ୍ନ ନରକ ନୃତ୍ୟରେ ।

ପ୍ରଦୀପ୍ତ ମାନସ ମୋର ପୂର୍ଣ୍ଣଚନ୍ଦ୍ର ସମ,
ଅନ୍ଧକାର ତା'ର ଯଥା ଗୁହାମାନବର ।
ସଞ୍ଚି ମହାକାଳ ଧନ, ଉଡ଼ାଏ ନିମିଷେ;
ମୁଁ ଏକ ସଂକ୍ଷିପ୍ତସାର ସର୍ବ ବିରୋଧର ।

ଜନ୍ମ, ମୃତ୍ୟୁ, ନିଦ୍ରା ଅତ୍ୟାଶ୍ଚର୍ଯ୍ୟ ଆବର୍ତ୍ତନେ;
ମୁଁ ଏକ କ୍ଷଣିକ ଭାବ ଅବିନଶ୍ୱରର ।

[ଶ୍ରୀଅରବିନ୍ଦଙ୍କ ରଚିତ "**Man, the Despot of Contraries**" କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋସ୍ନା ମହାନ୍ତି ❑

ଯଥାର୍ଥ ସମର୍ପଣ ସେତିକିବେଳେ ସମ୍ଭବ, ଯେତେବେଳେ ସାଧକ ନିଜର ଭାବନା ସ୍ଥାନରେ ଊର୍ଦ୍ଧ୍ୱତର ସ୍ତରରୁ ଆସୁଥିବା ଜ୍ଞାନକୁ ଗ୍ରହଣ କରେ; ନିଜର କାମନା-ବାସନା ବଦଳରେ ଭଗବାନଙ୍କର ଦିବ୍ୟ ସଂକଳ୍ପକୁ ଗ୍ରହଣ କରେ; ନିଜର ସ୍ଥୂଳ ଶାରୀରିକ ଅଭ୍ୟାସସବୁର ସ୍ଥାନରେ ଦିବ୍ୟସତ୍ୟର କ୍ରିୟାକୁ ଗ୍ରହଣ କରେ — ଫଳରେ ସେ ଯଥାର୍ଥରେ ସଂପୂର୍ଣ୍ଣରୂପେ ଭଗବାନଙ୍କ ପାଇଁହିଁ ଜୀବନଧାରଣ କରିବାକୁ ସକ୍ଷମ ହୋଇଥାଏ ।

— ଶ୍ରୀଅରବିନ୍ଦ

# କାରା-ଜୀବନୀ

## (୬)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ପୂର୍ବ କୋଠରିରୁ ବଦଳି ପରେ ମୋତେ ଯେଉଁ କୋଠରିରେ ରଖା ହେଲା, ସେଠାକୁ ଯାଉ ନ ଯାଉଣୁ ମୁଁ ଏକ ମହା ଉତ୍ପାତ ମଧ୍ୟରେ ପଡ଼ିଗଲି । ଦିନେ ସନ୍ଧ୍ୟାବେଳେ ମୁଁ ମୋର ବିଛଣାରେ ଶୋଇଛି, ଏହି ସମୟରେ ସେଠାକାର ଜଣେ ଓ୍ୱାର୍ଡ଼ର ଆସି ‘‘ହେ, ସନ୍ଧ୍ୟାବେଳେ ତୁମେ ବର୍ତ୍ତମାନ ପଡ଼ି ପଡ଼ି ଶୋଇ ରହିଛ,’’ ଏମିତି ଶୁଣି ହଠାତ୍ ମୋର ନିଦ ଭାଙ୍ଗି ଗଲା । ମୁଁ ସେତେବେଳେ ମାଡ୍ରାଜର ପାଗଳ ଗାରଦକୁ ନୂଆ ହୋଇ ଆସିଥାଏ; ସେଠାକାର ହାଲଚାଲକୁ ସେତେବେଳେ ଭଲ କରି ଜାଣି ନାହିଁ । ଓ୍ୱାର୍ଡ଼ରର ଏପରି ବ୍ୟବହାର ଦେଖି ଏକେବାରେ ରାଗିଯାଇ ତାକୁ ତୀବ୍ର ଭର୍ତ୍ସନା କଲି । ଓ୍ୱାର୍ଡ଼ର ବି ଏକେବାରେ କାଣ୍ଡଜ୍ଞାନଶୂନ୍ୟ ହୋଇ ମୋତେ ଭୟ ଦେଖାଇବାର ଚେଷ୍ଟା କଲା ଓ ଅନ୍ୟ ଜଣେ ଓ୍ୱାର୍ଡ଼ରକୁ ଖଣ୍ଡିଏ ସୂତାର କମ୍ବଳ ଆଣିବାକୁ କହିଲା । ସୂତାର କମ୍ବଳ ଆସିବା ପରେ ନିଜେ ଚାବି ଖୋଲି ମୋ କୋଠରିରେ ପ୍ରବେଶ କରି ଏଇ କମ୍ବଳ ଦେଇ ମୋର ମୁହଁରୁ ବେକ ପର୍ଯ୍ୟନ୍ତ ଗୁଡ଼ାଇ ଟାଣି ଧରିଲା ଏବଂ ଆଗକୁ, ପଛକୁ, ଏପଟ, ସେପଟ କରି ମୁଣ୍ଡକୁ ଶେଷରେ ଟାଣି ଉପରକୁ ଲମ୍ବା କରି ଉଠାଇ ଧରିଲା ଏବଂ ସେଥି ସହିତ ମୋର ସର୍ବାଙ୍ଗ ଶରୀରରେ ଖୁବ୍ ପ୍ରହାର କଲା ।

ଏପରି ଚାଲିଥିବା ସମୟରେ ମୋର ବୋଧ ହେଲା ଯେପରି ମୋ ଘର ଚାରିପଟକୁ ଘେରି ଘୂର୍ଣ୍ଣିବାୟୁ ପରି କିଛି ଗୋଟାଏ ଚାଲି ଯାଉଛି ଏବଂ ପର ମୁହୂର୍ତ୍ତରେ ବୋଧ ହେଲା ଯେପରି ମୋ ମୁଣ୍ଡଟି ଉଡ଼ି ଯାଇଛି । ଏପରି ଅବସ୍ଥା ଦେଖି ଯେଉଁ ଓ୍ୱାର୍ଡ଼ର ମୋତେ ମାରୁଥିଲା ସେ ଭୀତ ଏବଂ ବିମୂଢ଼ ଅବସ୍ଥାରେ କହି ଉଠିଲା, ଏ କି ଘଟଣା । କେତେ ଲୋକଙ୍କୁ ତ ଏପରି ମାରିଛି, କିନ୍ତୁ ଏପରି ତ କେତେବେଳେ ଦେଖି ନାହିଁ ! ମୋର ମୁଣ୍ଡଟି ଉଡ଼ି ଯାଇଛି ବୋଲି ବୋଧ ହୋଇଥିଲା ପ୍ରାୟ କେତେ ସେକେଣ୍ଡ ପାଇଁ ଏବଂ ଏଇ ସମୟ ମଧ୍ୟରେ ମୁଁ ଅଚେତ ହୋଇଛି ବୋଲି ବୋଧ କରି ନାହିଁ । ଯାହାକିଛି ଘଟୁଛି ତାକୁ ଶୁଣି ପାରୁଛି ଏବଂ ଏକ ପ୍ରକାର ଦେଖି ବି ପାରୁଛି ବୋଲି କୁହାଯାଇପାରେ । କାରଣ ସେତେବେଳେ ମୋର ଠିକ୍ ବୋଧ ହେଉଛି ଯେପରି ମୁଁ କବନ୍ଧ ପରି ଭୂଇଁରେ ପଡ଼ିଛି ଏବଂ ଏଇ ଅବସ୍ଥାରେହିଁ ଶନିଙ୍କ ଦୃଷ୍ଟିରେ ଗଣେଶଙ୍କର ମୁଣ୍ଡ ଉଡ଼ି ଯାଇଥିବା କଥାର ଉପାଖ୍ୟାନଟିକୁ ମନେ ମନେ ମୁଁ ଆଲୋଚନା କରି ନେଲି ।

କେତେ ସେକେଣ୍ଡ ପରେ ଯେତେବେଳେ ଲାଗିଲା ମୁଣ୍ଡଟା ଠିକ୍ ଜାଗାରେ ଅଛି, ସେତେବେଳେ ମନେ ହେଲା ବୋଧହୁଏ ବଞ୍ଚିଗଲି । ତା’ପରେ ଯେତେବେଳେ ମୋତେ ସେଇ ରାତିକ ପାଇଁ ଅନ୍ୟ ଏକ ଘରକୁ ନିଆଗଲା, ସେତେବେଳେ ବୋଧ ହେବାକୁ ଲାଗିଲା ଯେପରି ମୋର ବେକ ଓଟ ପରି ହୋଇ ଯାଇଛି । ପରଦିନ ସକାଳେ ସୁପରିନ୍‌ଟେଣ୍ଡେଣ୍ଟ୍ ମୋତେ ଦେଖିବାକୁ ଆସିବାରୁ ମୁଁ ତାଙ୍କୁ ପୂର୍ବ ରାତିର ଘଟଣା କିଛି ବି କହିଲିନି; କିନ୍ତୁ ମାଡ଼ର ପ୍ରଭାବରେ ସର୍ବାଙ୍ଗ ଶରୀରରେ ଏପରି ଯନ୍ତ୍ରଣା ଅନୁଭବ କରୁଥିଲି ଯେ ଏକେବାରେ ପଥର ପରି ଜଡ଼ବତ୍ ଗୋଟିଏ କୋଣରେ ବସି ରହିଲି । ସୁପରିନ୍‌ଟେଣ୍ଡେଣ୍ଟ୍ ସାହେବ ମୋର ଅବସ୍ଥା ଦେଖି ବୁଝି ପାରିଲେ ଯେ କିଛି ଗୋଟାଏ ଘଟଣା ଘଟି ଯାଇଛି, କାରଣ ସେମାନଙ୍କୁ ତ ପାଗଳ-ଗାରଦର କାଣ୍ଡ କଥା ଜଣା ଅଛି, ସୁତରାଂ ସେ ଆଉ କିଛି ନପଚାରି ମୋ ପାଇଁ ଖାଦ୍ୟ ଏବଂ ଅନ୍ୟାନ୍ୟ ପ୍ରକାର ସୁବ୍ୟବସ୍ଥା କରିଦେଲେ । ଏହିପରି ତାଙ୍କର ସ୍ନେହ ଯତ୍ନରେ କିଛି ଦିନ ମଧ୍ୟରେ କିଛିଟା ସୁସ୍ଥବୋଧ କରିବାକୁ ଲାଗିଲି ।

ଅବଶେଷରେ ଦିନେ ହାସପାତାଳରୁ ମୋତେ Criminal enclosureକୁ ପଠାଇ ଦିଆଗଲା, ସେଠାକୁ ଯାଇ ମୋର ପୂର୍ବକଥିତ ବନ୍ଧୁର ଦେଖା ପାଇଲି ଏବଂ ତନ୍ତବୁଣା କାରଖାନାରେ କିଛି କିଛି କାମ ଆରମ୍ଭ କଲି । କ୍ରମେ କ୍ରମେ କାମ ଭିତରେ ବେଶ୍ ଟିକିଏ ସ୍ଫୂର୍ତ୍ତି ପାଇବାକୁ ଲାଗିଲି ଏବଂ କିଛି ପରିମାଣରେ ସହଜ ଭାବେ ସମୟ କଟିବାକୁ ଲାଗିଲା । ଉପରୋକ୍ତ ବନ୍ଧୁ ନିକଟରୁ ସେଠାକାର ସ୍ଥାନୀୟ ଭାଷା ଶିକ୍ଷା କରିବାର ସୁବିଧା ବି ପାଇଲି, କାରଣ ଇଂରାଜୀ ଜାଣିଥିବା ଲୋକ ନହେଲେ ଭାରତର ଅନ୍ୟାନ୍ୟ ଭାଷା ପରି ତାମିଲ ଭାଷା ଶିକ୍ଷା କରିବା ଏକପ୍ରକାର ଅସମ୍ଭବ ହୋଇଥା’ନ୍ତା ।

ସଂସ୍କୃତ ମୂଳ ଭାଷାଭାଷୀଙ୍କ ପକ୍ଷରେ ଏକେବାରେ ମୂଳ ତାମିଲ ଭାଷା ଏକ ପ୍ରକାର ଦୁର୍ବୋଧ ଓ କଷ୍ଟସାଧ ବୋଲି ମନେ ହୁଏ । ତେବେ ଅବଶ୍ୟ ଆଜିକାଲିର ଆଧୁନିକ ତାମିଲ ଭାଷା ଅନେକ ସଂସ୍କୃତ ଶବ୍ଦ ଦ୍ୱାରା ନିଜ କଳେବର ପୁଷ୍ଟ କରିଛି । ତେଣୁ ପ୍ରଥମେ ପ୍ରଥମେ ସ୍ଥାନୀୟ ଲୋକମାନଙ୍କ କଥାବାର୍ତ୍ତା ଭିତରେ ଯେଉଁ ସମସ୍ତ ସଂସ୍କୃତ ଶବ୍ଦ ବ୍ୟବହୃତ ହୁଏ, କାନପାତି ସେଇଗୁଡ଼ିକ ଲକ୍ଷ୍ୟ କରେ, ଏବଂ ତା' ସାହାଯ୍ୟରେ ଗୋଟିଏ କିଛି ଅର୍ଥ ବାହାର କରିନିଏ; ହୁଏତ ବେଳେ ବେଳେ ପୂରା ବିପରୀତ ଅର୍ଥ କରି ବସିଥାଏ, ନହେଲେ ନିଜର ମନଗଢ଼ା ଗୋଟିଏ କିଛି ଅର୍ଥ କରିନିଏ । ପରେ କେହି ବୁଝାଇ ଦେଲେ ନିଜର ଉଦ୍ଭାବନୀ ଶକ୍ତିର ଦୌଡ଼ ଦେଖି ହସେ ।

ଏହିପରି ଏକପ୍ରକାରେ ସମୟ କଟୁଥାଏ, ଏପରି ସମୟରେ ଦିନେ ହାସପାତାଳରୁ ଜଣେ ୱାର୍ଡ଼ର ଆସି ମୋତେ ନେଇଯିବା ପାଇଁ ଉପସ୍ଥିତ । ପଚାରିବାରୁ କହିଲା, ''ତୁମର ଶରୀର ଅସୁସ୍ଥ ହୋଇଛି, ତୁମକୁ ହାସପାତାଳକୁ ଯିବାକୁ ହେବ, ସୁପରିନ୍‌ଟେଣ୍ଡେଣ୍ଟ୍ ସାହେବଙ୍କ ହୁକୁମ ।'' ମୁଁ ଦେଖିଲି ଘଟଣାଟି ମନ୍ଦ ନୁହେଁ, ମୋର ଅସୁସ୍ଥତା ମୁଁ ନଜାଣିଲେ ମଧ୍ୟ ଏମାନଙ୍କର ଆବଶ୍ୟକ ହେଲେ ଜାଣିବା ପାଇଁ କିଛି ବି ଅଟକେ ନାହିଁ ! ମୁଁ ପଚାରିଲି, ''କ'ଣ ରୋଗ ହୋଇଛି ?'' ସେ ମୋର ପ୍ରଶ୍ନର ବାଣ ସମ୍ଭାଳି ନପାରି କହିଲା, ''କଥା ଉପରେ କଥା କୁହ କାହିଁକି ?'' – ଏହା କହି ମୋତେ ଚୁପ୍ କରାଇବାର ଚେଷ୍ଟା କଲା ଏବଂ କହିଲା, ''ସୁପରିନ୍‌ଟେଣ୍ଡେଣ୍ଟ୍ ସାହେବ ଯେତେବେଳେ ହୁକୁମ ଦେଇଛନ୍ତି ସେତେବେଳେ ତୁମର କାଶ, ଥଣ୍ଡା ଏମିତି ନିଶ୍ଚୟ କିଛି ଗୋଟିଏ ହୋଇଛି ।'' ମୁଁ ଆଉ କ'ଣ କହିବି, କୌଣସି ଉଚ୍ଚବାଚ ନକରି ହାସପାତାଳରେ ଯାଇ ହାଜର ହେଲି । ସେଠାରେ ସେ ସମୟର ବିଶିଷ୍ଟ ରୋଗୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏକ ଘରେ ମୋତେ ରଖା ହେଲା ଏବଂ ମୋର ଯେମିତି କି ଏକ ସାଂଘାତିକ ରୋଗ ହୋଇଛି, ତେଣୁ ଗୋଟିଏ ଆରାମ ଚେୟାର ଉପରେ ଚିତ୍ କରି ଶୁଆଇ ରଖିବା ପାଇଁ ଜଣେ ୱାର୍ଡ଼ର ଓ ଜଣେ ନର୍ସ ମିଶି ମୋ ଉପରେ ଜୋର୍ ଜବରଦସ୍ତି ଆରମ୍ଭ କରିଦେଲେ । ମୁଁ କୌଣସି ପ୍ରକାରେ ଶୋଇବାକୁ ଆଦୌ ରାଜି ହେଲି ନାହିଁ, ଅବଶେଷରେ ଆପୋଷ ନିଷ୍ପତ୍ତି କରି ଏଇ ଚେୟାରରେ ବସି ରହିବାକୁ ରାଜି ହେଲି ।

ଏପଟେ ସେତିକିବେଳେ ମୋ' ଘର ପାଖରେ ଏକ ଘରେ ଭେଳିକିର ଖେଳ ଚାଲିଥାଏ । ପୂର୍ବରୁ ଆଣ୍ଡାମାନରୁ ଆସିବା ବେଳେ ମୋର କନିଷ୍ଠ ଭ୍ରାତାର ଯେଉଁ ଆବିର୍ଭାବ ସମ୍ବନ୍ଧରେ ଉଲ୍ଲେଖ କରିଥିଲି, ଏଠାରେ ପୁଣି ତାହାର କଣ୍ଠସ୍ୱର ଶୁଣି ସେଇ ଦିଗକୁ ଲକ୍ଷ୍ୟ କଲି; ଯଦିବା ମଝିରେ କେତୋଟି ଘରର ବ୍ୟବଧାନ, ତଥାପି ତାକୁ ବେଶ୍ ସ୍ପଷ୍ଟ ଦେଖିବାକୁ ପାଇଲି । ଏଥର ତା'ର ସେହି ଖାଲିଦେହ, ଧୋତି ପିନ୍ଧା ଦୈନ୍ୟ ମୂର୍ତ୍ତି ନୁହେଁ, ପୂରାପୂରି ସାହେବୀ ଢଙ୍ଗ, କୋଟ୍, ପ୍ୟାଣ୍ଟପିନ୍ଧା ଫିଟ୍‌ଫାଟ୍ ଏବଂ ଅନ୍ୟ ଏକ ଇଂରେଜ ବାଳିକା ସହ ମଉଜ ମଜଲିସ କରୁଛି । ଅନୁମାନ କରିନେଲି ଯାହା ସହ ତା'ର ବିବାହ ହୋଇଛି ବୋଲି ଶୁଣିଥିଲି, ଏ ବୋଧହୁଏ ସେଇ ମହିଳା ହେବେ ।

ଏଠାରେ ପୁଣି କହିରଖେ ଯେ ଆଣ୍ଡାମାନରେ ତା'ର ପ୍ରଥମ ଆବିର୍ଭାବ ପରଠାରୁ ତା'ର ବିଲାତ ଯାତ୍ରା ସମ୍ବନ୍ଧରେ ମୋର ଧାରଣା ପୂରାପୂରି ଏପରି ପରିବର୍ତ୍ତନ ହୋଇ ଯାଇଥିଲା ଯେ, ଜେଲରୁ ନିଷ୍କୃତି ପାଇ ଘରକୁ ଫେରିବା ପର୍ଯ୍ୟନ୍ତ ତାହାର ସମ୍ପୂର୍ଣ୍ଣ ସଂଶୋଧନ ହୋଇ ନାହିଁ ବୋଲି କହିଲେ ଚଳେ । ସୁତରାଂ ଏଇ ଘଟଣାରୁ ମୋର ଧାରଣା ଜନ୍ମିଲା ଯେ ସେ ମାନ୍ଦ୍ରାଜରେ କେଉଁଠି ଆସି ରହିଛି ଏବଂ ସ୍ଥାନୀୟ କୌଣସି ଇଂରେଜ ଅଥବା ଆଙ୍ଗ୍ଲୋ-ଇଣ୍ଡିଆନ ଝିଅକୁ ବିବାହ କରି ଘରକୁ ଜଣାଇଛି ଯେ ସେ ବିଲାତରେ ବିବାହ କରିଛି । କିଛିକ୍ଷଣ ପରେ ସେମାନେ ହାସପାତାଳ ଫାଟକ ଦେଇ ବାହାରକୁ ଯିବେ, ଏହି ସମୟରେ ଦେଖିଲି ଯେ ତା' ସହ ଡାକ୍ତର ସୁନ୍ଦରୀମୋହନ ଦାସଙ୍କ ପୁତ୍ର ପ୍ରେମାନନ୍ଦ ବି ରହିଛି । ସେ ଯେପରି ମୁକ୍ତି ଫୌଜର ପ୍ରଥାନୁଯାୟୀ ସେଠାକାର ସ୍ଥାନୀୟ ମାଲବାରୀ ଧରଣର ଖଣ୍ଡେ ଲୁଗା କଚ୍ଛା ନମାରି ଲୁଙ୍ଗି ପରି ପିନ୍ଧିଛି । ଉଭୟେ ଫାଟକ ଆଡ଼କୁ ଅଗ୍ରସର ହୋଇ ଫାଟକ ବନ୍ଦ ଥିବାର ଦେଖି ଯେପରି ଟିକିଏ ଅପ୍ରସ୍ତୁତ ହୋଇ ଛିଡ଼ା ହେଲେ, ପରେ ସୁନ୍ଦରୀବାବୁଙ୍କ ପୁଅ ଚିହ୍ନିଥିବା ଜଣେ ୱାର୍ଡ଼ରର ନାମ ଧରି ଡାକିବାରୁ ସେ ଆସି କବାଟ ଖୋଲି ଦେଲା ଏବଂ ସେମାନେ ବି ଯେପରି ବାହାରକୁ ଯାଇ ଆଶ୍ୱସ୍ତ ହେଲେ । ମୋ ସହ ସେମାନଙ୍କର କୌଣସି ଆଳାପ ହୋଇ ନାହିଁ, ମାତ୍ର କେବଳ ମୁଁ ଯେ ସେଠାରେ ଅଛି, ସେମାନେ ତା'ର ଖବର ପାଇଛନ୍ତି, ଏହିପରି ଏକ ଇଙ୍ଗିତ ମାତ୍ର କଲେ ।

ହାସପାତାଳରେ ଏହି ଭାବେ କିଛିଦିନ କଟିଲା, ଏ ସମୟରେ ଦିନେ ଓପରଓଳି ସେଠାକାର ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ୍ ମୋର ପଛପଟୁ ଆସି ମୋତେ ଡାକିଲେ ଏବଂ କହିଲେ, ''ଦେଖ ତ, ଏମାନଙ୍କୁ ଚିହ୍ନ କି ନାହିଁ ?'' ମୁଁ ଚାହିଁ ଦେଖିଲି ମା ଏବଂ ବାବା ତାଙ୍କ ସଙ୍ଗେ ଆସିଛନ୍ତି ।

ବହୁଦିନର ଦୁଃଖଦୁର୍ଦ୍ଦଶା ପରେ ଏଇ ପିତୃମାତୃ ଦର୍ଶନ ଓ ସେମାନଙ୍କର ସ୍ନେହ ଯତ୍ନ ଲାଭ ମୋ ପକ୍ଷରେ କେତେଟା ସୌଭାଗ୍ୟ ଓ ସୁଖର ବିଷୟ ଥିଲା ତାହା ବୋଧହୁଏ ଆଉ କାହାକୁ କହିବା ଅନାବଶ୍ୟକ । ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟଙ୍କ ସହ କିଛି କଥାବାର୍ତ୍ତା ପରେ ସେମାନେ ଚାଲିଗଲେ । ମା-ବାବାଙ୍କ ସହ ଘରର ସମସ୍ତଙ୍କର କୁଶଳ ଜିଜ୍ଞାସା ପରେ ମୋର କନିଷ୍ଠ ଭ୍ରାତାର କଥା ପଚାରିବାରେ ଜାଣିଲି ଯେ ସେ ବିଲାତରେହିଁ ଅଛି । କହିଲି, ''ତା' କିପରି ହୋଇପାରେ ! ମୁଁ ସେଦିନ ତାକୁ ଏଠାରେ ଦେଖିଲି, ସେମାନେ ଶୁଣି ଏକେବାରେ ଅବାକ୍ । ସେ ଯାହା ହେଉ, ମା-ବାବା ପ୍ରାୟ ଏକ ମାସରୁ ଅଧିକ ସମୟ ମାନ୍ଦ୍ରାଜରେ ରହିବେ ବୋଲି କହିଲେ ଏବଂ ପ୍ରତି ସପ୍ତାହରେ ଦୁଇଥର କରି ମୋ ସହ ଦେଖା କରିବାର ବନ୍ଦୋବସ୍ତ କଲେ । ପରେ ଦିନେ ମୋର ବିଶ୍ୱାସ ଆଣିବା ପାଇଁ ମୋର କନିଷ୍ଠ ଭ୍ରାତାର ସସ୍ତ୍ରୀକ ଫଟୋ ଓ ତା'ର ବିଲାତର ଚିଠି ଆଣି ଦେଖାଇଲେ, ତଥାପି ମୋର ଯେପରି ସନ୍ଦେହ ମୋଚନ ହେଲା ନାହିଁ । ମନେ ମନେ ଚିନ୍ତା କରି ଏହାର କୌଣସି କୂଳ କିନାରା ପାଇଲି ନାହିଁ । ଦୁଇଟିହିଁ ଚାକ୍ଷୁଷ, ପ୍ରତ୍ୟକ୍ଷ । ଗୋଟିଏ ଦିଗରେ ତା'ର ପ୍ରେରିତ ଫଟୋ ଓ ଚିଠିପତ୍ର, ଅପର ଦିଗରେ ତା'ର ସଶରୀରେ ଆବିର୍ଭାବ; ଘଟଣାଟି ଏପରି ଜଟିଳ ବୋଧ ହେବାକୁ ଲାଗିଲା ଯେ ବୁଦ୍ଧି ବିଚାର ହାର ମାନିବାକୁ ବାଧ୍ୟ ହେଲା । ତେବେ ଲୋକମାନେ ପଚାରିଲେ କହୁଥିଲି ଯେ ମୋର କନିଷ୍ଠ ଭ୍ରାତା ବିଲାତରେ ଅଛି; କିନ୍ତୁ କଥାଟା ଖୁବ୍ ଜୋର୍ କରି କହି ପାରୁ ନଥିଲି ।

ଏସବୁକୁ ଦେଖି ଶୁଣି ମନେହୁଏ ଯେ ଆମ ପକ୍ଷରେ ଅସ୍ତିଗୁଣସମ୍ପନ୍ନ ଜାଗତିକ ଘଟଣାବଳିର ପ୍ରତ୍ୟେକଟିର ତୁଲ୍ୟ ସମ୍ପର୍କରେ ନାସ୍ତିଗୁଣସମ୍ପନ୍ନ ଏପରି ପ୍ରତିକ୍ରିୟାସବୁ ଅଛି ଯାହା ସ୍ଥାନ ଓ କାଳ ବିଶେଷରେ ପ୍ରକଟିତ ହେଲେ ସତ୍ୟମିଥ୍ୟାର ଏକେବାରେ ବିପର୍ଯ୍ୟୟ ଘଟାଇ ଦେଇପାରେ । ତେବେ ପାର୍ଥିବ ସମ୍ପର୍କରେ ଅସ୍ତିର ରାଜ୍ୟ ଯେତେଦିନ ପର୍ଯ୍ୟନ୍ତ ନିଜର କର୍ମୋଦ୍ୟମ ନିଃଶେଷରେ ବ୍ୟୟିତ ନକରିଛି, ସେତେଦିନ ପର୍ଯ୍ୟନ୍ତ ନାସ୍ତିର ରାଜ୍ୟ ନିଜର ଆଧିପତ୍ୟ ସର୍ବତୋଭାବେ ବିସ୍ତାର କରିବାର ସୁଯୋଗ ପାଏ ନାହିଁ । କେବଳ ବିଶେଷ ବିଶେଷ ଅବସ୍ଥାରେ ଆକସ୍ମିକ ଭାବେ ପ୍ରକଟିତ ହୁଏ ମାତ୍ର । କିନ୍ତୁ ଏହି ଆକସ୍ମିକତାହିଁ ଆମମାନଙ୍କର ଚିରଅଭ୍ୟସ୍ତ ଓ ମୂର୍ଖତାଜନିତ ଦୋଷଯୁକ୍ତ ବୁଦ୍ଧି ପକ୍ଷରେ ଜ୍ଞାନର ଭଣ୍ଡାର ସ୍ୱରୂପ, ଯାହାର ଉପକାରିତା କ୍ଷୁଦ୍ର ବୃହତ୍ ଭେଦରେ ସମସ୍ତ ବ୍ୟାପାରରେହିଁ କେବେ ନା କେବେ ଆମେ ସମସ୍ତେ ଅନୁଭବ କରିଥାଉ । ବାହ୍ୟ ବସ୍ତୁ ବିଷୟକ ଜ୍ଞାନଲାଭ କରିବାକୁ ହେଲେ ଆମେ ଦୁଇ ବିପରୀତ ଦିଗରୁ ତାହା ଲାଭ କରିପାରୁ । ପ୍ରଥମତଃ କୌଣସି ବାହ୍ୟ ବିଷୟକୁ ତା'ର ପାରିପାର୍ଶ୍ୱିକ ବିଷୟସବୁରୁ ବିଶ୍ଳେଷଣ କରି ତାହା ପ୍ରତି ନିଜର ବିଶିଷ୍ଟ ଗୁଣ ଦ୍ୱାରା ଅଥବା ଦ୍ୱିତୀୟତଃ କୌଣସି ବାହ୍ୟ ବିଷୟ ପାରିପାର୍ଶ୍ୱିକ ବିଷୟ ଠାରୁ ନିଜର ବିଶିଷ୍ଟତା ଗୁଣରେ ଅଥବା ପାର୍ଥକ୍ୟର ପ୍ରାବଲ୍ୟରେ ଆମର ମନ ଆକର୍ଷଣ କରିପାରେ । ଏ ସ୍ଥଳରେ ବିଷୟ କହିଲେ କେବଳ ଜଡ଼ ବସ୍ତୁ ବୁଝିଲେ ଚଳିବ ନାହିଁ । ଚେତନ, ଅଚେତନ, ଉଦ୍ଭିଦ ଆଦି ସବୁ ପ୍ରକାର ବିଷୟ ବୁଝିବାକୁ ହେବ । ସାଧାରଣ ଭାବରେ ଆମେ ଆମର ଅସ୍ତିତ୍ୱକୁ ତିନି ଭାଗରେ ବିଭକ୍ତ କରି ଦେଖୁ । ଯଥା – ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ । ଇଂରାଜୀରେ ଗୋଟିଏ ପ୍ରବାଦ ଅଛି, "Birds of a feather flock together" । ବଙ୍ଗଳାରେ ଯାହାକୁ କୁହାଯାଏ ''ଚୋରେ ଚୋରେ ମାସ୍‌ତୁତୋ ଭାଇ'' । ସେହିପରି ଆମର ଜଡ଼ଗୁଣ ସମ୍ପନ୍ନ ଶରୀର ବାହ୍ୟ ଜଡ଼ ପ୍ରକୃତି ସହିତ ଏବଂ ଚେତନ ଗୁଣସମ୍ପନ୍ନ ମନ ଓ ଆତ୍ମା ଚେତନ ଗୁଣସମ୍ପନ୍ନ ଉଦ୍ଭିଦ ଓ ପ୍ରାଣୀ ଜଗତ୍ ସହ ସହଜ ଓ ନିକଟ ସମ୍ବନ୍ଧିତ । ପରସ୍ପର ପରସ୍ପର ପ୍ରତି, ଘାତ-ପ୍ରତିଘାତ ଦ୍ୱାରା ସହଜ ଭାବରେ ଆଦାନପ୍ରଦାନ ଏବଂ ଭାବ ବିନିମୟରେ ସକ୍ଷମ । ଇଂରାଜୀରେ ଯାହାକୁ କୁହାଯାଏ ପରିବହନ (conduction); କିନ୍ତୁ ଯଦି ଏମାନଙ୍କ ମଧ୍ୟରେ କୌଣସି ଗୋଟିଏ ଥାକ ଡିଆଁମାରି ଅପର କାହା ସହ ଘାତ ପ୍ରତିଘାତ ସମ୍ବନ୍ଧସ୍ଥାପନ କରିବାର ଚେଷ୍ଟା କରେ, ତା'ହେଲେ ସହଜ ଓ ସାଧାରଣ ନିୟମର ବ୍ୟତିକ୍ରମ ହୁଏ । ଫଳରେ ଆମେ ନିଜ ସ୍ୱଭାବଗତ ସୀମା ହରାଇ ଆକସ୍ମିକତାର ରାଜ୍ୟରେ ଆସି ପଡୁ । ଅବଶ୍ୟ ଏହା ସ୍ୱୀକାର କରିବାକୁ ହେବ ଯେ ଏଇ ଆକସ୍ମିକତାହିଁ ଆମମାନଙ୍କର ''ମୁଁ''ତ୍ୱ ବୋଧକୁ ଜଗାଇ ଥାଏ ଏବଂ ଏହି ''ମୁଁ''ତ୍ୱ ବୋଧହିଁ ଆମର ବ୍ୟକ୍ତିଗତ ବିଶେଷତ୍ୱ ରକ୍ଷାର ପ୍ରଧାନ ଉପକରଣ । ଏଇ ''ମୁଁ''ତ୍ୱ ବୋଧର ଜାଗରଣ ସଙ୍ଗେ ସଙ୍ଗେହିଁ ଜୀବ ସାବାଳକତ୍ୱ ପ୍ରାପ୍ତ ହୁଏ ଓ ଆପଣାପଣ ଶୁଭାଶୁଭ କର୍ମଫଳ ଭୋଗର ଅଧିକାର ପାଇଥାଏ । ନଚେତ୍ କେବଳ ନାବାଳକତ୍ୱର ଜାହିରରେ ସ୍ୱୟଂ ଭଗବାନଙ୍କୁ ବି ଲାଞ୍ଛିତ ହେବାକୁ ହୁଏ, ଏଥିରେ ସନ୍ଦେହ ନାହିଁ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ନୂତନ ଶିକ୍ଷାର ଆହ୍ୱାନ

## (୨୪)

### ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

(୧) ବର୍ତ୍ତମାନ ସମୟ ହେଉଛି ଯୁଗ ପରିବର୍ତ୍ତନର ସମୟ । ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ବିବର୍ତ୍ତନ ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଯୁଗାବତାର ଶ୍ରୀଅରବିନ୍ଦ ନିଜର ତପୋବଳରେ ଅତିମାନସ ଶକ୍ତିକୁ ଧରାପୃଷ୍ଠକୁ ଅବତରଣ କରାଇ ମାନବ ସମାଜର ଭବିତବ୍ୟକୁ ପ୍ରଦୀପ୍ତ କରିଛନ୍ତି । ଏହି ଅତିମାନସ ଶକ୍ତି ପୃଥିବୀର ବାତାବରଣରେ କାର୍ଯ୍ୟ କରୁଥିବାରୁ ଶିକ୍ଷାର ନୂତନ ସମ୍ଭାବନାଗୁଡ଼ିକ ଧୀରେ ଧୀରେ ଉନ୍ମୋଚିତ ହେବାରେ ଲାଗିଛି । ଏହି ଶକ୍ତି ନୂତନ ଶିକ୍ଷାକୁ ପରିଚାଳିତ କରୁଛି । ତେଣୁ ନୂତନ ଶିକ୍ଷା ହେଉଛି ସ୍ୱୟଂ ମାତୃଶକ୍ତି । ଏହି ଶିକ୍ଷାକୁ ମା' ରୂପେ ବରଣ କରି ଜୀବନରେ କିଛି ହେବା ପାଇଁ ସଂକଳ୍ପ କଲେ ଅଗ୍ରଗତିର ବାଟଗୁଡ଼ାକ ଫିଟିଯିବ ।

(୨) ଅତିମାନସ ଶକ୍ତି ଏକ ରୂପାନ୍ତରକାରିଣୀ ଶକ୍ତି । ଏହାର ଜ୍ୟୋତିଃ, ଶକ୍ତିର ପ୍ରଭାବରେ ମାନବର ପ୍ରକୃତି ଦିବ୍ୟ ପ୍ରକୃତିରେ ପରିଣତ ହେବ । ମନୁଷ୍ୟର ସ୍ୱଭାବରେ ପରିବର୍ତ୍ତନ ଆସିବ । ଧୀରେ ଧୀରେ ସମାଜରୁ ମିଥ୍ୟାଚାର ଦୂର ହୋଇଯିବ ଏବଂ ମାନବ ଅତିମାନବରେ ପରିଣତ ହେବ । ଏହାହିଁ ମାନବର ଅଭୀପ୍ସା ଯାହା ସେ ଶାଶ୍ୱତକାଳରୁ ଚାହିଁ ଆସିଛି । ମାନବର ପ୍ରାର୍ଥନା : ''ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମାଽମୃତଂ ଗମୟ'' ପୂରଣ ହେବ ଏହି ଶକ୍ତିର ପ୍ରଭାବ ଦ୍ୱାରା । ଏପରି ଏକ ମହାନ୍ ଲକ୍ଷ୍ୟ ରଖି ପୂର୍ଣ୍ଣାଙ୍ଗ ଶିକ୍ଷାର ଆତ୍ମଶକ୍ତି ସମାଜର ପୁନର୍ଗଠନ ତଥା ବ୍ୟକ୍ତି-ଚେତନାର ପରିବର୍ତ୍ତନ ସକାଶେ ସକ୍ରିୟ ରହିଛି । ଏହି ଆତ୍ମଶକ୍ତିକୁ ଜାଗ୍ରତ୍ କରିବା ଆମ ପାଇଁ ଏକ ବିରାଟ ଆହ୍ୱାନ ହୋଇ ରହିଛି ।

(୩) ସତ୍ୟ ଏକ । ବାହାରେ ଯେତେ ଖୋଜିଲେ ବି ଅସଲ ସତ୍ୟ ମିଳେନା । ମଣିଷ ମଧ୍ୟ ଏକ । ମଣିଷ ପାଇଁ ଶିକ୍ଷା । ନାନା ଦେଶରେ ନାନା ଶିକ୍ଷାନୀତି । ଏହି ଶିକ୍ଷାନୀତି ମଧ୍ୟ ମଣିଷ ପାଇଁ । ଯେତେବେଳେ ଅସଲ ସତ୍ୟଟି ଅନ୍ତରରୁ ଉନ୍ମୋଚିତ ହୋଇଯାଏ ସେତେବେଳେ ମଣିଷକୁ ବାଟ ମିଳିଯାଏ । ନୂତନ ଶିକ୍ଷାର ଲକ୍ଷ୍ୟ ହେଲା ଅଭ୍ୟନ୍ତରରେ ଯେଉଁ ସତ୍ୟ ରହିଛି, ଯେଉଁ ଅନନ୍ତ ସମ୍ଭାବନା ରହିଛି ତାହାକୁ ଉନ୍ମୋଚିତ କରିବା । ଏହି ଅନନ୍ତ ସମ୍ଭାବନାହିଁ ମହାଶକ୍ତି, ଆମ ଭିତରର ଅସଲ ମଣିଷ, ଆମର ଅସଲ ବ୍ୟକ୍ତିତ୍ୱ ଯାହା ଅନ୍ତରାତ୍ମା ରୂପେ ବିଦ୍ୟମାନ । ସେହିଁ ଆମ ଜୀବନର ଓ ଆମ ଶିକ୍ଷାର ନେତା; ଆମ ଜୀବନ ବିଦ୍ୟାଳୟର ଅସଲ ଶିକ୍ଷକ । ଏହି ଗୁରୁଙ୍କ ପାଖରେ ନିଜକୁ ସମର୍ପଣ କରି ତାଙ୍କର ନିର୍ଦ୍ଦେଶରେ ବାଟ ଚାଲିଲେ ପୂର୍ଣ୍ଣତାର ନୂତନ ଦିଗନ୍ତଗୁଡ଼ିକ ଜଳଜଳ ହୋଇ ଦେଖାଯିବ । ସେଥିପାଇଁ ଶ୍ରୀଅରବିନ୍ଦ କହନ୍ତି –

"That, if we ever give it a chance to come forward, and still more if we call it into the foreground as "the leader of the march set in our front", will itself take up most of the business of education out of our hands and develop the capacity of the psychological being towards a realisation of its potentialities. ..."

(CWSA, Vol. 25, p. 33)

ଅର୍ଥାତ୍, ''ଏହି ଚୈତ୍ୟସତ୍ତାଟିକୁ ଯଦି ଆମେ ଆଗକୁ ଆସିବାକୁ ଅନୁମତି ଦେଉ ଏବଂ ଆହୁରି ଅଧିକ କରି କହିଲେ, ''ଆମ ସମ୍ମୁଖରେ ରହିଥିବା ଯାତ୍ରାର 'ନାୟକ' ରୂପେ ଯଦି ଆମେ ସମ୍ମୁଖକୁ ଏହି ସତ୍ୟଟିର ଆବାହନ କରି ଆଣିପାରୁ, ତେବେ କେବଳ ତାହାହିଁ ଆମ ହାତରେ ରହିଥିବା ଶିକ୍ଷାର ଅଧିକାଂଶ ଦାୟିତ୍ୱକୁ ଆପେ ସମ୍ଭାଳି ନେଇ ପାରିବ ଏବଂ ମନୋମୟ ମନୁଷ୍ୟ ସତ୍ତାର ସାମର୍ଥ୍ୟକୁ ତା'ର ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକର ଉପଲବ୍ଧି ଦିଗରେ ଅବଶ୍ୟ ବିକାଶ କରାଇ ଆଣିବ...'' । ସୁତରାଂ ଅସଲ ଶିକ୍ଷାର ଦାୟିତ୍ୱ ବ୍ୟକ୍ତି, ସମାଜ ବା ସରକାର ହାତରେ ନ୍ୟସ୍ତ କରାଯାଇ ପାରିବ ନାହିଁ । ଶିକ୍ଷାର ମଙ୍ଗକୁ ଅନ୍ତରାତ୍ମା ଧରିଲେ ନୌକାଟି ଅନାୟାସରେ ଆଗକୁ ଅଗ୍ରସର କରି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ।

(୪) ପୂର୍ଣ୍ଣାଙ୍ଗ ଶିକ୍ଷାର ନୂତନତ୍ୱ ହେଉଛି ଏକ ନୂତନ ଦୃଷ୍ଟିଭଙ୍ଗୀ । ଶିକ୍ଷା ଏକ ନୂତନ ଜନ୍ମ । ବ୍ୟକ୍ତିର ଅନବରତ ନୂତନ ଜନ୍ମ ଘଟେ । ସେ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ଅନୁଭବ କରେ ଏବଂ ଶିକ୍ଷା କରେ । ଏହି ଶିକ୍ଷା ବା ନୂତନ ଜନ୍ମର ପଶ୍ଚାତରେ ରହିଛି ଏକ ନୂତନ ଦୃଷ୍ଟି, ଚିନ୍ତା ଓ ଚେତନାର ଅଭିନବ ପ୍ରକାଶ । ସାକ୍ଷରତାକୁ ଶିକ୍ଷା କହିବା ସମୀଚୀନ ନୁହେଁ । ଶ୍ରୀଅରବିନ୍ଦଙ୍କ ଭାଷାରେ :

"An education that confines itself to imparting knowledge, is no education."

(CWSA, Vol. 1, p. 370)

ଅର୍ଥାତ୍, ''ଯେଉଁ ଶିକ୍ଷା କେବଳ ତଥ୍ୟ ବା ଜ୍ଞାନ ପ୍ରଦାନ ଭିତରେ ସୀମାବଦ୍ଧ ଥାଏ, ତାହାକୁ ଶିକ୍ଷା ବୋଲି କୁହାଯାଇ ପାରିବ ନାହିଁ ।'' ଯାହା ଦ୍ୱାରା ଆମେ ନିଜକୁ, ଅନ୍ୟକୁ, ଜଗତକୁ ଓ ପରମସତ୍ୟକୁ ଜାଣିପାରୁ, ଉପଲବ୍ଧି କରିପାରୁ ତାହାକୁ ଆମେ ଅସଲ ଶିକ୍ଷା ବୋଲି କହିପାରିବା । ସତ୍ୟ, ଜୀବନ, ଆଲୋକ, ପ୍ରେମ, ଐକ୍ୟ, ସଂହତି ଓ ପୂର୍ଣ୍ଣତାର ଅନୁରାଗକୁ ପ୍ରକୃତ ଶିକ୍ଷା ବୋଲି କହିପାରିବା । ବାହ୍ୟ ତଥ୍ୟ ଓ ଅନ୍ତରର ଅନୁଭବ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ହୋଇପାରିଲେ ପ୍ରକୃତ ଶିକ୍ଷାଟି ଜନ୍ମନିଏ । ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟିରେ ସତ୍ୟର ସାକ୍ଷାତ୍କାରକୁ ଅସଲ ଶିକ୍ଷା ବୋଲି କୁହାଯାଇଛି । ଆଧୁନିକ ଶିକ୍ଷାର ମନସ୍ତାତ୍ତ୍ୱିକ ଭିତ୍ତି ହେଲା ଉପଯୋଗିତାବାଦ । ଶିକ୍ଷା, ଶିକ୍ଷକ, ଛାତ୍ର, ଅଧ୍ୟାପକ ଓ ଅଧ୍ୟାପନା ସବୁକିଛି ସକଳ ଦୃଷ୍ଟିରୁ ସର୍ବଦା ଉପଯୋଗୀ ହେବା ବାଞ୍ଛନୀୟ । ପୂର୍ଣ୍ଣାଙ୍ଗ ଶିକ୍ଷାର ଦାର୍ଶନିକ ଭିତ୍ତି ହେଲା ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ-ଜୀବନ, ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦର ପ୍ରକାଶ, ଦିବ୍ୟ ଜୀବନର ପ୍ରତିଷ୍ଠା । ପେୟରେ ନଥାଏ ଆନନ୍ଦ; ଅଳ୍ପରେ ନଥାଏ ସୁଖ । ଭୂମା ବା ସତ୍ୟର ଉପଲବ୍ଧିରେ ଥାଏ ଅନନ୍ତ ସୁଖ, ଶାଶ୍ୱତ ଆନନ୍ଦ । ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟିରେ ବୁଦ୍ଧି, ଯୁକ୍ତି, ବିଜ୍ଞାନ, କର୍ମଦକ୍ଷତା, ସଂଗଠନ, ଭୌତିକ ସୁଖ ବା ସମ୍ଭୋଗ ଶିକ୍ଷାର ଚରମ ସାଧ୍ୟବସ୍ତୁ ନୁହେଁ । ପାର୍ଥିବ ଜୀବନର ପଦକ୍ଷେପରେ ଏହା ଗୋଟାଏ ଗୋଟାଏ ଉପାୟ ମାତ୍ର ।

ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟିରେ ଶିଶୁ ଏକ ବର୍ଦ୍ଧିଷ୍ଣୁ ଆତ୍ମା । ପ୍ରତ୍ୟେକ ବ୍ୟକ୍ତି ଭଗବାନଙ୍କର ଏକ ଛଦ୍ମ ରୂପ । ଏହି ଆତ୍ମା ଜଗତରେ ଅଭିବ୍ୟକ୍ତ ହୋଇଛି ଜୀବନ, ଜଗତ୍ ଓ ସମାଜକୁ ଦିବ୍ୟତର, ପୂର୍ଣ୍ଣତର, ସୌନ୍ଦର୍ଯ୍ୟମୟ ଓ ଆନନ୍ଦମୟ କରି ଗଢ଼ି ତୋଳିବାକୁ । ସୁତରାଂ ଶିଶୁ ଏକ ଶରୀର, ପ୍ରାଣ ଓ ମନଧାରୀ ଜୀବ ନୁହେଁ । ସେ ଏକ ଜୀବନ୍ତ ଆତ୍ମସତ୍ତା । ତା'ଭିତରେ ଅନନ୍ତ ସମ୍ପଦ ଭରି ରହିଛି । କିଏ ତାକୁ ଶିକ୍ଷା ଦେଇପାରିବ ? ସେ ନିଜେ କିଏ, କେଉଁଠାରୁ ଆସିଛି ଏବଂ କାହିଁକି ଆସିଛି – ଏସବୁ ପ୍ରତି ଆତ୍ମ-ସଚେତନତା ଜାଗ୍ରତ୍ କରାଇବା ହେଉଛି ଅସଲ ଶିକ୍ଷାର ଉଦ୍ଦେଶ୍ୟ । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟିରେ ଶିଶୁର ଅନ୍ତରାତ୍ମା ହେଉଛି ତା'ର ଅସଲ ବ୍ୟକ୍ତିତ୍ୱ । ସେହି ଅନ୍ତରାତ୍ମା ବା ଚୈତ୍ୟସତ୍ତାର ଆବିଷ୍କାର ଓ ତାଙ୍କୁହିଁ କେନ୍ଦ୍ର କରି ଦେହ, ପ୍ରାଣ ଓ ମନର ପରିପୂର୍ଣ୍ଣ ବିକାଶ, ଅଭିବୃଦ୍ଧି ଓ ସିଦ୍ଧିହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଭିମୁଖ୍ୟ ।

ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟିରେ ଜୀବନ କେବଳ ଘଟଣା ବା ଅନୁଭୂତିର ସମାହାର ନୁହେଁ, ଏହା ଏକ ଶାଶ୍ୱତ ପ୍ରବାହ । ଆତ୍ମାର ଏକ ଉଲ୍ଲେଖନୀୟ ଯାତ୍ରା । ଶ୍ରୀଅରବିନ୍ଦଙ୍କ ଭାଷାରେ :

"Life was a marvellous journey
of the spirit, ..."

(Savitri, p. 301)

ବିଜୟ ପଥରେ ପୂର୍ଣ୍ଣତା ଅଭିମୁଖେ ଜୀବନ ଏକ ଦୁଃସାହସିକ ଯାତ୍ରା । ବର୍ଷ, ମାସ, ଦିନ ଓ ଦଣ୍ଡ ଦ୍ୱାରା ଜୀବନ ସୀମିତ ନୁହେଁ । ଚେତନ ଶକ୍ତି ଭିନ୍ନ ଭିନ୍ନ ରୂପରେ ନିଜକୁ ଏହି ଜୀବନ ମାଧ୍ୟମରେ ପ୍ରକାଶ କରେ, ଭିନ୍ନ ଭିନ୍ନ ଅବସ୍ଥା ବା ଘଟଣା ଭିତରଦେଇ ପୂର୍ଣ୍ଣତା ଅଭିମୁଖେ ଅଗ୍ରଗତି କରୁଥାଏ । ସୁତରାଂ ଜୀବନ ହେଉଛି ଆତ୍ମାର ଅଭିବ୍ୟକ୍ତିରେ ଏକ ମୁକ୍ତ କ୍ଷେତ୍ର । ଜୀବନକୁ ଏହି ଦୃଷ୍ଟିରେ ଦେଖି ଯଥାର୍ଥ ଶିକ୍ଷାର ବିଧାନକୁ ଉପଲବ୍ଧି କରାଯାଇ ପାରେ । ପ୍ରକୃତ ଶିକ୍ଷା ଜୀବନର ରହସ୍ୟକୁ ଉଦ୍‌ଘାଟନ କରେ । ଯାବତୀୟ ଉନ୍ମେଷଣାର ପ୍ରେରଣାହିଁ ଶିକ୍ଷା । ଭଗବାନଙ୍କର ପ୍ରତିଟି ଅଭିବ୍ୟକ୍ତିହିଁ ପୂର୍ଣ୍ଣତାର ଅଭିବ୍ୟକ୍ତି । ଜୀବନକୁ ଏହି ଦୃଷ୍ଟିରେ ଦେଖିଲେ ଜୀବନଟି ପ୍ରତି ମୁହୂର୍ତ୍ତରେ ଆମକୁ ନୂଆ ହୋଇ ଦେଖାଯାଏ ।

ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଏ ଜଗତ୍ ମାୟା ଓ ଅଜ୍ଞାନର ଭୂମି ନୁହେଁ; ଏହା ଭଗବାନଙ୍କର ଏକ ଅଭିବ୍ୟକ୍ତି । ତେଣୁ ଏହା ସତ୍ୟ । ଏହି ଜଗତ୍ ଯେପରି ହେବା କଥା ସେପରି ହୋଇ ନାହିଁ । ଯଥାର୍ଥ ସୃଷ୍ଟିର ଏହା ଏକ ବିକୃତ ଓ ଅନ୍ଧକାରମୟ ଅଭିବ୍ୟକ୍ତି । ଏହାର ଉଦ୍ଦେଶ୍ୟ ହେଲା ଭାଗବତ ସଂକଳ୍ପ ଓ ଚେତନାରେ ପରିଣତ ହେବା । ଜଗତର ପ୍ରତ୍ୟେକଟି ବସ୍ତୁରେ ଆତ୍ମାର ଉପସ୍ଥିତି ରହିଛି । ଅନେକ ଜଗତ୍ ରହିଛି । କିନ୍ତୁ ଆମେ

ଯେଉଁ ଜଗତ୍ ବା ବିଶ୍ୱରେ ବାସ କରୁ ସେଠାରେ ମନ-ପ୍ରାଣ-ଶରୀରର ଅଜ୍ଞାନ ଜଗତ୍ ସକଳ ବିଦ୍ୟମାନ । ଏହି ଜଗତ୍ ସକଳ ନିଜ ଚେତନାରେ ମୂଳ ଉତ୍ସରୁ ବିଚ୍ଛିନ୍ନ ହୋଇଛି । ତଥାପି ଏହି ପୃଥିବୀହିଁ ହେଲା ଏହିସବୁ ଅଜ୍ଞାନ ଜଗତ୍ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ କେନ୍ଦ୍ର । ଏହି ଜଗତରେହିଁ ରହିଛି ଅଗ୍ରଗତି । ମନ-ପ୍ରାଣ-ଶରୀରର ଅଜ୍ଞାନ ଜଗତକୁ ତା'ର ମୂଳଉତ୍ସ ପରମ ସତ୍ୟ ସହିତ ମିଳିତ କରିବା ହେଉଛି ଶିକ୍ଷାର ଅସଲ ଉଦ୍ଦେଶ୍ୟ ।

ପ୍ରତ୍ୟେକ ଶିକ୍ଷାନୀତିରେ ନୈତିକ ବା ଧାର୍ମିକ ଶିକ୍ଷା ଉପରେ ପ୍ରାଧାନ୍ୟ ଦିଆଯାଇଛି । ପ୍ରତ୍ୟେକ ଧର୍ମ ଏକ ଅତିଭୌତିକ ଶକ୍ତି, ପ୍ରତୀକ, ରୂପ ବା ଶବ୍ଦ ଉପରେ ବିଶ୍ୱାସ ସ୍ଥାପନ କରେ । ଆମେ ସାଧାରଣତଃ ତାହାକୁ ଈଶ୍ୱର ବା ଭଗବାନ୍ ବୋଲି କହିଥାଉ । ଈଶ୍ୱରଙ୍କ ସ୍ୱରୂପ ଉପରେ ନାନା ମତ ରହିଛି । ସେହି ଈଶ୍ୱର ଏକ ବା ଅନେକ, ସାକାର ବା ନିରାକାର, ସ୍ଥିତିଶୀଳ ବା ଗତିଶୀଳ, ସଗୁଣ ବା ନିର୍ଗୁଣ, ସବିଶେଷ ବା ନିର୍ବିଶେଷ ସତ୍ତା ହୋଇପାରନ୍ତି । ଶ୍ରୀଅରବିନ୍ଦଙ୍କ ମତରେ ସଚ୍ଚିଦାନନ୍ଦହିଁ ପରମସତ୍ୟ, ଏକ ଓ ଅଦ୍ୱିତୀୟ । ସ୍ଥିତିଶୀଳ ସ୍ୱଭାବ ଓ ଗତିଶୀଳ ସ୍ୱଭାବ ଯୋଗୁଁ ସେ ନିଜକୁ ତିନି ସ୍ଥିତିରେ ଆତ୍ମା-ମାୟା, ପୁରୁଷ-ପ୍ରକୃତି ଓ ଈଶ୍ୱର-ଶକ୍ତି ରୂପେ ପ୍ରକାଶିତ କରିଛନ୍ତି । ଏହି ଦୁଇଟି ଅଭିନ୍ନ ତତ୍ତ୍ୱ । ଅନ୍ୟ ପକ୍ଷରେ ଈଶ୍ୱର ବା ଭଗବାନ୍ ସର୍ବଭୂତରେ ଆତ୍ମା ରୂପେ ବିରାଜିତ । ଏହି ଆତ୍ମାର ଏକ ସ୍ୱତନ୍ତ୍ର ବ୍ୟକ୍ତିରୂପ ହେଉଛି ଜୀବାତ୍ମା (Spirit or Individual Self) । ଏହି ଜୀବାତ୍ମାହିଁ ବ୍ୟକ୍ତିର ଚିରନ୍ତନ ବାସ୍ତବ ସତ୍ତା ଯାହା ବିବର୍ତ୍ତନର ଊର୍ଦ୍ଧ୍ୱରେ ଥାଏ । ଏହି ଜୀବାତ୍ମା ହେଉଛି ଅକ୍ଷର ପୁରୁଷ, ସାକ୍ଷୀ, ଦ୍ରଷ୍ଟା ବା ଅନୁମନ୍ତା । ଜୀବାତ୍ମାର ଅବସ୍ଥାନ ହେଉଛି ମସ୍ତିଷ୍କର ଊର୍ଦ୍ଧ୍ୱରେ ଯାହା ଆମର ସୂକ୍ଷ୍ମ ଶରୀରକୁ ସୂଚାଇ ଥାଏ । ଅନ୍ୟ ପକ୍ଷରେ ଭଗବାନଙ୍କର ଏକ ଶାଶ୍ୱତ ଅଂଶ ଦିବ୍ୟ ସ୍ଫୁଲିଙ୍ଗ ରୂପେ ସୃଷ୍ଟି ମଧ୍ୟରେ ପ୍ରବେଶ କରି ଏହି ଜଡ଼ ପୃଥିବୀରେ ବିବର୍ତ୍ତନଧାରାକୁ ପୋଷଣ କରେ । ଏହି ଦିବ୍ୟ ସ୍ଫୁଲିଙ୍ଗ ମଧ୍ୟରେ ସକଳ ପ୍ରକାର ସମ୍ଭାବନା ଥାଏ; କିନ୍ତୁ ରୂପ ଗ୍ରହଣ କରି ନଥାଏ । ବିବର୍ତ୍ତନ ମଧ୍ୟରେ ଏହି ସମ୍ଭାବନାଗୁଡ଼ିକ ରୂପ ଗ୍ରହଣ କରେ । ଏହି ଦିବ୍ୟ ସ୍ଫୁଲିଙ୍ଗକୁ ଆମେ ଚୈତ୍ୟ ବା ଅନ୍ତରାତ୍ମା ବୋଲି କହିଥାଉ । ଆମ ଭିତରେ ଥିବା ଦିବ୍ୟ ଅଂଶହିଁ ଆମର ଅନ୍ତରାତ୍ମା । ଏହି ଦିବ୍ୟ ଶକ୍ତି ବିବର୍ତ୍ତନଗତ ଶକ୍ତି ରୂପେ ବିବର୍ତ୍ତନକୁ ଆଗେଇ ନିଏ । ଏହି ଅନ୍ତରାତ୍ମା ଜୀବାତ୍ମାର ପ୍ରତିନିଧି ରୂପେ ଜୀବର ଅନ୍ତର ମଧ୍ୟରେ ପ୍ରବେଶ କରି ବିବର୍ତ୍ତନଧାରାରେ ନିଜର ଅଭିବୃଦ୍ଧି ଘଟାଏ ଏବଂ ରୂପ ଗ୍ରହଣ କରି ଚୈତ୍ୟପୁରୁଷରେ ପରିଣତ ହୁଏ । ଏହି ଚୈତ୍ୟପୁରୁଷ ମଧ୍ୟ ଆତ୍ମାର ଅନ୍ୟ ଏକ ରୂପ । କିନ୍ତୁ ଏହାର ଜନ୍ମ ଅଛି, ମୃତ୍ୟୁ ନାହିଁ । ଏହା ଜନ୍ମମରଣ-ଚକ୍ରରେ ବାରଂବାର ଜନ୍ମଲାଭ କରି ଆମ ଜୀବନର ସମସ୍ତ ଅନୁଭୂତି ବା କର୍ମଫଳକୁ ବହନ କରନ୍ତି । ଏହି ଚୈତ୍ୟପୁରୁଷଙ୍କର ଅବସ୍ଥାନ ହେଉଛି ଆମର ହୃଦ୍‌କେନ୍ଦ୍ର ଯାହାକୁ ଉପନିଷଦ୍‌ରେ ହୃଦୟଗୁହା ବୋଲି କୁହାଯାଇଛି, ଏହା ହେଉଛି ଭଗବାନଙ୍କର ନିବାସସ୍ଥଳ । ଏହାକୁ ଗୀତାରେ କ୍ଷରପୁରୁଷ ବା ଭୋକ୍ତା ବୋଲି କୁହାଯାଇଛି, ଏହା ହେଉଛି ଆମର ବ୍ୟକ୍ତିଗତ ଆତ୍ମସତ୍ତା, ଆମ ଭିତରର ପ୍ରକୃତ ମଣିଷ ବା ବ୍ୟକ୍ତିତ୍ୱ, ଆମର ସ୍ୱଭାବ ବା ସ୍ୱଧର୍ମ । ଯେତେବେଳେ ଆମେ ଚୈତ୍ୟପୁରୁଷ ପ୍ରତି ସଚେତନ ହେଉ ବା ଆମର ସାଧନା ବଳରେ ସେ ଜାଗ୍ରତ୍ ହୁଅନ୍ତି, ସେତେବେଳେ ଆମେ ନବଜନ୍ମ ଲାଭ କରୁ ଏବଂ ସେ ଆମ ସାଧନାର ଭାର ଗ୍ରହଣ କରନ୍ତି । ଏହି ଆତ୍ମସତ୍ତା ବା ଅନ୍ତରାତ୍ମା ମନ, ପ୍ରାଣ ଓ ଶରୀରକୁ ଯନ୍ତ୍ର ରୂପେ ବ୍ୟବହାର କରି ଦିବ୍ୟ ସମ୍ଭାବନାରାଜିକୁ ପ୍ରକାଶ କରିବା ସକାଶେ ସତତ ଚେଷ୍ଟା କରୁଥାଏ । ଏକ ଆଧ୍ୟାତ୍ମିକ ବା ଦିବ୍ୟ ଜୀବନ ଲାଭ କରିବାର ଗୁପ୍ତ ରହସ୍ୟ ଏହି ଚୈତ୍ୟପୁରୁଷଙ୍କଠାରେ ରହିଛି । ଜୀବାତ୍ମାକୁ ଉପଲବ୍ଧି କରି ଜଣେ ସାଧକ ଭଗବାନଙ୍କ ସହ ଏକାତ୍ମତା ଲାଭ କରିପାରେ; କିନ୍ତୁ ଜଗତର ବା ବ୍ୟକ୍ତି-ଚେତନାର ରୂପାନ୍ତର ହୋଇପାରେନା । ଏହି ରୂପାନ୍ତର କାର୍ଯ୍ୟଟି ଚୈତ୍ୟପୁରୁଷର ଜାଗରଣ ଦ୍ୱାରା ସମ୍ଭବ ହୋଇଥାଏ । ପୂର୍ଣ୍ଣାଙ୍ଗ ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଲା ଏହି ଚୈତ୍ୟପୁରୁଷ ବା ଅନ୍ତରାତ୍ମାର ଜାଗରଣ । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷାର ଆରମ୍ଭ ହୋଇଥାଏ ଏହି ଚୈତ୍ୟ ଜାଗରଣରୁ ଯାହା ଏକ ନୂତନ ବା ସ୍ୱତନ୍ତ୍ର ଆଭିମୁଖ୍ୟ ଏବଂ ସମଗ୍ର ମାନବ ସମାଜ ପାଇଁ ଶିକ୍ଷାକ୍ଷେତ୍ରରେ ଏକ ଆହ୍ୱାନ ।

(କ୍ରମଶଃ)

❑❑❑

# ଦଶକର୍ମଧାରା

## (୯)

## ପ୍ରସାଦ ତ୍ରିପାଠୀ

[**ପୂର୍ବାଭାଷ :** ଦଶକର୍ମଧାରା ସମ୍ପର୍କରେ ଏହି ନିବନ୍ଧଗୁଡ଼ିକ ଲେଖିବାର ଅନେକ ଆଗରୁ ଓଡ଼ିଶାରେ ଦଶକର୍ମଧାରା ପ୍ରବର୍ତ୍ତିତ ହୋଇ ସାରିଥିଲା । ହଠାତ୍ ଦିନେ ମାମୁ (ଶ୍ରୀ ଗଦାଧର ମିଶ୍ର) ଡାକି କରି କହିଲେ, ''ଆମେ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତରଫରୁ **ଦଶକର୍ମଧାରା** ପ୍ରଚଳନ କରିବା । ଆମ ସମାଜରେ ବିଭିନ୍ନ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସଙ୍ଗଠିତ କରି ବିଭିନ୍ନ କାର୍ଯ୍ୟଧାରା ମାଧ୍ୟମରେ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବା । ସେଥିପାଇଁ ପାଠଚକ୍ର, ମହିଳା ପାଠଚକ୍ର, ଶିକ୍ଷାରେ ଗବେଷଣା, ଡାକ୍ତର, ଇଞ୍ଜିନିୟର, ସାହିତ୍ୟ, କଳା, ବ୍ୟବସାୟ, ଆଇନ, କୃଷି ଏବଂ ଆଲୋକସେନା – ଏହିପରି ଭାବରେ ଦଶଟି ବିଭାଗକୁ ନେଇ ସେମାନଙ୍କୁ ସଙ୍ଗଠିତ କରିବା । ମୁଁ ପଚାରିଲି, ''ମାମୁ, ଏହି ଦଶଟିରୁ କ'ଣ ଆଉ ଅଧିକ ହୋଇ ପାରିବ ନାହିଁ ?'' ମାମୁ କହିଲେ, ''ଏବେ ଏତିକି କରିବା, ପରେ ପୁଣି ଦରକାର ପଡ଼ିଲେ ଅନ୍ୟ କର୍ମଧାରା ସବୁ ଆରମ୍ଭ କରିବା ।'' ତା'ପରେ ମୋତେ ୨୦୦୬ ମସିହାରେ କହିଲେ, ''ଏଇ ଦଶକର୍ମଧାରାଗୁଡ଼ିକ ସମ୍ପର୍କରେ ତୁ ଗୋଟିଏ ଗୋଟିଏ ନିବନ୍ଧ ଲେଖ ଏବଂ ସେଗୁଡ଼ିକ ସବୁ ମାତୃଭବନ ପତ୍ରରେ ନିୟମିତ ଭାବରେ ପ୍ରକାଶ ପାଇବ । ପ୍ରତ୍ୟେକ ମାସରେ ଗୋଟିଏ କର୍ମଧାରା ।'' ମୁଁ ୨୦୦୬ ଅଗଷ୍ଟ ମାସରୁ ଏହା ଲେଖିବାକୁ ଆରମ୍ଭ କଲି । ପ୍ରଥମ ଦୁଇଟି ନିବନ୍ଧ ଉପକ୍ରମ, ତା' ପରବର୍ତ୍ତୀ ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ କର୍ମଧାରା ସମ୍ପର୍କରେ ଆଲୋଚନା । ମାତ୍ର ଜାଣିବା କଥା ଯେ, ମୁଁ ଏସବୁ ଲେଖିଲା ବେଳେ ଯେଉଁଠାରେ ବି ମାମୁଙ୍କ ନାମ ଉଲ୍ଲେଖ କରିଥିଲି, ମାମୁ ସବୁ କାଟି ଦେଇଛନ୍ତି । ସବୁଗୁଡ଼ିକର ସୂତ୍ରଧର ସିଏ ଥିଲେ । ପରବର୍ତ୍ତୀ ସମୟରେ ସେ ଆମ ଭିତରୁ ଜଣକୁ କହିଲେ, ''ଦଶକର୍ମଧାରା ବିଷୟଟି ସିଧା ଊର୍ଦ୍ଧ୍ୱରୁ ଆସିଲା । ମୁଁ ଆଦୌ ଭାବି ନାହିଁ ।'' ବାସ୍ତବରେ ଏବେ ସବୁ ଅତି ପ୍ରାଞ୍ଜଳ ଭାବରେ ବୁଝି ହେଉଛି । ମାତ୍ର ସେତେବେଳେ ହୁଏତ ଏତେ ସହଜରେ ବୁଝି ହେଉ ନଥିଲା ।

ଏହି ନିବନ୍ଧଗୁଡ଼ିକ ୨୦୦୬ ମସିହାରେ ଲେଖା ହୋଇଛି । ଏହା ମଧ୍ୟରେ ପ୍ରତି କର୍ମଧାରାରେ କିଛି କିଛି ପୁରାତନ କାର୍ଯ୍ୟ ସହିତ କର୍ମଧାରାରେ ଆଉ କିଛି ନୂତନ କାର୍ଯ୍ୟକ୍ରମ ମଧ୍ୟ ଆଗେଇ ଗଲାଣି । ପ୍ରତ୍ୟେକ ନିବନ୍ଧରେ ପୁରାତନ ଲେଖା ସହିତ ବର୍ତ୍ତମାନର ଅଗ୍ରଗତି ସମ୍ବନ୍ଧରେ କିଛି ସୂଚନା ଦେବା ପାଇଁ ଚେଷ୍ଟା କରିବି । – ଲେଖକ]

### ଶ୍ରୀଅରବିନ୍ଦ ଏଗ୍ରିକଲ୍‌ଚରାଲ୍ ୟୁନିଟ୍

ଏହି ଧାରାରେ କାର୍ଯ୍ୟକ୍ରମ ପ୍ରାୟଶଃ ଆରମ୍ଭ ହୋଇ ନାହିଁ କିଂବା ବିଶେଷ କିଛି ଆଗକୁ ଯାଇ ନାହିଁ । ତେଣୁ କିଛି କାମ ଆରମ୍ଭ ନକରିବା ପର୍ଯ୍ୟନ୍ତ କିଛି ସ୍ପଷ୍ଟ ଦେଖାଯିବ ନାହିଁ କିଂବା ଅନୁମାନ ମଧ୍ୟ କରିହେବ ନାହିଁ । କୃଷି ଆମ୍ଭମାନଙ୍କର ଅତ୍ୟନ୍ତ ଆବଶ୍ୟକୀୟ ଏକ ଅଙ୍ଗ; ତେଣୁ ସେଥିରେ କାର୍ଯ୍ୟ ଆରମ୍ଭ କରିପାରିଲେ ଅନେକ କିଛି କରାଯାଇ ପାରିବ । ତେବେ ବର୍ତ୍ତମାନ ପାଇଁ ନିମ୍ନଲିଖିତ କେତୋଟି ବିଷୟକୁ ବିଚାରକୁ ନିଆଯାଇପାରେ ।

୧. ବାବାଜି ମହାରାଜ ପରାମର୍ଶ ଦେଉଥିଲେ ଯେତେବେଳେ କୌଣସି ସ୍ଥାନରେ ଜମି ମିଳୁଛି ତାକୁ ତୁରନ୍ତ କ୍ରୟ କରନିଅ ଏବଂ ପାଠଚକ୍ର ଦଖଲରେ ରଖ । ଭବିଷ୍ୟତରେ ଆଉ ସବୁ ମିଳିବ, ମାତ୍ର ଜମି ମିଳିବ ନାହିଁ । ତେଣୁ ଜମି ସଂଗ୍ରହ ଆମ୍ଭମାନଙ୍କର ପ୍ରଥମ ଏବଂ ପ୍ରଧାନ ଆବଶ୍ୟକତା । ଅବଶ୍ୟ ଜମି ସଂଗ୍ରହ ବେଳେ ଅନ୍ତତଃ ଏତିକି ଦେଖିବା ଉଚିତ ଯେ ଜମିର କୌଣସି କାଗଜପତ୍ର ଯେପରି ଗୋଳମାଳିଆ ନଥିବ ଏବଂ ଜମି କୌଣସି ବ୍ୟକ୍ତିବିଶେଷଙ୍କ ନାମରେ କିଣା ନଯାଇ ରେଜିଷ୍ଟ୍ରୀ ହୋଇଥିବା ପାଠଚକ୍ର ନାମରେ କିଣାଯାଇଥିବ ଏବଂ ଆରମ୍ଭରୁ ସବୁ କାଗଜପତ୍ରରେ ଏକଦମ୍ ପରିଷ୍କାର ତଥା ସ୍ପଷ୍ଟ ରହିବାକୁ ହେବ ।

୨. ଜିଲ୍ଲାର କୋ-ଅର୍ଡ଼ିନେଟର୍ ଜିଲ୍ଲାର ପ୍ରତ୍ୟେକ କେନ୍ଦ୍ର

ଅଧୀନରେ ଥିବା ଜମିର ଏକ ତାଲିକା ପ୍ରସ୍ତୁତ କରି ରଖିବେ ଏବଂ କେଉଁ କେନ୍ଦ୍ରରେ ଜମିର କିପରି ବ୍ୟବହାର କରାଯାଉଛି ତା'ର ଏକ ହିସାବ ରଖିବେ ।

୩. ପ୍ରତ୍ୟେକ କେନ୍ଦ୍ର ଅଧୀନରେ ଥିବା ଜମିର ବ୍ୟବହାର ସମ୍ପର୍କରେ ମଧ୍ୟ କୋ-ଅର୍ଡ଼ିନେଟର୍ ଏକ ତାଲିକା ପ୍ରସ୍ତୁତ କରିବେ । ହୁଏତ ଅନେକ ସ୍ଥାନରେ ଜମି ଚାଷ କରାଯାଉଥିବ କିଂବା ଫୁଲ ବଗିଚା ଥିବ; କେଉଁଠାରେ ତୋଟା ଥିବ, ବାରମାସୀ ଗଛ ସବୁଥିବ । ମାତ୍ର କେତେକ ସ୍ଥାନରେ କିଛି ନହୋଇ ମଧ୍ୟ ଜମି ଖାଲି ପଡ଼ିଥିବ । ସେପରି ସ୍ଥଳରେ ସେମାନେ ଜମିର ବ୍ୟବହାର ସମ୍ପର୍କରେ ପରାମର୍ଶ ଦେବେ ।

ଅନେକ ଦିନ ତଳେ ମୁଁ କୌଣସି ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦେଖିବାକୁ ଯାଇଥିଲି । ସେଠାରେ ସେମାନେ କୌଣସି ସରକାରୀ ସାହାଯ୍ୟ ବିନା ମଧ୍ୟ ଖୁସୀରେ କାର୍ଯ୍ୟ କରି ଚାଲୁଥା'ନ୍ତି । ମୁଁ ଦେଖିଲି ସେମାନଙ୍କର ଅଳ୍ପ ଜମି ଅଛି, ମାତ୍ର ଜମିର ସାମାନ୍ୟ ଅଂଶ ମଧ୍ୟ ସେମାନେ ଫାଙ୍କା ରଖିନାହାନ୍ତି । ଗୋଟିଏ ପୋଖରୀ ଅଛି, ସେଥିରେ ମାଛ ଛଡ଼ାଯାଇଛି – ପ୍ରଚୁର ମାଛ । ମଝିରେ ମଝିରେ ବିକ୍ରୟ ହୁଏ, ହଷ୍ଟେଲ ପିଲାମାନେ ମଧ୍ୟ ଖାଆନ୍ତି । ସାମ୍ନାରେ ଗୋଟିଏ ଫୁଲ ବଗିଚା, ରଜନୀଗନ୍ଧାରେ ଭରପୂର । ପ୍ରତ୍ୟେକ ଦିନ ବେଶ୍ କିଛି ଫୁଲ ବିକା ହୁଏ । ପୋଖରୀ ହୁଡ଼ାମାନଙ୍କରେ କଦଳୀ, ଅଦା ପ୍ରଭୃତି ଗଛ ଲଗାଯାଇଛି, କଣ୍ଟାବାଡ଼ରେ ଶିମିଳି ଗଛ ଲାଗିଛି । ସେଥିରେ ତୁଳା ଭର୍ତ୍ତି । ପ୍ରତ୍ୟେକ ବର୍ଷ କିଛି ତୁଳା ବିକ୍ରୟ ହୁଏ । ମଝିରେ ମଝିରେ ବାଉଁଶ ବୁଦା, ବାଉଁଶ ମଧ୍ୟ ଅନେକ ବିକ୍ରୟ ହୁଏ । ଏସବୁ ଦେଖି ମୋ ଭିତରେ ଅନେକ ଦୃଢ଼ତା ଆସିଥିଲା ଯେ ଭବିଷ୍ୟତରେ ଆମର କିଛି ଜମିଥିଲେ ଆମେ କାହା ପାଖରୁ ସାହାଯ୍ୟ ପାଇଁ ଦ୍ୱାରସ୍ଥ ହେବୁ ନାହିଁ । ଏବେ ପୁଣି ସେଇ ବିଶ୍ୱାସକୁ ଦୋହରାଇବାକୁ ପଡ଼ିବ । ଆମ ଜମିର ସର୍ବୋତ୍ତମ ଉପଯୋଗ ହେବା ଆବଶ୍ୟକ ।

୪. ମା' ସବୁବେଳେ ଗୁରୁତ୍ୱ ଦେଉଥିଲେ ଜମିରେ କୌଣସି ପ୍ରକାରର ରାସାୟନିକ ସାର ବ୍ୟବହାର ନକରି ଚାଷ କରିବାକୁ । ଆଶ୍ରମର ଅନେକ ଜମି ଅଛି ଏବଂ ପ୍ରତ୍ୟେକ ଜମିରେ ସେମାନେ କେବଳ ଖତ ବ୍ୟବହାର କରି ଚାଷ କରନ୍ତି, କୌଣସି ସ୍ଥାନରେ ସାର ଦିଆଯାଏ ନାହିଁ । ଆମେ ମଧ୍ୟ ଅନୁରୂପ କାର୍ଯ୍ୟ କରିପାରିବା । ଆମ ପାଠଚକ୍ରମାନଙ୍କରେ ଥିବା ଜମିରେ ଆଦୌ ସାର ଦେବା ନାହିଁ । ଗୋବର ଖତ, କମ୍ପୋଷ୍ଟ ଖତ ଇତ୍ୟାଦି ବ୍ୟବହାର କରି ଚାଷ କରିବା ।

୫. କୃଷିରେ ଏକ ଗବେଷଣା କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ଭିନ୍ନ ଭିନ୍ନ ସ୍ଥାନରେ ପରୀକ୍ଷା ନିରୀକ୍ଷା କରାଯିବ । କେଉଁ ପ୍ରକାରର ଖତ ପ୍ରୟୋଗ, କେଉଁ ପ୍ରକାରର ମାଟି, ଏସବୁକୁ ନେଇ ବିଭିନ୍ନ ପ୍ରକାରର ଗବେଷଣା କରିବାକୁ ହେବ । ସବୁ ସ୍ଥାନରେ ଗାଈ, ବଳଦ ଇତ୍ୟାଦି ରଖି ଗୋବର ଖତ ପ୍ରସ୍ତୁତ କରିବାକୁ ହେବ ।

୬. ବର୍ଷକୁ ଥରେ ବିଭିନ୍ନ ଅଞ୍ଚଳ, ଜିଲ୍ଲା, ଜୋନ୍‌ର କୃଷି କୋ-ଅର୍ଡ଼ିନେଟରମାନେ ଏକତ୍ର ହୋଇ ପ୍ରଦର୍ଶନୀ, ଆଲୋଚନାଚକ୍ର ଇତ୍ୟାଦି କରିପାରିବେ ।

୭. କୌଣସି ଅବସ୍ଥାରେ ମଧ୍ୟ ଆଶ୍ରମ ଜମିକୁ ବନ୍ଧାପକାଇ ଟଙ୍କା ପଇସା ଋଣ ଉଠାଯାଇ ପାରିବ ନାହିଁ । ଏଥିରେ ସମସ୍ତେ ସତର୍କ ରହିବେ । ହୁଏତ ଋଣ ଉଠାଇ ଖର୍ଚ୍ଚ କରିଥିବା ବ୍ୟକ୍ତି ତିନି, ଚାରି ବର୍ଷ ପରେ ଦାୟିତ୍ୱରେ ନଥିବେ । ପୁଣି ଯିଏ ନୂଆ ଆସିବେ ସିଏ କହିବେ, 'ମୁଁ ତ ଋଣ କରିନି, ଶୁଝିବି କାହିଁକି ?' ଏମିତି ଋଣ ବଢ଼ି ବଢ଼ି ଶେଷକୁ ଜମି ନିଲାମ ହେବ ।

୮. କୃଷି କାର୍ଯ୍ୟ ସମ୍ପର୍କରେ ଆଲୋଚନା-ଚକ୍ର କରି ବିଭିନ୍ନ କୃଷି ବିଭାଗରେ କାର୍ଯ୍ୟ କରୁଥିବା ଅଭିଜ୍ଞ ବ୍ୟକ୍ତିମାନଙ୍କୁ ତଥା ପୁରାତନ ଏବଂ ପ୍ରବୀଣ ଚାଷୀମାନଙ୍କୁ ଡାକି ସେମାନଙ୍କ ସହ ପରାମର୍ଶ କରାଯାଇ ପାରିବ ।

୯. ସର୍ବୋପରି କୃଷିକୁ କୃଷି ପାଇଁ ନକରି ମା'ଙ୍କ ପାଇଁ କରୁଛୁ ବୋଲି ମନୋଭାବ ରଖି ନିର୍ଦ୍ୱନ୍ଦ୍ୱରେ ସେଇ ଧାରାରେ ଅଗ୍ରସର ହେବାକୁ ହେବ ।

ବାବାଜି ମହାରାଜଙ୍କ କଥା ବଡ଼ ବିଚିତ୍ର । ନିଜେ ଲଙ୍କା ଛୁଅନ୍ତି ନାହିଁ, ମାତ୍ର ସମସ୍ତଙ୍କୁ କହିବେ ଘରେ ଲଙ୍କାଗଛ ଲଗାଅ । ଲଙ୍କା ଗଛ ଖାଲି ନୁହେଁ – ଶାଗ କରିବା, ଅମୃତଭଣ୍ଡା ଗଛ ଲଗାଇବା, ସଜନା ଗଛ ଲଗାଇବା ପ୍ରଭୃତି ଅନେକ କାର୍ଯ୍ୟକ୍ରମ ହେବ । ଆକାଶିଆ, ଇଉକାଲିପଟାସ୍ ପରି ଆଦୌ ଯତ୍ନ ଆବଶ୍ୟକ କରୁ ନଥିବା ଅନେକ ଗଛ ଅଛନ୍ତି, ସେଗୁଡ଼ିକୁ ଲଗାଇ ଦେଲେ ବଞ୍ଚିଯିବେ ଏବଂ ପରେ ସେସବୁ ଅନେକ କାମରେ ଆସି ପାରିବେ । ଆମେ ପାଠଚକ୍ର ଜରିଆରେ ଆମ ଗାଁମାନଙ୍କରେ ସମସ୍ତଙ୍କ ଘରେ ଏହିପରି ଗଛସବୁ ଲଗାଇବାକୁ ଚେଷ୍ଟା କରିପାରିବା ।

'ଶ୍ରୀଅରବିନ୍ଦ କୃଷି ପରିଷଦ'ର କାର୍ଯ୍ୟକ୍ରମ ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ଆରମ୍ଭ କରାଯାଇ କେବଳ ଜୈବିକ (Organic) ସାର ବ୍ୟବହାର କରି କୃଷି କରିବା ପାଇଁ ଏକ ଉଦ୍ୟମ କରାଯାଉଛି । ଡାଳିଯୋଡ଼ା ଆଶ୍ରମରେ ପ୍ରାୟଶଃ ଜୈବିକ ସାର ପ୍ରୟୋଗ କରି ସମସ୍ତ ଚାଷ କରାଯାଉଅଛି । ଏହା ମଧ୍ୟରେ ଆମର ଅନେକ ଆଶ୍ରମରେ ଭିନ୍ନ ଭିନ୍ନ ପ୍ରକାରର ଚାଷ ସହିତ ପନିପରିବା ଚାଷ ମଧ୍ୟ କରାଯାଉଅଛି ।

କୃଷି କର୍ମ ଏକ ବ୍ୟାପକ ବିଷୟ । କୃଷି ଖାଲି ଧାନ, ଗହମ ଚାଷ ନୁହେଁ । ପନିପରିବାର ଚାଷ ସମ୍ପର୍କରେ ମଧ୍ୟ ବେଶ୍ ଆଲୋଚନା କରାଯାଉଛି । ପୂର୍ବରୁ ଲେଖାଯାଇଛି, ବାବାଜି ମହାରାଜ କିପରି ସମସ୍ତଙ୍କୁ ବାଡ଼ିରେ ସଜନା ଗଛ, ଲଙ୍କା ଗଛ ତଥା ବିଭିନ୍ନ ପ୍ରକାର ଶାଗ ଲଗାଇବାକୁ ପରାମର୍ଶ ଦେଉଥିଲେ । ଏହାର ଦୁଇଟି ଉଦ୍ଦେଶ୍ୟ ଥିଲା । ପ୍ରଥମତଃ, କେହି ଆଳସ୍ୟରେ ସମୟ ନ କଟାନ୍ତୁ ଏବଂ ଦ୍ୱିତୀୟରେ ଅନ୍ତତଃ ନିଜ ପରିବାର ପାଇଁ କିଛି ଆବଶ୍ୟକୀୟ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ କରନ୍ତୁ । ପୁନଶ୍ଚ ଲଙ୍କା, ଶାଗ, ଅମୃତଭଣ୍ଡା, ସଜନା ଇତ୍ୟାଦି ଗଛ ଖୁବ୍ ଶୀଘ୍ର ବଢ଼ିଯିବେ ଏବଂ ଫଳ ଦେବେ । ସଜନା ଛୁଇଁରେ ଶରୀର ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ସବୁ ଅଛି । ଅମୃତଭଣ୍ଡାକୁ ତ ଆମେ ପଥ୍ୟ ଭାବରେ ବ୍ୟବହାର କରୁ । ଏମିତି ଦେଖିଲେ ଅନେକ ଔଷଧୀୟ ବୃକ୍ଷ ମଧ୍ୟ ମିଳୁଛି ଯାହାକୁ ଆମେ ଆମ ଘର ବଗିଚାରେ ଲଗାଇ ତା'ର ଫଳକୁ ଖାଦ୍ୟ ଭଳି ବ୍ୟବହାର କରିପାରିବା ।

ଏତଦ୍ ବ୍ୟତୀତ ବର୍ତ୍ତମାନ ''ରୁଫ୍ ଟପ୍ କଲ୍‌ଟିଭେସନ''ର ମଧ୍ୟ ଅନେକ ପ୍ରସାର କରାଯାଉଅଛି । ସହରମାନଙ୍କରେ ଅନେକ ବ୍ୟକ୍ତିଙ୍କର ନିଜ ଘରେ ମାଟି ସ୍ଥାନ ନଥିବାରୁ ଛାତ ଉପରେ ମାଟି ପକାଇ, କୁଣ୍ଡ ରଖି ବିଭିନ୍ନ ପ୍ରକାରର ଗଛ ଲଗାଉଛନ୍ତି । ଜଣେ ଭଦ୍ରବ୍ୟକ୍ତିଙ୍କର ଛାତ ଉପରେ ଗେଡ଼ା (dwarf) ଜାତୀୟ ଆମ୍ବ ଗଛ ଲଗାଇ ପ୍ରତ୍ୟେକ ବର୍ଷ ସେଥିରୁ ତିରିଶ, ଚାଳିଶଟା ଆମ୍ବ ଫଳାଇ ପାରୁଛନ୍ତି । ମାଟିକୁଣ୍ଡରେ ଲାଗିଥିଲେ ମଧ୍ୟ ଆମ୍ବଗୁଡ଼ିକର ସ୍ୱାଦ ଅପୂର୍ବ । ମାଟି ଜାଗା ଖାଲି ନାହିଁ ବୋଲି ସେମାନଙ୍କର ଦୁଃଖ ନାହିଁ, କାରଣ ସେମାନେ ଛାତ ଉପରେ ମଧ୍ୟ ଏକ ଚମତ୍କାର ବଗିଚା କରି ପାରିଛନ୍ତି । ଔଷଧୀୟ ଗଛ ଯେପରି କି ତୁଳସୀ, ରୁକୁଣାହାତପୋଛା, ଘିକୁଆଁରୀ, ସଦାବିହାରୀ, ଗଙ୍ଗଶିଉଳି, ପସାରୁଣୀ ପ୍ରଭୃତି ଗଛ ଲଗାଇ ସେସବୁକୁ ବ୍ୟବହାର କରୁଛନ୍ତି ।

ମୋଟାମୋଟି ଭାବରେ 'ଶ୍ରୀଅରବିନ୍ଦ କୃଷି ପରିଷଦ' ମାଧ୍ୟମରେ ଏକ ସଚେତନତା ସୃଷ୍ଟି କରିବାକୁ ପଡ଼ିବ ଯେପରିକି କୌଣସି ସ୍ଥାନ ଖାଲି ନ ରହେ ଏବଂ ସମସ୍ତେ ଜୈବସାର ପ୍ରୟୋଗ କରି କୃଷି କାର୍ଯ୍ୟ କରିବେ ।

'ଶ୍ରୀଅରବିନ୍ଦ କୃଷି ପରିଷଦ'ର ଜିଲ୍ଲାସ୍ତରୀୟ, ଜୋନ୍‌ସ୍ତରୀୟ ଏବଂ ରାଜ୍ୟସ୍ତରୀୟ ସମ୍ମିଳନୀସବୁ ଅନୁଷ୍ଠିତ ହେଉଅଛି । ଏହାକୁ ଆହୁରି ବ୍ୟାପକ ରୂପ ଦେବା ପାଇଁ ପ୍ରଚେଷ୍ଟା କରାଯାଉଅଛି ।

(କ୍ରମଶଃ) ❑

କେବଳ ଭଗବାନଙ୍କ ପାଇଁ ଏବଂ ଭଗବାନଙ୍କ ନିର୍ଦ୍ଦେଶରେ କରାଯାଇଥିବା କର୍ମହିଁ ଆଧ୍ୟାତ୍ମିକ ଭାବରେ ବ୍ୟକ୍ତିକୁ ବିଶୁଦ୍ଧ କରିଥାଏ । ବ୍ୟକ୍ତିଗତ ଉଦ୍ଦେଶ୍ୟ ପୂରଣ, ସୁଖ୍ୟାତି ଓ ଅନ୍ୟମାନଙ୍କର ପ୍ରଶଂସା ଅର୍ଜନ କରିବା ପାଇଁ ଅଥବା ଜନତାର ସମର୍ଥନ ଲାଭ କରିବାର ଇଚ୍ଛା ଇତ୍ୟାଦିର ସ୍ଥାନ ସେହି କର୍ମରେ ଆଦୌ ନାହିଁ । ପୁନଶ୍ଚ ପାର୍ଥିବ ମହତ୍ତ୍ୱ, ମାନସିକ ଉଦ୍ଦେଶ୍ୟ ବା ପ୍ରାଣିକ ଲାଳସା ଓ ଦାବି, ଶାରୀରିକ ଅଭିରୁଚି ପୂରଣ କରିବାର ବାସନା, ଗର୍ବ କିଂବା ଅତି ଅବାଞ୍ଛିତ ଆତ୍ମମ୍ଭରିତା ଅଥବା ସମାଜର ପଦବୀ ବା ସମ୍ମାନ ପାଇବାର ଦାବି ଇତ୍ୟାଦି ସେହି କର୍ମ ମଧ୍ୟରେ ଆଦୌ ରହିବା ଉଚିତ ନୁହେଁ ।

— ଶ୍ରୀଅରବିନ୍ଦ

କାହାଣୀ :

# କଳ୍ପବଟ

## ମନୋଜ ଦାସ

ରବୀନ୍ଦ୍ର ଓ ସୁନ୍ଦର ଥିଲେ ଦୁଇ ମିତ୍ର । ଦିନେ ରବୀନ୍ଦ୍ର ବଣ ଭିତରକୁ ଯାଇ ଆଉ ଫେରିଲା ନାହିଁ । ତା'ର ସେମିତି ନିଜର ବୋଲି କେହି ନଥିଲେ । ଆତ୍ମୀୟସ୍ୱଜନ ସାମାନ୍ୟ ଖୋଜାଖୋଜି ପରେ ହାଲ ଛାଡ଼ି ଦେଲେ । ସୁନ୍ଦର ଅନେକ ଦିନ ପର୍ଯ୍ୟନ୍ତ ତାକୁ ହାଟରେ ବାଟରେ ଖୋଜୁଥାଏ; ସନ୍ଧାନ ନେବାର ଚେଷ୍ଟା କରୁଥାଏ । କ୍ରମେ ତା' ପାଇଁ ମଧ୍ୟ ରବୀନ୍ଦ୍ର ସ୍ମୃତି ମାତ୍ର ହୋଇଗଲା ।

ତିରିଶ ବର୍ଷ ପରେ ହଠାତ୍ ଦିନେ ବଣ ଭିତରଦେଇ ଏକ ଦୂର ଗାଁକୁ ଯାଉଁ ଯାଉଁ ସୁନ୍ଦର ବାଟବଣା ହୋଇ ଭୟରେ ମୂର୍ଚ୍ଛା ଗଲା, ସେତିକିବେଳେ ରବୀନ୍ଦ୍ର ତାକୁ ଦେଖି ନିଜ କୁଡ଼ିଆକୁ ନେଇଗଲା । ମିତ୍ରକୁ ଦେଖି ସୁନ୍ଦରର ବିସ୍ମୟ ଏବଂ ଆନନ୍ଦର ସୀମା ରହିଲା ନାହିଁ । କିପରି ବଣ ଭିତରେ ଦିନେ ରବୀନ୍ଦ୍ର ଜଣେ ଯୋଗୀଙ୍କ ଦର୍ଶନ ପାଇଲା ଓ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ତାଙ୍କ ଶିଷ୍ୟ ରୂପେ ଯୋଗବିଦ୍ୟା ଶିକ୍ଷା କଲା, ଏସବୁ ଗପିସାରି କହିଲା, ''ଏ ସ୍ଥାନ ବଡ଼ ମନୋରମ ଓ ବିଶେଷତ୍ୱପୂର୍ଣ୍ଣ । କେତେ କିସମର ପଶୁପକ୍ଷୀ ଅଛନ୍ତି, ଏମିତି ଝରଣା ରହିଛି, ଯେଉଁଥିରେ ସ୍ନାନ କଲେ ଜଣେ ନୀରୋଗ ରହିବ; ଚତୁର୍ଦ୍ଦିଗରେ ରହିଛି ସୁସ୍ୱାଦୁ ଫଳ ପ୍ରଦାନକାରୀ ଅନେକ ବୃକ୍ଷ – ଏବଂ ଅନ୍ତତଃ ଗୋଟାଏ କଳ୍ପତରୁ ।''

ଚମକିପଡ଼ି ସୁନ୍ଦର ପଚାରିଲା, ''କ'ଣ କହିଲ ? କଳ୍ପତରୁ ?''

''ହଁ । କଳ୍ପତରୁ – ବଟବୃକ୍ଷ ବୋଲି ତାକୁ କଳ୍ପବଟ କହିପାର ।''

''ସେ ଗୋଟିକ କେଉଁଠି ତୁମେ ଜାଣ ?''

''ଜାଣେ । ପାଖରେ ମଧ୍ୟ । କିନ୍ତୁ ତା' ଛାଇ ମାଡ଼ିବାକୁ ସୁଦ୍ଧା ମୁଁ କେବେ ସାହସ କରି ନାହିଁ ।''

''ସାହସ କରି ନାହିଁ ? ସେଇଟା କେମିତିକା କଥା ?'' ପ୍ରବଳ କୌତୂହଳ ଦେଖାଇଲା ସୁନ୍ଦର ।

''ବୁଝାଇବା ସହଜ ନୁହେଁ, ସୁନ୍ଦର ! ମୁଁ ମୋ ସାଧନା ଯୋଗେ ଆଖପାଖର ଜନ୍ତୁ-ଜାନୁଆରମାନଙ୍କ ସହ ଗୋଟାଏ ପ୍ରକାର ଶୁଭେଚ୍ଛାର ସମ୍ପର୍କ ସ୍ଥାପନ କରିପାରିଛି । କିନ୍ତୁ କଳ୍ପତରୁ ପାଖକୁ ଯିବା ପାଇଁ ଯେଉଁ ଚେତନାଗତ ନିରାସକ୍ତି ପ୍ରୟୋଜନ, ବୋଧହୁଏ ଏଯାଏ ମୁଁ ତାହା ଆୟତ୍ତ କରିପାରି ନାହିଁ ।''

ରବୀନ୍ଦ୍ରର ଉକ୍ତିର ତାତ୍ପର୍ଯ୍ୟ ସୁନ୍ଦର ବୁଝିଲା ପରି ମନେ ହେଲା ନାହିଁ । ସେ ପଚାରିଲା, ''ଆରେ ଭାଇ, ମୁଁ ଯାହା ପଢ଼ିଛି ବା ସାଧୁସନ୍ଥଙ୍କଠାରୁ ଶୁଣିଛି, ମୋର ଧାରଣା କଳ୍ପତରୁ ତଳେ ଠିଆ ହୋଇ ଯିଏ ଯାହା ଚିନ୍ତା କରିବ, ତା'ର ସେ ଚିନ୍ତା ସଙ୍ଗେ ସଙ୍ଗେ ଫଳବତୀ ହୋଇଯିବ । ଏକଥା କ'ଣ ଠିକ୍ ନୁହେଁ ?''

''ବିଲକୁଲ ଠିକ୍ । ତେବେ ସୁନ୍ଦର, ମୁଁ ତ ଏଠି ରହିଛି ଆଧ୍ୟାତ୍ମିକ ବିକାଶ ପାଇଁ । ସେ କାମଟି କେବଳ ଯୋଗ ଦ୍ୱାରା ସମ୍ଭବପର; ତାକୁ କଳ୍ପବଟଠାରୁ ହାସଲ କରିହେବ ନାହିଁ ।'' ବୁଝାଇଦେଲା ରବୀନ୍ଦ୍ର ।

''ବୁଝିଲି'', କହିଲା ସୁନ୍ଦର । କିନ୍ତୁ ସେ ବାସ୍ତବରେ ବୁଝିଲା ନାହିଁ । ଟିକିଏ ଥତମତ କରି ପୁଣି କହିଲା, ''ଆଚ୍ଛା ଭାଇ, ମୋତେ ଥରେ ସେ ବଟ ଗୋଟିକ ଦେଖାଇ ଦିଅ ।''

''ସୁନ୍ଦର ! ମୋତେ ଦ୍ୱିତୀୟ ଥର ଆଉ ସେ ଅନୁରୋଧ କରନା । ନିଜ ଚେତନା ଉପରେ ସମ୍ପୂର୍ଣ୍ଣ ପ୍ରଭୁତ୍ୱ ଅର୍ଜନ ନ କରିବା ଯାଏ କେହି ସେ ବଟ ପାଖକୁ ଯିବା ଉଚିତ ନୁହେଁ ।''

''ଦେଖ ଭାଇ, ତୁ ସିନା ସନ୍ନ୍ୟାସୀ, ମୁଁ ଗୃହସ୍ଥ । ମୋର ସଂସାରରେ ସର୍ବଦା ଅଭାବ, ଅସୁବିଧା ଲାଗିରହିଛି । ମୁଁ ଯଦି କଳ୍ପବଟ ଦ୍ୱାରା ସେ ଅଭାବରୁ ନିଷ୍କୃତି ପାଇପାରିବି, ପୁରୁଣା ମିତ୍ର, ଶୁଭେଚ୍ଛୁ ଭାବରେ କ'ଣ ସେ ଦିଗରେ ତୁମେ ମୋର ସହାୟତା କରିବା ଉଚିତ ନୁହେଁ ?'' ଅଭିମାନଭରେ କହିଲା ସୁନ୍ଦର ।

''ମୁଁ ପୁରୁଣା ମିତ୍ର ଓ ଶୁଭେଚ୍ଛୁ ବୋଲିହିଁ ତୋତେ ସେ ଦିଗରେ ଚେତାବନୀ ଦେଉଛି – ନିଜ ଚିନ୍ତା ଓ ଚେତନା ଉପରେ ଲଗାମ ରଖିବା ସହଜ ନୁହେଁ । ଏତେ ଦିନ ସାଧନା କରି ମଧ୍ୟ ମୁଁ ସେ ଦିଗରେ ନିଶ୍ଚିତ ହୋଇପାରି ନାହିଁ । ସେ ବୃକ୍ଷର ବିଭୂତି ଭିତରକୁ ତୋତେ ଠେଲିଦେବି କେମିତି ?'' – ବୁଝାଇଲା

ରବୀନ୍ଦ୍ର ଏବଂ ଶେଷ ପର୍ଯ୍ୟନ୍ତ ସେ ସୁନ୍ଦରକୁ ସେ ଗଛ ଚିହ୍ନାଇଲା ନାହିଁ ।

ରବୀନ୍ଦ୍ରଠୁଁ ଦୁଃଖିତ ମନରେ ବିଦାୟ ନେଇ ସୁନ୍ଦର ତା' କୁଡ଼ିଆ ବାହାରକୁ ଆସିଲା କିନ୍ତୁ କୌତୂହଳ ତା'ର ପ୍ରବଳ ହେଲା । ସେ କ'ଣ ନିଜେ ଚେଷ୍ଟା କଲେ ବୃକ୍ଷଟିକୁ ଠାବ କରିପାରିବ ନାହିଁ ? ପାଖରେ ବୋଲି ତ ରବୀନ୍ଦ୍ର କହୁଥିଲା ।

ଆଖପାଖର ବଟବୃକ୍ଷମାନଙ୍କୁ ଲକ୍ଷ୍ୟ କରି କରି ସେ ଚାଲିଲା । ହଠାତ୍ ଗୋଟାଏ ବଟ ତାକୁ ଅସ୍ୱାଭାବିକ ଲାଗିଲା । ଅସ୍ୱାଭାବିକ ଭାବରେ ଚହଟ ଚିକ୍କଣ ତା'ର ପତ୍ରରାଶି । ଏକପ୍ରକାର ଅଦୃଶ୍ୟ ଶକ୍ତିତରଙ୍ଗ ଯେମିତି ନିର୍ଗତ ହେଉଛି ସେ ବୃକ୍ଷରୁ ।

''ଏଇ ଗୋଟିକ ହୋଇଥିବ କି ? ଯାହାହେଉ, ଏହା ତଳେ ଅଳ୍ପ ଟିକିଏ ବିଶ୍ରାମ କରିନିଏଁ । ବଡ଼ କ୍ଲାନ୍ତ ଲାଗୁଛି ।'' — ଏହା ଭାବି ସେ ପୁଣି ମନକୁ ମନ କହିଲା, ''ଶୋଇ ପଡ଼ିବାକୁ ମନ ହେଉଛି । ଶେଯଟାଏ ଥା'ନ୍ତା ହେଲେ !''

ଆଖି ପଲକରେ ଗଛ ତଳେ ଫୁଟି ଉଠିଲା ଏକ ଦୁଗ୍ଧଫେନନିଭ ଶଯ୍ୟା ! ଆଖି ବଡ଼ ବଡ଼ କରି ସେ ନିଜକୁ ଅଭିନନ୍ଦନ ଜଣାଇବା ଢଙ୍ଗରେ କହିଲା, ''ବାହାଦୁର ତୁ ଆରେ ସୁନ୍ଦର ! କଳ୍ପବଟର ସାକ୍ଷାତ୍ ପାଇଗଲୁ !''

ଶେଯ ଉପରେ ବସିପଡ଼ି ସେ କହିଲା, ''ମିଳନ୍ତା ହେଲେ କିଛି ସୁସ୍ୱାଦୁ ଖାଦ୍ୟ ଓ ପାନୀୟ !''

ତତ୍‌କ୍ଷଣାତ୍ ତା' ଆଗରେ ମୂର୍ତ୍ତ ହେଲେ ଆଠଦଶ ପ୍ରକାର ଭିନ୍ନ ଭିନ୍ନ ରସଯୁକ୍ତ ଖାଦ୍ୟ ଏବଂ ଫଳରସ ।

ସେ ଖାଇପିଇ ଶେଯରେ ଗଡ଼ିପଡ଼ିଲା । — ''ଆଃ, ମୋ ପାଦ ସେବା କରନ୍ତା ହେଲେ ଏକ ସୁନ୍ଦରୀ !''

ସୁନ୍ଦରୀଟିଏ ଫୁଟି ଉଠିଲେ ତା' ଆଖି ଆଗରେ ଓ ଓସ୍ତାଦୀ ଶୈଳୀରେ ତା' ପାଦସେବାରେ ନିମଗ୍ନ ହେଲେ ।

ରବୀନ୍ଦ୍ର ପ୍ରତି ସୁନ୍ଦର ମନେ ମନେ ଦୟା କଲା । କେଡ଼େ ନିର୍ବୋଧ ସେ ! ନିଜେ କଳ୍ପବଟର ସୁଯୋଗ ନେବ ନାହିଁ କି ତାକୁ ନେବାକୁ ଦେବ ନାହିଁ ! ପୁଣି ସେ ତାକୁ ଡରଉଥିଲା !

ତା' ନିଜର ସିନା ସାହସ ଓ ବୁଦ୍ଧି ଥିଲା ବୋଲି ସେ ଏ ଅପୂର୍ବ ବୃକ୍ଷ ଆବିଷ୍କାର କଲା ! ଆହା ତା' ନିଜର କୃତିତ୍ୱ; ବାଃ !

ଏମିତି ଭାବୁଁ ଭାବୁଁ, ସେ ମଧୁର ପାଦସେବାର ମାହାତ୍ମ୍ୟରୁ ତାକୁ ନିଦ ଆସିଗଲା ।

ନିଦ ତୁଟିବା ବେଳକୁ ସଞ୍ଜ । ବହଳ ଅନ୍ଧକାର ମାଡ଼ି ଆସୁଛି ନିର୍ଜନ ଗଛଲତା ଗହଳରୁ ।

ହଠାତ୍ ତା'ର ଚିନ୍ତା ହେଲା, ''ଯଦି ବାଘଟାଏ ଆସି ମୋତେ ଦେଖି ପକାଇବ ? ଯଦି ଝାମ୍ପି ନେବ ?''

ସଙ୍ଗେ ସଙ୍ଗେ ଦେଖାଦେଲା ଏକ ଭୀଷଣକାୟ ବାଘ । ଚିନ୍ତା ଓ ଚେତନା ଉପରେ ପ୍ରଭୁତ୍ୱ ସମ୍ଭବ ନ ହୋଇଥିଲେ କଳ୍ପବଟର ସୀମା ମାଡ଼ିବା ଭୟାବହ ବୋଲି କହି ରବୀନ୍ଦ୍ର କ'ଣ ବୁଝାଉଥିଲା, ସେତକ ସ୍ପଷ୍ଟ ହୋଇ ଆସିବା ସଙ୍ଗେ ସଙ୍ଗେ ବାଘ ତା' ଉପରକୁ ଝାମ୍ପିପଡ଼ି ତାକୁ ନେଇଗଲା ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ, ପୃ. ୧୬୩-୧୬୬) ❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **'କଳ୍ପବଟ'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ଆମ କାର୍ଯ୍ୟକଳାପ ତୁଳନାରେ ଆମ ଚିନ୍ତା, ଭାବନା ଓ ଇଚ୍ଛା କମ୍ ଶକ୍ତିଶାଳୀ ନୁହଁନ୍ତି । ଜଣକର ପ୍ରବଳ ଇଚ୍ଛା ଅଥବା କାମନା ଗୋଟାଏ ଅଦୃଶ୍ୟ ଖସଡ଼ାରେ ପରିଣତ ହୋଇ ସ୍ଥୂଳ କ୍ଷେତ୍ରରେ ପ୍ରକଟିତ ହେବାକୁ ଅପେକ୍ଷା କରେ । ଅଧିକାଂଶ କ୍ଷେତ୍ରରେ ଯେ ପ୍ରକଟିତ ହୋଇପାରେନା, ତା'ର କାରଣ ମଣିଷ ଭିତରେ ଗୋଟାଏ କାମନା ସହିତ ତା'ର ବିପରୀତାଚରଣ କରୁଥିବା ଇଚ୍ଛା ବା କାମନା ମଧ୍ୟ ରହିଥାଏ । ନିଜ ଚେତନା ଉପରେ କର୍ତ୍ତୃତ୍ୱ ନଥାଇ କାମନା ପୂରଣର ଶକ୍ତି ଆୟତ୍ତ କରିବା ଭୟାବହ ହୋଇପାରେ ।''

(ତତ୍ରୈବ : ପୃଷ୍ଠା : ୩୩୩)

# ଭୟ

## ସଂଯୁକ୍ତା ଦାସ

ସ୍କୁଲରେ ଅରୋସ୍ମିତାକୁ ନେଇ ଏବେ ଗୋଟିଏ ବଡ଼ ଆଲୋଚନା ଚାଲିଛି । ଅରୋସ୍ମିତାର ମନରେ ଏତେ ଭୟ କାହିଁକି ? ଭଲ ତ ପାଠ ପଢୁଛି, ଶ୍ରେଣୀରେ ପ୍ରଥମ ହେଉଛି; କିନ୍ତୁ ସମସ୍ତଙ୍କୁ ଏତେ ଭୟ କରୁଛି କାହିଁକି ? ଖେଳକୁଦରେ ଭାଗ ନେଉ ନାହିଁ, ସ୍ୱାଧୀନତା ଦିବସରେ ମଧ୍ୟ ଭାଷଣ ଠିକ୍ ଭାବରେ ଦେଇ ପାରିଲା ନାହିଁ, ସର୍ବଦା ଚୁପ୍‌ଚାପ୍, ଅନ୍ୟମନସ୍କ ଓ ଏକଲା ରହୁଛି । ଅରୋସ୍ମିତାକୁ ତା' ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀମାନେ ବାରଂବାର ଏ ବିଷୟରେ ପଚାରିଛନ୍ତି, ହେଲେ ଅରୋସ୍ମିତା ସବୁଥର ପରି ସର୍ବଦା ଚୁପ୍ ରହିଯାଏ । ଅରୋସ୍ମିତା କିନ୍ତୁ ଜାଣିଛି ଏହା ତା'ର ମନର ଭୟ । ନିଜର ଏହି ଭୟ ପାଇଁ ସେ ବହୁତ ଅନୁତାପ ମଧ୍ୟ କରିଛି, କିନ୍ତୁ ହଠାତ୍ କାହିଁକି ଯେ ସିଏ ସେଇ ମୁହୂର୍ତ୍ତରେ ଭୟାତୁରା ହୋଇଯାଏ ତାହା ଅରୋସ୍ମିତା ନିଜେ ମଧ୍ୟ ଜାଣି ପାରେ ନାହିଁ ।

ଅରୋସ୍ମିତା ପଟ୍ଟନାୟକ । ଡାକ ନାମ ସ୍ମିତା । ଦଶମ ଶ୍ରେଣୀର ଜଣେ ମେଧାବୀ ଛାତ୍ରୀ । ପାଖ ଗାଁ ହରିପୁର ହାଇସ୍କୁଲରେ ପାଠ ପଢ଼େ । ସବୁଥର ପରି ଗତ ବର୍ଷ ନବମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ହୋଇ ସିଏ ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛି । ପାଠ ପଢ଼ା ବ୍ୟତୀତ ସେ ମଧ୍ୟ ବହୁତ ସରଳ ଓ ଶାନ୍ତ ସ୍ୱଭାବର ଝିଅଟିଏ । ଭାରି ସଂସ୍କାରୀ ଆଉ ଈଶ୍ୱର ବିଶ୍ୱାସୀ । ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପ୍ରଣାମ କରିବା, ସ୍କୁଲରେ ପାଳନ କରାଯାଉଥିବା ବିଭିନ୍ନ ଉତ୍ସବମାନଙ୍କରେ ସହଯୋଗ କରିବାକୁ ଅରୋସ୍ମିତା କେବେ ପଛଘୁଞ୍ଚା ଦିଏ ନାହିଁ । ସେଥିପାଇଁ ତ ସେ ସ୍କୁଲରେ ସମସ୍ତଙ୍କର ଅତି ପ୍ରିୟପାତ୍ରୀ । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣମାସୀ ମହାନ୍ତି ଏହି ବର୍ଷ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ପାଇଁ ଅରୋସ୍ମିତାର ନାମ ସୁପାରିସ କରିଛନ୍ତି । ମାଡ଼ାମ୍‌ଙ୍କ ଦୃଢ଼ ବିଶ୍ୱାସ ଅରୋସ୍ମିତା ନିଶ୍ଚୟ ସ୍କୁଲର ନାମ ରଖିବ । ପ୍ରତିଯୋଗିତା ଆଉ ମାତ୍ର ଦଶ ଦିନ ରହିଲା । ଏଇ କଥାକୁ ଭାବି ଭାବି ଅରୋସ୍ମିତା ଆଖିରୁ ସତେ ଯେମିତି ନିଦ ହଜି ଯାଇଛି । ମନରେ ତା'ର ଅସରନ୍ତି ତରଙ୍ଗ ଖେଳୁଛି । ବକ୍ତୃତାର ବିଷୟ ପ୍ରତି ଅରୋସ୍ମିତାର ମନରେ ଭୟ ନାହିଁ; କିନ୍ତୁ ଭୟର କାରଣ ହେଉଛି ଏତେ ଲୋକଙ୍କ ସାମ୍ନାରେ ସିଏ କେମିତି ବକ୍ତୃତା ଦେବ ।

ଦିନେ ସ୍କୁଲର ଖେଳ ପିରିୟଡ ଚାଲିଥିବା ବେଳେ ପୂର୍ଣ୍ଣମାସୀ ମାଡ଼ାମ୍‌ଙ୍କ ନଜର ପଡ଼ିଗଲା ଅରୋସ୍ମିତା ଉପରେ । ଖେଳ ପଡ଼ିଆ କଡ଼କୁ ଲାଗିଥିବା ଗୋଟିଏ ଝଙ୍କାଳିଆ ଟଗର ଗଛ ମୂଳରେ ଅରୋସ୍ମିତା ବସି ପଡ଼ିଛି । ତାଙ୍କ ସାଥୀ ପିଲାମାନେ ଖେଳକୁଦ, ଗପସପରେ ମସଗୁଲ ଥିବା ବେଳେ ସେ ଏମିତି ଚୁପ୍‌ଚାପ୍ ରହିଛି କାହିଁକି ? ଭାବନାର ଚକାଭଉଁରୀ ଭିତରେ ମେରୁଖୁଣ୍ଟ ପରି ସେ ଯେମିତି ସ୍ଥିର ପାଲଟି ଯାଇଛି । ଅରୋସ୍ମିତା ବିଷୟରେ ମାଡ଼ାମ୍‌ଙ୍କର ମନରେ ଭାବାନ୍ତର ଜାତ ହେଲା । ମାଡ଼ାମ୍ ଏହାର କାରଣ ଜାଣିବା ପାଇଁ ଅରୋସ୍ମିତା ପାଖକୁ ଧୀର ପାଦରେ ଆଗେଇ ଆସିଲେ । ହଠାତ୍ ଏକ ମୃଦୁ କର ସ୍ପର୍ଶରେ ଅରୋସ୍ମିତା ଚମକି ପଡ଼ିଲା । ପଛକୁ ଚାହିଁ ଦେଖେ ତ ପୂର୍ଣ୍ଣମାସୀ ମାଡ଼ାମ୍ ଠିଆ ହୋଇଛନ୍ତି । ''ମାଡ଼ାମ୍, ପ୍ରଣାମ ! ଆପଣ କେତେବେଳେ ଆସିଲେ, ମୁଁ କ'ଣ ଭୁଲ୍ କଲି କି, ମାଡ଼ାମ୍ !'' ନମ୍ର, ଭଦ୍ର ଓ ଧୀର ସ୍ୱରରେ ଅରୋସ୍ମିତା ମାଡ଼ାମଙ୍କୁ ପଚାରିଲା – ''ଆରେ ... ଅରୋସ୍ମିତା, ତୁମେ ଆଉ କ'ଣ ଭୁଲ୍ କରିବ ? ତୁମେ ତ ଆମ ସ୍କୁଲର ଜଣେ ଆଦର୍ଶ ଛାତ୍ରୀ, ପାଠରେ ଯେମିତି, ଖାଠରେ ସେମିତି; କିନ୍ତୁ ମୁଁ ବୁଝିପାରୁନି, ଖେଳ ପିରିୟଡ଼ରେ ତୁମେ ଏମିତି ଚୁପ୍‌ଚାପ୍ ବସିଛ କାହିଁକି ? ଖେଳକୁଦ ବା ଶାରୀରିକ ଶିକ୍ଷା ମଧ୍ୟ ଆମ ଶରୀର ପାଇଁ ବହୁତ ଉପଯୋଗୀ । ପାଠ ସହିତ ସୁସ୍ଥ ମନ ଓ ସୁସ୍ଥ ଶରୀର ରହିଲେ ସିନା ଆମେ ଆଗକୁ ବଢ଼ି ପାରିବା । ହଁ, ତୁମର ମନେ ଅଛି ତ, ଆସନ୍ତା ଶନିବାର ଦିନ ବକ୍ତୃତା ପ୍ରତିଯୋଗିତା ଅଛି । ଆଉ ମାତ୍ର ଚାରି ଦିନ ରହିଲା ।'' ମାଡ଼ାମ୍ ଅରୋସ୍ମିତାକୁ ସଚେତନ କରିଦେଲେ । – ''ଏଇ ବକ୍ତୃତା ପ୍ରତିଯୋଗିତା ପାଇଁ ମୁଁ ବହୁତ ଚିନ୍ତିତ ଅଛି ମାଡ଼ାମ୍ । ଏତେ ଲୋକଙ୍କ ସାମ୍ନାରେ ମୋତେ କିଛି କହିବାକୁ ଏବେ ଡର ଲାଗୁଚି !'' – ଅରୋସ୍ମିତା ମାଡ଼ାମଙ୍କୁ କହିଲା । – ''କ'ଣ ହୋଇଛି ତୁମର ଅରୋସ୍ମିତା ! ଏଇ ଚାରି, ପାଞ୍ଚ ମାସ ହେବ ମୁଁ ଦେଖୁଛି ତୁମେ ବହୁତ ଅନ୍ୟମନସ୍କ, ଚୁପ୍‌ଚାପ୍ ରହୁଛ । ଗତ ବ୍ଲକ୍‌ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ତୁମେ ପ୍ରଥମ ହୋଇ ଆମ ସ୍କୁଲର ନାମ ରଖିଛ । ଆଜି ଏପରି ଡର ଲାଗୁଛି ବୋଲି କହିବାର ତାତ୍ପର୍ଯ୍ୟ

କ'ଣ, ମୁଁ କିଛି ବୁଝିପାରୁ ନାହିଁ ।'' – ପୂର୍ଣ୍ଣମାସୀ ମାଡ଼ାମ୍ ଅରୋସ୍ମିତାକୁ ସ୍ନେହସୁଲଭ ଢଙ୍ଗରେ ପୁଣି କହିଲେ, ''ଡର ଆମ ଜୀବନର ଏକ ବିରୋଧୀ ଶକ୍ତି । ଏହାକୁ ମନ ଭିତରେ ସାଇତି ରଖିଲେ ଏହାର ଶକ୍ତି ବୃଦ୍ଧି ହୁଏ, ଡରକୁ ସାମ୍ନା କଲେ ସିନା ମନରୁ ଏହା ଦୂର ହେବ ।'' – ମାଡ଼ାମ୍ ଅରୋସ୍ମିତାକୁ ଏତିକି କହିଛନ୍ତି, ଏଇ ସମୟରେ ସ୍କୁଲ ଘଣ୍ଟି ବାଜି ଉଠିଲା । ଘରକୁ ଯିବାର ସମୟ ଉପନୀତ ହେବା କ୍ଷଣି ଅରୋସ୍ମିତା ମାଡ଼ାମ୍‌ଙ୍କ ଠାରୁ ବିଦାୟ ନେଇ ଘରକୁ ଚାଲି ଆସିଲା । ମନରେ ଡର ପ୍ରତି ଯେଉଁ ଭାବନା ଥିଲା ସେଥିରେ କିଞ୍ଚିତ୍ ଆଶାର ଆଲୋକ ସଞ୍ଚରି ଯାଇଥିବା ପରି ଅରୋସ୍ମିତାର କାହିଁକି କେଜାଣି ସେଦିନ ମନେ ହେଲା ।

ପ୍ରତି ସନ୍ଧ୍ୟାରେ ପ୍ରାର୍ଥନା ସାରି ଅରୋସ୍ମିତା ପାଠ ପଢ଼ାରେ ମନୋଯୋଗ ଦିଏ । ଆଜି ଶୁକ୍ରବାର ହୋଇଗଲାଣି । କାଲିର ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ପାଇଁ ଆଜି ରାତିରେ ବାପା ଆସି ପହଞ୍ଚିବେ । କହିଥିଲେ, ଶନିବାର ବକ୍ତୃତା ପ୍ରତିଯୋଗିତାରେ ଅରୋସ୍ମିତାକୁ ସାଙ୍ଗରେ ନେଇକରି ଯିବେ । ଅରୋସ୍ମିତା ବାପା ଆଉ ମାଆଙ୍କର ଥିଲା ଗୋଟିଏ ବୋଲି ଝିଅ । ବାପା ସୁଜିତ ପଟ୍ଟନାୟକ ସୁଦୂର ଭୁବନେଶ୍ୱରରେ ବ୍ୟାଙ୍କ୍‌ରେ ଚାକିରି କରନ୍ତି । ଗାଁ ଠାରୁ କର୍ମକ୍ଷେତ୍ର ବହୁତ ଦୂର ହୋଇଥିବାରୁ ବାପା ପ୍ରତି ଶନିବାର କିଂବା ଛୁଟି ଦିନମାନଙ୍କରେ କେବେ କେବେ ଘରକୁ ଆସନ୍ତି । ମା ସୁସନ୍ଧ୍ୟା ପଟ୍ଟନାୟକ ଶିକ୍ଷିତା, କିନ୍ତୁ ଗୃହିଣୀ ଭାବରେ ଘରର ସମସ୍ତ ଦାୟିତ୍ୱ ସହ ରୋଷେଇ ମଧ୍ୟ କରନ୍ତି, ବେଳେ ବେଳେ ଅରୋସ୍ମିତାକୁ ପାଠପଢ଼ାରେ ସାହାଯ୍ୟ କରନ୍ତି । ଘରେ ଜେଜେବାପା, ଜେଜୀମା ଥିଲେ । ଅରୋସ୍ମିତା ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ଜେଜୀମା ଆରପାରିକୁ ଚାଲିଯାଇ ଥିଲେ । ଅରୋସ୍ମିତାର ମନେ ପଡ଼ିଗଲା ଅତୀତର ସେଇ ଘଟଣା ଯାହା ପାଇଁ ତା' ମନରେ ଏତେ ଭୟର ଆବିର୍ଭାବ । ଏଇ ଚାରି ମାସ ପୂର୍ବରୁ ଜେଜେବାପାଙ୍କର ହଠାତ୍ ଦେହ ବହୁତ ଜୋର୍‌ରେ ଖରାପ ହୋଇ ଯାଇଥିଲା । ବାପା ତ' ନଥିଲେ, ମା ଟଙ୍କା ଉଠାଇବାକୁ ପାଖ ଗାଁ ହରିପୁର ପୋଷ୍ଟ ଅଫିସକୁ ଯାଇଥିଲେ – ଜେଜେବାପାଙ୍କ ଔଷଧ ଖର୍ଚ୍ଚ ବାବଦକୁ । ଜେଜେବାପା ଡାକ ପକାଇଲେ, ''ସ୍ମିତା ... ସ୍ମିତା, ପାଣି ଟିକେ ଆଣ ... ମୁଁ ଆଉ ବଞ୍ଚିବି ନାହିଁ ।'' ଅରୋସ୍ମିତା ଦୌଡି ଯାଇଥିଲା ସେଦିନ ପାଣି ଗ୍ଲାସ ଧରି । କିନ୍ତୁ ଏ କ'ଣ ? ଜେଜେବାପା ନିଶ୍ଚଳ ଭାବରେ ଶୋଇ ପଡ଼ିଛନ୍ତି । ଦେହ ଥଣ୍ଡା ପଡ଼ି ଯାଇଛି, ଟିକେ ବି ହଲଚଲ ନାହିଁ । ଅରୋସ୍ମିତା ସେଦିନ କାକୁସ୍ଥ ହୋଇ ବସି ପଡ଼ିଥିଲା ଜେଜେବାପାଙ୍କ ପାଖରେ । କିଛି ସେ ବୁଝିପାରୁ ନଥିଲା, ତା'ର ମା ଆସିବା ପର୍ଯ୍ୟନ୍ତ ।

ବାପା ଆସିବା ପରେ ଲୋକମାନେ ଆସି ଜେଜେବାପାଙ୍କୁ ନେଇଗଲେ ମଶାଣିକୁ ଶବ ସଂସ୍କାର ପାଇଁ । ମୃତ୍ୟୁକୁ ଏତେ ପାଖରେ ଦେଖି ଅରୋସ୍ମିତା ମନରେ ସେଇଦିନ ଠାରୁ ଡରଟିଏ ବସାବାନ୍ଧି ରହିଗଲା । ଶୁକ୍ଳପକ୍ଷ ଜହ୍ନ ପରି ଭୟ ବଢ଼ି ବଢ଼ି ଚାଲିଲା ସିନା, ଆଉ କମିଲା ନାହିଁ । ଅତୀତର ସେହି ଦୁଃଖଦ ଘଟଣାଟିକୁ ଅରୋସ୍ମିତା କେବେ ବି ଭୁଲି ପାରି ନାହିଁ । ହଠାତ୍ ପାଖ ଘରୁ 'ସ୍ମିତା, ସ୍ମିତା, ଖାଇବୁ ଆସେ' କହି ମା ଡାକୁଥିଲେ । ହଁ ଯାଉଛି କହି ଅରୋସ୍ମିତା ଖାଇବା ଘରକୁ ଚାଲିଗଲା ସିନା ମନରେ ତା'ର ସ୍ପଷ୍ଟ ଭାବରେ ଭୟର ଚିହ୍ନ ବାରି ହୋଇ ପଡୁଥିଲା । ମା କହିଲେ, ''ତୋ'ର ପରା କାଲି ବକ୍ତୃତା ପ୍ରତିଯୋଗିତା ଅଛି ! ତୁ ଏମିତି ଭୟାଳୁ ଦେଖା ଯାଉଛୁ କାହିଁକି ? କ'ଣ ତୋ'ର ହୋଇଛି ? ଏମିତି ଭୟ କଲେ ତୁ କି ଭାଷଣ ଦେବୁ ।'' – ''ମା, ମୁଁ କ'ଣ କରିବି କିଛି ଜାଣି ପାରୁ ନାହିଁ ? ଜେଜେବାପାଙ୍କ କଥା ମନେ ପଡୁଛି । ସେଦିନର ଘଟଣାକୁ ମୁଁ ଭୁଲି ପାରୁ ନାହିଁ, ମୋତେ ସବୁକିଛି ଭୟ ଭୟ ଲାଗୁଛି । ମା ମୁଁ କ'ଣ କରିବି, କେମିତି ବକ୍ତୃତା ଦେବି କିଛି ଜାଣି ପାରୁ ନାହିଁ ।'' – ''ହଉ ଠିକ୍ ଅଛି ସ୍ମିତା, ତୁ ପ୍ରଥମେ ଖାଇଦେ । ଆମେ ପରେ କଥା ହେବା'', କହି ମା ରୋଷଇ ଘର ଭିତରକୁ ଚାଲିଗଲେ ।

ରାତି ନ'ଟା ବାଜିଲାଣି । ଅରୋସ୍ମିତାର ବାପା ଆଉ କିଛି ସମୟ ପରେ ଘରେ ପହଞ୍ଚିବେ । କାଲି ସକାଳୁ ଅରୋସ୍ମିତାକୁ ନେଇ ପ୍ରତିଯୋଗିତାକୁ ଯିବେ । କିନ୍ତୁ ଅରୋସ୍ମିତା ମନ ଯେ ବିଚଳିତ, ଏକଥା ଭାବି ସୁସନ୍ଧ୍ୟା କାଳବିଳମ୍ବ ନକରି ପ୍ରଥମେ ଅରୋସ୍ମିତାର ଶୋଇବା ଘରକୁ ଚାଲିଗଲେ । – ''ଆରେ, ସ୍ମିତା ନିଦ ହୋଇନି କି ? କ'ଣ ସବୁ ଭାବୁଛୁ ।'' ମାଆ ଆସିବାର ଦେଖି ଅରୋସ୍ମିତା କହିଉଠିଲା, ''ମାଆ, ମୁଁ ମୋର ଭୟ ରୂପକ ରୋଗକୁ କିପରି ଦୂର କରିବି ?'' ମା ନମ୍ର ଭାବରେ କହିଲେ, ''ପ୍ରଥମରେ ଭୟ ଗୋଟିଏ ରୋଗ ନୁହେଁ; ଏହା ଗୋଟିଏ ମାନସିକ ଚିନ୍ତା । କାହିଁକି ନା, ମୋତେ ତ ଭୟ ଲାଗୁ ନାହିଁ । କିଛି ଖରାପ କାମ କଲେ ସିନା ମନରେ ଭୟ ଲାଗେ, ସତ ଜଣା ପଡ଼ିଯିବ ବୋଲି । ଆଉ 'ମୋର

ଭୟ' ବୋଲି ଯେଉଁ କଥାଟା କହୁଚୁ ସେ କଥାଟା ମଧ୍ୟ ଠିକ୍ ନୁହେଁ, ଯଦି ଭୟ ତୋ'ର, ତେବେ ସେଥିରୁ ମୋତେ କିଛି ଦେ ତ ! ଦେଇ ପାରିବୁ ? ଭଗବାନ୍ ଆମକୁ ପଠାଇଛନ୍ତି ତାଙ୍କ ଦ୍ୱାରା ଗଢ଼ା ଯାଇଥିବା ଏଇ ମଧୁମୟ ସୃଷ୍ଟିରେ ଭଲ କାମ କରି ପୁଣି ତାଙ୍କ ପାଖକୁ ଫେରିଯିବା ପାଇଁ । ଯେମିତି ତୋ' ଜେଜୀମା ପରେ ପରେ ଜେଜେବାପା ଚାଲିଗଲେ । ଏଠି ଭୟ କରିବାର କ'ଣ ଅଛି ? ଆମେ ପରା ଭଗବାନଙ୍କର ସନ୍ତାନ । ପ୍ରଭୁ ପରା କହିଛନ୍ତି, 'ନୀଚ, କ୍ଷୁଦ୍ର, ମଳିନ ଏବଂ କୁତ୍ସିତ ଭାବେ ନିଜ ଭିତରେ ସଙ୍କୁଚିତ ହୋଇଯିବାହିଁ ଭୟ ।' ଭୟ ବା ଆଶଙ୍କା ହେଲା ଏକ ପ୍ରକାର ଜୀବନର ଅଶୁଦ୍ଧତା ଏବଂ ଏହା ଏକ ବିରୋଧୀ ଶକ୍ତି ଯାହା ଆମର ପ୍ରଗତି ପଥରେ ବାଧା ସୃଷ୍ଟି କରେ । ସମସ୍ତ ଶକ୍ତି ଓ ନିଷ୍ଠା ଦେଇ ଭୟ, ଆଶଙ୍କାକୁ ଆମେ ଆମ ଚେତନାରୁ ଫୋପାଡ଼ି ଦେବା ଉଚିତ । ସ୍ମିତା, ତୁ ଜାଣିଥିବୁ ଜଗତଜନନୀ ମାଆ ଆମକୁ କହିଛନ୍ତି : 'ଯାହାକୁ ତୁମେ ଭୟ କରୁଛ, ସେଇ ଭୟର କାରଣ ତୁମ ଜୀବନରେ ବାରଂବାର ଆସୁଥିବ, ଯେପର୍ଯ୍ୟନ୍ତ ତୁମେ ପୂର୍ଣ୍ଣ ରୂପେ ମୁକ୍ତ ନହୋଇଛ ।' ସେଥିପାଇଁ ଆମେ ଭୟକୁ ସାମ୍ନା କରି ତାହାକୁ ମନରୁ ଦୂରେଇ ଦେବା ଉଚିତ । ସେଇ ବିଶ୍ୱପିତା ଆଉ କରୁଣାମୟୀ ମାଆ ଆମକୁ ପଠେଇଛନ୍ତି ତାଙ୍କ ସୃଷ୍ଟ ଜଗତକୁ । ଆମ ମନର ସବୁକଥା ଆମେ ନିଷ୍ଠାର ସହିତ ତାଙ୍କୁ ଜଣେଇଲେ ସିଏ ନିଶ୍ଚୟ ଶୁଣିବେ । ତାଙ୍କ ସନ୍ତାନମାନଙ୍କର କଥା ମାଆ ନିଜେ ବୁଝିବେ ନାହିଁ ତ ଆଉ କିଏ ବୁଝିବ ? ଆମେ କେବଳ ଆମ କର୍ମକୁ ସାହସର ସହିତ ସମ୍ପାଦନା କରିବା ଜରୁରି ।''

ଏହି ସମୟରେ କଲିଂ ବେଲ୍‌ଟି ବାଜି ଉଠିଲା । ''ଏଇ ତ ତୋର ବାପା ଆସିଗଲେ'' କହି ସୁସନ୍ଧ୍ୟା ଚାଲିଗଲେ କବାଟ ଖୋଲିବାକୁ । କିଛି ସମୟ ପରେ ବାପା, ମା ଆସି ଦେଖନ୍ତି ତ ଝିଅ ଅରୋସ୍ମିତା ଶୋଇ ପଡ଼ିଛି ଏକ ଶାନ୍ତ ସରଳ ମୃଗ ଶିଶୁଟି ପରି । ତା'ର ମୁଁହଟି ଶୋଭା ପାଉଛି ପ୍ରସ୍ଫୁଟିତ ଅପେକ୍ଷାରେ ଥିବା ଏକ ସଦ୍ୟ ଗୋଲାପର କଢ଼ ପରି । ସେଥିରେ ଡର, ଭୟ, ଆଶଙ୍କାର ଚିହ୍ନବର୍ଣ୍ଣ ଲେଶ ମାତ୍ର ନାହିଁ, ବରଂ ମୁଖମଣ୍ଡଳଟି ତା'ର ଏକ ସ୍ମିତ ହସର ଆଭାରେ ତେଜୀୟାନ୍ ଦେଖା ଯାଉଛି ।

ଶନିବାର ସକାଳ ଥିଲା ବହୁତ ପରିଚ୍ଛନ୍ନ । ପୂର୍ବରୁ କିଛିଦିନ ହେବ ଆକାଶରେ ଯେଉଁ କଳାବାଦଲ ଛାଇଥିଲା ତା' ଅପସରି ଯାଇଛି । ସୂର୍ଯ୍ୟର ସ୍ୱର୍ଣ୍ଣାଭ କିରଣ ବିଛେଇ ହୋଇ ପଡ଼ିଥିଲା ଗିରି, ବନ, ପ୍ରାନ୍ତର – ସବୁଆଡ଼େ । ଅରୋସ୍ମିତା ସକାଳୁ ସକାଳୁ ନିତ୍ୟକର୍ମ ସାରି, ଭଗବାନଙ୍କୁ ପ୍ରାର୍ଥନା କରି ବାହାରି ପଡ଼ିଲା ବକ୍ତୃତା ପ୍ରତିଯୋଗିତାରେ ଯୋଗ ଦେବା ଉଦ୍ଦେଶ୍ୟରେ । ମନରେ ଥିଲା ତା'ର ଅଦମ୍ୟ ସାହସ । ମା, ବାପାଙ୍କୁ ପ୍ରଣାମ କରି ବାପାଙ୍କ ସହିତ ଅଟୋ-ରିକ୍ସାରେ ବସି ପଡ଼ିଲା । ଅଟୋ-ରିକ୍ସାଟି ଚାଲିଲା ତା'ର ଗନ୍ତବ୍ୟସ୍ଥଳ ଅଭିମୁଖେ । ସୁସନ୍ଧ୍ୟା ଏକଲୟରେ ଚାହିଁଥିଲେ ଅଟୋ-ରିକ୍ସାକୁ । ରିକ୍ସାଟି ଆଖିର ଅନ୍ତରାଳକୁ ଚାଲିଯିବା ପରେ ସୁସନ୍ଧ୍ୟା ରାସ୍ତା କଡ଼ରୁ ଘରକୁ ଫେରିଲେ । ଅଗଣାର ଫାଟକ ବନ୍ଦ କରୁ କରୁ ହଠାତ୍ କାନ୍ଥରେ ସଂବାଳୁଆ କରିଥିବା କୋଷା ଉଦ୍ଦେଶ୍ୟରେ ଦୃଷ୍ଟି ଘୂରାଇ ଆଣିଲେ । ବହୁତ ଦିନ ହେବ ପୋକଟି ଏଇ କାନ୍ଥରେ ତ ବସିଥିଲା, ଆରେ ଆଜି ସେ ସଂବାଳୁଆ ପୋକଟି ଗଲା କୁଆଡ଼େ ? ଦେଖା ତ ଯାଉନି ! ଘରେ ପଶିଯିବା ବେଳେ ତାଙ୍କର ନଜର ପଡ଼ିଗଲା ଫୁଲଗଛ ଉପରେ ଉଡ଼ୁଥିବା ଏକ ରଙ୍ଗିନ ପ୍ରଜାପତିଟି ଉପରେ । ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ସୁସନ୍ଧ୍ୟା ପଶିଗଲେ ରୋଷେଇ ଘର ଭିତରକୁ, ବାପ ଝିଅଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ଉପଲକ୍ଷେ । ❑

ଥରେ ଯଦି ତୁମେ ଯୋଗପଥରେ ପ୍ରବେଶ କରିଛ, ତେବେ ସମସ୍ତ ପ୍ରକାର ଭୟକୁ ଅତିକ୍ରମ କରିବାକୁ ହେବ – ସେସବୁ ହେଲେ ମାନସିକ ଭୟ, ପ୍ରାଣିକ ଭୟ ଏବଂ ଦେହର ପ୍ରତ୍ୟେକ କୋଷରେ ଭରି ରହିଥିବା ଶାରୀରିକ ଭୟ । ଯିଏ ରୂପାନ୍ତର ଚାହେଁ ଏବଂ ଯୋଗପଥର ପଥିକ ହେବାକୁ ଚାହେଁ ତାକୁ ସଂପୂର୍ଣ୍ଣ ରୂପେ ନିର୍ଭୀକ ହେବାକୁ ହେବ । ତା'ର ସ୍ୱଭାବର କୌଣସି ଅଂଶରେ ସେ ଯେପରି ପ୍ରଭାବିତ କିଂବା ଭୟଭୀତ ନ ହୁଏ ।

– ଶ୍ରୀମା

# ପ୍ରକୃତିର ସ୍ୱର

## ବନମାଳୀ ଆଚାର୍ଯ୍ୟ

ବୟସର ଅପରାହ୍ଣରେ ଉପନୀତ ନକୁଳ । ପାଖପାଖି ବାସ୍ତରି ବର୍ଷର ଜଣେ ଅଭିଜ୍ଞ ବ୍ୟକ୍ତି । ତାଙ୍କର ଭାଗବତ ବିଶ୍ୱାସ ଓ ମନୋବଳ ଏବେ ବି ଅତୁଟ ଅଛି । ଦିନେ ତାଙ୍କ ପୁତ୍ର କମଳେଶର ଦୁଇ ବନ୍ଧୁ ତାଙ୍କର ଅତିଥି ହୋଇଥିଲେ । କଥାଛଳରେ ନକୁଳ ସେମାନଙ୍କୁ କହିଲେ, ‘‘ସେତେବେଳେ ମୋତେ ଅଠର ବର୍ଷ । ବେଶ୍ ସୁସ୍ଥସବଳ ଥିଲି । ମୋ ମା ଓ ବାପା ମୋତେ ଗାଁର ଗୋରୁଗୁଡ଼ିକୁ ଜଗିବା କାମରେ ଲଗାଇ ଦେଲେ । ସେଗୁଡ଼ିକୁ ସାଙ୍ଗରେ ନେଇ ବଡ଼ ବଡ଼ ଚରାଭୂଇଁ, ବଣ, ନଦୀପଠା, ଜଳପ୍ରପାତ ଓ ଝରଣା ନିକଟରେ ଦିନରାତି ବିତାଇଛି । ତିନି ଜଣ ସାଥୀ ମୋ ସହିତ କାମ କରୁଥିଲେ । ଗୋରୁଗୁଡ଼ିକ ସହିତ ପ୍ରକୃତି କୋଳରେ ଆମର ଦିନ କଟି ଯାଉଥିଲା । କେଡ଼େ ଚମତ୍କାର ସେ ସମୟ ଆଉ ଅନୁଭବ ! ସେସବୁ ମୋ ଜୀବନ ସହ ମିଶି ଯାଇଛି । ମୋ ପୁଅ କମଳେଶ ମୋତେ କହୁଛି, ମୁଁ ବୁଢ଼ା ହୋଇଗଲିଣି । ମୋ ଦେହରେ ରୋଗ ପ୍ରବେଶ କଲାଣି । ମାତ୍ର ଡାକ୍ତର କହନ୍ତି ମୋର କୌଣସି ରୋଗ ନାହିଁ । ସେମାନେ ସତ କହୁଛନ୍ତି । ଏବେ ମଧ୍ୟ ମୁଁ ସୁସ୍ଥ ଓ ସବଳ ଅଛି । ଏହାର କାରଣ ହେଲା ମୁଁ ପିଲାଦିନରୁ ଶାରୀରିକ ପରିଶ୍ରମ କରି ଆସିଛି । ବାହାରର ଏହି ପ୍ରକୃତିକୁ ଭଲପାଇ ଆସିଛି । ସୀତେଶ ଓ ନରେଶ, ତୁମେ ଦୁଇ ଜଣ ତା'ର ଅନ୍ତରଙ୍ଗ ବନ୍ଧୁ । ତୁମେ ତାକୁ ବୁଝାଅ, ସେ ମୋର ସ୍ୱାସ୍ଥ୍ୟ ବିଷୟରେ ଅଯଥା ଚିନ୍ତା ପରିତ୍ୟାଗ କରୁ ।’’

ସୀତେଶ ଓ ନରେଶ ପରସ୍ପରର ମୁହଁକୁ ଚାହିଁଲେ । କମଳେଶ ଝରକା ମଧ୍ୟଦେଇ ଆକାଶରେ ଉଠି ଆସୁଥିବା କଳା ମେଘକୁ ଲକ୍ଷ୍ୟ କରୁଥିଲା । ଅପରାହ୍ଣରେ ପ୍ରଥମ ମୌସୁମୀର ବୃଷ୍ଟି ଗାଁ ମାଟିକୁ ଭିଜାଇ ଦେଲା । ଓହଳି ପଡୁଥିବା କଳା ବାଦଲ ଆସନ୍ନ ବୃଷ୍ଟିର ସମ୍ଭାବନାକୁ ବଢ଼ାଇ ଦେଇଥିଲା । ସନ୍ଧ୍ୟା ପୂର୍ବରୁ ସାରା ଅଞ୍ଚଳରେ ଅନ୍ଧକାର ମାଡ଼ି ଆସିଲା । ବର୍ଷା ବି ଆରମ୍ଭ ହୋଇଗଲା । ପାଗରେ ଅଚାନକ ପରିବର୍ତ୍ତନକୁ ଲକ୍ଷ୍ୟ କରି ସୀତେଶ କହିଲା, ‘‘ଏପରି ପରିସ୍ଥିତିରେ ଆମେ କ'ଣ କଲେ ଭଲ ହେବ ?’’ ନରେଶ କହିଲା, ‘‘ମୁଁ ଭାବୁଛି, ଏହିପରି ଭାବରେ କଥାବାର୍ତ୍ତା ହୋଇ ସମୟ ବିତାଇଲେ ଠିକ୍ ହେବ ।’’ କମଳେଶ ସେମାନଙ୍କୁ ଟିପ୍ପଣୀ ଦେଲା, ‘‘ମୋ ବାପାଙ୍କଠାରୁ ତାଙ୍କର ବିଗତ ଦିନର ଅନୁଭୂତି ବିଷୟରେ ଶୁଣିଲେ ସବୁଠାରୁ ଭଲ ହେବ । ଏପରି ଏକ ବର୍ଷଣମୁଖର ସନ୍ଧ୍ୟାରେ ଜଣେ ବୟସ୍କ ବ୍ୟକ୍ତିଙ୍କ ଜୀବନ କାହାଣୀ ତାଙ୍କ ନିଜ ମୁହଁରୁ ଶୁଣିବା ପ୍ରକୃତରେ ଆମୋଦଦାୟକ ଓ ଶିକ୍ଷଣୀୟ ମଧ୍ୟ ।’’ ସମସ୍ତେ ନକୁଳଙ୍କୁ ନିଜ ଜୀବନର କେତେକ ସତ୍ୟଘଟଣାବଳୀ ବିଷୟରେ କହିବାକୁ ଅନୁରୋଧ କଲେ । ବାହାରେ ବର୍ଷା ବଢ଼ି ଯାଇଥିଲା, ତା' ସାଙ୍ଗକୁ ପବନ ମଧ୍ୟ । ନକୁଳଙ୍କ ଘରଟିର ଚାରିପଟେ ବର୍ଷା ଜଳର ସୁଅ । ଘରଟି ସତେ ଯେପରି ଏକ ନୌକାଘର । ଘର କୋଣରେ ଡିବିରିଟିଏ ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା । ନକୁଳଙ୍କ ମନ ଭିତରେ ଅନେକ ଭାବନା । ସତେଅବା ସେ ଅତୀତ ଜୀବନ ମଧ୍ୟକୁ ଫେରି ଯାଉଛନ୍ତି । ହୃଦୟରେ ଚାପି ରଖିଥିବା ଅନେକ ଅକୁହା କଥାକୁ ସେ ଆଜି ଯୁବକମାନଙ୍କ ଆଗରେ ବ୍ୟକ୍ତ କରିବେ । ସ୍ୱାଭାବିକ ଢଙ୍ଗରେ ସେ କଥା ଆରମ୍ଭ କଲେ –

‘‘ଆମେ ଗୋରୁଗୁଡ଼ିକୁ ଗାଁ ପଡ଼ିଆରେ ଚରିବାକୁ ଛାଡ଼ି ଦେଉ । ବେଳେବେଳେ ସେମାନଙ୍କୁ ଜଙ୍ଗଲ ପାର୍ଶ୍ୱରେ ଥିବା ଚରାଭୂଇଁକୁ ନେଇଯାଉ । ସେଠାରେ ଓ ଜଙ୍ଗଲ ସୀମାରେ ଭଲ ଚରା ମିଳେ । ଅଳ୍ପ ବ୍ୟବଧାନରେ ବଡ଼ ବଡ଼ ଗଛ ଶାଖା-ପ୍ରଶାଖା ମେଲାଇ ଠିଆ ହୋଇଥାଏ । ସୁବିଧା ଦେଖି କୌଣସି ଏକ ଗଛ ତଳେ ଆମେ ସମସ୍ତେ ଏକତ୍ର ରାତ୍ରିଯାପନ କରୁ । ଗୋରୁଗୁଡ଼ିକ ଖୋଲା ଆକାଶ ତଳେ ଆମକୁ ଘେରି ଶୁଅନ୍ତି ଓ ପାକୁଳି କରନ୍ତି । ପ୍ରବୃତ୍ତିଗତ ଭାବରେ ସେମାନେ ଏକତ୍ର ଚରନ୍ତି ଓ ଏକତ୍ର ଶୁଅନ୍ତି । ଆମକୁ ସେମାନଙ୍କର ସଂଖ୍ୟା ଗଣିବା ଦରକାର ହୁଏ ନାହିଁ । ଗଛ ତଳେ ଆମେ ଅସ୍ଥାୟୀ ଚୁଲି ତିଆରି କରିଥାଉ । ଶୁଖିଲା କାଠରେ ନିଆଁ ଧରାଇ ସେଥିରେ ମକା ଓ ବଣୁଆ ମୂଳ ସେକି ଖାଦ୍ୟ ତିଆରି କରୁ । ଆମ ପାଖରେ ଥିବା ଲମ୍ବା ଗାମୁଛା ଆମର ଶେଯ ହୁଏ । ତା' ଉପରେ ପଡ଼ି ରହି ନିଦ ଆସିବା ପର୍ଯ୍ୟନ୍ତ ପରସ୍ପର କଥାବାର୍ତ୍ତା ହେଉ ଓ ମଜା କରୁ । ନିରାପତ୍ତା ପାଇଁ ଆମ ପାଖରେ ଧାରୁଆ ଟାଙ୍ଗିଆ ଓ ଠେଙ୍ଗା ଥାଏ । ବିଭିନ୍ନ ପ୍ରକାରର ଜଙ୍ଗଲୀ ଶବ୍ଦ ସହ ଆମେ

ପରିଚିତ । ବଣୁଆ ଜୀବଜନ୍ତୁଙ୍କ ସ୍ୱର, ଗର୍ଜନ, ହେଣ୍ଟାଳ, ପେଚାର ଶବ୍ଦ ଆଦି ଅନେକ କିଛିକୁ ଆମେ ଅଭିଜ୍ଞତାରୁ ଜାଣିପାରୁ ।

''ଗୋଟିଏ ରାତିର କଥା । ଆମ୍ଭମାନଙ୍କୁ ନିଦ ଲାଗି ଯାଇଥିଲା । ହଠାତ୍ ଗୋଟିଏ ବଳଦ ଓ ଗୋଟିଏ ଷଣ୍ଢର ଅସ୍ୱାଭାବିକ ସ୍ୱରରେ ଆମ ନିଦ ଭାଙ୍ଗିଗଲା । ବିପଦର ଆଶଙ୍କା କରି ଆମେ ସେ ସ୍ଥାନକୁ ଦୌଡ଼ି ଆସିଲୁ । ଗୋରୁଗୋଠରୁ ପ୍ରାୟ ତିରିଶ ଫୁଟ ଦୂରରେ ଚିତାବାଘଟିଏ ଛପି ବସିଥିଲା । ଅନ୍ଧାରରେ ତା' ଆଖି ଦୁଇଟି ଜଳୁଥିଲା । ସମ୍ଭବତଃ ସେ ଶିକାର ପାଇଁ ସୁଯୋଗ ଅପେକ୍ଷାରେ ଥିଲା । ଗୋଠରୁ ବାହାରି ଆସିଥିବା ନିରୀହ ପ୍ରାଣୀଟିକୁ ସେ ସହଜରେ ଶିକାର କରେ । ଆମ ହାତରେ ଥିବା ନିଆଁହୁଳା ଦେଖି ଭୟଙ୍କର ପଶୁଟି ଧୀରେ ଧୀରେ ପଛକୁ ଫେରିଗଲା । ଗୋରୁଗୁଡ଼ିକ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲେ, ଆମ୍ଭେମାନେ ମଧ୍ୟ ।''

ସୀତେଶ କହି ଉଠିଲା, ''କେଡ଼େ ଆଶ୍ଚର୍ଯ୍ୟ ! ତୁମକୁ ଭୟ ଲାଗିଲା ନାହିଁ ?''

– ''ପୁଅ, ଗୋରୁଗୁଡ଼ିକ ପ୍ରକୃତରେ ଆମର ରକ୍ଷକ ଥିଲେ । ସେମାନଙ୍କର ଗୋଟିଏ ପ୍ରବୃତ୍ତିଗତ ଅଭ୍ୟାସ ଥିଲା । ଯେତେବେଳେ ସେମାନେ କୌଣସି ବିପଦର ସୂଚନା ପାଉଥିଲେ, ତତ୍‌କ୍ଷଣାତ୍ ଏକଜୁଟ ହୋଇ ଯାଉଥିଲେ । ମନେ ହେଉଥିଲା ଯେପରିକି ଲଢ଼ାଇ ପାଇଁ ସେମାନେ ପ୍ରସ୍ତୁତ ହେଉଥିଲେ । ଆମେ ସେମାନଙ୍କୁ ଯେତିକି ସୁରକ୍ଷା ଦେଉଥିଲୁ, ତାହାଠାରୁ ଅଧିକ ସୁରକ୍ଷା ସେମାନଙ୍କଠାରୁ ପାଉଥିଲୁ ।

''ଜୁଲାଇ ମାସର ଶେଷ ଭାଗରେ ପ୍ରାୟ ବର୍ଷା ଛାଡ଼ି ଯାଇଥିଲା । ମାଟି ଶୁଖିଲା ଥିଲା । ଜଙ୍ଗଲ ସୀମାରେ ଆମେ ଗୋରୁଗୁଡ଼ିକୁ ଗୋଠ କରି ରଖିଥିଲୁ । ସନ୍ଧ୍ୟା ପୂର୍ବରୁ ମୋର ଜଣେ ସାଥୀ କେତେକ ନୂଆ କରି ଆସିଥିବା ଗୋରୁଙ୍କ ବେକରେ ଘଣ୍ଟି ବାନ୍ଧିବାକୁ ବାହାରି ଗଲେ । ସେ ସାହସୀ, ବୁଦ୍ଧିମାନ୍ ଓ କୌତୁକପ୍ରିୟ ଥିଲେ । ଜଙ୍ଗଲ ରାସ୍ତାକୁ ଲାଗି ହୁଙ୍କାଟିଏ ଥିଲା । ଗୋଟିଏ ଭାଲୁ ତା' ଭିତରକୁ ମୁହଁ ପୂରାଇ ଉଇ ଖାଉଥିଲା । ସେହି ଅବସ୍ଥାରେ ସେ ଭାଲୁ ସହିତ ମଜା କରିବାକୁ ଇଚ୍ଛା କଲେ । ନିଜ ଦେହରେ ତାକୁ ପଛଆଡୁ ଚାପି ଧରି ତା' ବେକରେ ଗୋରୁ ଘଣ୍ଟିଟିଏ ବାନ୍ଧି ଦେଲେ । ପରମୁହୂର୍ତ୍ତରେ ନିଜକୁ ଏକ ପ୍ରକାଣ୍ଡ ଶିଳା ପଛରେ ଲୁଚାଇ ରଖିଲେ । ଅପ୍ରତ୍ୟାଶିତ ଆକ୍ରମଣରେ ଭାଲୁଟି ଭୟଭୀତ ହୋଇ ଦୌଡ଼ିବାରେ ଲାଗିଲା । ସେ ଯେତେ ଅଧିକ ବେଗରେ ଦୌଡ଼ିଲା, ଘଣ୍ଟି ସେତେ ଅଧିକ ଶବ୍ଦ କଲା । ପ୍ରାଣ ବିକଳରେ ସେ ଏକମୁହାଁ ଦୌଡ଼ିଲା ଓ ଗଛ ଗହଳରେ ଅଦୃଶ୍ୟ ହୋଇଗଲା । ସେହି ଦିନଠାରୁ ସେହି ସ୍ଥାନରେ ଭାଲୁଟିକୁ କେହି କେବେହେଲେ ଦେଖି ନଥିଲେ । ମାତ୍ର ଆମେ ଆମର ମୂଲ୍ୟବାନ୍ ଘଣ୍ଟିଟିଏ ହରାଇଲୁ । ଥରେ ମାଙ୍କଡ଼ଟିଏ ମୋର ଠେଙ୍ଗାଟିକୁ ଉଠାଇ ନେଇ ଗୋରୁପଲକୁ କିଛି ଦୂର ତଡ଼ି ନେଇଥିଲା । ଏହା ଏକ ଅନୁକରଣ ଥିଲା । ଯଦି ମୋର ଜଣେ ସାଥୀଙ୍କ ଦୃଷ୍ଟିରେ ଏହା ପଡ଼ି ନଥା'ନ୍ତା, ତେବେ କେତେକ ଗୋରୁ ବାଟବଣା ହୋଇ ଯାଇଥା'ନ୍ତେ ।''

ନକୁଳ କିଛିକ୍ଷଣ ନୀରବ ରହିଲେ । ଅତୀତର ଘଟଣାବଳୀ ଯେପରି ତାଙ୍କ ଆଖି ଆଗରେ ଜୀବନ୍ତ ହୋଇ ଉଠୁଥିଲା । ସେଥିରେ ସେ ନିଜକୁ ହଜାଇ ଦେଉଥିଲେ ଅଥବା ସେ ଭାବୁଥିଲେ, ସେତେବେଳେ ଜୀବନ ଓ ମନୋଭାବ କେଡ଼େ ସୁନ୍ଦର ଥିଲା ! ବର୍ତ୍ତମାନ ସେସବୁ ସ୍ୱପ୍ନ ।

''କୁମାର ପୂର୍ଣ୍ଣିମାର ପୂର୍ବରାତିର କଥା । ଆମେ ଏକ ବୃକ୍ଷତଳେ ରାତ୍ରିଯାପନ କରୁଥିଲୁ । ଗୋରୁଗୁଡ଼ିକ ଆମ ଚାରି ପାଖରେ ଶୁଖିଲା ମାଟି ଉପରେ ଶୋଇ ରହିଥିଲେ । ଆକାଶରୁ ଶୀତଳ ଚନ୍ଦ୍ରକିରଣ ଚାରି ଆଡ଼େ ବିଛାଡ଼ି ହୋଇ ପଡ଼ିଥିଲା । ହଠାତ୍ ଏକ ହାତୀର କାହାଳୀ ଶବ୍ଦରେ ଆମ ନିଦ ଭାଙ୍ଗିଗଲା । ଏହା ଏକ ମାଈ ହାତୀର ସ୍ୱର ଥିଲା, ଯିଏ ହୁଏତ ବିପଦରେ ପଡ଼ି ସାହାଯ୍ୟ ଚାହୁଁଥିଲା । ମୁଁ ଓ ମୋର ସାଥୀ ସେହି ଦିଗରେ ଆଗେଇ ଗଲୁ ଏବଂ ଏକ ଖାତ ନିକଟରେ ପହଞ୍ଚିଲୁ । ଗୋଟିଏ ହାତୀ ଛୁଆ ଖାତ ଭିତରେ ଅଟକି ରହିଥିଲା । ଶେଷ ଚେଷ୍ଟା ପରେ ମା' ହାତୀ ଗୋଟିଏ ଶାଳଗଛ ତଳେ ଥକା ମେଣ୍ଟାଉ ଥିଲା । ସେ ଆମକୁ ଚିହ୍ନି ପାରିଲା ଓ ଆମର ମନୋଭାବକୁ ଜାଣି ପାରିଲା । କୌଣସି ପ୍ରତିକ୍ରିୟା ଦେଖାଇଲା ନାହିଁ । ବାଉଁଶ ମୋଟର ଦୁଇ କାଠଗଡ଼ ଆମେ ସଂଗ୍ରହ କଲୁ । ବ୍ୟାଗ ଭିତରୁ ଦୁଇଟି ଦଉଡ଼ି ବାହାର କରି କାଠଗଡ଼ ଦୁଇଟିର ସରୁମୁଣ୍ଡ ପାଖକୁ ବାନ୍ଧିଲୁ । ଦଉଡ଼ି ବନ୍ଧା ମୁଣ୍ଡ ପାଖରୁ ଧୀରେ ଧୀରେ ଖାତ ଭିତରକୁ ଛାଡ଼ିଲୁ । ହାତୀ ଛୁଆଟି ଠିଆ ହୋଇ ରହିଥିଲା । ତା'ର ପେଟତଳ ଦେଇ କାଠଗଡ଼ ଦୁଇଟିକୁ ଅନ୍ୟ ପାଖକୁ ଆଗେଇ ଦେଲୁ । ଅବନ୍ଧା କାଠମୁଣ୍ଡ ଖାତ ବାହାରେ ଥିବା ଶକ୍ତ ଚଟାଣ ଉପରେ ରହିଲା । କୌଶଳକ୍ରମେ ଦଉଡ଼ି ଦୁଇଟିକୁ ଖାତରୁ ଉଠାଇ ଶକ୍ତ ଝିଙ୍କା ଦେଲୁ । କାଠଗଡ଼ ସହ ହାତୀଛୁଆ ଉପରକୁ ଉଠି ଆସିଲା । ସେ ଧୀରେ ଧୀରେ ତା' ମା' ନିକଟକୁ ଚାଲିଗଲା । ପରଦିନ ମା' ହାତୀ, ଛୁଆ ସହିତ ଆମ ଚରାଭୂଇଁ

ଇଲାକାରେ ପହଞ୍ଚିଲା । ସାଥୀରେ କିଛି ଅଜଣା ଫଳ ଭରା ଡାଳ ବୋହି ଆଣିଥିଲା । ସେସବୁ ଆମ ଆଗରେ ଫିଙ୍ଗି ଦେଲା ଏବଂ ଶୁଣ୍ଢ ଉପରକୁ ଉଠାଇ ନିଜ ଛୁଆ ସହ ଜଙ୍ଗଲ ଭିତରକୁ ଲେଉଟି ଗଲା । ଶିଶୁ ମା' ଠାରୁ ଭଲ ପାଇବା ଦାବି କରିବା ଭଳି ପଶୁମାନେ ମନୁଷ୍ୟଠାରୁ ଭଲ ପାଇବା ଦାବି କରନ୍ତି । ଏହା ମିଳିଲେ ସେମାନେ ମନୁଷ୍ୟର କ୍ଷତି କରନ୍ତି ନାହିଁ, ବରଂ ନିକଟତର ହୁଅନ୍ତି । ଏ ଜଗତ୍ ହୃଦୟଗୁଡ଼ିକର ଖେଳ ପଡ଼ିଆ – ଭଲ ପାଇବାର ଭାବ ସମସ୍ତଙ୍କୁ ଏକାଠି କରି ଦିଏ । ବ୍ୟବଧାନ ରହିଲେ ଦୁଃଖ ଆସେ ।''

ନରେଶ କହିଲା, ''ମନୁଷ୍ୟ ଭଳି ପଶୁମାନେ ବି ସାହସ ଓ କୃତଜ୍ଞତା ଭାବ ପ୍ରକାଶ କରନ୍ତି । ମା' ହାତୀର ବ୍ୟବହାର ବାସ୍ତବିକ ଅବିଶ୍ୱସନୀୟ ।''

ନକୁଳ କହିଲେ, ''ଜଙ୍ଗଲର ଏକ ହୁଙ୍କା ଭିତରେ କେତେକ ନାଗସାପ ବସାବାନ୍ଧି ଥିଲେ । କଣ୍ଟାବୁଦାରେ ଏହା ଆଚ୍ଛାଦିତ ଥିଲା । ଗ୍ରୀଷ୍ମକାଳରେ ସେ ସ୍ଥାନରେ ନିଆଁ ଲାଗିଗଲା । ଜୀବନ ବଞ୍ଚାଇବାକୁ ଯାଇ ସେଗୁଡ଼ିକ ହୁଙ୍କା ଉପରେ ଖେଳି ବୁଲିଲେ, ମାତ୍ର ବାହାରକୁ ଯାଇ ପାରିଲେ ନାହିଁ । ମୋର ଜଣେ ସାଥୀ ପାଖ ପଡ଼ିଆରୁ ପାଣି ଆଣି ନିଆଁ ଲିଭାଇଲେ । ସାପଗୁଡ଼ିକର ଜୀବନ ରକ୍ଷା ହେଲା । ଥରେ ଝରଣା ନିକଟରୁ ଏକ ଆହତ ଠେକୁଆକୁ ଉଦ୍ଧାର କଲୁ । ତା'ର ଗୋଟିଏ ଗୋଡ଼ରେ ଜଖମ ଥିବାରୁ ଚାଲି ପାରୁ ନଥିଲା । ସେଥିରେ ଆମେ ବଣୁଆ ଔଷଧ ପ୍ରୟୋଗ କଲୁ । ଠେକୁଆଟି ସୁସ୍ଥ ହୋଇ ବଣ ଭିତରକୁ ଚାଲିଗଲା । ପଥର ଠାରୁ ମନୁଷ୍ୟ ପର୍ଯ୍ୟନ୍ତ ସବୁରି ଭିତରେ ଭଗବାନ୍ ଅଛନ୍ତି । ଏହି ସତ୍ୟକୁ ଜଣେ ସ୍ୱୀକାର କରି ନେଲେ ସେ ସମସ୍ତଙ୍କୁ ଭଲ ପାଇପାରିବ । ପ୍ରକୃତି ଭଗବାନଙ୍କ ଶକ୍ତିର ଏକ ରୂପ । ସେ ଆମକୁ ଧରି ରଖିଛି, ବଢ଼ାଇ ଆଣିଛି ଏବଂ ଆମର ବର୍ତ୍ତମାନର ସ୍ଥିତିରେ ଆମକୁ ପହଞ୍ଚାଇ ଦେଇଛି । ନୀରବତା ଭିତରେ ମୁଁ ପ୍ରକୃତିର ସ୍ୱର ଶୁଣେ, ଆନନ୍ଦ ପାଏ ଏବଂ ମୋତେ ଜୀବନ ବଞ୍ଚିବାର ରାହା ମିଳେ ।'' – ଏତକ କହି ନକୁଳ ନୀରବ ରହିଲେ । କ୍ଷୀଣ ଆଲୋକରେ ତାଙ୍କ ଆଖିରୁ ଲୁହ ବାରି ହୋଇ ପଡୁଥିଲା । ବାହାରେ ଅବିରାମ ବୃଷ୍ଟି ଲାଗି ରହିଥିଲା ।

କାହାଣୀରେ ନକୁଳ ମୁଖ୍ୟ ଚରିତ୍ର । ଗୋରୁଗାଈଙ୍କ ସେବାରେ ତାଙ୍କ ଜୀବନର ମୁଖ୍ୟ ଭାଗ କଟିଛି । ସେମାନଙ୍କ ପ୍ରତି ତାଙ୍କ ହୃଦୟରେ ଶ୍ରଦ୍ଧାଭାବ ଓ ଦାୟିତ୍ୱବୋଧ ସୃଷ୍ଟି ହୋଇଛି । ପ୍ରକୃତି କ୍ରୋଡ଼ରେ ତଥା ଆକାଶ, ଅରଣ୍ୟ ଓ ପ୍ରାନ୍ତର ମଧ୍ୟରେ ରହିବା ଫଳରେ ବୃକ୍ଷଲତା, ପଶୁପକ୍ଷୀ ଓ ଜୀବଜନ୍ତୁଙ୍କ ପ୍ରତି ତାଙ୍କ ଅନ୍ତରରେ ଶ୍ରଦ୍ଧା ଉପୁଜି ହୋଇଛି । ତାଙ୍କର ଅନୁଭବ ହୋଇଛି – ପ୍ରକୃତି ଭଗବାନଙ୍କର ଏକ ରୂପ ଏବଂ ତାଙ୍କ ଶକ୍ତି ଏହା ମଧ୍ୟରେ କ୍ରିୟାଶୀଳ । ମୁଁ ପ୍ରକୃତିକୁ ଭଲ ପାଏ, ଏହା ମଧ୍ୟରେ ତାଙ୍କ ସୁସ୍ଥ, ନିରାମୟ ଜୀବନର ରହସ୍ୟ ରହିଛି । ମା' ହାତୀର ଭାବଭଙ୍ଗୀ ଓ କୃତଜ୍ଞତା ପ୍ରଦର୍ଶନ ପଶୁ ଚେତନାରେ ଧୀର ପରିବର୍ତ୍ତନକୁ ସୂଚିତ କରୁଛି । ପ୍ରକୃତି ଧୀରେ ଧୀରେ ସମସ୍ତଙ୍କୁ ଊର୍ଦ୍ଧ୍ୱ ଚେତନା ଦିଗରେ ଉତ୍ତୋଳିତ କରୁଛି ।

ଦିବ୍ୟ ଜନନୀ ଶ୍ରୀମା ଉଲ୍ଲେଖ କରିଛନ୍ତି :

''ଏହି ପ୍ରକୃତିର ଏକ ଆତ୍ମା ରହିଛି, ଯାହାକି ଅତ୍ୟନ୍ତ କମନୀୟ ହୋଇ ଫୁଟିଉଠେ ।''

(ମାତୃରଚନାବଳି – ୧୫, ପୃ. ୧୩) ❑

ଚୈତ୍ୟସତ୍ତା ପାଇଁ ବୌଦ୍ଧିକ ଭାବଧାରା ବା ବାହ୍ୟିକ ସାହାଯ୍ୟ ପ୍ରଭୃତିର ଆବଶ୍ୟକତା ପଡ଼େ ନାହିଁ । କେବଳ ଚୈତ୍ୟସତ୍ତାହିଁ ତୁମକୁ ଦେଇପାରିବ ଭଗବାନଙ୍କର ପ୍ରତ୍ୟକ୍ଷ ଅନୁଭବ, ନିରବଚ୍ଛିନ୍ନ ସାମୀପ୍ୟ, ଆନ୍ତର ସହାୟତା ଓ ସାହାଯ୍ୟ । ତୁମେ ସେତେବେଳେ ଶ୍ରୀମା'ଙ୍କ ସହ ଦୂରତା ଅନୁଭବ କରିବ ନାହିଁ ଏବଂ ଉପଲବ୍ଧି ପାଇଁ ତୁମର ଆଉ ଅଧିକ ସନ୍ଦେହ ରହିବ ନାହିଁ । କାରଣ ମନ ଚିନ୍ତା କରେ, ପ୍ରାଣ ବ୍ୟାକୁଳ ହୁଏ କିନ୍ତୁ ଆତ୍ମା ଭଗବାନଙ୍କୁ ଜାଣେ ଓ ଅନୁଭବ କରେ । ଯଦି ତୁମେ ଏହି ଯୋଗରେ ସାଫଲ୍ୟ ଲାଭ କରିବାକୁ ଚାହଁ, ତେବେ ତୁମେ ସର୍ବଦା ଚୈତ୍ୟସତ୍ତା ସହିତ ସଂପର୍କ ରଖ ଏବଂ ଅହଂଭାବାପନ୍ନ ପ୍ରାଣସତ୍ତାର ଗତିବୃତ୍ତିକୁ ପ୍ରତ୍ୟାଖ୍ୟାନ କର । ଚୈତ୍ୟସତ୍ତା ସମ୍ମୁଖକୁ ଆସି ସେହିଠାରେହିଁ ଅବସ୍ଥାନ କରିବା ହେଉଛି ଯୋଗର ଚୂଡ଼ାନ୍ତ ସ୍ଥିତି ।

– ଶ୍ରୀଅରବିନ୍ଦ

# ରାଣୀ ଦୁର୍ଗାବତୀ

## ସୂର୍ଯ୍ୟକାନ୍ତି ମହାନ୍ତି

ଇତିହାସ ସର୍ବଦା ଶତମୁଖରେ ପ୍ରଶଂସା କରି ଆସିଛି ଓ ଲିପିବଦ୍ଧ କରିଛି ପୁରୁଷର ସାହସ ଓ ଶୌର୍ଯ୍ୟକୁ । ସେହି ସମସାମୟିକ ସମୟରେ ଶକ୍ତିଶାଳୀ, ଅଜେୟ ଓ ପ୍ରେରଣାଦାୟୀ ନାରୀଙ୍କ ଜୀବନ କାହାଣୀ କିନ୍ତୁ ଅଣଦେଖା ଓ ଅବହେଳିତ ହୋଇ ରହିଯାଇଥାଏ । ଏମିତି ଜଣେ ନିର୍ଭୀକ ଓ ସାହସିନୀ ରମଣୀ ହେଉଛନ୍ତି ରାଣୀ ଦୁର୍ଗାବତୀ; ଯେ କି ଶତ୍ରୁର ସାମନାରେ ଆତ୍ମସମର୍ପଣ କରିବା ଅପେକ୍ଷା ଆତ୍ମହତ୍ୟାକୁ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବୋଲି ଗ୍ରହଣ କରିଥିଲେ ।

ତାଙ୍କର ଜନ୍ମ ହୋଇଥିଲା ୧୫୨୪ ମସିହାରେ, ଉତ୍ତର ପ୍ରଦେଶର ବାନ୍ଦା ଜିଲ୍ଲାରେ । ଚାନ୍ଦେଲା ବଂଶୋଦ୍ଭବ ଶାଳୀ-ବାହାନଙ୍କର ସେ ଥିଲେ ସୁକନ୍ୟା । ଏହି ଚାନ୍ଦେଲା ରାଜପୁତମାନେ ଥିଲେ ଅତ୍ୟନ୍ତ ଶକ୍ତିଶାଳୀ ଯୋଦ୍ଧା, ଯେଉଁମାନେ ବହୁ ବାହ୍ୟ ଆକ୍ରମଣକୁ ସଫଳ ଭାବରେ ପ୍ରତିହତ କରିବାରେ କୃତକାର୍ଯ୍ୟ ହୋଇଥିଲେ । ଏପରିକି ଗଜନୀର କୁଖ୍ୟାତ ମହମ୍ମଦକୁ ବି ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା ଏହି ବୀରମାନଙ୍କଠାରୁ ।

ଦୁର୍ଗାବତୀ ଶୈଶବାବସ୍ଥାରେ ନିଜ ବଂଶର ସାହସିକ କାର୍ଯ୍ୟ ବିଷୟରେ ଅନେକ କାହାଣୀ ଶୁଣି ଶୁଣି ନିଜେ ସେହିଭଳି ଜଣେ ଯୋଦ୍ଧା ହେବା ପାଇଁ ମନ ଭିତରେ ଉତ୍ସାହିତ ହେଉଥିଲେ । ସେ ପ୍ରଶିକ୍ଷିତା ହୋଇଥିଲେ ମୃଗୟାରେ, ଶିକାରରେ, ଧନୁର୍ବିଦ୍ୟାରେ ଏବଂ ଅଶ୍ୱାରୋହଣରେ । ସେ ଏହିସବୁ କଳାରେ ଅତ୍ୟନ୍ତ ଉତ୍ସାହୀ ମଧ୍ୟ ଥିଲେ । ଏପରିକି ଆବୁଲ ଫାଜଲ ବର୍ଣ୍ଣନା କରିଛନ୍ତି ଯେ ରାଣୀ ଉଭୟ ବନ୍ଧୁକ ଓ ଶର ଚାଳନାରେ ମଧ୍ୟ ନିପୁଣତା ହାସଲ କରିଥିଲେ ।

ଅଠର ବର୍ଷ ବୟସରେ ଦୁର୍ଗାବତୀଙ୍କର ବିବାହ ହୋଇଥିଲା ମଧ୍ୟପ୍ରଦେଶର ଗଣ୍ଡ ବଂଶର ରାଜା ଦଳପତ ଶାହଙ୍କ ସହିତ । ସେ ସମୟରେ ଗଣ୍ଡୱାନା ରାଜ୍ୟ ଗଠିତ ହୋଇଥିଲା ବିଦର୍ଭର ପୂର୍ବାଂଶ, ଛତିଶଗଡ଼ର ପଶ୍ଚିମାଞ୍ଚଳ, ତେଲେଙ୍ଗାନାର ଉତ୍ତରାଞ୍ଚଳ, ଓଡ଼ିଶାର ପଶ୍ଚିମାଞ୍ଚଳ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶର ଦକ୍ଷିଣାଞ୍ଚଳକୁ ନେଇ । ସେତେବେଳେ ଦିଲ୍ଲୀରେ ମୋଗଲ ଶାସନ ଚାଲିଥାଏ । ଏ ଦୃଷ୍ଟିରୁ ଦେଖିଲେ ରାଜପୁତ ଓ ଗଣ୍ଡ ମଧ୍ୟରେ ବୈବାହିକ ସମ୍ବନ୍ଧସବୁକୁ ଏକ ରାଜନୈତିକ ସମ୍ବନ୍ଧ ବୋଲି ଧରାଯାଏ । କାରଣ ସେ ସମୟରେ ଗଣ୍ଡ ଓ ରାଜପୁତ ମଧ୍ୟରେ ବିବାହ ଏକ ବ୍ୟତିକ୍ରମ ଘଟଣା ଥିଲା । ଅନ୍ୟ ଘଟଣାରେ କୁହାଯାଏ କି ମୋଗଲ ଆକ୍ରମଣର ସମ୍ମୁଖୀନ ହୋଇ ଦଳପତ ଶାହ ଯେଉଁ ପ୍ରକାର ସାହସିକତା ପ୍ରଦର୍ଶନ କରିଥିଲେ, ତାହା ଶୁଣି ଦୁର୍ଗାବତୀ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ସେ କହିଥିଲେ ଯେ ଦଳପତ ଜନ୍ମରୁ ଜଣେ ଗଣ୍ଡ ହୋଇ ପାରନ୍ତି, ମାତ୍ର ତାଙ୍କର କାର୍ଯ୍ୟ ଜଣେ କ୍ଷତ୍ରିୟ ପରି । ଏଣୁ ତାଙ୍କୁ ବିବାହ କରିବା ପାଇଁ ଦୁର୍ଗାବତୀ ନିଜର ଇଚ୍ଛା ପ୍ରକାଶ କରିଥିଲେ । ବାସ୍ତବରେ ଏହି ସିଦ୍ଧାନ୍ତ ଥିଲା ତାଙ୍କ ଦୂରଦର୍ଶିତାର ପ୍ରମାଣ । ଏହି ଦୁଇ ଶକ୍ତିଶାଳୀ ଜାତି ଚାନ୍ଦେଲା ଓ ଗଣ୍ଡବଂଶଜ ରାଜପୁତ୍ରମାନେ ମିତ୍ରତାରେ ଆବଦ୍ଧ ହେବା ଫଳରେ ଏକତ୍ରିତ ଭାବେ ମୋଗଲ ପ୍ରବେଶକୁ ଦୀର୍ଘ ସମୟ ଧରି ପ୍ରତିରୋଧ କରିପାରିଥିଲେ । ଯେତେବେଳେ ଶେରଶାହ ଶୁରୀ ଚାନ୍ଦେଲାଙ୍କ ଉପରେ ଆକ୍ରମଣ କଲା, ଗଣ୍ଡସେନା ସହ ମିଶି ଉଭୟେ ସଫଳ ଭାବରେ ସେହି ଆକ୍ରମଣକୁ ପ୍ରତିହତ କରି ପାରିଥିଲେ ।

ଦଳପତ ଶାହଙ୍କ ସହିତ ବିବାହ ପରେ ଦୁର୍ଗାବତୀଙ୍କର ଏକ ପୁତ୍ର ସନ୍ତାନ ଲାଭ ହୋଇଥିଲା, ତାଙ୍କର ନାମ ବୀର ନାରାୟଣ । ମାତ୍ର ଭାଗ୍ୟର ବିଡ଼ମ୍ବନା ହେତୁ ଅଳ୍ପ ବର୍ଷ ପରେ ଦଳପତ ଶାହଙ୍କର ମୃତ୍ୟୁ ହେଲା । ସେତେବେଳେ ତାଙ୍କ ପୁତ୍ରର ବୟସ ମାତ୍ର ପାଞ୍ଚବର୍ଷ । ଏତେ ଛୋଟ ଶିଶୁ ସିଂହାସନ ଆରୋହଣ କରିପାରିବେ ନାହିଁ । ଏଣୁ ରାଣୀ ଦୁର୍ଗାବତୀ ରାଜାଙ୍କର ପ୍ରତିନିଧି ଭାବରେ ରାଜ୍ୟର ଶାସନଭାର ନିଜ ହାତକୁ ନେଲେ ୧୫୪୮ ମସିହାରେ । ଏହା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଲା ।

ଆଧାରକାୟସ୍ଥ ଓ ମନବ୍ରହ୍ମନ୍‌ଙ୍କ ପରି ବିଶ୍ୱସ୍ତ ମନ୍ତ୍ରୀମାନଙ୍କ ସାହାଯ୍ୟରେ ଦୁର୍ଗାବତୀ ନିଜ ଭୂଖଣ୍ଡର ସୀମା ଓ

ଶକ୍ତି ବୃଦ୍ଧି କରିବାରେ ଲାଗିଲେ । ଏପରିକି ଯେଉଁ ପଡ଼ୋଶୀ ରାଜାମାନେ ଭାବୁଥିଲେ ଯେ ଜଣେ ମହିଳା ଶାସକ ସହଜରେ ସେମାନଙ୍କର ଶରବ୍ୟ ହୋଇପାରିବ, ସେମାନେ ରାଣୀଙ୍କର ବିଶାଳ ସେନାବାହିନୀ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଉଥିଲେ । ତାଙ୍କ ସେନା ବାହିନୀରେ ଥିଲେ ୨୦,୦୦୦ ଅଶ୍ୱାରୋହୀ, ୧,୦୦୦ରୁ ଊର୍ଦ୍ଧ୍ୱ ଯୁଦ୍ଧ ହସ୍ତୀ ଏବଂ ଏକ ମଜଭୁତ ପଦାତିକ ବାହିନୀ । ଏହା ସହିତ ବି ପ୍ରଜାମାନଙ୍କର ସୁରକ୍ଷା ନିମିତ୍ତ ରାଣୀ ବହୁ ଗଠନମୂଳକ କାର୍ଯ୍ୟ କରିଥିଲେ । ସେ ଜବଲପୁର ନିକଟରେ ରାଣୀତାଲ ଜଳାଶୟ ପ୍ରତିଷ୍ଠା କରିଥିଲେ । ଏଥିରେ ଉତ୍ସାହିତ ହୋଇ ତାଙ୍କର ମନ୍ତ୍ରୀ ଚେରିତାଲ ଜଳାଶୟ ଓ ଆଧାରତାଲ ଜଳାଶୟ ବି ପ୍ରତିଷ୍ଠା କରିଥିଲେ । ଏହା ବ୍ୟତୀତ ଶାସନ କ୍ଷେତ୍ରରେ ରାଣୀ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଉଥିଲେ । ତାଙ୍କ ରାଜ୍ୟର ପ୍ରାୟ ୨୩,୦୦୦ କୃଷିଭିତ୍ତିକ ଗ୍ରାମରେ ଉନ୍ନତ କୃଷି କାର୍ଯ୍ୟ ଫଳରେ ରାଜ୍ୟ ଖାଦ୍ୟ ଶସ୍ୟରେ ଭରପୂର ଥିଲା ।

ତାଙ୍କର ଶାସନକାଳ ମଧ୍ୟରେ ସେ ନିଷ୍ପତ୍ତି ନେଇଥିଲେ ତାଙ୍କର ରାଜଧାନୀକୁ ସ୍ଥାନାନ୍ତରିତ କରିବାକୁ । ଏହା ଥିଲା ଶିଙ୍ଗୋରଗଡ଼ ଦୁର୍ଗରୁ ଚଉରାଗଡ଼ ଦୁର୍ଗକୁ, ଯାହା ଅବସ୍ଥିତ ଥିଲା ଶତପୁରାର ପୂର୍ବ ଆଡ଼କୁ ଏବଂ ମାଲଓ୍ୱା ରାଜ୍ୟର ନିକଟବର୍ତ୍ତୀ । ଫଳରେ ମାଲଓ୍ୱାର ରାଜା ବାଜ ବାହାଦୂର ଏଥିରେ କ୍ରୋଧାନ୍ୱିତ ହୋଇ ଦୁର୍ଗାବତୀଙ୍କ ରାଜ୍ୟ ଉପରେ ଆକ୍ରମଣ କଲେ; ମାତ୍ର ଏଥିରେ ସେ ପରାଜୟ ବରଣ କଲେ ।

ଅଳ୍ପ ବର୍ଷ ପରେ ବାଜବାହାଦୁରଙ୍କ ଦୁର୍ବଳ ହୋଇ ଯାଇଥିବା ରାଜ୍ୟ ଆକବରଙ୍କ ସାମ୍ରାଜ୍ୟରେ ମିଶି ଯାଇଥିଲା । ଫଳରେ ରାଣୀଙ୍କ ଭୂଭାଗ ଗଣ୍ଡଓ୍ୱାନାର ଉଭୟ ପଟରୁ ମୋଗଲ ସାମ୍ରାଜ୍ୟ ସ୍ପର୍ଶ କଲା । ଏଣୁ ଆକବରଙ୍କ ସେନା ଗଣ୍ଡଓ୍ୱାନାକୁ ଆକ୍ରମଣ କରିବାର ସମ୍ଭାବନା ରହିଲା ।

ଅବଶ୍ୟ ରାଣୀ ଦୁର୍ଗାବତୀଙ୍କ ବୀରତ୍ୱରେ ଆକବର ପ୍ରଭାବିତ ହୋଇଥିଲେ । ଏପରିକି ରାଣୀଙ୍କୁ ସାକ୍ଷାତ୍ କରିବାକୁ ଆକବର ଇଚ୍ଛା ପ୍ରକଟ କଲେ, ମାତ୍ର ସେ ଯେ ତାଙ୍କ ସମକକ୍ଷ ବୋଲି ତାଙ୍କୁ ସାକ୍ଷାତ୍ କରିବାକୁ ଚାହୁଁଥିଲେ ସେପରି ନୁହେଁ, ବରଂ ଉଦ୍ଦେଶ୍ୟ ଥିଲା ରାଣୀଙ୍କୁ ଉପହାର ଓ ସମ୍ମାନ ଦେବା । ଏଥିପାଇଁ ଆକବର ଚଉରାଗଡ଼ ଦୁର୍ଗକୁ ଜଣେ ଦୂତ ପଠାଇଥିଲେ ରାଣୀଙ୍କୁ ଏକଥା କହିବାକୁ ଯେ ସେ ମୋଗଲ ସେନା ନିକଟରେ ଆତ୍ମସମର୍ପଣ କରନ୍ତୁ । ମାତ୍ର ରାଣୀ ଆତ୍ମସମର୍ପଣ ସପକ୍ଷରେ ଆଦୌ ନଥିଲେ । ସେ କହିଥିଲେ ଆତ୍ମ-ସମ୍ମାନହୀନ ଜୀବନ ଅପେକ୍ଷା ମର୍ଯ୍ୟାଦାପୂର୍ଣ୍ଣ ମୃତ୍ୟୁ ଶ୍ରେୟସ୍କର । ଏଣୁ ମୋଗଲ ସେନା ସହ ଯୁଦ୍ଧ କରିବାକୁ ରାଣୀ ନିଷ୍ପତ୍ତି ନେଲେ ।

ଏହି ଘଟଣାରେ ଆବୁଲ ଫାଜଲ 'ଆକବର ନାମା'ରେ ଲେଖିଥିଲେ — ଆତ୍ମ-ସମର୍ପଣ ପାଇଁ ମନା କରିବାଟା ରାଣୀଙ୍କର ସାହସିକତା ନୁହେଁ, ବରଂ ଏହା ତାଙ୍କର ଔଦ୍ଧତ୍ୟ ଓ ଅହଂକାରର ପରିଚୟ । ବାହ୍ୟ ସାଫଲ୍ୟ ଓ କିଛି ତୋଷାମଦକାରୀଙ୍କ ପାଇଁ ସେ ଏତେ ଗର୍ବୀ ହୋଇ ଯାଇଛନ୍ତି ଯେ ଶାହ-ନ-ଶାହଙ୍କ ସମ୍ମୁଖରେ ନିଜକୁ ସମର୍ପଣ କରୁ ନାହାନ୍ତି । ଆକବର ବି ଏକଥା ଅବଗତ ହୋଇ କ୍ରୋଧାନ୍ୱିତ ହୋଇ ଉଠିଲେ ଏବଂ ସବୁଠାରୁ ଦକ୍ଷ ସେନାଧକ୍ଷ କାରାମାଣିକପୁରର ସେନାପତି ଆସଫ ଖାଁଙ୍କୁ ଦାୟିତ୍ୱ ଦେଲେ ଗଣ୍ଡଓ୍ୱାନା ରାଜ୍ୟ ଆକ୍ରମଣ କରିବାକୁ; ମାତ୍ର ଧୂର୍ତ୍ତ ଆସଫ ଖାଁ ଗଣ୍ଡଓ୍ୱାନା ରାଜ୍ୟକୁ ହଠାତ୍ ଆକ୍ରମଣ କଲେ ନାହିଁ । ପ୍ରଥମେ ଲୋକଙ୍କ ସହ ବନ୍ଧୁତା କରି ନିଜ ଅଞ୍ଚଳ ସହ ବ୍ୟବସାୟ କରିବା ପାଇଁ ଗଣ୍ଡଓ୍ୱାନାବାସୀଙ୍କୁ ସେ ଉତ୍ସାହିତ କଲେ । ପୁନଶ୍ଚ ରାଣୀଙ୍କର ସେନାବାହିନୀର ଶକ୍ତି ସାମର୍ଥ୍ୟ ବିଷୟରେ ଅବଗତ ହେବା ପାଇଁ ଗୁପ୍ତଚର ନିଯୁକ୍ତ କଲେ । ଶେଷରେ ଜାଗିରଦାରଙ୍କ ସହାୟତାରେ ଗଣ୍ଡଓ୍ୱାନାକୁ ପ୍ରବେଶ କଲେ ୧୫୬୪ ମସିହାରେ । ତା'ପରେ ରାଣୀଙ୍କ ଅଗୋଚରରେ ହଠାତ୍ ଆକ୍ରମଣ ହେଲା । ପ୍ରାରମ୍ଭରେ ନର୍ମଦା ନଦୀର ପାହାଡ଼ି ଅଞ୍ଚଳରେ ଯୁଦ୍ଧ ଚାଲିଲା । ରାଣୀ ବୀରତ୍ୱର ସହ ଲଢ଼ି ମୋଗଲ ସେନା ଉପରେ ବିଜୟ ପ୍ରାପ୍ତ ହେଲେ ଏବଂ ସେ ଇଚ୍ଛା କରୁଥିଲେ ରାତ୍ରୀରେ ବି ଯୁଦ୍ଧ ଚାଲୁ ରଖିବାକୁ । ମାତ୍ର ସେନାଧକ୍ଷ ଏଥିରେ ଏକମତ ହେଲେ ନାହିଁ । ଫଳରେ ପରଦିନ ଯୁଦ୍ଧ ଭିନ୍ନ ମୋଡ଼ ନେଲା । ଯୁଦ୍ଧରେ ରାଣୀ ପ୍ରଚଣ୍ଡ ଭାବରେ ଏକାଧିକ ତୀର ଦ୍ୱାରା ଆଘାତପ୍ରାପ୍ତ ହେଲେ । ଗୋଟିଏ ତୀର ତାଙ୍କ ବେକରେ ବିଦ୍ଧ ହେବା ବେଳେ ଅନ୍ୟଟି ତାଙ୍କର କାନକୁ କ୍ଷତାକ୍ତ କରିଥିଲା । କ୍ଷତ ଏତେ ଗଭୀର ଓ ଅସହ୍ୟ ଥିଲା ଯେ ରାଣୀଙ୍କ ସାମନାରେ ଦୁଇଟି ବିକଳ୍ପ ରହିଲା; ଗୋଟିଏ ହେଲା ଯୁଦ୍ଧ କ୍ଷେତ୍ରରୁ ପଳାୟନ, ଅନ୍ୟଟି ହେଲା ଶତ୍ରୁ ସମ୍ମୁଖରେ ଆତ୍ମ-ସମର୍ପଣ । ମାତ୍ର ଏ ଦୁଇଟି ମଧ୍ୟରୁ କେଉଁଟି ବି ତାଙ୍କର ପସନ୍ଦଯୋଗ୍ୟ ନଥିଲା । ଏଣୁ ସେ ସ୍ଥିର କଲେ ନିଜକୁ ଶେଷ କରିଦେବେ । ଏ ପରିସ୍ଥିତିରେ ୧୫୬୪ ମସିହା ଜୁନ୍ ୨୪ ତାରିଖରେ ରାଣୀ ନିଜକୁ ଛୁରୀ ଭୁସି ଆତ୍ମହତ୍ୟା କଲେ । ରାଣୀ ଦୁର୍ଗାବତୀ ନିଜ ଜୀବନର ୧୬ ବର୍ଷ ଶାସନ କାଳ ମଧ୍ୟରେ ପଡ଼ୋଶୀ ରାଜ୍ୟ ଓ ମୋଗଲ ସୈନ୍ୟଙ୍କ ସହିତ ମୋଟ ଏକାବନ

ଥର ଯୁଦ୍ଧ କରିଥିଲେ । ପ୍ରତ୍ୟେକ ଯୁଦ୍ଧରେ ସେ ନିର୍ଭୀକତାର ସହ ଲଢ଼େଇ କରିଥିଲେ । ମୋଗଲ ସେନା ଦ୍ୱାରା ଯଦିଓ ସେ ପରାଜିତ ହୋଇଥିଲେ, ତଥାପି ତାଙ୍କ ବୀରତ୍ୱଭରା ଜୀବନ କାହାଣୀ ସମସ୍ତଙ୍କ ପାଇଁ ହୋଇ ଆସିଛି ପ୍ରେରଣାପ୍ରଦ ।

ମାତୃଭୂମିର ସୁରକ୍ଷା ପାଇଁ ତାଙ୍କର ଚରମ ବଳିଦାନର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ତାଙ୍କର ମୃତ୍ୟୁ ଦିବସକୁ ଭାରତ ସରକାର 'ବଳିଦାନ ଦିବସ' ଭାବରେ ପାଳନ କରି ଆସୁଛନ୍ତି । ପୁନଶ୍ଚ ତାଙ୍କ ସ୍ମୃତିରେ ଜବଲପୁରରେ 'ରାଣୀ ଦୁର୍ଗାବତୀ ମ୍ୟୁଜିୟମ୍' ମଧ୍ୟ ସ୍ଥାପିତ ହୋଇଛି । ସେଠାରେ ରାଣୀଙ୍କର ହସ୍ତୀ ଆରୋହଣ ଅବସ୍ଥାର ଭାସ୍କର୍ଯ୍ୟ ଅତି ଚମତ୍କାର ହୋଇଛି । ମଧ୍ୟପ୍ରଦେଶ ସରକାର ଜବଲପୁର ବିଶ୍ୱବିଦ୍ୟାଳୟକୁ ୧୯୮୩ ମସିହାରେ 'ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟ, ଜବଲପୁର' ଭାବରେ ପୁନଃ ନାମିତ କରିଛନ୍ତି । ରାଣୀଙ୍କ ସମ୍ମାନାର୍ଥେ ଭାରତ ସରକାର ତାଙ୍କ ନାମରେ ଏକ ସ୍ମାରକ ଡାକଟିକଟ (Commemorative Postal Stamp) ୧୯୮୮ ମସିହା ଜୁନ୍ ୨୪ ତାରିଖରେ ଉନ୍ମୋଚିତ କରିଛନ୍ତି ।

ଏହିପରି ଜଣେ ସୁଶାସିକା ରାଣୀଙ୍କର ବ୍ୟକ୍ତିତ୍ୱରେ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, କମନୀୟତା ଓ ଦୟାଶୀଳତା ସହିତ ଶୌର୍ଯ୍ୟ, ସାହସ, ନିର୍ଭୀକତା ଓ ବିଜ୍ଞତା ଆଦି ଗୁଣ ସମୂହର ସମ୍ମିଳନ ହୋଇଥିଲା । ଏହି ମହାନ୍ ନାରୀଙ୍କୁ ସହସ୍ର ସହସ୍ର ବାର ପ୍ରଣାମ ।

❑❑❑

## ତ୍ରିଂଶତ୍ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ - ୨୦୨୫

ଆସନ୍ତା **୦୧.୧୧.୨୫ ରୁ ୦୨.୧୧.୨୫** ତାରିଖ (ଶନିବାର ଓ ରବିବାର) ଦୁଇଦିନ ଧରି ଶ୍ରୀଅରବିନ୍ଦ ଧାମ, ସ୍ୱର୍ଗଦ୍ୱାର, ପୁରୀ ପରିସରରେ ତ୍ରିଂଶତ୍ତମ ''ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ - ୨୦୨୫'' ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶ୍ରୀଅରବିନ୍ଦ ପାଠଚକ୍ର ସମେତ ଅନ୍ୟାନ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଆଗ୍ରହୀ ୧୨ ବର୍ଷରୁ ୧୯ ବର୍ଷ ବୟସ ମଧ୍ୟରେ ଥିବା କିଶୋରୀ ଓ ବାଳିକାମାନେ ଯୋଗ ଦେଇପାରିବେ । ଏହି ସମ୍ମିଳନୀରେ ମୁଖ୍ୟତଃ ଜୀବନର ଯଥାର୍ଥ ଲକ୍ଷ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ରହ୍ମଚର୍ଯ୍ୟ ତଥା ବାଳିକାମାନଙ୍କ ଜୀବନର ସର୍ବାଙ୍ଗୀଣ ବିକାଶ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରାଯିବ । ପ୍ରତିନିଧିମାନେ ସେମାନଙ୍କର ସମସ୍ତ ଆବଶ୍ୟକୀୟ ସାମଗ୍ରୀ ଓ ଶୀତବସ୍ତ୍ର ଆଣିବା ସହ ସମ୍ମିଳନୀର ଶେଷ ପର୍ଯ୍ୟନ୍ତ ରହିବାକୁ ଅନୁରୋଧ । ଏ ସମ୍ପର୍କରେ ଅଧିକ ଜାଣିବାକୁ ଚାହୁଁଥିଲେ ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରନ୍ତି ।

ନିବେଦକ
ଅରୋଜ୍ୟୋତି ଟ୍ରଷ୍ଟ, ପୁରୀ

ଯୋଗାଯୋଗ :
ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ - ୮୩୨୭୭୭୪୮୦୪; ଦୁର୍ଗେଶନନ୍ଦିନୀ ମହାନ୍ତି - ୭୬୦୯୦୧୬୪୮୮;
ପ୍ରଶାନ୍ତ ପଟ୍ଟନାୟକ - ୯୨୩୭୧୯୯୭୮୯; ଡା. ବିପିନାନନ୍ଦ ମିଶ୍ର - ୬୩୭୦୬୨୬୦୦୪;
ପ୍ର. ଜନ୍ମେଜୟ ଦ୍ୱିବେଦୀ - ୯୮୬୧୩୭୦୬୬୨;
ପ୍ରଫେସର ଅକ୍ଷୟ କୁମାର ମିଶ୍ର (ସଭାପତି, ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡ଼େମୀ) - ୮୭୬୩୬୧୭୫୯୫

ଚେତନାର ଦିଗ୍‌ବଳୟ :

# ପ୍ରତିଯୋଗିତା : ଏକ ଆରଣ୍ୟକ ଉପଜାତିର ଜୀବନ ଦର୍ଶନ

ଆମର ବହୁ ଆଚରଣ ପଶ୍ଚାତରେ ତିନୋଟି ସ୍ତରର ମନସ୍ତାତ୍ତ୍ୱିକ ପ୍ରଭାବ ରହିଥାଏ : (କ) ନୃତାତ୍ତ୍ୱିକ (ଖ) ସାମାଜିକ ଏବଂ (ଗ) ଆଧ୍ୟାତ୍ମିକ । ଅବଶ୍ୟ ଏ ତିନୋଟିଯାକ ପ୍ରଭାବ ପ୍ରାୟ ସବୁ କ୍ଷେତ୍ରରେ ପରସ୍ପର ମିଶାମିଶି ହୋଇ ରହିଥା'ନ୍ତି ।

ପ୍ରତିଯୋଗିତାକୁ ଏକ ଦୃଷ୍ଟାନ୍ତ ରୂପେ ନିଆଯାଉ । ଜୀବନର ବା ସମାଜର ବହୁ କ୍ଷେତ୍ରରେ ଜଣକୁ ଅନ୍ୟ ଏକ ବା ଏକାଧିକ ବ୍ୟକ୍ତି ସହିତ ପ୍ରତିଯୋଗିତା କରିବାକୁ ପଡ଼ୁଥାଏ । ପୁଣି ସମାନ ମାତ୍ରାରେ ଆମକୁ ଅନ୍ୟମାନଙ୍କ ସହ ସହଯୋଗ କରିବାକୁ ପଡ଼ିଥାଏ । ପ୍ରାଗୈତିହାସିକ ଯୁଗରେ ବ୍ୟକ୍ତିଗତ ପ୍ରତିଯୋଗିତା ପ୍ରାଣ ଧାରଣର, ଜୀବନ ସଂଗ୍ରାମର ମୁଖ୍ୟ ଉପାୟ ଥିଲା । ପ୍ରତିବେଶୀକୁ ବଞ୍ଚିତ କରି ଖାଦ୍ୟ ବା ତିଷ୍ଠି ରହିବାର ଅନ୍ୟ ମୌଳିକ ଉପାଦାନ ଅକ୍ତିଆର କରିବା, ଶିକାର ମାଡ଼ି ବସିବା ଇତ୍ୟାଦି ଥିଲା ସାଧାରଣ କଥା । ମନର କିଞ୍ଚିତ୍ ବିକାଶ ହୁଅନ୍ତେ ପ୍ରତିଯୋଗିତା ଅପେକ୍ଷା ସହଯୋଗିତା ଅଧିକ ଫଳପ୍ରଦ ବୋଲି ଅନୁଭବ କଲା ମଣିଷ ।

କିନ୍ତୁ ଈର୍ଷା, ପ୍ରତିହିଂସାପରାୟଣତା ଇତ୍ୟାଦି ଦ୍ୱାରା ସମର୍ଥିତ ପ୍ରତିଯୋଗିତା ପରାୟଣତା ଆମର ମୌଳିକ ଆବେଗର ଏକ ଉପାଦାନ ହୋଇ ରହିଲା । ଏହି ନୃତାତ୍ତ୍ୱିକ ନିୟମ ସହ ମିଶିଗଲା ସାମାଜିକ ବାସ୍ତବତା । ବିଭିନ୍ନ କ୍ଷେତ୍ରରେ ଯିଏ ପ୍ରତିଯୋଗିତାରେ ସଫଳ, ତା'ର ସାମାଜିକ ପ୍ରତିପତ୍ତି ମଧ୍ୟ ଅନ୍ୟମାନଙ୍କ ଅପେକ୍ଷା ଅଧିକ । ଅତଏବ ଖାଲି ବ୍ୟବସାୟ ବା କ୍ଷମତା କ୍ଷେତ୍ରରେ ନୁହେଁ; ବୁଦ୍ଧି, ଜ୍ଞାନ ଓ ପାଣ୍ଡିତ୍ୟ କ୍ଷେତ୍ରରେ ମଧ୍ୟ ପ୍ରତିଯୋଗିତା ଏକ ସମ୍ମାନଜନକ ପରମ୍ପରାରେ ପରିଣତ ହେଲା । ପ୍ରାଚୀନ ଓ ମଧ୍ୟଯୁଗରେ କିଛି ଶତାବ୍ଦୀ ଧରି ଏହାର ଗୌରବ ଅମଳିନ ରହିଥିଲା । ଖେଳ-କସରତରେ ଯିଏ ଅସାଧାରଣ କୃତିତ୍ୱ ପ୍ରଦର୍ଶନ କରୁଥିଲା ତାକୁ ଯେପରି ସମ୍ମାନିତ କରାଯାଉଥିଲା, ରାଜସଭା ବା ଧୀମାନ୍ ସମାବେଶରେ ପାଣ୍ଡିତ୍ୟପୂର୍ଣ୍ଣ ଯୁକ୍ତି ପ୍ରତିଯୁକ୍ତିରେ ଯିଏ ଅନ୍ୟମାନଙ୍କୁ ପରାସ୍ତ କରୁଥିଲା ସିଏ ମଧ୍ୟ ଅନୁରୂପ ସମ୍ମାନ ଲାଭ କରୁଥିଲା । ଆଜି ମଧ୍ୟ ପରିବର୍ତ୍ତିତ ଧାରାରେ ଏହା ଅବ୍ୟାହତ ରହିଛି ।

ସମାଜ ଉପରେ ପ୍ରତିଯୋଗିତାର ଶୁଭଙ୍କର ପ୍ରଭାବ ଅବଶ୍ୟ ରହିଥିଲା । ସାଧାରଣ ମଣିଷର ଚେତନାରେ ଉତ୍ତେଜନା ପ୍ରବଣତା ଓ ଅହଂଭାବ ଭଳି ଆବେଗ ପ୍ରବେଗକୁ ଏହା ଗୋଟାଏ ଧାରାରେ ପକାଉଥିଲା, ସେସବୁର ଉଚ୍ଛୃଙ୍ଖଳ ପ୍ରୟୋଗକୁ ନିୟମ କାନୁନ ଦ୍ୱାରା ନିୟନ୍ତ୍ରିତ କରୁଥିଲା । କହିବା ବାହୁଲ୍ୟ ଆଜି ପର୍ଯ୍ୟନ୍ତ ସେ ଦିଗରେ ଆଶାଜନକ ସୁଫଳ ମିଳି ନାହିଁ । ସଭ୍ୟତାର ବିକାଶରେ ବ୍ୟକ୍ତି ବ୍ୟକ୍ତି ଭିତରେ, ଗୋଷ୍ଠୀ ଗୋଷ୍ଠୀ ଭିତରେ, ଦେଶ ଦେଶ ଭିତରେ ସହଯୋଗର ଭୂମିକା ପ୍ରଧାନ ବୋଲି ଆମର ସାଧାରଣ ଜ୍ଞାନ କହିଲେ ମଧ୍ୟ ପ୍ରାଗୈତିକ ପ୍ରତିଯୋଗିତା ନିଶାରେ ସାମଗ୍ରିକ ମାନବ-ଚେତନାର ଗୋଟାଏ ବିରାଟ ଅଂଶ ଉନ୍ମାଦ । ବିଶ୍ୱ-ବିଧ୍ୱଂସକ୍ଷମ ପରମାଣୁ ଅସ୍ତ୍ର ପ୍ରସ୍ତୁତିରେ ପ୍ରତିଯୋଗିତା ତାହାର ଏକ ଉଲଗ୍ନ ଦୃଷ୍ଟାନ୍ତ । ପୁଣି ସୁସ୍ଥ ବୁଦ୍ଧି ଯେତେବେଳେ ଚାତୁର୍ଯ୍ୟକୁ ଅବନମିତ ହେଉଛି, ସେତେବେଳେ ପ୍ରତିଯୋଗିତା କ୍ଷେତ୍ରରେ ଦେଖା ଦେଉଛି ନିର୍ଲଜ୍ଜ ବିଭୀଷିକା ।

ଖେଳ କସରତ ଜଗତ୍ ଉପରେ ଦୃଷ୍ଟି ଦିଆଯାଉ । ଖେଳାଳିଟିଏ ନିଲାମ ହୋଇପାରେ, ତା'ର ପ୍ରତିଯୋଗୀ ପକ୍ଷରୁ ଲାଞ୍ଚ ନେଇ ସେ ନିଜ ଦକ୍ଷତାର ଅବମାନନା କରି ଅପାରଗ ପ୍ରତିପକ୍ଷକୁ ଜିତାଇପାରେ । ନିଜ ଦେଶ ପ୍ରତି ବିଶ୍ୱାସ ଘାତକତା କରିପାରେ । ପ୍ରତିଯୋଗିତାର ଧର୍ମ ଉପରେ ଏଠାରେ ଲୋଭ ଏବଂ କଞ୍ଚା ସ୍ୱାର୍ଥହିଁ ଜୟ ଲାଭ କରୁଛି । କଳ୍ପନା କରନ୍ତୁ — ଏକଦା ଅଲିମ୍ପିକ ବିଜୟୀମାନଙ୍କ ଶିର ଦେଶରେ ଅଲିଭ୍ ପତ୍ର ନିର୍ମିତ ଏକ ମାଳ ଗୁଡ଼ାଇ ଦିଆ ଯାଉଥିଲା ମାତ୍ର ! ଅର୍ଥ ଦାନର ପ୍ରଶ୍ନ ନଥିଲା ।

ବର୍ତ୍ତମାନ ପ୍ରତିଯୋଗିତା ପଛରେ ଥିବା ତୃତୀୟ ଏବଂ ଯାହା ସୂକ୍ଷ୍ମ ପ୍ରଭାବ, ସେହି ଆଧ୍ୟାତ୍ମିକ ହେତୁ ଉପରେ ଦୃଷ୍ଟି ଦିଆଯାଉ ।

ମଣିଷର ଯାବତୀୟ ଗୁଣ ଭଗବାନଙ୍କର ଏକ ଏକ

ଗୁଣର ଛାୟା । ମଣିଷର ଯାବତୀୟ ଦୁର୍ଗୁଣ ଭଗବାନଙ୍କର ଏକ ଏକ ଗୁଣର ବିକୃତି ।

ଭଗବାନ୍ ଅନନ୍ୟ; ସେ ପରମ; ସେ ସର୍ବୋଚ୍ଚ । ଏହି ସତ୍ୟ ଜଣକର ଅଜ୍ଞାନ ଚେତନାରେ ନିଜକୁ ଅନନ୍ୟ ରୂପେ, ଅନ୍ୟ ସମସ୍ତଙ୍କଠାରୁ ଉଚ୍ଚତର ରୂପେ ଜାହିର କରିବାକୁ ପ୍ରରୋଚିତ କରେ । ଏହି ପ୍ରରୋଚନାର ମାମୁଲି ଅଭିବ୍ୟକ୍ତି ଅହଙ୍କାର ।

ଏ ସତ୍ୟର ମହତ୍ତର ଦିଗଟି ଆମେ ପାସୋରି ଦେଉ । ଭଗବାନ୍ ଅନନ୍ୟ । ଅତଏବ ମୁଁ ଯେପରି ଅନନ୍ୟ, ଅନ୍ୟ ଜଣକ ମଧ୍ୟ ସେହିପରି ଅନନ୍ୟ । ବୈଚିତ୍ର୍ୟହିଁ ଏ ସୃଷ୍ଟିର ବିଶେଷତ୍ୱ । ପ୍ରତ୍ୟେକଙ୍କ ମାନସିକ, ଶାରୀରିକ ଏବଂ ଅନ୍ୟାନ୍ୟ ଅବସ୍ଥା ଅନ୍ୟମାନଙ୍କଠାରୁ ଭିନ୍ନ । କିନ୍ତୁ ସମସ୍ତଙ୍କର ଶେଷ ଲକ୍ଷ୍ୟ, ଶେଷ ଗନ୍ତବ୍ୟ ଏକ । ଆମର ଆଦି ଭଗବାନ୍; ଅନ୍ତ ମଧ୍ୟ ଭଗବାନ୍ ।

ଏ ଦୃଷ୍ଟିରୁ ପ୍ରତିଯୋଗିତାର ପ୍ରକୃତ ଆଭିମୁଖ୍ୟ ଅନ୍ୟକୁ ପରାଭବ ଦେବା ନୁହେଁ, ଯଥାର୍ଥ ମାର୍ଗରେ ଆମ ନିଜ ନିଜର ଅନ୍ତର୍ନିହିତ ଶକ୍ତିକୁ ବିକାଶର ସୁଯୋଗ ଦେବା ।

ଶ୍ରୀଅରବିନ୍ଦ ଆଶ୍ରମରେ ଖେଳ କସରତରେ ପ୍ରତିଯୋଗିତା ନିମନ୍ତେ ନିୟମିତ କାର୍ଯ୍ୟକ୍ରମ ରହିଥାଏ । କିନ୍ତୁ ପ୍ରତିଯୋଗୀମାନେ ଯେଉଁ ଆଭିମୁଖ୍ୟ ମନେରଖି ସେ କାର୍ଯ୍ୟକ୍ରମରେ ଭାଗ ନେବେ, ଶ୍ରୀମାଙ୍କ ଭାଷାରେ ତାହା ହେଲା : "Replace the ambition to be first by the will to do the best possible."

(CWM, Vol. 12, page : 273)

ଅର୍ଥାତ୍, ''ପ୍ରଥମ ହେବା ନିମନ୍ତେ ଉଚ୍ଚାଭିଳାଷ ସ୍ଥାନରେ ନିଜେ ଯଥାସମ୍ଭବ ଉତ୍ତମଭାବେ ତୁମ ଭୂମିକା ନିର୍ବାହ କରିବାର ସଂକଳ୍ପ ପୋଷଣ କର ।''

ଇତିହାସରେ ସୁସ୍ଥ ପ୍ରତିଯୋଗିତାର ଭୂମିକା ଥିଲା ଏବଂ ଅଦ୍ୟାବଧି ରହିଛି । କିନ୍ତୁ ସହଯୋଗର ଭୂମିକା ଯେ ତାହାଠାରୁ ଅଧିକ ଏବଂ ସ୍ୱାର୍ଥପରତାର ଊର୍ଦ୍ଧ୍ୱକୁ ଯାଇ ସମବେତ ଭାବରେ ଏକ ସୁଯୋଗ ଉପଭୋଗ କରିବାରେ ଯେ ପ୍ରକୃତ ଆନନ୍ଦ ନିହିତ ରହିଛି, ଏହା ଏକ ସୁପ୍ରାଚୀନ ଉପଲବ୍ଧି । ଆମର ମାନସିକ ବିକାଶର ଦୁରୁପଯୋଗ କରି ଆମେ ଏହା ପାସୋରି ଦେଇଥିବା ସ୍ଥଳେ କୌଣସି କୌଣସି ସୁପ୍ରାଚୀନ ସମାଜରେ ସେ ଉପଲବ୍ଧିର ପ୍ରଭାବ ଜନସାଧାରଣଙ୍କର, ବିଶେଷତଃ କିଶୋର-କିଶୋରୀମାନଙ୍କ ଚେତନାରେ ଅଦ୍ୟାବଧି ସଜୀବ ରହିଛି ।

ଦକ୍ଷିଣ ବ୍ରାଜିଲର ଫ୍ଲୋରିଆନାପୋଲିସ୍ ସହରରେ ସଂପ୍ରତି ଅନୁଷ୍ଠିତ ''ଶାନ୍ତି ଉତ୍ସବ''ରେ ଜଣେ ବିଶିଷ୍ଟ ସାମ୍ବାଦିକ ଓ ଲେଖକ ଲିଆଡ଼ିସ୍‌କିନ୍ ଏହି ବିବରଣୀ ଉପସ୍ଥାପନ କରିଛନ୍ତି :

ଆଫ୍ରିକାର ଏକ ଆରଣ୍ୟକ ମୁଲକରେ ଜଣେ ବିଶିଷ୍ଟ ନୃତତ୍ତ୍ୱବିତ୍ କିଛି ସେବା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ । ତାଙ୍କ ରହଣି ଭିତରେ ସେ ବାଳକବାଳିକାମାନଙ୍କର ଭାରି ପ୍ରିୟ ହୋଇଯାଇଥା'ନ୍ତି । ଯେଉଁଦିନ ସେ ବିଦାୟ ନେବେ, ସେଦିନ ତାଙ୍କୁ ବେଢ଼ି ରହିଥା'ନ୍ତି ଦଳେ ଝିଅପୁଅ । ତାଙ୍କ ଗାଡ଼ି ଆସିବାକୁ ବିଳମ୍ବ ଥାଏ । ସେ ନିକଟବର୍ତ୍ତୀ ପଡ଼ିଆ ଭିତରେ, ଗୋଟାଏ ଗଛ ମୂଳରେ ଥୋଇ ଦେଇ ଆସିଲେ ଟଫିଭର୍ତ୍ତି ଥଳିଟାଏ । ପିଲାମାନଙ୍କ ଆଗରେ ଚକ୍‌ଖଡ଼ି ଯୋଗେ ଗାରଟିଏ ଟାଣିଦେଲେ । ସେହି ଗାର ଏପଟେ ସେମାନଙ୍କୁ ଧାଡ଼ି କରି ଠିଆ କରାଇଦେଲେ । ତା'ପରେ ବୁଝାଇଲେ, ସେ ''ଦୌଡ଼'' ବୋଲି କହିବା ମାତ୍ରେ ସମସ୍ତେ ଦୌଡ଼ିବେ । ଯିଏ ଆଗେ ଗଛ ପାଖରେ ପହଞ୍ଚିବ ସେ ପାଇବ ସେ ଟଫିଥଳି ।

ସେ ଦୌଡ଼ିବାକୁ କହିବା ମାତ୍ରେ ପିଲାମାନେ ପରସ୍ପର ହାତ ଧରାଧରି ହୋଇ ଏକା ଗତିରେ ଦୌଡ଼ିଲେ ଏବଂ ଏକା ସମୟରେ ଗଛ ପାଖରେ ପହଞ୍ଚିଲେ ।

''ଏମିତି କାହିଁକି କଲ ?'' – ସେ ବିସ୍ମିତ ହୋଇ ପଚାରିଲେ । ଛୋଟ ଝିଅଟିଏ ଉତ୍ତର ଦେଲା, ''ଟଫି ପାଇ ସମସ୍ତେ ଖୁସି ନହେଲେ ଜଣେ କେମିତି ଖୁସି ହେବ ?''

ଆଫ୍ରିକାର ସେହି ଉପଜାତିର ନାମ 'ଉବୁନ୍ତୁ' । ସେ ଅସାଧାରଣ ଶବ୍ଦ ଗୋଟିକର ଅର୍ଥ : ''ମୁଁ ଅଛି, ଯେହେତୁ ଆମେ ସମସ୍ତେ ଅଛୁଁ !''

ଆଜିର ପୃଥିବୀର ଚାତୁର୍ଯ୍ୟର ରାହୁଗ୍ରାସରୁ ସେ ଉପଜାତିର ଏ ନିରୀହତା କେତେଦିନ ସୁରକ୍ଷିତ ରହିବ, ତାହା ଏକ ପ୍ରଶ୍ନ ।

– **ମନୋଜ ଦାସ**

❑❑❑

"In the sincerity of our trust lies the certitude of our victory."

*(MCW, Vol 15, page 82)* - The Mother

| | |
|---|---|
| **Collected Works of the Mother 17 Vols. (CR) (PB)** | **– Rs. 3500** |
| **The Great Adventure - A Diary for all times: (New Revised Edition)** | **– Rs. 400** |
| **Ideal Child, Ideal Parent, Ideal Teacher (3in1) Booklet** | **– Rs. 75** |
| **The Mother by Sri Aurobindo *with the Mother's comments*** **(***Sri Aurobindo's handwriting***)** | **– Rs. 50** |
| **125 Drops of Nectar – Daily Quotations by the Divine Mother and Lord Sri Aurobindo** | **– Rs. 150** |

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : +91 9489063512, website: www.vakbooks.in

**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:

**Adarsh Food Processing Industry**

Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural – Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LVI, No. 9** **R.N.I. No. 18163/70.**
Navaprakash (Monthly), September, 2025 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ ଅବସରରେ ପ୍ରକାଶିତ ହୋଇଛି

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।

୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**